# ସକାଳ THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-45 ♦SATURDAY ♦8 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୪୫ ♦ଶନିବାର ♦୮ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଇମ୍ରାନଙ୍କୁ ଟକ୍କର୍ ଦେବେ ସନ୍ନି

▸ପୃଷ୍ଠା ୧୧ ଦେଖନ୍ତୁ...

## ୪୦ ବର୍ଷ ପରେ ଶେଷ ହେଲା ବୋଫୋର୍ସ ମାମଲା

### ସୁପ୍ରିମକୋର୍ଟରେ ଶେଷ ଆବେଦନ ଖାରଜ

■ ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତୀୟ ରାଜନୀତିକୁ ହଲେଇ ଦେଇଥିବା ଚାରି ଦଶନ୍ଧି ପୁରୁଣା ଚର୍ଚ୍ଚିତ ବୋଫୋର୍ସ ଘୋଟାଲା ମାମଲାର ଅନ୍ତ ଘଟିଛି। ୨୦୦୫ରେ ଦିଲ୍ଲୀ ହାଇକୋର୍ଟ ଦ୍ୱାରା ହିନ୍ଦୁଜା ଭ୍ରାତୃଦ୍ୱୟ ଏବଂ ବୋଫୋର୍ସ କମ୍ପାନୀକୁ ନିର୍ଦ୍ଦୋଷରେ ଖଲାସ ଆଦେଶ ବିରୋଧରେ ହୋଇଥିବା ଶେଷ ନିବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଜେବି ପାର୍ଡିୱାଲା ଏବଂ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କ ପୀଠ କହିଛନ୍ତି ଯେ, ଏହି ମାମଲାରେ ଆଗକୁ ଆଉ କୌଣସି ଶୁଣାଣିର ଆବଶ୍ୟକତା ନାହିଁ। ୧୯୮୬ ମସିହାରେ ଭାରତ ସରକାର ସ୍ୱିଡେନର 'ଏବି ବୋଫୋର୍ସ' କମ୍ପାନୀ ସହ ୧,୪୩୭ କୋଟି ଟଙ୍କାର ୪୦୦ଟି ୧୫୫ ମିଲିମିଟର ହୋୱିଟଜର ତୋପ କିଣିବା ପାଇଁ ଚୁକ୍ତି କରିଥିଲେ। ୧୯୮୭ରେ ସ୍ୱିଡିସ ରେଡିଓ ଏକ ରିପୋର୍ଟ ପ୍ରକାଶ କରି ଦାବି କରିଥିଲା ଯେ, ଏହି ଚୁକ୍ତି ପାଇଁ ଭାରତୀୟ ନେତା ଓ ଅଫିସରମାନଙ୍କୁ ବଡ଼ ଧରଣର ଲାଞ୍ଚ ଦିଆଯାଇଛି। ଏହା ସେତେବେଳର ରାଜୀବ ଗାନ୍ଧୀ ସରକାର ପାଇଁ ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିଥିଲା ଏବଂ ୧୯୮୯ ନିର୍ବାଚନରେ କଂଗ୍ରେସ କ୍ଷମତାଚ୍ୟୁତ ହୋଇଥିଲା। କୋର୍ଟରେ ଏହି ମାମଲା ଦୁର୍ବଳ ହେବାର ଏକାଧିକ କାରଣ ଥିଲା। ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ପ୍ରତ୍ୟକ୍ଷ ଓ ଆଇନଗତ ପ୍ରମାଣ ଉପସ୍ଥାପନ କରିବାରେ ବିଫଳ ହୋଇଥିଲା। ସ୍ୱିଡେନରୁ ଅଣାଯାଇଥିବା ଦଲିଲଗୁଡ଼ିକର ସତ୍ୟାସତ୍ୟ କୋର୍ଟରେ ପ୍ରମାଣିତ ହୋଇପାରି ▸ପୃଷ୍ଠା-୭

## ଥାଇଲାଣ୍ଡ ବିଦ୍ୟାଳୟରେ ଗୁଳିଚାଳନା; ୮ ମୃତ

### ୧୦ରୁ ଅଧିକ ଆହାତ
### ଆକ୍ରମଣକାରୀ ଛାତ୍ରର ଆତ୍ମହତ୍ୟା

■ ବ୍ୟାଙ୍କକ୍, ୭।୮ (ଏଜେନ୍ସି): ଥାଇଲ୍ୟାଣ୍ଡର ନୋନ୍ଥାବୁରୀ ଜିଲ୍ଲାସ୍ଥିତ ଏକ ବିଦ୍ୟାଳୟରେ ଶୁକ୍ରବାର ଅଭାବନୀୟ ଗୁଳିଚାଳନା ଘଟଣାରେ ଅନ୍ତତଃ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ରୁ ୧୫ ଜଣ ଆହାତ ହୋଇଛନ୍ତି। ଗୁଳିଚାଳନା କରିଥିବା ନବମ ଶ୍ରେଣୀର ୧୪ ବର୍ଷୀୟ ଛାତ୍ର ଜଣକ ପରବର୍ତ୍ତୀ ସମୟରେ ଆତ୍ମହତ୍ୟା କରିଥିବା ପୁଲିସସୂଚନା ଦେଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଉକ୍ତ କିଶୋର ଜଣକ ବିଦ୍ୟାଳୟକୁ ଆସିବା ପୂର୍ବରୁ ନିଜ ଘରେ ଜେଜେବାପା ଓ ଜେଜେମା'ଙ୍କୁ ଗୁଳି କରି ହତ୍ୟା କରିଥିଲା। ପରେ ବ୍ୟାଙ୍ଗ୍ କ୍ୱାଇ ନିକଟସ୍ଥ ଦେବସିରିନ୍ ନୋନ୍ଥାବୁରୀ ସ୍କୁଲ୍‌ରେ ପହଞ୍ଚି ଶିକ୍ଷକମାନଙ୍କ ଉପରକୁ ଅନ୍ଧାଧୁନ୍ଦ ଗୁଳିଚାଳନା କରିଥିଲା, ଯେଉଁଥିରେ ୬ ଜଣଙ୍କର ଜୀବନ ଯାଇଛି। ବିଦ୍ୟାଳୟରୁ ଭୟଭୀତ ▸ପୃଷ୍ଠା-୭



## ନିଟ୍ ବିଭ୍ରାଟ: ସିବିଆଇ ଚାର୍ଜସିଟ୍‌ରେ ବଡ଼ ପର୍ଦ୍ଦାଫାସ୍

# ଏନ୍‌ଟିଏ ବିଶେଷଜ୍ଞ ବିକିଥିଲେ ପ୍ରଶ୍ନପତ୍ର

■ ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ନୀଟ୍-ୟୁଜି ୨୦୨୬ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକ ବିରାଟ ବେଆଇନ କାରବାରର ପର୍ଦ୍ଦାଫାସ କରିଛି। ଏନ୍‌ଟିଏ ଦ୍ୱାରା ନିୟୋଜିତ ବିଷୟ ବିଶେଷଜ୍ଞମାନେ ନିଜ ପଦବୀର ଅପବ୍ୟବହାର କରି ମୋଟା ଅଙ୍କର ଟଙ୍କା ବଦଳରେ ଗୋପନୀୟ ପ୍ରଶ୍ନପତ୍ର ଲିକ୍ କରିଥିବା ସିବିଆଇ ନିଜ ଚାର୍ଜସିଟ୍‌ରେ ଅଭିଯୋଗ କରିଛି। ଦିଲ୍ଲୀର ରାଉଜ୍ ଆଭେନ୍ୟୁ ସ୍ଥିତ ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଦାଖଲ କରାଯାଇଥିବା ଏହି ଚାର୍ଜସିଟ୍‌ରେ ୩ ଜଣ ଏନ୍‌ଟିଏ ବିଶେଷଜ୍ଞଙ୍କ ସମେତ ମୋଟ ୧୩ ଜଣ ଅଭିଯୁକ୍ତଙ୍କ ନାମ ରହିଛି। ସିବିଆଇର ସୂଚନା ଅନୁସାରେ, ଏହି ବହୁଚର୍ଚ୍ଚିତ ଷଡ଼ଯନ୍ତ୍ରରେ ସାମିଲ ଥିବା ତିନିଜଣ ଏନ୍‌ଟିଏ ବିଶେଷଜ୍ଞ ହେଉଛନ୍ତି ଉଦ୍ଭିଦ ବିଜ୍ଞାନ ବିଶେଷଜ୍ଞ ମନୀଷା ଗୁରୁନାଥ ମାଣ୍ଡରେ, ରସାୟନ ବିଜ୍ଞାନ ବିଶେଷଜ୍ଞ ପ୍ରହ୍ଲାଦ ବିଠଲରାଓ କୁଲକର୍ଣ୍ଣୀ ଏବଂ ପଦାର୍ଥ ବିଜ୍ଞାନ ବିଶେଷଜ୍ଞ ମନୀଷା ସଞ୍ଜୟ ହାବଲଦାର। ଏହି ବିଶେଷଜ୍ଞମାନେ ନୀଟ୍-ୟୁଜି ୨୦୨୬ର ଗୋପନୀୟ ପ୍ରଶ୍ନପତ୍ରକୁ ପରୀକ୍ଷା





### ଷଡ଼ଯନ୍ତ୍ରରେ ତିନିଜଣ ଏନ୍‌ଟିଏ ବିଶେଷଜ୍ଞ
### ଟଙ୍କା ନେଇ ମଧ୍ୟସ୍ଥ ଓ କୋଚିଂ ସଂସ୍ଥାର ଚାଳକଙ୍କୁ ଯୋଗାଉଥିଲେ ପ୍ରଶ୍ନପତ୍ର
### 'ନିଟ୍ ୨୦୨୬' ନାମରେ ହ୍ୱାଟସ୍‌ଆପ୍ ଗ୍ରୁପ୍
### ୪ ଲକ୍ଷ ଟଙ୍କାରେ କୋଚିଂ ଓ ଅଫ୍‌ଲାଇନ୍ କ୍ଲାସ୍ ପାଇଁ ବିଶେଷଜ୍ଞ ଦେଇଥିଲେ ପ୍ରସ୍ତାବ

ପୂର୍ବରୁ ବାହାର କରି ମଧ୍ୟସ୍ଥି ଓ କୋଚିଂ ସଂସ୍ଥାର ଚାଳକମାନଙ୍କୁ ଯୋଗାଇ ଦେଇଥିଲେ, ଯାହା ପରେ ପରୀକ୍ଷାର୍ଥୀମାନଙ୍କ ନିକଟରେ ପହଞ୍ଚାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା, ଦୁର୍ନୀତି ନିବାରଣ ଆଇନ ଏବଂ ସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ ଅଧୀନରେ ମାମଲା ରୁଜୁ କରାଯାଇଛି। ସିବିଆଇ ଅଭିଯୁକ୍ତମାନଙ୍କଠାରୁ ଜବତ କରିଥିବା ମୋବାଇଲ୍ ଫୋନ୍, ପେନ୍ ଡ୍ରାଇଭ୍ ଏବଂ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ ଉପକରଣର ଫୋରେନ୍ସିକ୍ ଯାଞ୍ଚ କରିବା ପରେ ପିଡିଏଫ୍ ଏବଂ ଫଟୋ ଫାଇଲ୍ ଆକାରରେ ପ୍ରଶ୍ନପତ୍ର ଆଦାନପ୍ରଦାନ ହୋଇଥିବାର ପ୍ରମାଣ ପାଇଛି। ପରୀକ୍ଷାର କିଛି ଦିନ ପୂର୍ବରୁ ଟେଲିଗ୍ରାମ୍ ଏବଂ ହ୍ୱାଟ୍ସଆପ୍ ପରି ମେସେଜିଂ ଆପ୍ ମାଧ୍ୟମରେ ଏହି ପ୍ରଶ୍ନପତ୍ରଗୁଡ଼ିକ କାରବାର ହୋଇଥିଲା। ଘଟଣାରେ ସଂପୃକ୍ତ ତେଜସ ଶାହ, ଶିବରାଜ ମୋଟେଗାଁଓକର, ଡାକ୍ତର ମନୋଜ ଶିରୁରେ, ମନୀଷା ସଞ୍ଜୟ ୱାଘମାରେ, ଧନଞ୍ଜୟ ଲୋଖଣ୍ଡେ, ଶୁଭମ ଖୈରନାର, ୟଶ ଯାଦବ, ମାଙ୍ଗୀଲାଲ ବିୱାଲ, ଦିନେଶ ବିୱାଲ ଏବଂ ବିକାଶ ବିୱାଲଙ୍କ ଭଳି ମଧ୍ୟସ୍ଥିମାନେ ଆର୍ଥିକ କାରବାର ଓ ପ୍ରଶ୍ନପତ୍ର ବାଣ୍ଟିବାରେ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ନାସିକର ଶୁଭମ ଖୈରନାରଙ୍କଠାରୁ ୟଶ ଯାଦବ ପ୍ରଶ୍ନପତ୍ର ପାଇଥିଲେ ଏବଂ ତାହା ମାଙ୍ଗୀଲାଲ ବିୱାଲଙ୍କୁ ହସ୍ତାନ୍ତର କରିଥିଲେ। ସୁରକ୍ଷା ଜମା ସ୍ୱରୂପ ବିୱାଲ ନିଜର ଦଶମ ଓ ଦ୍ୱାଦଶ ଶ୍ରେଣୀର ମୂଳ ସାର୍ଟିଫିକେଟ୍ ଏବଂ ଦସ୍ତଖତ ହୋଇଥିବା ଫାଙ୍କା ▸ପୃଷ୍ଠା-୭

## ଆମେରିକା ଚାପରେ ୟୁପିଆଇ ନୀତି ବଦଳାଉଛି ଭାରତ

### ୟୁପିଆଇ କାରବାର ଫି' ପ୍ରସଙ୍ଗ
### ଜିଟିଆର୍‌ଆଇର ଖୁଲାସା
### ଭିସା, ମାଷ୍ଟରକାର୍ଡ ଭଳି ବିଦେଶୀ କମ୍ପାନୀଙ୍କ ବ୍ୟବସାୟିକ ସ୍ୱାର୍ଥକୁ ସୁରକ୍ଷା

■ ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) କାରବାର ଉପରେ ଲାଗୁ ହେଉଥିବା ଶୁଳ୍କ ସମ୍ପର୍କିତ ବିଲ୍‌କୁ ନେଇ ସାରା ଦେଶରେ ଜୋରଦାର ଆଲୋଚନା ହେଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ଠାରୁ ଆରମ୍ଭ କରି କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ଜାରି କରିଛନ୍ତି। ହେଲେ ଗବେଷଣାକାରୀ ପ୍ରତିଷ୍ଠାନ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ୟୁପିଆଇ ନୀତିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି। ସଂସ୍ଥା ଚେତାବନୀ ଦେଇ କହିଛି ଯେ, ଭାରତ ସରକାର ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇ ୟୁପିଆଇ ନୀତିରେ ପରିବର୍ତ୍ତନ କରୁଛନ୍ତି, ଯଦିବା ଏହା କରିବା ଉଚିତ ନୁହେଁ। ଥିଙ୍କ ଟ୍ୟାଙ୍କ ଅନୁଯାୟୀ, ଦେଶ ପ୍ରତିଯୋଗିତା, ନୀତି ସ୍ୱାୟତ୍ତତା ଏବଂ ଡିଜିଟାଲ୍ ପେମେଣ୍ଟ ଇକୋସିଷ୍ଟମର ଦୀର୍ଘକାଳୀନ ବଞ୍ଚିବା ପାଇଁ ସୁରକ୍ଷା ଦେବା ଉଚିତ। ଏହା କରି ଆମେରିକାର ପେମେଣ୍ଟ ପ୍ରୋସେସିଂ ନେଟୱର୍କ ଭିସା ଏବଂ ମାଷ୍ଟରକାର୍ଡ ଭଳି ବିଦେଶୀ କମ୍ପାନୀଗୁଡ଼ିକର ବ୍ୟବସାୟିକ ସ୍ୱାର୍ଥକୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହେଉଛି। ଲୋକସଭାରେ ପେମେଣ୍ଟ ଏବଂ ସେଟଲମେଣ୍ଟ ସିଷ୍ଟମ୍ ଆଇନ, ୨୦୦୭ରେ ସଂଶୋଧନ ପାଇଁ ଉଦ୍ଦିଷ୍ଟ ବିଲ୍‌କୁ ଅନୁମୋଦନ କରାଇଛନ୍ତି। ଏହାଦ୍ୱାରା ସରକାର ବ୍ୟାଙ୍କ ଏବଂ ସେବା ପ୍ରଦାନକାରୀଙ୍କୁ ୟୁପିଆଇ ଏବଂ ଅନ୍ୟାନ୍ୟ ଅଧିସୂଚିତ ଇଲେକ୍ଟ୍ରୋନିକ୍ ପେମେଣ୍ଟ ପଦ୍ଧତି ଉପରେ ଶୁଳ୍କ ଆଦାୟ କରିବାକୁ ଅନୁମତି ଦେଇଛନ୍ତି। ଏହାର ଅର୍ଥ ହେଉଛି ଏଣିକି ବ୍ୟବସାୟୀମାନଙ୍କୁ ୟୁପିଆଇ ପେମେଣ୍ଟ ପାଇଁ ବ୍ୟାଙ୍କ ▸ପୃଷ୍ଠା-୭

**ପଛକୁ ପଛ ଲଘୁଚାପ**

## ଛାଡ଼ିବନି ବର୍ଷା

### ମୟୂରଭଞ୍ଜକୁ ଅଧିକ ବିପଦ
### ମଧ୍ୟାହ୍ନଭୋଜନ ପରେ ସମସ୍ତ ବିଦ୍ୟାଳୟ ଛୁଟି
### ୧୯ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ

■ ଭୁବନେଶ୍ୱର/ବାରିପଦା, ୭।୮ (ସମିସ): ସକ୍ରିୟ ମୌସୁମୀ ସହ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ଅନ୍ୟପଟେ ଶନିବାର ସୁଦ୍ଧା ପୁଣି ଏକ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ବର୍ତ୍ତମାନ ମୌସୁମୀ ଟ୍ରପ ଲାଇନ ସ୍ୱାଭାବିକ ସ୍ଥିତିରେ ରହିଥିବା ବେଳେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପର୍ଯ୍ୟନ୍ତ ବ୍ୟାପିଛି। ଏହାସହ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଓ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ସମୁଦ୍ରପତନଠାରୁ ୦.୯ କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହି ଦୁଇଟି ପାଣିପାଗ କାରକ ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଅନୁଭୂତ ହେଉଛି। ଏହା ପ୍ରଭାବରେ ଗଲା ଦୁଇ ଦିନ ହେବ ବିଶେଷ କରି ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ତୁହାକୁ ତୁହା ବର୍ଷା ଜାରି ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୩୬ ଘଣ୍ଟା ମଧ୍ୟରେ କଟକରେ ୩୫, ଭୁବନେଶ୍ୱରରେ ୫୫, ଗୋପାଳପୁରରେ ୪୨, ପୁରୀରେ ୩୦, ଅନୁଗୋଳରେ ୩୫, ଝାରସୁଗୁଡ଼ା ୩୦, ତାଳଚେର ୮୦, ବଲାଙ୍ଗିର ୬୦, ମାଲକାନଗିରି ୮୭, ଟିଟିଲାଗଡ଼ ୭୬, ଫୁଲବାଣି ୪୭, ନୟାଗଡ଼ ୯୧, ପାରଳାଖେମୁଣ୍ଡି ୭୧, ଢେଙ୍କାନାଳରେ ୯୮, ଭଦ୍ରକ ୬୭ ମିମି ବର୍ଷା ରେକର୍ଡ ହୋଇଛି। ଏହି ପରିପ୍ରେକ୍ଷୀରେ ଲଘୁଚାପ ସୃଷ୍ଟି ହେବା ପରେ ବର୍ଷାର ପରିମାଣ ଆହୁରି ବଢ଼ିପାରେ। ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ▸ପୃଷ୍ଠା-୭

**ରେଭେନ୍ସା ବିବାଦ**

## ବିଧାୟକଙ୍କ କ୍ଷମା ପ୍ରାର୍ଥନା ଦାବିରେ ଛାତ୍ର ଅଟଳ

### କୁଳପତିଙ୍କ ଉଦ୍ୟମରେ ଆଲୋଚନା

■ କଟକ, ୭।୮ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ହଷ୍ଟେଲ ୱାର୍ଡେନ ସମୂହ, ଅଧ୍ୟାପକ ସଂଘ (ରୁଟା) ଓ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀଙ୍କ ମଧ୍ୟରେ ସୃଷ୍ଟି ବିବାଦରେ ଆଜି ସୁଦ୍ଧା ପୂର୍ଣ୍ଣଚ୍ଛେଦ ପଡିପାରିନାହିଁ। ରେଭେନ୍ସା କୁଳପତିଙ୍କ ପକ୍ଷରୁ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ଉଦ୍ୟମ ହୋଇଥିଲେ ବି ଏହା ସଫଳ ହୋଇପାରିନାହିଁ। ସ୍ଥିତି ସମ୍ପର୍କରେ ଶୁକ୍ରବାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କକୁମାର ଦାସ ମହାପାତ୍ର ମୁହଁ ଖୋଲିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି ଯେ ବିବାଦର ଶୀଘ୍ର ସମାଧାନ ପାଇଁ ପ୍ରଚେଷ୍ଟା ଚାଲିଥିବା ବେଳେ କ୍ୟାମ୍ପସରେ ପାଠପଢ଼ା ଏବଂ ହଷ୍ଟେଲ ପରିଚାଳନା ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି। ଉଭୟ ପକ୍ଷ ସମାଧାନ ପାଇଁ ରାଜି ଅଛନ୍ତି ତେବେ ବିଧାୟକଙ୍କ ସହ ଯୋଗାଯୋଗ ହୋଇ ନପାରିବାରୁ ଆଜି ଆଲୋଚନା ଅଗ୍ରଗତି କରିପାରିନି। ଶାନ୍ତିପୂର୍ଣ୍ଣ ସମାଧାନ ▸ପୃଷ୍ଠା-୭

**ନୂଆଦିଲ୍ଲୀରେ 'ଓଡ଼ିଶା ଫୁଡ୍ ପ୍ରୋ' ନିବେଶକ ସମ୍ମିଳନୀ**

## ୨୭ ବୁଝାମଣା, ୧୨ ପ୍ରତିଶ୍ରୁତି

■ ଭୁବନେଶ୍ୱର, ୭।୮ (ସମିସ): ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ହେଉଛି ଓଡ଼ିଶାର କୃଷକମାନଙ୍କ ସମୃଦ୍ଧି, ଗ୍ରାମାଞ୍ଚଳର ରୂପାନ୍ତର ଏବଂ ଓଡ଼ିଶାର ଶିଳ୍ପ ଭବିଷ୍ୟତ ମଧ୍ୟରେ ଏକ ସେତୁ। ଏହି କ୍ଷେତ୍ରରେ କରାଯାଉଥିବା ପ୍ରତ୍ୟେକ ନିବେଶ କୃଷିକ୍ଷେତ୍ରକୁ ଉନ୍ନତ କରିବା ସହିତ ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ସହ ରପ୍ତାନି ସୁଯୋଗ ସୃଷ୍ଟି କରେ ଏବଂ ଅର୍ଥନୀତିକୁ ସମୃଦ୍ଧ କରିଥାଏ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଭାରତର ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ହେବାକୁ ଓଡ଼ିଶା ପ୍ରସ୍ତୁତ ରହିଛି ଏବଂ ମୁଁ ଏହି ଯାତ୍ରାରେ ଆମ ସହିତ ପାର୍ଟନର ହେବା ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଦୃଷ୍ଟିଭଙ୍ଗୀ ସହିତ, ମୁଖ୍ୟମନ୍ତ୍ରୀ ଶୁକ୍ରବାର ଓଡ଼ିଶା ବାହାରେ ଆୟୋଜିତ ରାଜ୍ୟର ପ୍ରଥମ କ୍ଷେତ୍ର-କୈନ୍ଦ୍ରିକ ଇନ୍‌ଭେଷ୍ଟମେଣ୍ଟ ରୋଡ୍-ସୋ' 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬' ରେ ଓଡ଼ିଶା ପାଇଁ ଏକ ନୂତନ ଅଭିବୃଦ୍ଧି ଏଜେଣ୍ଡା ଉପସ୍ଥାପନ କରିଛନ୍ତି।



### ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ଭିଜନ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
### ରୋଡ୍-ଶୋ'ରେ ଯୋଗଦେଲେ ୩୦୦ରୁ ଅଧିକ ଉଦ୍ୟୋଗପତି
### ୪୩,୪୩୭ କୋଟି ନିବେଶ ଫଳରେ ୪୩,୩୧୬ ନିଯୁକ୍ତି ସୁଯୋଗ

ଏହି ରୋଡ୍-ସୋ'ରେ ୪୧,୭୪୮ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୨୭ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ବ୍ୟାପକ ପରିମାଣର ନିବେଶ ପ୍ରସ୍ତାବ ଦ୍ୱାରା ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ଇକୋସିଷ୍ଟମ ପ୍ରତି ଶିଳ୍ପଜଗତର ଭରସା ପ୍ରତିଫଳିତ ହୋଇଛି। ଏହା ଦ୍ୱାରା ୩୫,୨୫୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ, ଓଡ଼ିଶା ସରକାର ୧,୬୮୯ କୋଟି ଟଙ୍କାର ନିବେଶ ପାଇଁ ୧୨ଟି ▸ପୃଷ୍ଠା-୭

**ପଢ଼ାବହିରେ ସମ୍ବିଧାନ ବିରୋଧୀ ଓ ଅବୈଜ୍ଞାନିକ ପାଠ୍ୟକ୍ରମ**

## ରାଜଧାନୀରେ ଗର୍ଜିଲେ ଶିକ୍ଷକ-ଅଭିଭାବକ

### ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଶିକ୍ଷା ଆନ୍ଦୋଳନ ମିଳିତ ମଞ୍ଚ

■ ଭୁବନେଶ୍ୱର, ୭।୮ (ସମିସ): ପିଲାଙ୍କ ପଢ଼ା ବହିରେ ସମ୍ବିଧାନ ବିରୋଧୀ, ଅବୈଜ୍ଞାନିକ ଓ ସାମ୍ପ୍ରଦାୟିକ ବିଚାର ଧାରାକୁ ଯୋଡ଼ା ଯାଇଛି। ମାଳମାଳ ତ୍ରୁଟି ରହିଥିବାବେଳେ ଏଯାଏଁ ସଂଶୋଧିତ ପୁସ୍ତକ ପିଲାଙ୍କୁ ଦିଆଯାଇନାହିଁ। ଏପରି ଅପରାଧିକ କାର୍ଯ୍ୟ ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଆଜି ଶିକ୍ଷକ ଓ ଅଭିଭାବକମାନେ ରାଜଧାନୀରେ ଗର୍ଜିଛନ୍ତି। ବିଭିନ୍ନ ଶିକ୍ଷକ ସଂଘ, ଅଭିଭାବକ ମହାସଂଘ ଓ ଛାତ୍ର ସଂଘ ମିଳିତ ଭାବେ 'ଶିକ୍ଷା ଆନ୍ଦୋଳନ ମିଳିତ ମଞ୍ଚ' ବ୍ୟାନରରେ ଏକାଠି ହୋଇ ସରକାରଙ୍କ ଶିକ୍ଷା ବିରୋଧୀ ନିତୀକୁ ତୀବ୍ର ଭର୍ତ୍ସନା କରିଛନ୍ତି।

ମଞ୍ଚ ପକ୍ଷରୁ କୁହାଯାଇଛି ଯେ ଜାତୀୟ ଶିକ୍ଷାନୀତିରେ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ଏବଂ ସାମ୍ପ୍ରଦାୟିକରଣ କରିବାକୁ ଗୁରୁତ୍ୱାରୋପ କରାଯାଇଛି। ଓଡ଼ିଶା ସରକାର ମଧ୍ୟ ଏସବୁକୁ ନିଷ୍ଠାର ସହ କାର୍ଯ୍ୟକାରୀ କରି ପାଠ୍ୟ ପୁସ୍ତକରେ ସାମିଲ କରିଛନ୍ତି। ମାଳମାଳ ବନାନଗତ ତ୍ରୁଟି କରିବା ସହ ଅବୈଜ୍ଞାନିକ ବିଷୟକୁ ବହିରେ ଯୋଡ଼ିଛନ୍ତି। କୋମଳମତି ଶିଶୁଙ୍କ ମନରେ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଘୃଣା ଭରିବା ପାଇଁ ଯୋଜନାବଦ୍ଧ ଭାବେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି। ଏଣୁ ତ୍ରୁଟିଶୂନ୍ୟ ପୁସ୍ତକ ପ୍ରତ୍ୟାହାର କରିବା ସହ ପୁରୁଣା ବହିରେ ପାଠପଢ଼ାଇବା ପାଇଁ ମଞ୍ଚ ଦାବି କରିଛି। ସେହିପରି ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ ନ କରି ସରକାର ଟାଳଟୁଳ ନିତୀ ଅବଲମ୍ବନ କରୁଥିବା ଅଭିଯୋଗ କରି ଶିକ୍ଷାର ବିକାଶ ପାଇଁ ସରକାରଙ୍କ ଆନ୍ତରିକତା ନଥିବା ପ୍ରକାଶ କରିଛନ୍ତି। ଧାରଣା ସ୍ଥଳରେ ବକ୍ତବ୍ୟ ରଖି ଶିକ୍ଷକ ନେତା ଡ. ଅମୀୟ ମହାନ୍ତି, ସୁରେନ୍ଦ୍ର ଜେନା, ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ ଦାସ, ଶିକ୍ଷକ ମହାସଙ୍ଘ ସାଧାରଣ ସମ୍ପାଦକ ଦୁଷ୍ମନ୍ତ ନାୟକ, ବିରଞ୍ଚି ନାରାୟଣ ରାୟ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ବିବେକାନନ୍ଦ ଦାସ, ଅଶୋକ ମହାପାତ୍ର, ନିର୍ମଳ ମହାପାତ୍ର, ଭାଷାବିତ ପ୍ରଫୁଲ୍ଲ ସାମନ୍ତରାୟ, ପରିବେଶବିତ ଗୌରାଙ୍ଗ ମହାପାତ୍ର, ରାଜ୍ୟ ଅଭିଭାବକ ସଙ୍ଘ ସଭାପତି ଡ. ଗଗନ ରାଉତ, ବାସୁଦେବ ଭଟ୍ଟ, ରାଧାକାନ୍ତ ସେଠି, ▸ପୃଷ୍ଠା-୭

**ମହିଳା ସ୍ୱାବଲମ୍ବନକୁ ବେତ୍ରାଘାତ**

## ଧାନକିଣାରୁ ବାଦ୍ ପଡ଼ିଲେ ଏସ୍‌ଏଚ୍‌ଜି

### ପଞ୍ଜୀକରଣର ନୂଆ ନିୟମକୁ ବିଜେଡି ଓ କଂଗ୍ରେସର ବିରୋଧ

■ ଭୁବନେଶ୍ୱର, ୭।୮ (ସମିସ): ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ବ୍ୟବସ୍ଥାରେ ରାଜ୍ୟ ସରକାର ଆଣିଥିବା ପରିବର୍ତ୍ତନକୁ ନେଇ ଓଡ଼ିଶାରେ ରାଜନୈତିକ ବିବାଦ ତୀବ୍ର ହୋଇଛି। ଧାନ କିଣା ପ୍ରକ୍ରିୟାରୁ ମିଶନ ଶକ୍ତି ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାନଙ୍କୁ ବାଦ ଦେବା ଓ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ ନୂଆ ବ୍ୟବସ୍ଥା ଆଣିବାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ତେବେ ଏହା ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ଗତବର୍ଷର ତ୍ରୁଟି ସୁଧାରିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ନେଇ ସମବାୟ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ମଧ୍ୟ ବିବାଦ ସୃଷ୍ଟି ହୋଇଛି।

ପୂର୍ବ ସରକାର ସମୟରେ ମିଶନ ଶକ୍ତି ମାଧ୍ୟମରେ ହଜାର ହଜାର ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ସଂଗ୍ରହରେ ସାମିଲ କରାଯାଇଥିଲା। ଏହା ଦ୍ୱାରା ଗ୍ରାମାଞ୍ଚଳର ମହିଳାମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇଥିଲେ। ସେହିପରି ଏସ୍‌ଏଚ୍‌ଜି ମାଧ୍ୟମରେ ଧାନ କ୍ରୟ ସମୟରେ ଚାଷୀଙ୍କୁ



କଟନି-ଛଟନି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁନଥିଲା ଏବଂ ଧାନ ବିକ୍ରି ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସୁଗମ ହୋଇଥିଲା।

ମାତ୍ର ଚଳିତ ଖରିଫ ଋତୁରୁ ରାଜ୍ୟ ସରକାର ଧାନ ସଂଗ୍ରହ ବ୍ୟବସ୍ଥାରୁ ଏସ୍‌ଏଚ୍‌ଜିମାନଙ୍କୁ ସମ୍ପୂର୍ଣ୍ଣ ବାଦ ଦେଇଛନ୍ତି। ସରକାରଙ୍କ ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ, କେବଳ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ), ଲ୍ୟାମ୍ପସ ଓ ପାଣି ପଞ୍ଚାୟତ ମାଧ୍ୟମରେ ଧାନ କ୍ରୟ କରାଯିବ। ଯାହାକୁ ନେଇ ବିରୋଧୀ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଏହା ମହିଳା ସଶକ୍ତୀକରଣକୁ ପଛକୁ ଠେଲିଦେବା ସହିତ ଚାଷୀଙ୍କ ସ୍ୱାର୍ଥକୁ ମଧ୍ୟ ପ୍ରଭାବିତ କରିବ। ମିଲରମାନଙ୍କ ପ୍ରଭାବ ବଢ଼ିବ ଓ କୃଷକମାନେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେବେ ବୋଲି ବିରୋଧୀ ଆଶଙ୍କା କରିଛନ୍ତି।

ଏହା ସହିତ ଖରିଫ ଧାନ କ୍ରୟ ପାଇଁ ଆରମ୍ଭ ହୋଇଥିବା ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ମଧ୍ୟ ବିରୋଧୀ ଦଳ ପ୍ରଶ୍ନ ଉଠାଇଛନ୍ତି। ବିଜେଡିର ଅଭିଯୋଗ ହେଉଛି, ସରକାର ଇଚ୍ଛାକୃତ ଭାବେ ପଞ୍ଜୀକରଣ ବ୍ୟବସ୍ଥାକୁ ଜଟିଳ କରି କମ୍ ପରିମାଣର ଧାନ କିଣିବାକୁ ଚାହୁଁଛନ୍ତି। ଅନୁରୂପ କଂଗ୍ରେସ ମଧ୍ୟ ଅଭିଯୋଗ କରିଛି ଯେ, ପ୍ରତି କ୍ୱିଣ୍ଟାଲରେ ଘୋଷିତ ୮୦୦ ଟଙ୍କାର ଇନପୁଟ ସବସିଡି ପ୍ରଦାନରୁ ବଞ୍ଚିବା ପାଇଁ ପଞ୍ଜୀକରଣ ପ୍ରକ୍ରିୟାକୁ କଠିନ କରାଯାଇଛି। ଏହାଦ୍ୱାରା ଅନେକ ପ୍ରକୃତ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ହୋଇପାରନ୍ତି ବୋଲି ▸ପୃଷ୍ଠା-୭

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସୁଖବୀର ସିଂହ ବାଦଲ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଆସନ୍ତା ବର୍ଷ ପଞ୍ଜାବରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନର ସଙ୍କେତ ମିଳିଛି। ଶିରୋମଣି ଅକାଳୀ ଦଳର ମୁଖ୍ୟ ସୁଖବୀର ସିଂହ ବାଦଲ ଶୁକ୍ରବାର ସଂସଦ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଏହି ସାକ୍ଷାତକାର ପରେ ଭାରତୀୟ ଜନତା ପାର୍ଟି ଓ ଅକାଳୀ ଦଳ ମଧ୍ୟରେ ପୁନର୍ବାର ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋର ଧରିଛି। ଦୀର୍ଘ ଦୁଇ ଦଶନ୍ଧି ଧରି ଚାଲିଆସିଥିବା ଭାଜପା-ଅକାଳୀ ଦଳ ମେଣ୍ଟ ସେପ୍ଟେମ୍ବର ୨୦୨୦ରେ କେନ୍ଦ୍ର ସରକାରଙ୍କ ତିନୋଟି କୃଷି ଆଇନକୁ ନେଇ ଭାଙ୍ଗିଯାଇଥିଲା। କୃଷକ ଆନ୍ଦୋଳନ କାରଣରୁ ଅକାଳୀ ଦଳ ଜାତୀୟ ଗଣତାନ୍ତ୍ରିକ ମେଣ୍ଟରୁ ଓହରି ଯାଇଥିଲା। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ଏହି ଆଇନଗୁଡ଼ିକୁ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ ଦୁଇ ଦଳ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ହୋଇପାରି ନଥିଲା। ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନରେ ଦୁଇ ଦଳ ଅଲଗା ହୋଇ ଲଢ଼ିଥିଲେ ହେଁ ବିପର୍ଯ୍ୟୟର ସାମ୍ନା କରିଥିଲେ। ୧୧୭ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ମାତ୍ର ୨ଟି ଓ ଅକାଳୀ ଦଳ ୩ଟି ଆସନ ପାଇଥିଲା।

## ୨ଟି ଆଇଏସ୍ଆଇ ପ୍ରାୟୋଜିତ ଆତଙ୍କୀ ମଡ୍ୟୁଲ୍ ପର୍ଦ୍ଦାଫାଶ: ୯ ଗିରଫ

ଅମୃତସର, ୭।୮ (ଏଜେନ୍ସି): ପଞ୍ଜାବ ପୁଲିସ ଦେଶବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ଏକ ବଡ଼ ସଫଳତା ହାସଲ କରିଛି। ଅମୃତସରରେ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍ଆଇ ଦ୍ୱାରା ପରିଚାଳିତ ୨ଟି ଆତଙ୍କବାଦୀ ମୋଡ୍ୟୁଲ୍‌କୁ ପୁଲିସ ପର୍ଦ୍ଦାଫାଶ କରିବା ସହ ୪ ଜଣ ନାବାଳକଙ୍କ ସମେତ ମୋଟ ୯ ଜଣଙ୍କୁ ଗିରଫ କରିଛି। ପୁଲିସଅଭିଯୁକ୍ତମାନଙ୍କ ନିକଟରୁ ୪ଟି ପେଟ୍ରୋଲ୍ ବୋମା, ୩ଟି ବେଆଇନ ପିସ୍ତୋଲ୍, ୯ଟି ଜୀବନ୍ତ ଗୁଳି ଏବଂ ଏକ ଚୋରା ମୋଟରସାଇକେଲ୍ ଜବତ କରିଛି। ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବଙ୍କ ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ବିଦେଶରେ ଥିବା ଆଇଏସ୍ଆଇ ହ୍ୟାଣ୍ଡଲରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ। ସେମାନଙ୍କୁ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକ ଉପରେ ନଜର ରଖିବା, ବେଆଇନ ଅସ୍ତ୍ରଶସ୍ତ୍ର ଯୋଗାଡ଼ କରିବା ଏବଂ ଅଶାନ୍ତି ସୃଷ୍ଟି କରିବାର ଦାୟିତ୍ୱ ଦିଆଯାଇଥିଲା। ତଦନ୍ତରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ରେଳ ଟ୍ରାକ୍ ନିକଟରେ ସିସିଟିଭି କ୍ୟାମେରା ଲଗାଇ ତା'ର ଫୁଟେଜ୍ ବିଦେଶୀ ହ୍ୟାଣ୍ଡଲରଙ୍କୁ ପଠାଯାଉଥିଲା। ଏହି ଆର୍ଥିକ କାରବାର ଜେଲ୍‌ରେ ଥିବା କିଛି ବ୍ୟକ୍ତିଙ୍କ ମାଧ୍ୟମରେ ହୋଇଥିବା ଜଣାପଡ଼ିବା ପରେ ପୁଲିସ ସେମାନଙ୍କୁ ପ୍ରୋଡକ୍ସନ୍ ୱାରେଣ୍ଟରେ ଆଣି ଗିରଫ କରିଛି।

## ଅତିକ୍ ଅହମ୍ମଦଙ୍କ ଜେଲ୍‌ରେ ଥିବା ଦୁଇ ପୁଅଙ୍କୁ ପାରୋଲ୍

ପ୍ରୟାଗରାଜ, ୭।୮ (ଏଜେନ୍ସି): ଦୁର୍ଘଟଣାରେ ମୃତ୍ୟୁବରଣ କରିବା ପରେ ନିଜ ସାନଭାଇକୁ ଶେଷ ବିଦାୟ ଦେବା ପାଇଁ ହାଇକୋର୍ଟଙ୍କ ବଡ଼ ଆଶ୍ୱାସନା। ଆଲାହାବାଦ ହାଇକୋର୍ଟ ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ମୃତ ଅତିକ୍ ଅହମ୍ମଦଙ୍କ ଜେଲ୍‌ରେ ଥିବା ଦୁଇ ପୁଅ ଆଲି ଏବଂ ଉମରଙ୍କୁ ପାରୋଲ୍ ମଞ୍ଜୁର କରିଛନ୍ତି। ସାନଭାଇ ଆବାନ୍ ଅହମ୍ମଦଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ତାଙ୍କର ଶେଷକୃତ୍ୟ ଓ କବରଦାନରେ ଯୋଗଦେବା ପାଇଁ ଆଦାଲତ ଏହି ପାରୋଲ୍ ପ୍ରଦାନ କରିଛନ୍ତି। ଝାନ୍ସୀ ଜେଲ୍‌ରେ ବନ୍ଦୀ ଥିବା ନିଜ ଭାଇ ଆଲିଙ୍କୁ ସାକ୍ଷାତ କରିବା ପାଇଁ ଯାଉଥିବା ସମୟରେ ଏକ ସଡ଼କ ଦୁର୍ଘଟଣାରେ ଅତିକ୍‌ଙ୍କ ସବୁଠାରୁ ସାନପୁଅ ଆବାନ୍ (୨୧) ଏବଂ ତାଙ୍କ ବନ୍ଧୁ ସୋନୁଙ୍କର ପ୍ରାଣହାନି ଘଟିଥିଲା। ଅତିକ୍ ଅହମ୍ମଦଙ୍କ ଭଉଣୀ ପରବୀନ୍ କୁରେଶୀଙ୍କ ଦ୍ୱାରା ଦାଖଲ ଆବେଦନକୁ ଗ୍ରହଣ କରି ଜଷ୍ଟିସ ଅଜୟ ଭାନୋଟ ଏବଂ ଜଷ୍ଟିସ ଦିବେଶ ଚନ୍ଦ୍ର ସାମନ୍ତଙ୍କ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଉମର ଲକ୍ଷ୍ନୌ ଜେଲ୍‌ରେ ଏବଂ ଆଲି ଝାନ୍ସୀ ଜେଲ୍‌ରେ ବନ୍ଦୀ ଅଛନ୍ତି।

## ଆସାରାମଙ୍କ ପୁଅଙ୍କୁ ସୁପ୍ରିମକୋର୍ଟଙ୍କ ଝଟ୍‌କା

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ସ୍ୱୟଂଭୂ ବାବା ଆସାରାମଙ୍କ ପୁଅ ନାରାୟଣ ସାଇଙ୍କୁ ସୁପ୍ରିମକୋର୍ଟରୁ କୌଣସି ଆଶ୍ୱାସନା ମିଳିନାହିଁ। ୨୦୧୩ ଦୁଷ୍କର୍ମ ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟ ତାଙ୍କ ଆଜୀବନ କାରାଦଣ୍ଡାଦେଶକୁ ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ବିଚାରପତି ଏମ୍ଏମ୍ ସୁନ୍ଦରେଶ ଏବଂ ବିଚାରପତି ପିବି ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ନାରାୟଣ ସାଇଙ୍କ ନିବେଦନର ଶୁଣାଣି କରି ଗୁଜରାଟ ହାଇକୋର୍ଟଙ୍କୁ ତିନି ମାସ ମଧ୍ୟରେ ତାଙ୍କ ଦଣ୍ଡାଦେଶ ବିରୋଧୀ ଆବେଦନର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ତିନି ମାସ ମଧ୍ୟରେ ହାଇକୋର୍ଟ କୌଣସି ନିଷ୍ପତ୍ତି ନନିଅନ୍ତି, ତେବେ ସାଇ ପୁନର୍ବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ। ସୂଚନାଯୋଗ୍ୟ ଯେ, ୨୦୧୩ ମସିହାରେ ଜଣେ ମହିଳା ଅନୁଗାମୀଙ୍କ ଦ୍ୱାରା ଦାୟର ଦୁଷ୍କର୍ମ ମାମଲାରେ ସୁରଟର ଏକ କୋର୍ଟ ୨୦୧୯ ଅପ୍ରେଲରେ ନାରାୟଣ ସାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହା ବିରୋଧରେ ସେ ଗୁଜରାଟ ହାଇକୋର୍ଟରେ ଆବେଦନ କରିଥିଲେ ମଧ୍ୟ ହାଇକୋର୍ଟ ତାଙ୍କ ଜାମିନ୍ ଓ ସଜା ସ୍ଥଗିତ ଆବେଦନକୁ ଖାରଜ କରିଦେଇଥିଲେ।



## ବିଜୟଙ୍କଠାରୁ ସଙ୍ଗୀତାଙ୍କ ଛାଡ଼ପତ୍ର ଆବେଦନ ପ୍ରତ୍ୟାହାର

**ଚେନ୍ନାଇ କୋର୍ଟରେ ମାମଲା ଶେଷ**

ଚେନ୍ନାଇ, ୭।୮ (ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା 'ତାମିଲଗା ଭେଟ୍ରି କାଝାଗମ୍' (ଟିଭିକେ) ମୁଖ୍ୟ ସି ଜୋସେଫ୍ ବିଜୟ ଏବଂ ତାଙ୍କ ପତ୍ନୀ ସଙ୍ଗୀତା ସୋର୍ଣ୍ଣଲିଙ୍ଗମ୍‌ଙ୍କ ମଧ୍ୟରେ ଚାଲିଥିବା ଛାଡ଼ପତ୍ର ମାମଲାର ଅନ୍ତ ଘଟିଛି। ସଙ୍ଗୀତା ନିଜର ବିବାହ ବିଚ୍ଛେଦ ଆବେଦନ ପ୍ରତ୍ୟାହାର କରିନେବା ପରେ ଅଦାଲତ ଶେଷରେ ଆନୁଷ୍ଠାନିକ ଭାବେ ଏହି ମାମଲାକୁ ବନ୍ଦ କରିଛନ୍ତି। ଶୁକ୍ରବାର ଶୁଣାଣି ସମୟରେ ସଙ୍ଗୀତା ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟରେ ହାଜର ହୋଇ ନିଜର ଆବେଦନ ଫେରାଇ ନେବାର କାରଣ ଦର୍ଶାଇଥିଲେ। ପୂର୍ବରୁ ଚଳିତ ବର୍ଷ ଫେବୃଆରୀ ମାସରେ ସେ ଚେଙ୍ଗଲପଟ୍ଟୁ ପରିବାର ଅଦାଲତରେ ବିବାହ ବିଚ୍ଛେଦ, ସ୍ଥାୟୀ ଭରଣପୋଷଣ ଏବଂ ନୀଲାଙ୍କରାଇ ବାସଭବନରେ ରହିବା ପାଇଁ ଆବେଦନ କରିଥିଲେ। ଜୁନ୍ ୧୫ ଶୁଣାଣିରେ ମଧ୍ୟ ସଙ୍ଗୀତା ଆବେଦନ ପ୍ରତ୍ୟାହାର କରିବା ନେଇ ସଙ୍କେତ ଦେଇଥିଲେ, ଯାହା ପରେ ମାମଲାକୁ ଅଗଷ୍ଟ ୭ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ଶୁକ୍ରବାର ଅଦାଲତ ଏହି ଆବେଦନକୁ ଗ୍ରହଣ କରି ମାମଲାଟିକୁ ସମ୍ପୂର୍ଣ୍ଣ ରୂପେ ଖାରଜ କରିଛନ୍ତି। ସୂଚନାଯୋଗ୍ୟ, ୧୯୯୯ ଅଗଷ୍ଟ ୨୫ରେ ବିଜୟ ଓ ସଙ୍ଗୀତାଙ୍କ ବିବାହ ହୋଇଥିଲା। ଦୀର୍ଘ ତିନି ଦଶନ୍ଧିର ଏହି ବୈବାହିକ ସମ୍ପର୍କରେ ଗତ କିଛି ବର୍ଷ ହେବ ମନୋମାଳିନ୍ୟ ଦେଖାଦେଇଥିବା ନେଇ ଚର୍ଚ୍ଚା ହେଉଥିଲା। ସଙ୍ଗୀତା ନିଜ ଆବେଦନ ଫେରାଇ ନେବା ପରେ ଏହି ବିବାଦରେ ସମ୍ପୂର୍ଣ୍ଣ ବିରାମ ଲାଗିଛି।

## ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ଅନିଲ ମେନନ୍‌ଙ୍କ ପ୍ରଥମ ସ୍ପେସ୍‌ୱାକ୍



**ମହାକାଶରେ ବିତାଇଲେ ୬.୫ ଘଣ୍ଟା**

ୱାଶିଂଟନ, ୭।୮ (ଏଜେନ୍ସି): ମହାକାଶ ଗବେଷଣା କ୍ଷେତ୍ରରେ ଭାରତୀୟ ବଂଶୋଦ୍ଭବଙ୍କ ସଫଳତାରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିହୋଇଛି। ନାସାର ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ଅନିଲ ମେନନ୍ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ୍ (ଆଇଏସ୍ଏସ୍) ବାହାରକୁ ଆସି ନିଜର ପ୍ରଥମ ସ୍ପେସ୍‌ୱାକ୍ (ମହାକାଶ ପରିକ୍ରମା) ସଫଳତାର ସହ ଶେଷ କରିଛନ୍ତି। ଅନିଲ ମେନନ୍ ନାସାର ଅଭିଜ୍ଞ ନଭୋଚାରୀ ଜେସିକା ମେୟରଙ୍କ ସହ ମିଶି ମୋଟ ୬ ଘଣ୍ଟା ୩୦ ମିନିଟ୍ ସ୍ପେସ୍‌ୱାକ୍ କରିଥିଲେ। ମହାକାଶ ଷ୍ଟେସନ୍‌ର ବିଦ୍ୟୁତ୍ ଶକ୍ତି ପ୍ରଣାଳୀକୁ ସୁଦୃଢ଼ କରିବା ପାଇଁ ନୂତନ ସୌର ପ୍ୟାନେଲ୍ ସ୍ଥାପନ ନିମନ୍ତେ ଆବଶ୍ୟକୀୟ ଯାନ୍ତ୍ରିକ ଉପକରଣ ଲଗାଇବା ଏହି ମିଶନ୍‌ର ମୁଖ୍ୟ ଲକ୍ଷ୍ୟ ଥିଲା। ୨୦୨୧ରେ ନାସା ଦ୍ୱାରା ଚୟନ ହୋଇଥିବା ଅନିଲ ଜଣେ ଚିକିତ୍ସକ ଓ ମେକାନିକାଲ୍ ଇଞ୍ଜିନିୟର। ସେ ପୂର୍ବରୁ ସ୍ପେସ୍ଏକ୍ସର ପ୍ରଥମ ଫ୍ଲାଇଟ୍ ସର୍ଜନ ଭାବେ କାର୍ଯ୍ୟ କରିସାରିଛନ୍ତି। ନାସା ପକ୍ଷରୁ ଚଳିତ ଅଗଷ୍ଟ ମାସରେ ଯୋଜନା କରାଯାଇଥିବା ୩ଟି ସ୍ପେସ୍‌ୱାକ୍ ମଧ୍ୟରୁ ଏହା ପ୍ରଥମ ଅଭିଯାନ ଥିଲା। କଳ୍ପନା ଚାୱଲା ଏବଂ ସୁନୀତା ୱିଲିୟମ୍ସଙ୍କ ପରେ ଅନିଲ ମେନନ୍‌ଙ୍କ ଏହି ଐତିହାସିକ ସଫଳତା ସାରା ବିଶ୍ୱରେ ଭାରତୀୟ ବଂଶୋଦ୍ଭବଙ୍କ ଗୌରବ ବୃଦ୍ଧି କରିବା ସହ ଭାରତର ଗଗନଯାନ ମିଶନ୍ ପାଇଁ ମଧ୍ୟ ପ୍ରେରଣାଦାୟୀ ହୋଇଛି।

**'ଜଣଙ୍କ ଉପରେ ଆକ୍ରମଣ, ସମସ୍ତଙ୍କ ଉପରେ ଆକ୍ରମଣ'**

# ପାକିସ୍ତାନ, ସାଉଦି ଆରବ, ତୁର୍କୀ ମଧ୍ୟରେ ଐତିହାସିକ ପ୍ରତିରକ୍ଷା ଚୁକ୍ତି

ରିୟାଦ, ୭।୮ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଯୁଦ୍ଧ ଓ ନିରାପତ୍ତା ସଙ୍କଟ ମଧ୍ୟରେ ପାକିସ୍ତାନ, ସାଉଦି ଆରବ ଏବଂ ତୁର୍କୀ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। 'ମକ୍କା ଜଏଣ୍ଟ ଡିଫେନ୍ସ ଏଗ୍ରିମେଣ୍ଟ' ନାମରେ ନାମିତ ଏହି ସାମରିକ ବୁଝାମଣା ଅନୁସାରେ, ଏହି ତିନୋଟି ଦେଶ ମଧ୍ୟରୁ କୌଣସି ଗୋଟିଏ ଦେଶ ଉପରେ ସଶସ୍ତ୍ର ଆକ୍ରମଣ ହେଲେ, ତାହାକୁ ଅନ୍ୟ ଦୁଇ ଦେଶ ନିଜ ଉପରେ ଆକ୍ରମଣ ବୋଲି ବିଚାର କରିବେ। ସାଉଦି ଆରବରେ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍, ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦ୍ଦୋଗାନ୍ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରୀଫଙ୍କ ମଧ୍ୟରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିକୁ ବିଶ୍ୱ ଗଣମାଧ୍ୟମରେ 'ଇସଲାମିକ ନାଟୋ'ର ଆରମ୍ଭ ବୋଲି ଆଖ୍ୟା ଦିଆଯାଉଛି।

ତେବେ ଆଗକୁ ଏହି ଚୁକ୍ତି ଓ ମେଳି କେଉଁ ରୂପ ନେଉଛି ତାହା ଦେଖିବାକୁ ବାକି ରହିଲା। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତି ଅନୁଯାୟୀ, ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାହ୍ୟ ଆକ୍ରମଣ ବିରୋଧରେ ମିଳିତ ପ୍ରତିରୋଧ ଶକ୍ତିକୁ ସୁଦୃଢ଼ କରିବା ଏବଂ ତିନି ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗର ସମସ୍ତ ଦିଗକୁ ଆଗକୁ ନେବା। ଏହି



ଚୁକ୍ତି ତୈଳ ସମୃଦ୍ଧ ସାଉଦି ଆରବ, ପରମାଣୁ ଶକ୍ତିସମ୍ପନ୍ନ ପାକିସ୍ତାନ ଏବଂ ନାଟୋର ଦ୍ୱିତୀୟ ବୃହତ୍ତମ ସେନା ତଥା ଶକ୍ତିଶାଳୀ ପ୍ରତିରକ୍ଷା ଶିଳ୍ପ ଥିବା ତୁର୍କୀକୁ ଗୋଟିଏ ମଞ୍ଚକୁ ଆଣିଛି। ଇରାନ-ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଞ୍ଚରେ ସାଉଦି ଆରବର ଅନେକ ତୈଳ ପ୍ରକଳ୍ପ ଓ ଭିତ୍ତିଭୂମି ଉପରେ ଡ୍ରୋନ୍ ଏବଂ ମିସାଇଲ୍ ଆକ୍ରମଣ ହେବା ପରେ, ସାଉଦି ନିଜର ସୁରକ୍ଷା ସହଯୋଗୀଙ୍କ ପରିସରକୁ ବୃଦ୍ଧି କରିବାକୁ ଏହି ପଦକ୍ଷେପ ନେଇଛି। ତୁର୍କୀ ଗଣମାଧ୍ୟମ ଅନୁସାରେ, ଏହି ଚୁକ୍ତି ଦ୍ୱାରା ତିନି ଦେଶ ମଧ୍ୟରେ ମିଳିତ ସାମରିକ ଅଭ୍ୟାସ, ସୈନ୍ୟ ପ୍ରଶିକ୍ଷଣ, ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାର ହସ୍ତାନ୍ତର ଏବଂ ଗୁପ୍ତଚର ତଥ୍ୟର ଆଦାନପ୍ରଦାନ ସମ୍ଭବ ହୋଇପାରିବ। ଏହି ପ୍ରତିରକ୍ଷା ଚୁକ୍ତି ପଶ୍ଚିମ ଏସିଆରେ ଏକ ବଡ଼ ପରିବର୍ତ୍ତନ ଆଣିଛି।

● ହୁତି ବିଦ୍ରୋହୀଙ୍କ ଜୋରଦାର ଆକ୍ରମଣ

## ୟେମେନର ୫୮ ସୈନିକ ସହିଦ

ସାନା, ୭।୮ (ଏଜେନ୍ସି): ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଗୁରୁବାର ୟେମେନ ଏବଂ ସାଉଦି ଆରବ ଉପରେ ଏକ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ ସାହାଯ୍ୟରେ ୟେମେନର ସାମରିକ ଘାଟିଗୁଡ଼ିକୁ ଲକ୍ଷ୍ୟ କରାଯାଇଥିବା ବେଳେ ସାଉଦି ଆରବର ନଜରାନ ଅଞ୍ଚଳକୁ ମଧ୍ୟ ନିଶାଣ କରାଯାଇଛି। ୟେମେନ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ, ଏହି ଆକ୍ରମଣରେ ୫୮ ଜଣ ସୈନିକ ସହିଦ ହୋଇଛନ୍ତି ଏବଂ ବହୁ ସୈନିକ ଆହତ ହୋଇଛନ୍ତି। ମନ୍ତ୍ରଣାଳୟ ଏହି ଆକ୍ରମଣକୁ ନିନ୍ଦା କରିବା ସହ ଉପଯୁକ୍ତ ସମୟ ଓ ସ୍ଥାନରେ ଏହାର କଡ଼ା ଜବାବ ଦିଆଯିବ ବୋଲି ପ୍ରକାଶ କରିଛି। ଅନ୍ୟପଟେ ସାଉଦି ଆରବର ନଜରାନ ଅଞ୍ଚଳରେ ହୋଇଥିବା ଆକ୍ରମଣରେ ଜଣେ ୪ ବର୍ଷର ଶିଶୁ ସମେତ ୧୧ ଜଣ ନାଗରିକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୭ ଜଣ ସାଉଦି ନାଗରିକ, ଜଣେ ୟେମେନୀ, ୨ ଜଣ ମିଶରୀୟ ଏବଂ ଜଣେ ପାକିସ୍ତାନୀ ନାଗରିକ ରହିଛନ୍ତି। ଏହି ମିସାଇଲ ଆକ୍ରମଣ ଯୋଗୁଁ ନଜରାନର କେତେକ ସ୍ଥାନରେ ନିଆଁ ଲାଗିଯାଇଛି। ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବାହିନୀ ଓ ଜରୁରୀକାଳୀନ ଦଳ ନିୟୋଜିତ ହୋଇଥିବା ବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏକ ଆନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀରେ ଜଳପଥ ପରିଚାଳନା ପାଇଁ ଆମେରିକା, ଇରାନ ଏବଂ ଓମାନ ମଧ୍ୟରେ ଚୁକ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂର୍ବତନ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ନିଜେ ଏହି ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିଲା ଏବଂ ଦ୍ୱିପାକ୍ଷିକ ଆଲୋଚନାରେ ଯଥେଷ୍ଟ ପ୍ରଗତି ହୋଇଛି। ସାମ୍ପ୍ରତିକ ଉତ୍ତେଜନା ଯୋଗୁଁ ହର୍ମୁଜ ଏବଂ ବାବ୍ ଏଲ୍-ମାଣ୍ଡେବ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ଯଥେଷ୍ଟ ହ୍ରାସ ପାଇଛି। ସାଧାରଣ ଦିନରେ ଦୈନିକ ୧୩୦ରୁ ୧୪୦ଟି ଜାହାଜ ଯାତାୟାତ କରୁଥିବା ବେଳେ ବୁଧବାର ମାତ୍ର ୨ଟି ଜାହାଜ ଏହି ବାଟ ଦେଇଯାଇଛି।

**ଏଫ୍‌ସିଆର୍‌ଏ ବିଲ୍ ଭାରତର ଆଭ୍ୟନ୍ତରୀଣ ମାମଲା**

## ଆମେରିକୀୟ ସାଂସଦଙ୍କ ବକ୍ତବ୍ୟକୁ ଭାରତର କଡ଼ା ଜବାବ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ପ୍ରସ୍ତାବିତ 'ବୈଦେଶିକ ଅଂଶଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬' (ଏଫ୍‌ସିଆରଏ ଆମେଣ୍ଡମେଣ୍ଟ ବିଲ୍, ୨୦୨୬) କୁ ନେଇ ଆମେରିକାର ସାଂସଦ ରାୟଲି ମୁର୍‌ଙ୍କ ଟିପ୍ପଣୀକୁ ଭାରତୀୟ ବୈଦେଶିକ ମନ୍ତ୍ରାଳୟ (ଏମ୍‌ଇଏ) ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଛି। ବୈଦେଶିକ ମନ୍ତ୍ରାଳୟର ସ୍ପଷ୍ଟୀକରଣ ଅନୁଯାୟୀ, ଆଇନ ପ୍ରଣୟନ ଭାରତର ସମ୍ପୂର୍ଣ୍ଣ ନିଜସ୍ୱ ଆଭ୍ୟନ୍ତରୀଣ ମାମଲା ଏବଂ ଆମେରିକା ସମେତ ବିଶ୍ୱର ଅନେକ ଦେଶରେ ବୈଦେଶିକ ପାଣ୍ଠି ନିୟନ୍ତ୍ରଣ ପାଇଁ ନିଜସ୍ୱ ଆଇନଗତ ବ୍ୟବସ୍ଥା ରହିଛି। ଆମେରିକୀୟ ସାଂସଦ ରାୟଲି ମୁର୍ ଅଭିଯୋଗ କରିଥିଲେ ଯେ ଏହି ବିଲ୍ ଦ୍ୱାରା ଭାରତରେ ଖ୍ରୀଷ୍ଟିଆନ୍ ସଂସ୍ଥା ଏବଂ ଚର୍ଚ୍ଚଗୁଡ଼ିକ ପ୍ରଭାବିତ ହେବେ। ଏହାର ପ୍ରତ୍ୟୁତ୍ତରରେ ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୈସୱାଲ କହିଛନ୍ତି ଯେ ଭାରତରେ ବିଲ୍ ଆଗତ କରିବା ପାଇଁ ଏକ ସୁଦୃଢ଼ ଗଣତାନ୍ତ୍ରିକ ପ୍ରକ୍ରିୟା ରହିଛି ଏବଂ ଏହାକୁ ସଠିକ୍ ପ୍ରସଙ୍ଗରେ ଦେଖିବା ଉଚିତ୍। ଏଡି ବିଲ୍‌ର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ ହେଲା, ଅସଦୁପଯୋଗ ରୋକିବା ଯଥା କୌଣସି ଏନ୍‌ଜିଓ ବା ସଂସ୍ଥାର ଏଫ୍‌ସିଆର୍‌ଏ ପଞ୍ଜୀକରଣ ରଦ୍ଦ ବା ସମାପ୍ତ ହେଲେ, କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ କର୍ତ୍ତୃପକ୍ଷ ସମ୍ପୃକ୍ତ ସଂସ୍ଥାର ବୈଦେଶିକ ପାଣ୍ଠି ଓ ସମ୍ପତ୍ତିର ପରିଚାଳନା ନିଜ ହାତକୁ ନେବେ। ଧାର୍ମିକ ସ୍ୱତନ୍ତ୍ରତା ସୁରକ୍ଷା, ଯେମିତି ପୂଜାସ୍ଥଳ କିମ୍ବା ଧାର୍ମିକ ଅନୁଷ୍ଠାନଗୁଡ଼ିକର ସମ୍ପତ୍ତି ପରିଚାଳନା ବେଳେ ସେଗୁଡ଼ିକର ଧାର୍ମିକ ସ୍ୱରୂପ ଓ ପରମ୍ପରା ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। କେନ୍ଦ୍ର ସରକାରଙ୍କ କହିବା ଅନୁଯାୟୀ, ବୈଦେଶିକ ପାଣ୍ଠିର ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦେଶର ସାର୍ବଭୌମତ୍ୱ ଓ ସୁରକ୍ଷା ବଜାୟ ରଖିବା ପାଇଁ ଏହି ସଂଶୋଧନ ଅତ୍ୟନ୍ତ ଆବଶ୍ୟକ।

## ମୋହନ ଭାଗବତଙ୍କ ବକ୍ତବ୍ୟକୁ ସ୍ୱାଗତ କଲେ ଅଭିଜିତ୍ ଦୀପକେ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): କକ୍ରୋଚ ଜନତା ପାର୍ଟି (ସିଜେପି)ର ସଂସ୍ଥାପକ ଅଭିଜିତ୍ ଦୀପକେ ଶୁକ୍ରବାର ଦିନ ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତଙ୍କ 'ଜେନ୍ ଜି' ଆନ୍ଦୋଳନକାରୀଙ୍କ ସମର୍ଥନରେ ଦେଇଥିବା ବକ୍ତବ୍ୟକୁ ସ୍ୱାଗତ କରିଛନ୍ତି। ଏହାସହ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ 'ଦେଶବିରୋଧୀ' ବୋଲି ଅଭିହିତ ନକରିବା ପାଇଁ ସେ ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନୁରୋଧ କରିଛନ୍ତି। ମୁମ୍ବାଇରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ବେଳେ ମୋହନ ଭାଗବତ କହିଥିଲେ ଯେ, ଯୁବପିଢ଼ିଙ୍କର ଯୁକ୍ତିଯୁକ୍ତ ଦାବି ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାର ଗଣତାନ୍ତ୍ରିକ ଅଧିକାର ରହିଛି ଏବଂ ସେମାନଙ୍କୁ ଦେଶବିରୋଧୀ ଆଖ୍ୟା ଦିଆଯିବା ଉଚିତ୍ ନୁହେଁ। ଅଭିଜିତ୍ ଦୀପକେ ଗଣମାଧ୍ୟମକୁ କହିଛନ୍ତି ଯେ, ସଂଘ ପ୍ରମୁଖଙ୍କ ଏହି ବକ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଭାଗବତଙ୍କୁ ନିବେଦନ କରିଛନ୍ତି ଯେ, ଏହି ସମାନ ବାର୍ତ୍ତା ସେ ବିଜେପି ନେତୃତ୍ୱଙ୍କୁ ମଧ୍ୟ ଦିଅନ୍ତୁ, ଯାହାଦ୍ୱାରା ଦଳ ଛାତ୍ର ଆନ୍ଦୋଳନ ପ୍ରତି ନିଜର ଦୃଷ୍ଟିଭଙ୍ଗୀ ବଦଳାଇବ। ପୂର୍ବରୁ କିଛି ବିଜେପି ନେତା ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ପାଇଁ ଆପତ୍ତିଜନକ ଶବ୍ଦ ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି। ଏହାସହ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭ୍ରମାତ୍ମକ ଭିଡିଓଗୁଡ଼ିକର ନିରପେକ୍ଷ ତଦନ୍ତ ପାଇଁ ଭାଗବତ ଦେଇଥିବା ଆହ୍ୱାନକୁ ସେ ସମର୍ଥନ କରିଛନ୍ତି। ଅନ୍ୟପଟେ ଝାଡ଼ଖଣ୍ଡରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ସେ ନିଜର ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

## ଆସାମ୍‌ରେ ଦୁଇ ଆଦିବାସୀ ନାବାଳିକାଙ୍କୁ ଅପହରଣ, ଗଣଦୁଷ୍କର୍ମ

ଗୌହାଟୀ, ୭।୮ (ଏଜେନ୍ସି): ଆସାମ୍‌ର କାଚାର ଜିଲ୍ଲାରେ ଦୁଇଜଣ ଆଦିବାସୀ ନାବାଳିକାଙ୍କୁ ଅପହରଣ କରି ଚଳନ୍ତା କାର୍‌ରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭାବନୀୟ ଘଟଣାରେ ସମ୍ପୃକ୍ତ ତିନିଜଣ ଯୁବକଙ୍କୁ ଆସାମ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅମଜାଦ ହୁସେନ୍ ଲସ୍କର (୨୦), ସଦ୍ଦାମ ହୁସେନ୍ ଲସ୍କର (୨୩) ଏବଂ ରିଙ୍କୁ ଦାସ (୨୫)। ପୁଲିସ ସୂଚନା ଅନୁଯାୟୀ, ଅଗଷ୍ଟ ୩ ତାରିଖ ଭୋର ପ୍ରାୟ ୨.୩୦ ସମୟରେ ମିଜୋରାମରୁ ଆସିଥିବା ଦୁଇଜଣ ନାବାଳିକା ଢୋଲାଇ ଥାନାରେ ପହଞ୍ଚି ନିଜ ସହ ଘଟିଥିବା ଏହି ବର୍ବରତା ସମ୍ପର୍କରେ ଜଣାଇଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ଅପହରଣ କରି ଚଳନ୍ତା ଗାଡ଼ି ଭିତରେ ଜୋରଜବରଦସ୍ତ ଦୁଷ୍କର୍ମ କରିଥିବା ସେମାନେ ଅଭିଯୋଗ କରିଥିଲେ। ପୁଲିସ ପୀଡ଼ିତା ଦ୍ୱୟଙ୍କ ବୟାନ ରେକର୍ଡ କରିବା ସହ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଛି। ପୀଡ଼ିତାମାନେ ନାବାଳିକା ହୋଇଥିବାରୁ ପକ୍‌ସୋ ଆଇନ ଅଧୀନରେ ମାମଲା ରୁଜୁ କରାଯାଇଛି।

## ୱେବ୍ ସିରିଜ୍ ଦେଖି ସ୍ତ୍ରୀକୁ ହତ୍ୟା କଲା ସଫ୍ଟୱେର୍ ଇଞ୍ଜିନିୟର

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ୱେବ୍ ସିରିଜ୍‌ରୁ ପ୍ରେରଣା ପାଇ ନିଜ ସ୍ତ୍ରୀକୁ ନିର୍ମମ ଭାବେ ହତ୍ୟା କରିବା ପରେ ନଗଦ ୧୨ ଲକ୍ଷ ୭୫ ହଜାର ଟଙ୍କା ଧରି ଫେରାର ହୋଇଯାଇଥିବା ଜଣେ ୬୨ ବର୍ଷୀୟ ସଫ୍ଟୱେର୍ ବିଶେଷଜ୍ଞଙ୍କୁ ଦିଲ୍ଲୀ ପୁଲିସ ମଥୁରାରୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୩୦ ତାରିଖ ଦିନ ପୂର୍ବ ଦିଲ୍ଲୀରେ ଅଭିଯୁକ୍ତ କମଲ ସିଂହ ସମ୍ପତ୍ତି ବିବାଦକୁ ନେଇ ସ୍ତ୍ରୀ କୋମଲ ସିଂଙ୍କୁ ଖଣ୍ଡାରେ ଆକ୍ରମଣ କରି ହତ୍ୟା କରିଥିଲେ। ହତ୍ୟା ପରେ ସେ ରକ୍ତଭିଜା ପୋଷାକ ଓ ଖଣ୍ଡାକୁ ଗୋଟିଏ ବ୍ୟାଗ୍‌ରେ ରଖି ଫିଙ୍ଗି ଦେଇଥିଲେ ଏବଂ ନିଜ ସ୍ତ୍ରୀଙ୍କ ଆଲମାରୀରୁ ଓ ବ୍ୟାଙ୍କ ଆକାଉଣ୍ଟରୁ ମୋଟ ୧୨, ୭୫, ୦୦୦ ଟଙ୍କା ଉଠାଇ ନେଇ ନେପାଳ ପଳାଇବାକୁ ଯୋଜନା କରିଥିଲେ। ଅଭିଯୁକ୍ତ ଜଣକ ପୋଲିସକୁ ବିଭ୍ରାନ୍ତ କରିବା ପାଇଁ ମୋବାଇଲ୍ ଫୋନ୍ ବନ୍ଦ କରି ମଥୁରା ପଳାଇଥିଲେ। ପୁଲିସଘଟଣାର ତଦନ୍ତ କରି ସିସିଟିଭି ଏବଂ ଡିଜିଟାଲ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଗିରଫ କରିବା ସହ ସମସ୍ତ ଟଙ୍କା ଜବତ କରିଛି।

## ଆମେରିକାରେ ଭାରତୀୟ ବଂଶୋଦ୍ଭବ ଗବେଷକଙ୍କ ମୃତଦେହ ଉଦ୍ଧାର

ୱାଶିଂଟନ୍, ୭।୮ (ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। 'ୟୁନିଭରସିଟି ଅଫ୍ କାଲିଫର୍ଣ୍ଣିଆ, ସାନ୍ତା ବାରବାରା'ରେ କେମିକାଲ୍ ଇଞ୍ଜିନିୟରିଂରେ ପିଏଚ୍‌ଡି କରୁଥିବା ଭାରତୀୟ ବଂଶୋଦ୍ଭବ ଛାତ୍ର ବିକ୍ରମ ମୁବାୟୀଙ୍କ ମୃତଦେହ ସ୍ଥାନୀୟ ଜଙ୍ଗଲରୁ ଉଦ୍ଧାର କରାଯାଇଛି। କାଲିଫର୍ଣ୍ଣିଆର ବିଗ୍ ପାଇନ୍ ଲେକ୍ସ ଅଞ୍ଚଳକୁ ଏକାକୀ ଟ୍ରେକିଂ ବା ହାଇକିଂରେ ଯାଇଥିବା ସମୟରେ ସେ ନିଖୋଜ ହୋଇଯାଇଥିଲେ। ସୂଚନା ଅନୁଯାୟୀ, ଅଗଷ୍ଟ ୧ ତାରିଖ ରାତି ପ୍ରାୟ ୮.୩୦ରେ ବିକ୍ରମ ନିଜ ପରିବାରକୁ ନିଜର ଜିପିଏସ୍ ଲୋକେସନ୍ ପଠାଇ ଶେଷଥର ପାଇଁ ଯୋଗାଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର କୌଣସି ପତ୍ତା ନମିଳିବାରୁ ପରିବାର ଲୋକେ ନିଖୋଜ ନେଇ ଅଭିଯୋଗ କରିଥିଲେ। ଇନ୍‌ୟୋ କାଉଣ୍ଟି ସର୍ଚ୍ଚ ଆଣ୍ଡ ରେସକ୍ୟୁ ଏବଂ ହାଇୱେ ପୁଲିସ ଦ୍ୱାରା ଆରମ୍ଭ ହୋଇଥିବା ସନ୍ଧାନ ଅଭିଯାନ ପରେ ଅଗଷ୍ଟ ୩ ତାରିଖ ସନ୍ଧ୍ୟାରେ ଇନ୍‌ୟୋ ନ୍ୟାସନାଲ ଫରେଷ୍ଟରୁ ତାଙ୍କ ମୃତଦେହ ଜବତ ହୋଇଥିଲା। ମୃତ୍ୟୁର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ମାତ୍ର ଏଥିରେ କୌଣସି ହତ୍ୟାକାଣ୍ଡ ବା ଷଡ଼ଯନ୍ତ୍ରର ଆଶଙ୍କା ନଥିବା ତଦନ୍ତକାରୀ କହିଛନ୍ତି। ହଂକଂରେ ଜନ୍ମିତ ବିକ୍ରମ ଜଣେ ଅଭିଜ୍ଞ ହାଇକର ଓ ସାଇକ୍ଲିଷ୍ଟ ଥିଲେ।

**କେନ୍ଦ୍ର ସରକାରଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ପ୍ରଶ୍ନ**

# 'ଯନ୍ତରମନ୍ତରକୁ କାହିଁକି ବନ୍ଦ କରାଯିବ ନାହିଁ'

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ରାଜଧାନୀ ଦିଲ୍ଲୀର ପ୍ରମୁଖ ଆନ୍ଦୋଳନ ସ୍ଥଳ ଯନ୍ତରମନ୍ତରରେ ବାରମ୍ବାର ବିକ୍ଷୋଭ ପ୍ରଦର୍ଶନ ଯୋଗୁଁ ସାଧାରଣ ନାଗରିକଙ୍କ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଥିବାରୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ କଡ଼ା ପ୍ରଶ୍ନ କରିଛନ୍ତି। କ୍ରମାଗତ ବିରୋଧ ପ୍ରଦର୍ଶନ ସହରରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଏହି ପ୍ରଦର୍ଶନ ସ୍ଥଳକୁ ସମ୍ପୂର୍ଣ୍ଣ ବନ୍ଦ କାହିଁକି କରାଯିବ ନାହିଁ ବୋଲି ହାଇକୋର୍ଟ ପଚାରିଛନ୍ତି। ଯନ୍ତରମନ୍ତର ଅଞ୍ଚଳରେ ହେଉଥିବା ଆନ୍ଦୋଳନର ପ୍ରଭାବକୁ ନେଇ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ଖଣ୍ଡପୀଠ ଏହି ମନ୍ତବ୍ୟ ଦେଇଛନ୍ତି। ଏହି ସ୍ଥାନଟି ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ଉଦ୍ଦେଶ୍ୟ ସାଧନ କରୁଛି କି ନାହିଁ, ସେ ନେଇ କେନ୍ଦ୍ର ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବଡ଼ ଧରଣର ବିକ୍ଷୋଭ ହେଲେ ପ୍ରଶାସନ ବାରମ୍ବାର ସମାନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏହାକୁ ଦିଲ୍ଲୀର ପ୍ରାଥମିକ ଆନ୍ଦୋଳନ ସ୍ଥଳ ଭାବେ ବଜାୟ ରଖାଯିବା ଉଚିତ କି ନୁହେଁ, ସେ ନେଇ ସ୍ପଷ୍ଟୀକରଣ ମଗାଯାଇଛି। ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ମୌଳିକ ଅଧିକାର ଏବଂ ସାଧାରଣ ଜନତାଙ୍କ ସୁବିଧା, ସୁରକ୍ଷା ଓ ଜରୁରୀକାଳୀନ ସେବାର ସୁଫଳ ପାଇବା ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ଆଇନଗତ ଆଲୋଚନା ଚାଲିଥିବା ସମୟରେ ହାଇକୋର୍ଟଙ୍କ ଏହି ମନ୍ତବ୍ୟ ଆସିଛି। ଏହି ସପ୍ତାହ ଆରମ୍ଭରେ ସୁପ୍ରିମକୋର୍ଟ ମଧ୍ୟ ଅନ୍ୟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଅପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ସ୍ଥାନୀୟ ବାସିନ୍ଦା ଓ ପଥଚାରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏକ ବିକଳ୍ପ ଆନ୍ଦୋଳନ ସ୍ଥଳ ଚିହ୍ନଟ କରିବା ପାଇଁ କେନ୍ଦ୍ର ସରକାର, ଦିଲ୍ଲୀ ସରକାର ଏବଂ ଦିଲ୍ଲୀ ପୋଲିସକୁ ଜବାବ ମାଗିଥିଲେ। ଦୀର୍ଘ ଦିନରୁ ଯନ୍ତରମନ୍ତର ଦିଲ୍ଲୀର ମୁଖ୍ୟ ପ୍ରଦର୍ଶନ ସ୍ଥଳ ଭାବେ ବ୍ୟବହୃତ ହୋଇଆସୁଛି। ମାତ୍ର ସାମ୍ପ୍ରତିକ ସମୟରେ ହୋଇଥିବା ବିଶାଳ ଆନ୍ଦୋଳନଗୁଡ଼ିକ ଯୋଗୁଁ ସହରର ଶାନ୍ତିଶୃଙ୍ଖଳା ଓ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଥିବାରୁ ଏହି ସ୍ଥାନର ଉପଯୁକ୍ତତା ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଦ୍ୱନ୍ଦ୍ୱ ବଢ଼ାଇଲା କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର

# ରାଜ୍ୟରେ ବାସ୍ତବ ଚାଷୀ କେତେ ?



**ଫସଲ ବୀମାରେ ଉପକୃତ ହେଉଛନ୍ତି ୧.୧୫ କୋଟି ଚାଷୀ**

**୩୪.୬୨ ଲକ୍ଷ କୃଷକଙ୍କୁ ମିଳୁଛି ପିଏମ୍ କିଷାନ ସହାୟତା**

**କିଷାନ କ୍ରେଡିଟ୍ କାର୍ଡର ଖାତା ୨୯.୭୩ ଲକ୍ଷରେ ସୀମିତ**

**ଡିଜିଟାଲ କୃଷି ମିଶନରେ ମାତ୍ର ୨୦,୭୮,୮୩୨ ପଞ୍ଜିକୃତ**

ନୂଆଦିଲ୍ଲୀ/ଭୁବନେଶ୍ୱର,୭ ।୮ (ସମିସ): ଓଡ଼ିଶାରେ ପ୍ରକୃତ ଚାଷୀଙ୍କ ସଂଖ୍ୟା କେତେ? ରାଜ୍ୟସଭାରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁରଙ୍କ ଉତ୍ତର ଏକ ନୂଆ ପ୍ରଶ୍ନକୁ ଜନ୍ମ ଦେଇଛି। ଓଡ଼ିଶାରେ ଚାଷୀଙ୍କ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଜ୍ୟମନ୍ତ୍ରୀ ରାମନାଥ ଠାକୁର ଯେଉଁ ତଥ୍ୟ ରଖିଛନ୍ତି, ସେଥିରେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟାରେ ତାରତମ୍ୟ ରାଜ୍ୟର କୃଷକ ସଂଖ୍ୟା ଓ ହିତାଧିକାରୀ କୃଷକଙ୍କ ସଂଖ୍ୟାକୁ ନେଇ ସୃଷ୍ଟି ହୋଇଛି ବିବାଦ ।

ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ, ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ୧.୧୫ କୋଟି ଚାଷୀ ଉପକୃତ ହୋଇଥିବା ବେଳେ ସେମାନଙ୍କୁ ୭,୨୧୯.୦୩ କୋଟି ଟଙ୍କା କ୍ଷତିପୂରଣ ଦିଆଯାଇଛି। କିନ୍ତୁ ପିଏମ୍-କିଷାନ ସମ୍ମାନ ନିଧି ଅଧୀନରେ ମାତ୍ର ୩୪,୬୨,୯୩୨ ଜଣ କୃଷକ ୨୩ତମ କିସ୍ତିର ସହାୟତା ପାଇଛନ୍ତି। ସେହିପରି ରାଜ୍ୟରେ କିଷାନ କ୍ରେଡ଼ିଟ୍ କାର୍ଡ ଖାତା ସଂଖ୍ୟା ୨୯.୭୩ ଲକ୍ଷ ରହିଛି, ମାତ୍ର ଡିଜିଟାଲ କୃଷି ମିଶନ ଅଧୀନରେ ମାତ୍ର ୨୦,୭୮,୮୩୨ ଜଣ କୃଷକ ପଞ୍ଜିକୃତ ହୋଇଛନ୍ତି। ଏହି ଚାରୋଟି ଯୋଜନାରେ ଲାଭାର୍ଥୀ ସଂଖ୍ୟାରେ ବଡ଼ ପାର୍ଥକ୍ୟ ରାଜ୍ୟରେ ପ୍ରକୃତ କୃଷକ ସଂଖ୍ୟାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।

କେନ୍ଦ୍ର ସରକାର କହିଛନ୍ତି, ଓଡ଼ିଶାରେ କୃଷକ କଲ୍ୟାଣ ପାଇଁ ୨୯ଟି କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରାୟୋଜିତ ଯୋଜନା କାର୍ଯ୍ୟକାରୀ ହେଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ କେବଳ କୃଷି ଓ କୃଷକ କଲ୍ୟାଣ ବିଭାଗ ଅଧୀନରେ ବିଭିନ୍ନ ଯୋଜନା ପାଇଁ ୪୭୦ କୋଟି ଟଙ୍କାରୁ ଅଧିକ ଅନୁଦାନ ଜାରି କରାଯାଇଛି। ପିଏମ୍ କିଷାନ ଯୋଜନାରେ ଓଡ଼ିଶାର କୃଷକମାନଙ୍କୁ ଏପର୍ଯ୍ୟନ୍ତ ୧୫,୧୯୪.୫୨ କୋଟି ଟଙ୍କା ୨୩ଟି କିସ୍ତିରେ ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ପରିବର୍ତ୍ତିତ ସୁଧ ସବସିଡି ଯୋଜନା ଅଧୀନରେ ରାଜ୍ୟର ୨୯.୭୩ ଲକ୍ଷ କିଷାନ କ୍ରେଡ଼ିଟ୍ କାର୍ଡ ଖାତା ରହିଥିବା ବେଳେ ୨୦୨୫-୨୬ରେ ୪୨୦.୫୮ କୋଟି ଟଙ୍କା ସୁଧ ସବସିଡି ପ୍ରଦାନ କରାଯାଇଛି।

୨୦୨୫-୨୬ରେ କେନ୍ଦ୍ର ପ୍ରାୟୋଜିତ ଯୋଜନାମାନଙ୍କ ମଧ୍ୟରୁ କୃଷି ଯାନ୍ତ୍ରିକୀକରଣ ଉପ-ମିଶନ ପାଇଁ ସର୍ବାଧିକ ୧୦୫.୪୪ କୋଟି ଟଙ୍କା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପାଇଁ ୮୨.୮୭ କୋଟି, କୃଷି ସମ୍ପ୍ରସାରଣ ଉପ-ମିଶନ ପାଇଁ ୫୦ କୋଟି, ପର୍ ଡ୍ରପ୍ ମୋର୍ କ୍ରପ୍ ପାଇଁ ୪୮.୭୮ କୋଟି, ଜାତୀୟ ଖାଦ୍ୟ ସୁରକ୍ଷା ଓ ପୁଷ୍ଟି ମିଶନ ପାଇଁ ୩୮.୩୫ କୋଟି ଏବଂ ଡିଜିଟାଲ କୃଷି ମିଶନ ପାଇଁ ୧୯.୩୩ କୋଟି ଟଙ୍କା ମଞ୍ଜୁର ହୋଇଛି। ତେବେ ରାଜ୍ୟରେ ଯଦି ୧.୧୫ କୋଟି କୃଷକ ଫସଲ ବୀମାର ଲାଭ ପାଇଛନ୍ତି, ତେବେ ପିଏମ୍ କିଷାନରେ ୩୪.୬୨ ଲକ୍ଷ କୃଷକ କିପରି ରହିଛନ୍ତି? ଅବଶିଷ୍ଟ କୃଷକମାନଙ୍କୁ କାହିଁକି ପିଏମ୍ କିଷାନରେ ସାମିଲ କରାଯାଇ ନାହିଁ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି ।

# ଆମାଜନ୍ ଇଣ୍ଡିଆ- ରାଜ୍ୟ ସରକାର ବୁଝାମଣା



ଇ-କମର୍ସରେ ୧.୩୦ ଲକ୍ଷରୁ ଅଧିକ ବୁଣାକାର ଓ କାରିଗରଙ୍କ ସହ ଯୋଡ଼ିହେବ ଆମାଜନ

ଭୁବନେଶ୍ୱର,୭ ।୮ (ସମିସ): ଜାତୀୟ ହସ୍ତଶିଳ୍ପ ଦିବସ ପାଳନ ଅବସରରେ ଆମାଜନ ଇଣ୍ଡିଆ ଓଡିଶାର ୧.୩୦ ଲକ୍ଷରୁ ଅଧିକ ବୁଣାକାର ଓ କାରିଗରଙ୍କ ପାଇଁ ଇ-କମର୍ସର ଲାଭ ଆଣିବା ପାଇଁ ଓଡିଶା ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶାଳୟ ସହ ଏକ ଏମଓୟୁ ସ୍ୱାକ୍ଷର କରିଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟୀ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ସୂର୍ଯ୍ୟ ପଟ୍ଟନାୟକ, ହସ୍ତଶିଳ୍ପ ବିଭାଗର କମିଶନର ଗୁହା ପୁନମ ତାପସ କୁମାରଙ୍କ ଉପସ୍ଥିତିରେ ଏ ସଂକ୍ରାନ୍ତରେ ଏକ ସ୍ୱାକ୍ଷରିତ ହୋଇଛି। ଏହି ସହଭାଗିତାର ଅଂଶ ଭାବେ ବୟନଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ସୁପାରିଶ କରାଯାଇଥିବା ଯୋଗ୍ୟ ବୁଣାକାର ଓ କାରିଗରମାନଙ୍କୁ ଆମାଜନ କାରିଗର ଅଧିନରେ ନିଯୁକ୍ତ କରାଯିବ। ଏହାଦ୍ୱାରା କାରିଗର ଓ ବୁଣାକାରମାନଙ୍କୁ ଅନ୍‌ଲାଇନରେ ବିକ୍ରି କରିବା ପାଇଁ ସହଯୋଗ କରାଯିବ। ଏହା ମାଧ୍ୟମରେ ବିକ୍ରେତାମାନେ ସମ୍ବଲପୁରୀ ବାନ୍ଧ, ଓଡିଶା ଇକ୍କତ, ଖଣ୍ଡୁଆ, ହସପୁରୀ ଓ ଧଳାପଥର ଫ୍ୟାବ୍ରିକ୍ସ ଭଳି ରାଜ୍ୟର ୯ଟି ଜିଆଇ-ଟ୍ୟାଗ୍‌ଡ ହସ୍ତଶିଳ୍ପ ଉତ୍ପାଦ ସମେତ ଓଡିଶାର ପ୍ରମାଣିତ ହସ୍ତଶିଳ୍ପ ଉତ୍ପାଦଗୁଡିକୁ ଦେଶବ୍ୟାପୀ ଗ୍ରାହକଙ୍କ ନିକଟରେ ପ୍ରଦର୍ଶିତ କରିବା ପାଇଁ ସକ୍ଷମ ହେବ। ଆମାଜନ ପକ୍ଷରୁ ସେଲରଙ୍କୁ ଆମାଜନ ଡଟ୍ ଇନରେ ନିଜର ବ୍ୟବସାୟ ନିର୍ମାଣ ଓ ବୃଦ୍ଧି କରିବାରେ ସାହାଯ୍ୟ କରିବା ପାଇଁ ସେଲରଙ୍କୁ ସେଲର ଅନ୍‌ବୋର୍ଡିଂ ସହଯୋଗ, ପ୍ରଶିକ୍ଷଣ, ପ୍ରାରମ୍ଭିକ ଆକାଉଂଟ ପରିଚାଳନା, ଇମେଜିଂ ଓ କାଟାଲଗିଙ୍ଗ ସହାୟତା ଏବଂ ମାର୍କେଟିଂ ସହଯୋଗ ଭଳି ଏକାଧିକ ଲାଭ ଓ ସହଯୋଗ ପ୍ରଦାନ କରାଯିବ।

ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି କହିଛନ୍ତି ଯେ ଓଡିଶାର ହସ୍ତଶିଳ୍ପ ପରମ୍ପରା ରାଜ୍ୟର ସାଂସ୍କୃତିକ ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହା ହଜାର ହଜାର କାରିଗର ଓ ବୁଣାକାର ପରିବାରକୁ ଜୀବିକା ପ୍ରଦାନ କରୁଛି। ଆମାଜନ କାରିଗର ସହିତ ଏହି ସହଭାଗିତା ମାଧ୍ୟମରେ ଆମେ ଆମର ହସ୍ତଶିଳ୍ପ ଅନୁଷ୍ଠାନଗୁଡିକ ପାଇଁ ଇକମର୍ସର ଉପଯୋଗ କରିବା ଲାଗି ନୂତନ ସୁଯୋଗ ସୃଷ୍ଟି କରିବା ସହିତ ଓଡିଶାର ହସ୍ତଶିଳ୍ପ ଉତ୍ପାଦଗୁଡିକର ପ୍ରାମାଣିକତା ଓ ଐତିହ୍ୟକୁ ସଂରକ୍ଷିତ ରଖୁଛୁ। ଆମାଜନ ଇଣ୍ଡିଆର ସେଲ୍ସ ଓ ମାର୍କେଟିଂ ବିଭାଗର ନିର୍ଦ୍ଦେଶକ ଅରୁଣା ଦରୟାନାନି କହିଛନ୍ତି ଯେ ଓଡିଶା ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶାଳୟ ସହ ଆମର ସହଭାଗିତା ସେହି ପ୍ରତିବଦ୍ଧତା ଉପରେ ନିର୍ମିତ ଏବଂ ଏହା ଆମାଜନ ଡଟ୍ ଇନ ମାଧ୍ୟମରେ ଭାରତର ଗ୍ରାହକଙ୍କ ପାଇଁ ପ୍ରାମାଣିକ ଓଡିଶା ହସ୍ତଶିଳ୍ପ ଉତ୍ପାଦ ଆଣିବାରେ ସାହାଯ୍ୟ କରିବ।

# ଦାବି ବଡ଼ବଡ଼, ନିବେଶ ଶୂନ: ବିଜେଡି




ଭୁବନେଶ୍ୱର,୭।୮ (ସମିସ): ସରକାର ନିବେଶ ସମ୍ମିଳନୀ କରୁଛନ୍ତି, ନିବେଶ ସଂକ୍ରାନ୍ତ ବଡ଼ବଡ଼ ଦାବି କରୁଛନ୍ତି; ମାତ୍ର ବାସ୍ତବରେ ନିବେଶ ପରିମାଣ ହେଉଛି ଶୂନ ବୋଲି କଟାକ୍ଷ କରିଛି ବିଜେଡି। ଶୁକ୍ରବାର ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ

**ଅପାରଗତା ଓଡ଼ିଶା ଛାଡୁଛନ୍ତି ଶିଳ୍ପ ଅନୁଷ୍ଠାନ**

ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାର ଗତ ଦୁଇ ବର୍ଷରେ ଦେଶ ତଥା ବିଦେଶର ବିଭିନ୍ନ ବିଭିନ୍ନ ସହରରେ ନିବେଶକ ସମ୍ମିଳନୀ ସାଙ୍ଗକୁ ଜାନୁଆରୀ ୨୦୨୫ରେ ଭୁବନେଶ୍ୱର ଠାରେ ଉତ୍କର୍ଷ ଓଡିଶା ଆୟୋଜନ କରିଥିଲେ। ସେତେବେଳେ ଓଡ଼ିଶାକୁ ୧୬.୭୩ ଲକ୍ଷ କୋଟି ନିବେଶ ପାଇଁ ପ୍ରସ୍ତାବ ଆସିଥିବା ଓ ୧୨. ୮୯ ଲକ୍ଷ କୋଟି ନିବେଶ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା ବୋଲି ସରକାର କହିଥିଲେ। ପୁଣି ହାଇଦ୍ରାବାଦ ନିବେଶକ ସମ୍ମିଳନୀ ପରେ ୬୭, ୦୦୦ କୋଟି ନିବେଶ ପ୍ରସ୍ତାବ ଆସିଥିବା କଥା କୁହାଗଲା। ମାତ୍ର ବାସ୍ତବରେ ଏହା ଯେ କେବଳ ବାହାସ୍ଫୋଟ ତାହା ଜଳଜଳ ଦିଶୁଛି । ସରକାର ଆସିବାର ୨ ବର୍ଷ ପୂରିଥିବାବେଳେ ଏହି ନିବେଶ କେଉଁଠି ହେଲା ତାହା କେହି ଜାଣି ପାରୁନାହାନ୍ତି।

ରାଜ୍ୟ ସରକାରଙ୍କ ଦାବି ତୁଳନାରେ କେତେ ପରିମାଣର ଗ୍ରାଉଣ୍ଡିଂ (ପ୍ରକୃତ ନିବେଶ) ହୋଇଛି, ତାର କୌଣସି ସ୍ପଷ୍ଟ ଚିତ୍ର ନାହିଁ। କେନ୍ଦ୍ର ସରକାରଙ୍କର ତଥ୍ୟ ଅନୁସାରେ, ଫରେନ ଡାଇରେକ୍ଟ ଇନଭେଷ୍ଟମେଣ୍ଟ (ଏଫଡିଆଇ) କ୍ଷେତ୍ରରେ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ଶାରେ ମାତ୍ର ୩୯ କୋଟି ନିବେଶ ହୋଇଛି, ଯାହା ଭାରତରେ ନିବେଶ ହୋଇଥିବାର ମାତ୍ର ୦.୦୦୯ ପ୍ରତିଶତ। ଓଡିଶାରେ କୌଣସି ବଡ଼ ନିବେଶକ କାମ ଆରମ୍ଭ କରିଥିବାର କୌଣସି ସୂଚନା ନାହିଁ। ପୂର୍ବ ସରକାରଙ୍କ ସମୟରେ ଏମଓୟୁ କରିଥିବା ଅନେକ ଶିଳ୍ପ ଅନୁଷ୍ଠାନ ଓଡିଶାରୁ ବିଦାୟ ନେଇଛନ୍ତି। ଆର୍ସେଲର ମିତ୍ତଲ ଦ୍ୱାରା କେନ୍ଦ୍ରାପଡାରେ ହେବାକୁ ଥିବା ବୃହତ ଇସ୍ପାତ ପ୍ରକଳ୍ପ, ଜେଏସଡବ୍ଲୁ ଦ୍ୱାରା ନରାଜ ଠାରେ ହେବାକୁ ଥିବ ଇଭି ପ୍ରକଳ୍ପ, ଏସ ରାମ ଏନ ରାମ କମ୍ପାନୀ ଦ୍ୱାରା ହେବାକୁ ଥିବା ସେମି କଣ୍ଡକ୍ଟର ପ୍ରକଳ୍ପ, ଚୌଦ୍ୱାର ଠାରେ ହେବାକୁ ଥିବା ଟେକ୍ସଟାଇଲ ପ୍ରକଳ୍ପ ସମେତ ଆହୁରି ଅନେକ ଗତ ଦୁଇ ବର୍ଷରେ ଓଡିଶା ଛାଡି ଅନ୍ୟ ରାଜ୍ୟକୁ ଚାଲି ଯାଇଛନ୍ତି। ସରକାରଙ୍କ ଅପାରଗତା ଯୋଗୁ ଏହି କମ୍ପାନୀ ମାନେ ଓଡିଶା ଛାଡି ଚାଲି ଯାଇଛନ୍ତି ବୋଲି ଡଃ ମହାନ୍ତି କହିଛନ୍ତି। ପରିଣାମ ସ୍ୱରୂପ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାର ଶିଳ୍ପ ପ୍ରଗତି ହାର ୯. ୬ ପ୍ରତିଶତ ଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ, ଏହା ୭.୯ ପ୍ରତିଶତକୁ ଖସି ଆସିଥିଲା। ସେହିପରି ଦେଶର ଷ୍ଟାର୍ଟଅପ ରାଙ୍କିଙ୍ଗରେ ଓ ରପ୍ତାନି ରାଙ୍କିଙ୍ଗରେ ଓଡ଼ିଶାର ସ୍ଥାନ ତଳକୁ ଖସିଛି ବୋଲି ସେ କହିଛନ୍ତି ।

### ତେଜିଲା ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

# ଦୁଇ ଦିନିଆ ଅହୋରାତ୍ର ଧାରଣା ଦେବ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୭।୮ (ସମିସ): ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ କରିଛି ଛାତ୍ର କଂଗ୍ରେସ। ଶିକ୍ଷା ବିଭାଗର ବିଭିନ୍ନ ସମସ୍ୟା, ପାଠ୍ୟପୁସ୍ତକରେ ତ୍ରୁଟି ଏବଂ ହେଉଥିବା ବେଳେ ସରକାର ଏଥିପ୍ରତି ଉଦାସୀନ ରହିଛନ୍ତି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରାଯାଉଥିବା ଅଭିଯୋଗ କରି ସେ ଏହା ବିରୋଧରେ ଛାତ୍ର କଂଗ୍ରେସର ଲଢ଼େଇ ଜାରି ରହିବ

**ଛାତ୍ର ସଂସଦ ନିର୍ବାଚନ ନ ହେଲେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ବିରୋଧ**

ଦୀର୍ଘଦିନ ଧରି ଛାତ୍ର ସଂସଦ ନିର୍ବାଚନ ନ ହେବାକୁ ନେଇ ଛାତ୍ର କଂଗ୍ରେସ ସରକାରଙ୍କୁ କଠୋର ସମାଲୋଚନା କରିଛି। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନବନିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ ରାଜ୍ୟର ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଅନେକ ସମସ୍ୟାର ସମ୍ମୁଖୀନ ବୋଲି କହିଛନ୍ତି। ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିବା ସହ ଏହି ଦାବିରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଦୁଇ ଦିନିଆ ଅହୋରାତ୍ର ଧାରଣା ଦିଆଯିବ ବୋଲି ବିଭୂତି କହିଛନ୍ତି।



ସେ କହିଛନ୍ତି, ମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଛାତ୍ର କଂଗ୍ରେସର ଆନ୍ଦୋଳନ ଜାରି ରହିବ। ସେହିପରି, ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ସରକାରଙ୍କୁ ଘେରିଛି ଛାତ୍ର କଂଗ୍ରେସ। ଦୁଇ ବର୍ଷ ଧରି ବିଶ୍ୱବିଦ୍ୟାଳୟ ଓ କଲେଜରେ ଛାତ୍ର ସଂସଦ ନିର୍ବାଚନ ନ ହେବାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଇସ୍ତଫା ଦେବାକୁ ଛାତ୍ର କଂଗ୍ରେସ ଦାବି କରିଛି। ସରକାର ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରନ୍ତୁ, ନଚେତ ଉଚ୍ଚଶିକ୍ଷା ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ବିଭୂତି କହିଛନ୍ତି। ଛାତ୍ର କଂଗ୍ରେସର ଦୁଇଟି ପ୍ରମୁଖ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବା ସହ ପାଠ୍ୟପୁସ୍ତକର ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜରେ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ, ଛାତ୍ର ସଂସଦ ନିର୍ବାଚନ ବିଫଳତା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଇସ୍ତଫା ଓ ଛାତ୍ରଛାତ୍ରୀଙ୍କ ଶିକ୍ଷା ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି।

# ଏଣିକି ସରକାରୀ ଚାକିରିରେ ସମାନ ସୁଯୋଗ ପାଇବେ ତୃତୀୟ ଲିଙ୍ଗୀ



ଭୁବନେଶ୍ୱର,୭ ।୮ (ସମିସ): ତୃତୀୟ ଲିଙ୍ଗ ବ୍ୟକ୍ତିମାନଙ୍କର ଅଧିକାର, ସୁରକ୍ଷା ଓ ଆତ୍ମସମ୍ମାନକୁ ସୁନିଶ୍ଚିତ କରିବା ସହ ଏଣିକି ତୃତୀୟ ଲିଙ୍ଗିମାନଙ୍କୁ ସରକାରୀ ଚାକିରିରେ ସମାନ ସୁଯୋଗ ଦିଆଯିବ। ଏଥିପାଇଁ ଆବେଦନପତ୍ର ଓ ନିଯୁକ୍ତି ନିୟମାବଳୀରେ "ତୃତୀୟ ଲିଙ୍ଗ' ବିକଳ୍ପ ସାମିଲ କରାଯିବ। ଏହାସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆବାସିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ସରକାରୀ ମେଡିକାଲ

**ଶିକ୍ଷା, ସ୍ୱାସ୍ଥ୍ୟ ଓ ଆବାସିକ ଅଧିକାରକୁ ସୁନିଶ୍ଚିତ କରିବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ**

କଲେଜଗୁଡ଼ିକରେ ବିନା ମୂଲ୍ୟରେ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସଭାପତିତ୍ୱରେ ଶୁକ୍ରବାର ଲୋକସେବାଭବନରେ ନବଗଠିତ "ଓଡ଼ିଶା ରାଜ୍ୟ ତୃତୀୟ ଲିଙ୍ଗ କଲ୍ୟାଣ ବୋର୍ଡ'ର ପ୍ରଥମ ବୈଠକରେ ତୃତୀୟଲିଙ୍ଗୀ ସମ୍ପ୍ରଦାୟର ସମାଜରେ ସମାନ ସୁଯୋଗ ଓ ସର୍ବାଙ୍ଗୀନ ବିକାଶ ପାଇଁ ଚାଲିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ୧% ସଂରକ୍ଷଣ, ଫି' ଛାଡ଼, ସ୍ୱତନ୍ତ୍ର ହଷ୍ଟେଲ ଓ ଶୌଚାଳୟ ସୁବିଧା ସାଙ୍ଗକୁ ବସୁନ୍ଧରା ଓ ପିଏମ୍ ଆବାସ ଯୋଜନାରେ ଜମି ଓ ଘର ଯୋଗାଇଦେବା, ପୁରୀଠାରେ ଏକ କମ୍ୟୁନିଟି ହଲ୍ ନିର୍ମାଣ ଏବଂ ତୃତୀୟ ଲିଙ୍ଗ ଓ ଏଲ୍‌ଜିବିଟି ସମ୍ପ୍ରଦାୟର ସଠିକ୍ ଗଣନା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହ ତୃତୀୟ ଲିଙ୍ଗଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ତୃତୀୟ ଲିଙ୍ଗ ସୁରକ୍ଷା ସେଲ୍' ଗଠନ, ସୋସିଆଲ ମିଡିଆରେ ଆକ୍ଷେପ ବା ଅପମାନ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସାଇବର ସୁରକ୍ଷା ସେଲ୍ ଏବଂ ଏକ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ଚାଲୁ କରିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଛି। ଏଥିରେ ବିଭାଗୀୟ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ, ନିର୍ଦ୍ଦେଶିକା ପାରୁଲ ପଟୱାରୀ, ଅତିରିକ୍ତ ସଚିବ ସୋନିଆ ବେହେରା, ଅତିରିକ୍ତ ସଚିବ ଦୀପକ ରାଉତରାଇଙ୍କ ସମେତ ବଲାଙ୍ଗିର ଜିଲ୍ଲାର ପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଟିଜି ସୁରକ୍ଷା ଟ୍ରଷ୍ଟ, ବାଲୁଗାଁର 'ଚେତନା' ଅନୁଷ୍ଠାନ ଏବଂ ତୃତୀୟ ଲିଙ୍ଗି ସମ୍ପ୍ରଦାୟର ସଦସ୍ୟମାନେ ଯୋଗଦେଇ ନିଜର ପ୍ରସ୍ତାବ ରଖିଥିଲେ।

# ମୁକ୍ତ କାରାଗାର ମନିଟରିଂ କମିଟିକୁ ଭିତ୍ତିଭୂମି ଯୋଗାଇବାକୁ ନିର୍ଦ୍ଦେଶ

**୩ ସପ୍ତାହରେ ଷ୍ଟାଟସ୍ ରିପୋର୍ଟ ତଲବ**

କଟକ,୭ ।୮ (ସମିସ): ରାଜ୍ୟରେ ମୁକ୍ତ କାରାଗାର ବା ଓପନ୍ କରେକ୍ସନାଲ୍ ଇନଷ୍ଟିଚ୍ୟୁସନ୍ସ (ଓସିଆଇ) ଗୁଡ଼ିକର ପରିଚାଳନା ପାଇଁ ଗଠିତ 'ମନିଟରିଂ କମିଟି'କୁ ଆବଶ୍ୟକ କର୍ମଚାରୀ, କାର୍ଯ୍ୟାଳୟ ଭିତ୍ତିଭୂମି ଏବଂ ସମସ୍ତ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ 'ସୁହାସ ଚାକମା ବନାମ କେନ୍ଦ୍ର ସରକାର' ମାମଲାର ରାୟ ଅନୁସାରେ ରାଜ୍ୟ ସରକାର ଗତ ଜୁଲାଇ ୨୮ ତାରିଖରେ ଏହି ମନିଟରିଂ କମିଟି ଗଠନ କରିଥିବା ନେଇ ଗୃହ ବିଭାଗ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଏହାକୁ ଗ୍ରହଣ କରିବା ସହ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କେବଳ କମିଟି ଗଠନ କରିଦେବା ଯଥେଷ୍ଟ ନୁହେଁ; ଏହାକୁ ସଚଳ ଓ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଓ ସଚିବାଳୟ ସୁବିଧା ଯୋଗାଇବା ଜରୁରୀ। ରାଜ୍ୟରେ ମୁକ୍ତ କାରାଗାରଗୁଡ଼ିକର ସ୍ଥାପନ, ପରିଚାଳନା ଓ ପ୍ରସାରର ନିରନ୍ତର ତଦାରଖ କରିବାକୁ କହିଛନ୍ତି ଖଣ୍ଡପୀଠ। ଏଥିସହିତ, ଏହି ନିର୍ଦ୍ଦେଶାବଳୀର କାର୍ଯ୍ୟକାରିତା, କମିଟିକୁ ଯୋଗାଇ ଦିଆଯାଇଥିବା ସୁବିଧା ସୁଯୋଗ ଏବଂ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ୩ ସପ୍ତାହ ମଧ୍ୟରେ ଏକ ବିସ୍ତୃତ 'ଷ୍ଟାଟସ୍ ରିପୋର୍ଟ' ଦାଖଲ କରିବାକୁ ରାଜ୍ୟ ଗୃହ ବିଭାଗକୁ କୁହାଯାଇଛି। ଏହି ଆଦେଶନାମାର ତୁରନ୍ତ କାର୍ଯ୍ୟକାରିତା ପାଇଁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରିବାକୁ ହାଇକୋର୍ଟ ରେଜିଷ୍ଟ୍ରାର୍ (ଜୁଡିସିଆଲ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଚିନ୍ତା ବଢ଼ାଉଛନ୍ତି ଲକ୍ଷଣବିହୀନ ଯକ୍ଷ୍ମା ସଂକ୍ରମିତ


# ଓଡ଼ିଶାରେ ୧୩,୨୭୧ଟି 'ହାଇରିସ୍କ' ଗ୍ରାମ ଚିହ୍ନଟ

ଭୁବନେଶ୍ୱର, ୭ ।୮ (ସୁମିତ୍ରା ସାହୁ):

**ତୃଣମୂଳ ସ୍ତରରୁ ଯକ୍ଷ୍ମା ପ୍ରତିହତ ପାଇଁ ସରକାରଙ୍କ ପଦକ୍ଷେପ**

**ଏଆଇ ମାଧ୍ୟରେ ଚିହ୍ନଟ ହୋଇଛି 'ହାଇ ରିସ୍କ ଭିଲେଜ୍'**

**ଗାଁ ଗାଁରେ କରାଯାଉଛି ଏକ୍ସ-ରେ ଓ ଲକ୍ଷଣର ସ୍କ୍ରିନିଂ**



ଭାରତକୁ ୨୦୨୫ ମସିହା ସୁଦ୍ଧା ସଂପୂର୍ଣ୍ଣ ଯକ୍ଷ୍ମାମୁକ୍ତ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିଲେ ହେଁ ଏଥିରେ ପୂର୍ଣ୍ଣ ସଫଳତା ମିଳିପାରି ନାହିଁ। ଏ କ୍ଷେତ୍ରରେ ସରକାରଙ୍କ ପାଇଁ ମୁଖ୍ୟ ସମସ୍ୟା ସାଜିଛନ୍ତି ଗ୍ରାମାଞ୍ଚଳର ଯକ୍ଷ୍ମା ଆକ୍ରାନ୍ତ। କୌଣସି ଲକ୍ଷଣ ନ ଥାଇ ଯକ୍ଷ୍ମା ସଂକ୍ରମିତ ଥିବା ଲୋକମାନେ ହିଁ ଏହି ରୋଗର ପ୍ରସାର କ୍ଷେତ୍ରରେ ପ୍ରମୁଖ ବାହକ ସାଜିଛନ୍ତି। ବର୍ତ୍ତମାନ ମୋଟ୍ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟାରୁ ୪୦ ପ୍ରତିଶତଙ୍କ ମଧ୍ୟରେ କୌଣସି ଲକ୍ଷଣ ପରିଲକ୍ଷିତ ହେଉ ନ ଥିବା ଜଣାପଡ଼ିଛି। ଫଳରେ ସେମାନଙ୍କ ଚତୁଃପାର୍ଶ୍ୱରେ ବସବାସ କରୁଥିବା ପରିବାର ସଦସ୍ୟ, ଟ୍ରେନ୍, ବସ୍ ଭଳି ପବ୍ଲିକ ଟ୍ରାନ୍ସପୋର୍ଟ କିମ୍ବା ଜନଗହଳି ସ୍ଥାନରେ କାଶ କିମ୍ବା ଛିଙ୍କ ମାଧ୍ୟମରେ ଏହା ଜଣଙ୍କଠାରୁ ଅନ୍ୟଜଣଙ୍କୁ ବ୍ୟାପୁଛି। ଏହାଦ୍ୱାରା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଲକ୍ଷଣ ଦେଖାଯାଉ ନ ଥିବାରୁ ସେମାନେ ରୋଗ ସମ୍ପର୍କରେ ଜାଣିପାରୁ ନାହାନ୍ତି। ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରୁ ଯକ୍ଷ୍ମା ରୋଗର ଚିହ୍ନଟ ପ୍ରକ୍ରିୟାକୁ ବ୍ୟାପକ କରିଛନ୍ତି।

ତୃଣମୂଳ ସ୍ତରରୁ ଗାଁ ଗାଁରେ ଲୋକଙ୍କୁ ପରୀକ୍ଷା କରିବା ଆରମ୍ଭ କରିଛନ୍ତି। ବିଶେଷକରି ଭଲ୍‌ନେରେବଲ୍ ଗ୍ରୁପ୍ (ଯାହା ପାଖରେ ଟିବି ହେବାର ସମ୍ଭାବନା ଅଧିକ ଥାଏ) ସେଠାରେ ଏହି ପରୀକ୍ଷାକୁ ଅଗ୍ରାଧିକାର ଦିଆଯାଉଛି। ଯକ୍ଷ୍ମା ଆକ୍ରାନ୍ତ କିମ୍ବା ରୋଗର ସମ୍ଭାବନା ରହିଥିବା ଗ୍ରାମଗୁଡ଼ିକ 'ହାଇ ରିସ୍କ ଗ୍ରାମ' ଭାବେ ଚିହ୍ନଟ କରାଯାଇଛି। ଏଆଇ (କୃତ୍ରିମ ବୁଦ୍ଧିମତା) ଦ୍ୱାରା ରାଜ୍ୟରେ ମୋଟ୍ ୧୩,୨୭୧ଟି ହାଇରିସ୍କ ଗ୍ରାମ ଚିହ୍ନଟ ହୋଇଥିବା ବେଳେ ୫୦ ପ୍ରତିଶତ ଗ୍ରାମରେ ସ୍କ୍ରିନିଂ ଶେଷ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ଗ୍ରାମଗୁଡ଼ିକରେ କ୍ୟାମ୍ପ କରାଯାଉଛି। ପରୀକ୍ଷା ପରେ ଜଣାପଡ଼ିଛି ଯେ ଗ୍ରାମାଞ୍ଚଳରେ ଅଧିକାଂଶ ରୋଗୀଙ୍କଠାରେ ଯକ୍ଷ୍ମାର କୌଣସି ଲକ୍ଷଣ ନାହିଁ। ଏଆଇ ଦ୍ୱାରା ଚିହ୍ନଟ ହେଉଥିବା ଏହି ରୋଗୀମାନଙ୍କ ମଧ୍ୟରେ ବୟସ୍କ, ଡାଇବେଟିକ୍ ରୋଗୀଙ୍କ ସଂଖ୍ୟା ଅଧିକ ରହିଥିବା ଜଣାପଡ଼ିଛି। ତେବେ ଏହି ପରୀକ୍ଷା ଅନୁସାରେ, ଯେଉଁମାନଙ୍କଠାରେ କୌଣସି ଲକ୍ଷଣ ନ ଥାଇ ବି ଏଆଇ ଏକ୍ସରେ ଆବ୍‌ନର୍ମାଲ (ସସ୍‌ପେକଟେଡ୍) ବୋଲି ସୂଚନା ମିଳେ, ସେହିମାନଙ୍କ କଫ ପରୀକ୍ଷା କରାଯାଇଥାଏ। କଫ ପରୀକ୍ଷାରେ ନେଗେଟିଭ୍ ରିପୋର୍ଟ ଆସିଲେ ମଧ୍ୟ ସେମାନଙ୍କୁ ବାଦ୍ ନ ଦେଇ ଉକ୍ତ ଏକ୍ସ-ରେ ରିପୋର୍ଟ ଡାକ୍ତରଙ୍କୁ ଦେଖାଯିବା ପରେ ରୋଗୀଙ୍କୁ ଔଷଧ ପ୍ରଦାନ କରାଯାଉଛି। ଏହାକୁ କ୍ଲିନିକାଲ ଡାଇଗ୍ନୋସିସ୍ କୁହାଯାଏ।

ଏନେଇ ରାଜ୍ୟ ଯକ୍ଷ୍ମା ଅଧିକାରୀ ଡ. ଅର୍ଘ୍ୟ ପ୍ରଧାନ କହିଛନ୍ତି, ଯକ୍ଷ୍ମାର ମୁଖ୍ୟ କାରଣ ହେଉଛି ସଚେତନତା ଅଭାବ, ଆଡିକସନ୍ (ନିଶାଦ୍ରବ୍ୟ-ମଦ୍ୟପାନ), ଶିକ୍ଷାର ଅଭାବ। ସଠିକ୍ ସମୟରେ ଡାଇଗ୍ନୋସିସ୍ ହୋଇ ନ ପାରିବା କାରଣରୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାସହିତ ଅନ୍ୟ ଏକ ମୁଖ୍ୟ କାରଣ ହେଉଛି, ମାଲ୍‌ନ୍ୟୁଟ୍ରିସନ୍ ବା କୁପୋଷଣ। ମୋଟ୍ ଲୋକସଂଖ୍ୟାରୁ ପ୍ରାୟ ୩୫ରୁ ୪୦ ପ୍ରତିଶତଙ୍କଠାରେ ଯକ୍ଷ୍ମା ଇନ୍‌ଫେକସନ୍ ଥାଏ, କିନ୍ତୁ ସେମାନଙ୍କୁ ଯକ୍ଷ୍ମା ରୋଗ ହୋଇ ନ ଥାଏ। ଯେତେବେଳେ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମିଯାଏ, ସେତେବେଳେ କୁପୋଷଣ କାରଣରୁ ଜଣେ ସହଜରେ ଯକ୍ଷ୍ମା ଆକ୍ରାନ୍ତ ହୋଇଥାଏ। ଏହାସହ ଏଚ୍‌ଆଇଭି ପଜିଟିଭ, ଡାଇବେଟିକ୍, ବୟସ୍କମାନଙ୍କର ସାଧାରଣତଃ ରୋଗପ୍ରତିରୋଧକ ଶକ୍ତି କମ୍ ରହିଥିବାରୁ ସେମାନଙ୍କ ଆଖପାଖରେ ଯଦି କୌଣସି ଯକ୍ଷ୍ମା ରୋଗୀ ରହିଥା'ନ୍ତି, ତେବେ ସେମାନେ ସଜହରେ ଆକ୍ରାନ୍ତ ହୋଇଥା'ନ୍ତି। ସୋସିଆଲ ଲିଭିଂ ଷ୍ଟାଟସ୍, ସୁଷମ ଖାଦ୍ୟ ନ ଖାଇବା, ଗହଳିରେ ରହିବା ଦ୍ୱାରା ଏହି ସଂକମ୍ରଣ ବୃଦ୍ଧି ପାଇଥାଏ। ତେଣୁ ଏହି ସମସ୍ତଦିଗରୁ ଦୃଷ୍ଟିରେ ରଖି ଜିଲ୍ଲା, ବ୍ଲକ, କିମ୍ବା ପଞ୍ଚାୟତ ନୁହେଁ; ତୃଣମୂଳ ସ୍ତରରେ ଯକ୍ଷ୍ମା ଚିହ୍ନଟ ପାଇଁ ଗାଁ ଗାଁରେ ଏହି କ୍ୟାମ୍ପେନ୍ ଆରମ୍ଭ ହୋଇଛି। ଗ୍ରାମ ସ୍ତରରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ପ୍ରତ୍ୟେକଙ୍କର ଅତ୍ୟାଧୁନିକ ମେସିନ୍ 'ସିବି-ନାଟ୍' ମାଧ୍ୟମରେ ପରୀକ୍ଷା କରାଯାଉଛି। ଏଆଇ ଦ୍ୱାରା ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍କ୍ରିନିଂ, ଏକ୍ସ-ରେ ପରେ ଯଦି ରୋଗର ଲକ୍ଷଣ ବିଷୟରେ ଜଣାପଡ଼େ, ଆବଶ୍ୟକ ପଡ଼ିଲେ କଫ ପରୀକ୍ଷା କରାଯାଇ ରୋଗ ଚିହ୍ନଟ କରାଯିବାର ସୁବିଧା ରହିଛି। ଏଥିପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ଯଦି ନିଜ ଅଞ୍ଚଳରେ କୌଣସି ବ୍ୟକ୍ତିଙ୍କଠାରେ ଲକ୍ଷଣ ଦେଖାଯାଏ, ଅବା ଯକ୍ଷ୍ମା ହୋଇଥିବା ସନ୍ଦେହ ଉପୁଜେ, ତେବେ ସେମାନଙ୍କ ସମ୍ପର୍କରେ ସରପଞ୍ଚ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରିବେ। ଆକ୍ରାନ୍ତ ଚିହ୍ନଟ ହୋଇପାରିଲେ ଉପଯୁକ୍ତ ସମୟରେ ଔଷଧ ପ୍ରଦାନ କରାଯାଇପାରିବ। ଏହାଦ୍ୱାରା ୨୦୩୦ ସୁଦ୍ଧା ଓଡ଼ିଶା ଟିବି ମୁକ୍ତ ବା ଯକ୍ଷ୍ମା ମୁକ୍ତ ହୋଇପାରିବ ବୋଲି ଡ. ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

୨୦୨୪ ମସିହା ଡିସେମ୍ବର ୭ ତାରିଖରେ ଟିବିମୁକ୍ତ ଭାରତ ୧.୦ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଯକ୍ଷ୍ମା ଦିବସ ଅବସରରେ ୨୦୨୬ ମାର୍ଚ୍ଚ ମାସ ୨୪ ତାରିଖରେ 'ଟିବି ମୁକ୍ତ ଭାରତ ଅଭିଯାନ ୨.୦' ଶହେ ଦିନିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

# ଜାଲିଆତି କରି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ୍

ବଡ଼ବିଲ,୭।୮ (ସମିସ)




ଜାଲିଆତି କରି ଏକାଧିକ ବ୍ୟାଙ୍କ ଗ୍ରାହକଙ୍କ ଆକାଉଣ୍ଟରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ୍ ଅଭିଯୋଗରେ ବଡ଼ବିଲ ପୁଲିସ ବାପ-ପୁଅଙ୍କୁ ଗିରଫ କରିଥିବା ଜଣାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ବ୍ୟାଙ୍କ ଗ୍ରାହକଙ୍କ ଜମାଅର୍ଥକୁ ଜାଲିଆତି କାଗଜପତ୍ର ଓ ବ୍ୟାଙ୍କଖାତାର ବେଆଇନ ପରିଚାଳନା କରି ଟଙ୍କା ହଡ଼ପ କରୁଥିବା ଏକ ସଂଗଠିତ ବ୍ୟାଙ୍କ ଠକେଇ ତଦନ୍ତରେ ପୁଲିସକୁ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ବଡବିଲ ବାସିନ୍ଦା ଅନିତା ଅଗ୍ରୱାଲଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୦ ଲକ୍ଷ ୩୪ ହଜାର ଟଙ୍କା ହଡପ୍ ହେବାନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ବଡ଼ବିଲ ପୁଲିସ ଏକ ମାମଲା ରୁଜୁକରି ପ୍ରାଥମିକ ତଦନ୍ତ ସମୟରେ ଅଭିଯୋଗକାରିଣୀ ଓ ବ୍ୟାଙ୍କ କର୍ମଚାରୀଙ୍କୁ ପଚରାଉଚରା କରିଥିଲା। ବ୍ୟାଙ୍କ୍ ଦସ୍ତାବିଜ ଏବଂ କଲ୍ ଡିଟେଲ୍ ରେକର୍ଡ ସମେତ ବିଭିନ୍ନ ଯାଞ୍ଚ କରିଥିଲା ପୁଲିସ। ମୁଖ୍ୟ ଅଭିଯୁକ୍ତ ଯଶପ୍ରିତ ସିଂହ ଓରଫ ଜସି, ଆଇସିଆଇସିଆଇ ବ୍ୟାଙ୍କର ଜଣେ ରିଲେସନସିପ୍ ମ୍ୟାନେଜର ଭାବେ କାର୍ଯ୍ୟରତ ଥିବା ସମୟରେ ଗ୍ରାହକମାନଙ୍କ ବିଶ୍ୱାସର ସୁଯୋଗ ନେଇ ଗ୍ରାହକ ଘରକୁ ଯାଇ ବ୍ୟାଙ୍କିଂ ସେବା ଯୋଗାଇବା ଆଳରେ ସେମାନଙ୍କ ବ୍ୟାଙ୍କ ଖାତାରେ ଜାଲିଆତି କରୁଥିଲେ। ତଦନ୍ତରୁ ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ ସେ ଗ୍ରାହକଙ୍କ ଦସ୍ତଖତ ଜାଲିଆତି କରିବା, ନକଲି ଫିକ୍ସଡ୍ ଡିପୋଜିଟ୍ ରସିଦ ପ୍ରଦାନ କରିବା, ଗ୍ରାହକଙ୍କ ବିନା ଅନୁମତିରେ ରେଜିଷ୍ଟର୍ଡ ମୋବାଇଲ୍ ନମ୍ବର ପରିବର୍ତ୍ତନ କରିବା, ଗ୍ରାହକଙ୍କ ଖାତାକୁ ବେଆଇନ ଭାବେ ପରିଚାଳନା କରିବା ଏବଂ ବିଭିନ୍ନ "ମ୍ୟୁଲ୍ ଆକାଉଣ୍ଟ' ମାଧ୍ୟମରେ ଅର୍ଥ ସ୍ଥାନାନ୍ତର କରି ଏହି ଠକେଇ କାର୍ଯ୍ୟ କରୁଥିଲା। ମୁଖ୍ୟ ଅଭିଯୁକ୍ତ ଯଶପ୍ରିତ୍ ସିଂହକୁ ଗତ ୩ ତାରିଖରେ କୋଲକାତାରୁ ଗିରଫ କରାଯାଇଥିବାବେଳେ ଏହି ଜାଲିଆତି କାର୍ଯ୍ୟରେ ତା'ର ପିତା ବିକ୍ରମ ସିଂହଙ୍କ ସମ୍ପୃକ୍ତି ଥିବା ପୁଲିସ ଜାଣିବା ପରେ ଗତକାଲି ୬ ତାରିଖରେ ବିକ୍ରମଙ୍କୁ ମଧ୍ୟ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଯଶପ୍ରିତଙ୍କ ଘର ମିନାଲ କଲୋନୀରେ ହୋଇଥିବାବେଳେ ବାପା ବିକ୍ରମ ସିଂହ ୧୫ ନମ୍ବର୍ ୱାର୍ଡରେ ବୋଲି ଜଣାଯାଇଛି।

**ଅଭିଯୁକ୍ତ ବାପ-ପୁଅ ଗିରଫ**

## ପ୍ରେମ ବିବାହ ପରେ ନିର୍ଯାତନା; ସ୍ୱାମୀ ଗିରଫ



ହାଟଡିହୀ/ଆନନ୍ଦପୁର, ୭।୮(ସମିସ): ହାଟଡିହୀ ବ୍ଲକ୍ ଆନନ୍ଦପୁର ଥାନା ଅଧୀନ ପଞ୍ଚୁଗୋଛିଆ ଗ୍ରାମର ହରିହର ଦାସ(୨୫) ପଞ୍ଚୁଗୋଛିଆ ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ପୂଜାରାଣୀ ମଲ୍ଲିକଙ୍କୁ ୨ ମାସ ତଳେ ପ୍ରେମ ବିବାହ କରିଥିଲେ। ୨ ମାସ ପରେ ସ୍ତ୍ରୀ ପୂଜାରାଣୀଙ୍କୁ ତାଙ୍କ ସ୍ୱାମୀ ହରିହର ଦାସ ନିର୍ଯାତନା ଦେବାରୁ ଏନେଇ ପୂଜାରାଣୀ ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ପୂଜାରାଣୀଙ୍କ ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଜଣକ ତାଙ୍କ ସହିତ ମୋବାଇଲ୍ ଫୋନ୍ ମାଧ୍ୟମରେ ଗତ ଏକ ବର୍ଷ ଧରି ବନ୍ଧୁତା ରଖି ଆସୁଥିଲେ। ଜୁନ୍, ୨୦୨୬ରେ ସେ ତାଙ୍କୁ ଯାଜପୁର ନେଇ କୋର୍ଟରେ ବିବାହ କରିଥିଲେ। ତାଙ୍କ ସହିତ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ। ଅଭିଯୁକ୍ତ ସ୍ୱାମୀ ହରିହର ପୂର୍ବରୁ ବିବାହିତ ବୋଲି ପୂଜାରାଣୀଙ୍କୁ ଲୁଚାଇ ରଖିଥିଲେ। ସେସବୁ ସତ୍ୟତା ପଦାକୁ ଆସିଲା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ସହ ହରିହର ସ୍ତ୍ରୀ ପୂଜାରାଣୀଙ୍କୁ ନିର୍ଯାତନା ଦେବାରୁ ସେ ଥାନାରେ ଅଭିଯୋଗ କରିଥିଲେ। ଆନନ୍ଦପୁର ପୁଲିସ ମାମଲା ରୁଜୁକରି ଅଭିଯୁକ୍ତ ହରିହର ଦାସକୁ ଗିରଫ କରିଛି।

## ବିବାହିତା ମହିଳା ନିଖୋଜ

ହାଟଡିହୀ,୭।୮ (ସମିସ): ନନ୍ଦିପଦା ଥାନା ଇଞ୍ଜୋଳ ଗ୍ରାମର ଜଣେ ମହିଳା ନିଖୋଜ ହେବା ନେଇ ତାଙ୍କ ଶାଶୂ ଥାନାରେ ଅଭିଯୋଗ କରିଛନ୍ତି। ପାର୍ବତୀ ନାୟକଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ପୁଲିସ୍ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଗୁରୁବାର ଶାଶୂ ପାର୍ବତୀ ନାୟକ କୌଣସି କାମରେ ନିକଟସ୍ଥ ବଜାରକୁ ଯାଇଥିଲେ। ଫେରିବା ପରେ ଘରେ ତାଙ୍କ ବୋହୂ ନମିତା ନାୟକ ନଥିବା ଜାଣିଥିଲେ। ଶାଶୂଘର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ନମିତାଙ୍କ ସ୍ୱାମୀ ସୁଶାନ୍ତ ବାହାରେ ରହି କାର୍ଯ୍ୟ କରନ୍ତି।

## ସ୍ୱେଚ୍ଛାକୃତ ସେବା ପାଇଁ ଛାତ୍ରଛାତ୍ରୀ ଓ କଳାକାର ସମ୍ମାନିତ



ଚମ୍ପୁଆ, ୭।୮(ସମିସ): ଚଳିତବର୍ଷ ଚମ୍ପୁଆ ଦଧିବାମନଜୀଉଙ୍କ ଅନୁଷ୍ଠିତ ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ସୁରୁଖୁରୁରେ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିଥିବା ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଓ କଳାକାରମାନଙ୍କୁ ସମ୍ମାନିତ କରାଯାଇଛି। ଦେବୋତ୍ତର ବିଭାଗ ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ସେମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେବୋତ୍ତର ବିଭାଗର ମୁଖ୍ୟ ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଥାନାଧିକାରୀ ସ୍ୱରୂପ ରଂଜନ ନାୟକ, ସହକାରୀ ଜିଲାପାଳ ସୋମେନ୍ଦ୍ର ଦାସ, ଫୁଲରାଇ ଦେହୁରୀ, ପିଏମଶ୍ରୀ ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଶଚନ୍ଦ୍ର ପ୍ରଧାନ, ଏନସିସି ଶିକ୍ଷକ ବସନ୍ତ ମହାନ୍ତ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୂର୍ବତନ ପ୍ରଧାନଶିକ୍ଷକ ଧରଣୀଧର ଦାସ, ମନ୍ଦିରର ପୂଜକ ଚମ୍ପେକିଶୋର ମିଶ୍ର ଏବଂ ମନ୍ଦିର କମିଟିର ସଦସ୍ୟ ଧୀରଜ ଚଉଡ଼ା, ତରୁଣ ସାହୁ, ବିଷ୍ଣୁଚରଣ ପାଣି, ପ୍ରେମଚାନ୍ଦ ପୋଦାର, ଅନିଲ ସାହୁ, ସରପଞ୍ଚ ସନ୍ତୋଷ ନାଏକ ଓ ସୁବାସ ରାମ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛାତ୍ରଛାତ୍ରୀ, କଳାକାର, ମନ୍ଦିର କମିଟି ସଦସ୍ୟ ଓ ଉପସ୍ଥିତ ଅତିଥି ଏକାଠି ପ୍ରସାଦ ସେବନ କରିଥିଲେ।

## ରାଜ୍ୟସ୍ତରୀୟ ଜୁନିଅର ରେଡକ୍ରସ କ୍ଷମତା ବିକାଶ ପ୍ରଶିକ୍ଷଣ ଉଦ୍‌ଘାଟିତ




କେନ୍ଦୁଝର, ୭।୮(ସମିସ): ପିଏମଶ୍ରୀ ଡିଏନ ଉଚ୍ଚବିଦ୍ୟାଳୟଠାରେ ଜୁନିଅର ରେଡକ୍ରସ ଉତ୍ତର ଜୋନ ଜିଲ୍ଲାଗୁଡ଼ିକର ସମନ୍ୱୟକାରୀଙ୍କ ପାଇଁ ତିନିଦିନିଆ ତାଲିମ ଶିବିର ଶୁକ୍ରବାର ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ୭ଟି ଜିଲ୍ଲାରୁ ୮୦ ଜଣ ପରାମର୍ଶଦାତା ଯୋଗ ଦେଇଛନ୍ତି। କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବରେ ଏସକେ. ଇଯାଜ ଇକବାଲ, ଜିଲ୍ଲା ପ୍ରୋଜେକ୍ଟ ଅଫିସର, ସମ୍ମାନିତ ଅତିଥିଭାବରେ ଏଆର. ଖାନ ଯୁଗ୍ମ ସମ୍ପାଦକ କେନ୍ଦୁଝର ଜୁନିଅର ରେଡକ୍ରସ, ଶାଖା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଲକ୍ଷ୍ମଣ ସ୍ୱାଇଁ, ଓଡିଶା ରାଜ୍ୟ ଜୁନିଅର ରେଡକ୍ରସ ଅଫିସର, ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ପ୍ରଶାନ୍ତ ପରିଡା, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ତୃପ୍ତିମୟୀ ବାରିକ, ଲକ୍ଷ୍ମୀନାରାୟଣ ଶି, ପୁରୁଷୋତ୍ତମ ସିଂହ, ସମରଜିତ ସିଂହ, କ୍ଷୀରୋଦଚନ୍ଦ୍ର ବେହେରା, ପ୍ରଜ୍ଞାବତୀ ସିଂହ, ଗୌତମ ମହାନ୍ତ, ଅଜୟ ପ୍ରଧାନ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷାକର୍ମୀ ପ୍ରମୁଖ କାର୍ଯ୍ୟ ସଞ୍ଚାଳନ କରିଥିଲେ।

## ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ

ହାଟଡିହୀ,୭।୮ (ସମିସ): ହାଟଡିହୀ ବ୍ଲକର ପଠାଣିସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ମତାବାଜ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ପ୍ରୀତିଶ୍ କୁମାର ନନ୍ଦ ଶତକଡା ୯୨.୨୫% ମାର୍କ ରଖି ବ୍ଲକ୍ ସ୍ତରରେ ଟପ୍ପର ହୋଇଥିବା ବେଳେ ମିଠିଗାଁ ପାଟଜାଗୁଲାଇ ଏମଇ ସ୍କୁଲର ହିମେଶ୍ ବେହେରା ଶତକଡ଼ା ୮୯.୫% ରଖି ଦ୍ୱିତୀୟ ଏବଂ ତରଭା ଜାଗୁଲାଇ ନୋଡାଲ୍ ୟୁପିଏସର ବିକାଶ କୁମାର ପଣ୍ଡା ଶତକଡ଼ା ୭୮% ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗୌରବ ନନ୍ଦ ଶତକଡ଼ା ୭୪.୨୫%, ଅଂଶୁମାନ ଭୋଇ ଶତକଡା ୬୪.୭୫%, ପ୍ରିୟବ୍ରତ ରାଉତ ଶତକଡ଼ା ୬୩%, ଶିବାନୀ ବିଶ୍ୱାଳ ଶତକଡ଼ା ୬୧.୭୫%, ସ୍ୱର୍ଣ୍ଣଲକ୍ଷ୍ମୀ ସାହୁ ଶତକଡ଼ା ୫୯.୨୫%, ବିଷ୍ଣୁପ୍ରିୟା ବେହେରା ଶତକଡ଼ା ୫୯.୨୫% ଓ ଶ୍ରୀୟାଂଶ ଦାଶ ଶତକଡ଼ା ୫୮.୨୫% ପ୍ରତିଶତରେ କୃତକାର୍ଯ୍ୟ ହୋଇଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କୁ ବିଇଓ ରାଜୀବ ଦଳେଇ, ଏବିଇଓ ପ୍ରମୋଦ ନାୟକ ଓ ପୂର୍ଣ୍ଣଚନ୍ଦ୍ର ଜେନା ଶୁଭେଚ୍ଛା ଜଣାଇଛନ୍ତି।

## ନର୍ସିଂ କଲେଜରେ ସ୍ତନ୍ୟପାନ ସପ୍ତାହ ସଚେତନତା




କେନ୍ଦୁଝର, ୭।୮(ସମିସ): କେନ୍ଦୁଝର ଉପକଣ୍ଠ ଡିମ୍ବୋସ୍ଥିତ ରୋଟାରିୟାନ୍ ଇଂ ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ନର୍ସିଂ କଲେଜରେ ଅନ୍ତର୍ଜାତୀୟ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦାନୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ସ୍ଥାପକ ରୋଟାରିୟାନ୍ ଇଂ ଦାନୀ ଏବଂ କଲେଜର ନିର୍ଦ୍ଦେଶକ ସି. ଦେବ ଦାନୀ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ, ପ୍ରିନ୍ସପାଲ, ଅଧ୍ୟାପକଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଚେତନତା ବାର୍ତ୍ତା ପାଠ, ପୋଷ୍ଟର ପ୍ରଦର୍ଶନ, ରଙ୍ଗୋଲି, ଚିତ୍ରାଙ୍କନ, ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତେ ମା' ଓ ଶିଶୁଙ୍କ ସୁସ୍ଥ ଭବିଷ୍ୟତ ପାଇଁ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ସହ ସମାଜରେ ଏହାର ସଚେତନତା ବୃଦ୍ଧି ପାଇଁ ସଂକଳ୍ପ ଗ୍ରହଣ କରିଥିଲେ। ପୁରସ୍କାର ବିତରଣ, ମିଷ୍ଟାନ୍ନ ବଣ୍ଟନ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ବିସ୍ଥାପିତ କଲୋନୀରେ ବୃକ୍ଷରୋପଣ

ନାରଦପୁର,୭।୮(ସମିସ): ଯୋଡ଼ା ବ୍ଲକ୍ ଚମକପୁର ଗ୍ରାମପଞ୍ଚାୟତର ଧୋବାକୁଚୁଡ଼ା ବିସ୍ଥାପିତ କଲୋନୀରେ କାନପୁର ଜଳସେଚନ ପ୍ରକଳ୍ପ ପକ୍ଷରୁ ବୃକ୍ଷ ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ କାନପୁର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମହେନ୍ଦ୍ର ବେହେରା, କାନପୁର ପ୍ରକଳ୍ପ ନିର୍ଦ୍ଦେଶକ ନଗେନ୍ଦ୍ର ମାଝୀ, ଅଧୀକ୍ଷଣ ଯନ୍ତ୍ରୀ ରାଜକୁମାର ବେହେରା, ପ୍ରମୁଖ ଯୋଗ ଦେଇଥିଲେ। କାନପୁର ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇ ବିଭିନ୍ନ ସ୍ଥାନରେ ରହିଥିବା ବିସ୍ଥାପିତ କଲୋନୀରେ ବୃକ୍ଷ ରୋପଣ କରାଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ମାଝୀ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିନାଶ ଜେନାଙ୍କ ସମେତ ଦ୍ରୋଣାଚାର୍ଯ୍ୟ ପାତ୍ର, ସୁଦେଶ ମଣି, ଗୁରୁପ୍ରସାଦ ପଲେଇ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲ୍ଲା ବିଜୁ ମହିଳା ଜନତା ଦଳର ବ୍ଲକ୍ ଓ ପୌରାଞ୍ଚଳ ସଭାନେତ୍ରୀ ନିଯୁକ୍ତ

କେନ୍ଦୁଝର, ୭।୮(ସମିସ): ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପ୍ରସ୍ତାବ ଓ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରପାଳିକା ପାଇଁ ସଭାନେତ୍ରୀମାନଙ୍କ ନାମ ଘୋଷଣା କରାଯାଇଛି। କେନ୍ଦୁଝର ସଦର ବ୍ଲକ ପାଇଁ ଗୋଲାପ ନାଏକ, ଝୁମ୍ପୁରା ବ୍ଲକ ପାଇଁ ମାଳତୀ ନାଏକ, କେନ୍ଦୁଝର ଗଡ଼ ପୌରପାଳିକା ପାଇଁ ପୁନମ କୁମାରୀ, ଘସିପୁରା ପାଇଁ ମୁକ୍ତିବାଲା ରାଜ, ଘଟଗାଁ ବ୍ଲକ ପାଇଁ ଦ୍ରୌପଦୀ ନାଏକ, ପାଟଣା ପାଇଁ ସୁକାନ୍ତି ନାଏକ, ସାହାରପଡା ବ୍ଲକ ପାଇଁ ନମିତା ମହାନ୍ତ, ଆନନ୍ଦପୁର ବ୍ଲକ ପାଇଁ ମିନତୀ ମହାରଣା, ହାଟଡିହି ବ୍ଲକ ପାଇଁ ସାବିତ୍ରୀ ସା, ଆନନ୍ଦପୁର ପୌରପାଳିକା ପାଇଁ ଉର୍ବଶୀ ସାହୁ, ତେଲକୋଇ ପାଇଁ ପୁଷ୍ପାଞ୍ଜଳି ଆପଟ, ହରିଚନ୍ଦନପୁର ବ୍ଲକ ପାଇଁ ସୁନିତା ପ୍ରଧାନ ଓ ବାଂଶପାଳ ବ୍ଲକ ପାଇଁ ଲକ୍ଷ୍ମୀପ୍ରିୟା ସଏଙ୍କୁ ମନୋନୀତ କରାଯାଇଛି ବୋଲି ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ କମଳିନୀ ପାତ୍ର ପ୍ରକାଶ କରିଛନ୍ତି।

## ସ୍ୱାଧୀନତା ଦିବସ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା

କେନ୍ଦୁଝର, ୭।୮(ସମିସ): ସ୍ୱାଧୀନତା ଦିବସ ପାଳନ ଅବସରରେ ଆଜି କେନ୍ଦୁଝରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବିଭିନ୍ନ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୨୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାଗୁଡ଼ିକ ପରିଚାଳିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ପ୍ରତିଯୋଗୀଙ୍କୁ ପ୍ରଶଂସା କରିଥିଲେ। ୯ ଜଣିଆ ବିଚାରକ ମଣ୍ଡଳୀ ରହିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ସମ୍ମାନିତ କରାଯିବ। ସୃଜନଶୀଳତା, ଆତ୍ମବିଶ୍ୱାସ ଏବଂ ଦେଶପ୍ରେମ ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

## ଘସିପୁରା ଥାନାରେ ନୂଆ ଆଇଆଇସି




ଆନନ୍ଦପୁର, ୭।୮ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନାର ନୂତନ ଥାନାଧିକାରୀ ଭାବେ ମିତାଲି ମଧୁଲିତା ବିଶ୍ୱାଳ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିକୁ ଆହୁରି ସୁଦୃଢ଼ କରିବା ସହ ଅପରାଧ ନିୟନ୍ତ୍ରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେବେ ବୋଲି ମତବ୍ୟକ୍ତ କରିଛନ୍ତି। ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଂଯୋଜକ ଆଶିଷ ବେହେରା, ଜିଲ୍ଲା ସଂଯୋଜକ ରମୁନାଥ ପଲେଇ, ନଗର ମଣ୍ଡଳ ସାଧାରଣ ସମ୍ପାଦକ ମାନସ ସାହୁ, ଝଡେଶ୍ୱର ଶକ୍ତିକେନ୍ଦ୍ର ସହପ୍ରଭାରୀ ମନ୍ମଥ ସାହୁ, ଯୁବମୋର୍ଚ୍ଚା ସଦସ୍ୟ ଦୀପକ ସାହୁ, ତାପସ ପଢିଆରି, ଭବଭୁତି ସାହୁ ସମେତ ଯୁବ ସଦସ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ମୃତ ମହିଳାଙ୍କ ପରିବାରକୁ ଭେଟିଲେ ରତିକାନ୍ତ



ହାଟଡିହୀ,୭।୮ (ସମିସ): ବାଇକ ଧକ୍କାରେ ମୃତ୍ୟୁବରଣ କରିଥିବା ମହିଳାଙ୍କ ପରିବାରକୁ ଭେଟିଛନ୍ତି ବ୍ଲକ୍ ଉପାଧ୍ୟକ୍ଷ ତଥା ବିଜେଡି ରାଜ୍ୟ ସମ୍ପାଦକ ରତିକାନ୍ତ ରାଉତ। ସିଙ୍ଗଡୋଭ ନିକଟରେ ଗତ ମାସ ୨୯ ତାରିଖ ବିଚିତ୍ର ବେହେରାଙ୍କ ପତ୍ନୀ ବୁଲ ବେହେରା ଶୌଚପାଇଁ ଯାଉଥିବା ବେଳେ ନଦୀବନ୍ଧ ଉପରେ ତାଙ୍କୁ ଏକ ବାଇକ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଲଙ୍କର ଏକ ଛୋଟ ଶିଶୁପୁତ୍ର ଥିବାବେଳେ ତାଙ୍କ ସ୍ୱାମୀ ଜଣେ ଗରିବ ଶ୍ରେଣୀର। ବ୍ଲକ୍ ଉପାଧ୍ୟକ୍ଷ ଶ୍ରୀ ରାଉତ ସିଙ୍ଗିଡୋଭ ଗାଁରେ ପହଞ୍ଚି ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ସହ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଶ୍ରୀ ରାଉତଙ୍କ ସହ ୱାର୍ଡସଭ୍ୟ ଶ୍ରୀଧର ଖଟୁଆ, ବୁଦ୍ଧଦେବ ଦେହୁରୀ, କାଳନ୍ଦୀ ବେହେରା, ନିରଞ୍ଜନ ବେହେରା, ମୁକେଶ ରାଉତ, ପ୍ରିୟବ୍ରତ ନାୟକ, ହିମାଦ୍ରୀ ରାଉତ, ସତ୍ୟାନନ୍ଦ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ



କେନ୍ଦୁଝର, ୭।୮(ସମିସ): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି, କେନ୍ଦୁଝର ପକ୍ଷରୁ ବିଭିନ୍ନ ଦାବିନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକଶିକ୍ଷୟିତ୍ରୀମାନେ ଏକ ବିଶାଳ ଶୋଭାଯାତ୍ରାରେ ବିଜୁ ପଟ୍ଟନାୟକ ଛକ ଓଷ୍ଟା କାର୍ଯ୍ୟାଳୟ ନିକଟରୁ ବାହାରି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଧାରଣା ଓ ପ୍ରତିବାଦ ସଭାରେ କେନ୍ଦୁଝର ଜିଲ୍ଲା ଓଷ୍ଟା ସଭାପତି ମନ୍ମଥନାଥ ମହାନ୍ତ, ସଂପାଦକ ରଞ୍ଜନ ଘଡେଇ, କାର୍ଯ୍ୟକାରୀ ସଭାପତି ସୁଧାକର ପଣ୍ଡା, ଉପସଭାପତି ବୈକୁଣ୍ଠ ମହାନ୍ତ, ମନୋଜ ପଣ୍ଡା, ଯୁଗ୍ମ ସଂପାଦକ ଅନିରୁଦ୍ଧ ସେଠୀ, ଅଜ୍ଞାନ ଚାନ୍ଦ, ଲାବଣ୍ୟବତୀ ମହାନ୍ତ, କାର୍ଯ୍ୟକାରୀ ସଭ୍ୟ ଦିଲ୍ଲୀପ ମହାନ୍ତ, ରାଜ୍ୟ ସହସଂପାଦକ ମୃତ୍ୟୁଞ୍ଜୟ ପଲେଇ, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଜ୍ଞାନେନ୍ଦ୍ର ଦେଓ, ରାଜ୍ୟ ଉପଦେଷ୍ଟା ଭିକାରୀ ଚରଣ ସାହୁ, ଜିଲ୍ଲା ଉପଦେଷ୍ଟା ରଘୁନାଥ ବେହେରା, ଶାନ୍ତନୁ ମିଶ୍ର, କ୍ଷୀରୋଦ ରାଉତଙ୍କ ସମେତ ସମସ୍ତ ବ୍ଲକ ସଂପାଦକ ଓ ଓଷ୍ଟା କାର୍ଯ୍ୟକର୍ତ୍ତା, ବହୁ ଶିକ୍ଷକଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।

**ରାସ୍ତା ନାହିଁ ତ ଅଟକିଗଲା ୧୦୦ ଶଯ୍ୟା ଛାତ୍ରାବାସ କୋଠା କାର୍ଯ୍ୟକ୍ଷମ**

# ବଣବୁଦାରେ ଲୁଚିଗଲାଣି, ସାମଗ୍ରୀ ଚୋରି

ଚମ୍ପୁଆ, ୭।୮ (ସମିସ)



ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଚମ୍ପୁଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରବାସ ନିର୍ମାଣ ସରିବାର ଦୁଇ ବର୍ଷ ପରେ ମଧ୍ୟ କାମରେ ଲାଗିପାରୁନାହିଁ। ହସ୍ତାନ୍ତର ଅପେକ୍ଷାରେ ରହିଥିବା ଏହି ନୂତନ ଛାତ୍ରାବାସ ଏବେ ଅବ୍ୟବହୃତ ହୋଇ ପଡ଼ିରହିଛି। ଫଳରେ ଦୂରଦୁରାନ୍ତରୁ ଆସି ବିଦ୍ୟାଳୟରେ ପଢୁଥିବା ଛାତ୍ର ଓ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଛାତ୍ରଛାତ୍ରୀଙ୍କ ରହଣି ସୁବିଧା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଏହି ଛାତ୍ରବାସ ନିର୍ମାଣ କରାଯାଇଥିଲା। ୨୦୨୪ରେ ନିର୍ମାଣ କାମ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହୋଇପାରିନାହିଁ। ଏତେ ଅର୍ଥ ବ୍ୟୟ କରି ନିର୍ମାଣ କରାଯାଇଥିବା କୋଠା ଦୁଇ ବର୍ଷ ଧରି ବ୍ୟବହାର ନହୋଇ ପଡ଼ିରହିବା ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ମୁର୍ମୁଙ୍କ କହିବାନୁସାରେ, ପୂର୍ତ୍ତ ଓ ଗୃହ ବିଭାଗ ପକ୍ଷରୁ ଛାତ୍ରବାସ ନିର୍ମାଣ କରାଯାଇଥିଲେ ମଧ୍ୟ ଏହାକୁ ବିଦ୍ୟାଳୟକୁ ହସ୍ତାନ୍ତର କରାଯାଉନାହିଁ। ଅନ୍ୟପକ୍ଷରେ ପୂର୍ତ୍ତ ଓ ଗୃହ ବିଭାଗର ଅଧିକାରୀ ବୁଦ୍ଧରାମ ମାରାଣ୍ଡିଙ୍କ କହିବାନୁସାରେ, ୨୦୨୪ରେ ଛାତ୍ରବାସ ନିର୍ମାଣ କାମ ଶେଷ ହୋଇଥିଲା। ଛାତ୍ରବାସକୁ ଯିବା ପାଇଁ ଆବଶ୍ୟକ ରାସ୍ତା ନଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଗ୍ରହଣ କରି ନଥିଲେ। ଏହାମଧ୍ୟରେ ଛାତ୍ରାବାସରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ମଧ୍ୟ ଜଣାପଡ଼ିଛି। ନୂଆ କୋଠାର ସୁରକ୍ଷା ବ୍ୟବସ୍ଥା ନେଇ ଏହା ଆହୁରି ଚିନ୍ତାର ବିଷୟ ପାଲଟିଛି। ତେବେ, ଆସନ୍ତା ଏକ ମାସ ମଧ୍ୟରେ ଛାତ୍ରାବାସକୁ ଯିବା ପାଇଁ ପାଦଚଲା ରାସ୍ତା ନିର୍ମାଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟାର ସମାଧାନ କରାଯାଇ ଏହାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏପଟେ ଦୀର୍ଘ ସମୟ ଧରି ଅବ୍ୟବହୃତ ହୋଇ ପଡ଼ିରହିବାରୁ ଛାତ୍ରବାସର ଚାରିପାଖ ବଣବୁଦାରେ ପରିପୂର୍ଣ୍ଣ ହୋଇଯାଇଛି। ଘଞ୍ଚ ଜଙ୍ଗଲ ଓ ଅନାବନା ଗଛଲତା ମଧ୍ୟରେ ଛାତ୍ରବାସଟି ଲୁଚି ଯାଇଥିବା ଭଳି ଦେଖାଯାଉଛି। ଏପରିକି ବଣବୁଦା ମଧ୍ୟରୁ ବହୁ ସମୟରେ ସାପ ବାହାରୁଥିବାରୁ ଛାତ୍ରବାସର ସୁରକ୍ଷା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ନିର୍ଦ୍ଧାରିତ ସମୟରେ ରାସ୍ତା ନିର୍ମାଣ ସହ ବଣବୁଦା ସଫା କରି ଛାତ୍ରାବାସକୁ ଶୀଘ୍ର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବାକୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଦାବି କରିଛନ୍ତି।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଡପ୍‌ଲାର୍ ରାଡାର ଷ୍ଟେସନ

ବାଲେଶ୍ୱର, ୭।୮ (ସମିସ)



ରାଡାର ସ୍ଥାପନ କାର୍ଯ୍ୟାରମ୍ଭ

ପ୍ରାୟ ୧୩ ବର୍ଷ ହେବ ଅଧନିର୍ମିତ ହୋଇପଡ଼ିଥିଲା ବାଲେଶ୍ୱରର ଚାରି ମହଲା ବିଶିଷ୍ଟ ରାଡାର୍ ଷ୍ଟେସନ ବିଲଡିଂ। କିନ୍ତୁ ଏବେ ଏହି ୪ ମହଲା ବିଶିଷ୍ଟ ମହଲା ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ମିଳିଛି। ବାତ୍ୟା ଓ ଘୂର୍ଣ୍ଣିବଳୟର ଆତଙ୍କ ଥିବା ଉପକୂଳ ଓଡ଼ିଶା ପାଇଁ ଏହା ଖୁସି ଖବର। ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ହିଡିଗାଁ ଠାରେ ନିର୍ମାଣାଧୀନ ଅତ୍ୟାଧୁନିକ ଡପଲାର ରାଡାର ଷ୍ଟେସନର କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ। ରାଡାର ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇସାରିଛି ଏବଂ ଖୁବ୍ ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି ସୂଚନା ମିଳିଛି। ଏଥିପାଇଁ ହାଇଦ୍ରାବାଦ ସ୍ଥିତ ପ୍ରତିଷ୍ଠିତ ଆଷ୍ଟ୍ରା କମ୍ପାନୀର ଇଞ୍ଜିନିୟର ଟିମ୍ ରାଡାର ସ୍ଥାପନ ପାଇଁ କାମରେ ଲାଗିଛନ୍ତି। ସେମାନଙ୍କୁ ସହଯୋଗ କରୁଛନ୍ତି ବାଲେଶ୍ୱର ପିଡବ୍ଲୁଡିର ବରିଷ୍ଠ ଇଞ୍ଜିନିୟରମାନେ। ରାଡାର ସ୍ଥାପନ ବେଳେ ଆସୁଥିବା ସମସ୍ତ ପ୍ରତିବନ୍ଧକକୁ ଦୂର କରି କାର୍ଯ୍ୟକୁ ସୁଚାରୁରୂପେ ଆଗେଇ ନେବାରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସ୍ଥାନୀୟ ସ୍ତରରେ ସମସ୍ତ କାର୍ଯ୍ୟର ତଦାରଖ କରୁଛନ୍ତି ବାଲେଶ୍ୱର ପାଣିପାଗ ବିଭାଗର ଅଧିକାରୀ ମଦନ ମୋହନ ଦାସ। ସେପଟେ ନୂଆଦିଲ୍ଲୀ ସ୍ଥିତ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର ଏହି ପ୍ରକଳ୍ପର ଅଗ୍ରଗତି ଉପରେ ନଜର ରଖିଛନ୍ତି। ଇତିମଧ୍ୟରେ ଷ୍ଟେସନ ପରିସରରେ ନୂତନ ପ୍ରୟୋଗଶାଳାର ନିର୍ମାଣ କାର୍ଯ୍ୟ ମଧ ସମ୍ପୂର୍ଣ୍ଣ ହୋଇସାରିଛି। ଏବେ ରାଡାର ମୁଖ୍ୟ ଯନ୍ତ୍ରପାତି ସ୍ଥାପନ ହେଉଛି। ବାଲେଶ୍ୱରରେ ଏହି ରାଡାର ଷ୍ଟେସନ କାର୍ଯ୍ୟକ୍ଷମ ହେଲେ ଉପକୂଳ ଓଡ଼ିଶା ଏବଂ ପଶ୍ଚିମବଙ୍ଗର ପାଣିପାଗର ସଠିକ ତଥ୍ୟ ମିଳିପାରିବ। ବାତ୍ୟା, ଘୂର୍ଣ୍ଣିବଳୟ, ବଜ୍ରପାତ ଏବଂ ଅତିପ୍ରବଳ ବର୍ଷା ପୂର୍ବରୁ ସଠିକ ଆକଳନ ହୋଇପାରିବ। ଫଳରେ ଧନ ଓ ଜୀବନହାନିକୁ ବହୁ ମାତ୍ରାରେ ରୋକାଯାଇପାରିବ ବୋଲି ପାଣିପାଗ ବିଜ୍ଞାନୀମାନେ ଆଶା ରଖିଛନ୍ତି। ବର୍ଷ ବର୍ଷ ଧରି ବାତ୍ୟାର ମାଡ ସହୁଥିବା ଉତ୍ତର ଓଡ଼ିଶା ବାସୀଙ୍କ ପାଇଁ ଏହା ନିଶ୍ଚିତ ଭାବେ ଏକ ସୁରକ୍ଷା କବଚ ପାଲଟିବ।

ପ୍ରକାଶ ଥାଉ କି, ୨୦୧୩ ମସିହାରେ ଚାନ୍ଦିପୁରସ୍ଥିତ ନୂଆନଈ ନିକଟରେ ୩ ଏକର ଜମିରେ ପିଡବ୍ଲୁଡି ପାଣିପାଗ ବିଭାଗର ନୂତନ ବିଲଡିଂ କାମ ଆରମ୍ଭ କରିଥିଲା। ୫ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମହଲା ୨୦୧୪ ସୁଦ୍ଧା ରାଜ୍ୟ ସରକାରଙ୍କୁ ପିଡବ୍ଲୁଡି ହସ୍ତାନ୍ତର କରିବା କଥା ଥିଲା। ତେବେ ଦୀର୍ଘବର୍ଷ ପରେ ୨୦୨୪ ଜୁନ୍ ୧୩ ରେ ଏହାର କାମ ତ୍ୱରାନ୍ୱିତ ହେବା ପରେ ଆଗାମୀ ଛଅ ମାସ ଭିତରେ କାମ ସମ୍ପୂର୍ଣ୍ଣ ହେବା ନେଇ ସୂଚନା ମିଳିଥିଲା। ଏହି ମହଲାର ଛାତ ଉପରେ 'ସି' ବ୍ୟାଣ୍ଡ ରାଡାର୍ ସ୍ଥାପନ ହେବା ନେଇ ସୂଚନା ମିଳିଥିଲା। ଯାହା ୨୫୦ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳର ସୂଚନା ଆଗୁଆ ସଂଗ୍ରହ କରିବ। ପଶ୍ଚିମବଙ୍ଗଠୁ ଆରମ୍ଭ କରି ପାରାଦୀପ ପର୍ଯ୍ୟନ୍ତ ଏହି ରାଡାର୍ ପୂର୍ବାନୁମାନ କରିପାରିବ। ବିଶେଷକରି ଘୂର୍ଣ୍ଣିବଳୟ, ପ୍ରବଳ ବର୍ଷା, ବଜ୍ରପାତ ଏବଂ ବାତ୍ୟା ଆଦି ସମ୍ପର୍କରେ କିଛି ସମୟ ପୂର୍ବରୁ ସୂଚନା ସଂଗ୍ରହ କରିବ। ଫଳରେ ସେହି ସୂଚନା ଅନୁସାରେ ବାଲେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇପାରିବ। ତେବେ କିଛି ବର୍ଷର ବ୍ୟବଧାନ ପରେ ଏବେ ଏହି ମହଲା କାମ ତ୍ୱରାନ୍ୱିତ ହୋଇଛି। ଖୁବଶୀଘ୍ର ରାଡାର୍ ସ୍ଥାପନ କାମ ଶେଷ ହେବ। ଏହି ରାଡାର୍ ପାଣିପାଗ ସମ୍ପର୍କିତ ସୂଚନା ଆଗୁଆ ଦେବ। ବିଶେଷକରି ଘୂର୍ଣ୍ଣିବଳୟ, ପ୍ରବଳ ବର୍ଷା ଏବଂ ବଜ୍ରପାତ ଆଦି ସମ୍ପର୍କରେ କିଛି ସମୟ ପୂର୍ବରୁ ସୂଚନା ସଂଗ୍ରହ କରିପାରିବ। ଫଳରେ ବିଭାଗ ଆବଶ୍ୟକ ମୁତାବକ ଲୋକଙ୍କୁ ସତର୍କ କରାଇ ପାରିବେ।

**ବିଧାୟକଙ୍କ ଉପରେ ବିଜେପି କର୍ମୀଙ୍କ ଆକ୍ରୋଶ**

## ସମୀକ୍ଷା ବୈଠକ ଭଣ୍ଡୁର ଉଦ୍ୟମ, ମହିଳାଙ୍କ ଦ୍ୱାରା ମିଛ ଏତଲା

**ବାଲେଶ୍ୱର(ଉତ୍ତର), ୭।୮(ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଏବେ ଦିଶାହୀନ ରାଜନୀତି ଚାଲିଛି। ଶାସକ ବିଜେପି ଦଳର ନେତା ଓ କର୍ମୀ ମାନେ ହତୋତ୍ସାହିତ ହୋଇ ଆକ୍ରୋଶ ମୂଳକ ରାଜନୀତିକୁ ଆପଣାଇ ନେବାକୁ ପଛାଉ ନାହାନ୍ତି। ଯାହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଗତ ଗୁରୁବାର ବ୍ଲକ ପରିସର ମଧ୍ୟରେ ଘଟିଥିବା ଘଟଣାରୁ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ନିଜ ବିଧାୟକ ପାଣ୍ଠିର ବିନିଯୋଗ ଓ ତାର କାର୍ଯ୍ୟର ଅଗ୍ରଗତି ନେଇ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରୁଥିବା ବେଳେ ଶତାଧିକ ବିଜେପି କର୍ମୀ ମାନେ ଧସେଇ ପଶି ଗଣ୍ଡଗୋଳ ଭିଆଇବା ଏବଂ ସେଠାରେ ଅଭିଯୋଗ ଜଣାଇବା ପାଇଁ ଯାଇଥିବା ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ମାନଙ୍କୁ ଦୁର୍ବ୍ୟବହାର କରିବାକୁ ନେଇ ଏବେ ବିଜେପି ଦଳ ଆକ୍ରୋଶ ମୂଳକ ଭାବେ ଜନୈକା ମହିଳା ସରପଞ୍ଚଙ୍କୁ ଲଗାଇ ଥାନାରେ ଓଲଟା ଭୋଗରାଇ ବିଧାୟକ ଶ୍ରୀ ଦାସଙ୍କ ନାମରେ ଅଭିଯୋଗ ଦାଖଲ କରିଥିବା ଜଣା ପଡ଼ିଛି। ଯାହାକୁ ନେଇ ଏବେ ଭୋଗରାଇ ରାଜନୀତି ସରଗରମ ହୋଇଛି।

ସୂଚନା ଯୋଗ୍ୟ ଯେ, ଆଜି ଭୋଗରାଇ ଥାନାରେ ବାଜିତପୁର ସରପଞ୍ଚ ତୁଳସୀ ଜେନା ବିଧାୟକ ଗୌତମବୁଦ୍ଧ ଦାସଙ୍କ ସହିତ ଅନ୍ୟ କେତେଜଣ ବିଜେଡି ନେତା ମାନଙ୍କ ନାମରେ ଅଭିଯୋଗ କରିଛନ୍ତି। ଗତ ଗୁରୁବାର ତାଙ୍କ ସହିତ ଅନ୍ୟମାନଙ୍କୁ ବିଧାୟକ ବ୍ୟବହାର ଖରାପ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅପର ପକ୍ଷରେ ଗତ ଗୁରୁବାର ବିଜେଡିର ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି ମଧ ବିଜେପି କର୍ମୀ ମାନଙ୍କ ନାମରେ ସମାନ ଅଭିଯୋଗ ଭୋଗରାଇ ପୁଲିସକୁ ଦେଇଥିଲେ। ସୁଶ୍ରୀ ମହାନ୍ତି ତାଙ୍କ ଅଭିଯୋଗ ପତ୍ର ରେ ସମ୍ମିଳନୀ କକ୍ଷରେ ମିଟିଂ ଚାଲିଥିବା ବେଳେ ଅନ୍ୟ ମହିଳା ସରପଞ୍ଚ ଓ ସମିତି ସଭ୍ୟା ମାନେ ଉପସ୍ଥିତ ଥିଲେ ସେତିକି ବେଳେ ବଜେପି କର୍ମୀ ମାନେ ଅତର୍କିତ ଭାବେ ପଶି ଆସି ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ପୁଲିସ ଉଭୟ ପକ୍ଷର ଏତଲାକୁ ଗ୍ରହଣ କରିଥିବା ବେଳେ ଏହାର ତଦନ୍ତ କରୁଛି। ଏ ନେଇ କୌଣସି ମାମଲା ରୁଜୁ ହୋଇନାହିଁ। ଅନ୍ୟପକ୍ଷରେ ବିଧାୟକ ଶ୍ରୀ ଦାସ ଏ ବାବଦରେ କହିଛନ୍ତି ଯେ ଗତ ଗୁରୁବାର ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଘଟିଥିବା ଘଟଣା ସମୟରେ ଭୋଗରାଇ ବିଡିଓ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତଙ୍କ ସାମ୍ନାରେ ଯାହା ଘଟଣା ଘଟିଛି ସେ ବାବଦରେ ସମସ୍ତେ ଜାଣନ୍ତି। ଭୋଗରାଇ ର ବିଜେପି ନେତା ଓ କର୍ମୀ ମାନେ ଉଦ୍ଦେଶ୍ୟ ମୂଳକ ଭାବେ ବୈଠକକୁ ଭଣ୍ଡୁର କରିବାକୁ ଆସି ନିରାଶ ହେବାରୁ ଶେଷରେ ଆକ୍ରୋଶ ମୂଳକ ଓ ହିଂସାତ୍ମକ ରାଜନୀତି କରୁଛନ୍ତି। ତାହା ସମଗ୍ର ଭୋଗରାଇବାସୀ ଅବଗତ ଅଛନ୍ତି।

## ଆକ୍ରମଣ ଘଟଣାରେ ଏସ୍‌ପିଙ୍କଠାରେ ଦମ୍ପତିଙ୍କ ନ୍ୟାୟ ଭିକ୍ଷା

**ବାଲିଆପାଳ, ୭।୮ (ସମିସ):** ଏହି ବ୍ଲକ ଅଁଳାଡିହା ଗ୍ରାମର ପବିତ୍ରା ପାତ୍ର ଗତ ରବିବାର ତାଙ୍କ ସ୍ୱାମୀ ବିକର୍ତ୍ତନ ପାତ୍ରଙ୍କୁ ପୁଅ ପାଇଁ ଖାଇବା ଆଣିବା ଉଦ୍ଦେଶ୍ୟରେ ଦୋକାନକୁ ପଠେଇଥିଲେ। ମାତ୍ର ବହୁତ ବିଳମ୍ବ ହେବାରୁ ପାଖରେ ଥିବା ପଣ୍ଡା ଛକ ନିକଟକୁ ସ୍ୱାମୀଙ୍କୁ ଖୋଜିବା ପାଇଁ ଯାଇଥିଲେ। ସେଠାରେ ବିକର୍ତ୍ତନ ଏବଂ ସେହି ଗ୍ରାମର ଯୁବକ ରଞ୍ଜନ ଜେନା ବସି ଛକ ଉପରେ ମଦ୍ୟ ପାନ କରୁଥିବା ଦେଖି ପବିତ୍ରା ସ୍ୱାମୀଙ୍କୁ ଗାଳିଗୁଲଜ କରିଥିଲେ। ସେହି କଥାରେ ଉତ୍ତ୍ୟକ୍ତ ହୋଇ ରଞ୍ଜନ ପବିତ୍ରାଙ୍କୁ ଅଶ୍ଳୀଳ ଭାଷା ରେ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରି ତାଙ୍କୁ ତଳେ ପକାଇ ପେଟକୁ ଗୋଇଠା ମାରୁଥିବା ଦେଖି ସ୍ୱାମୀ ବିରୋଧ କରିଥିଲେ। ପାଟି ତୁଣ୍ଡ ଶୁଣିପାରି ସେଠାରେ ବିକର୍ତ୍ତନଙ୍କ ସମ୍ପର୍କୀୟ ଲକ୍ଷ୍ମୀଧର ଜେନା, ରମେଶ ଜେନା ,ଶକ୍ତିଧର ଜେନା ପହଞ୍ଚି ସ୍ୱାମୀ ,ସ୍ତ୍ରୀ ଉଭୟଙ୍କୁ ସଂଘ ବଦ୍ଧ ଭାବେ ମାଡ ମାରିବା ସହିତ କାନଫୁଲ, ବେକରୁ ସୁନାଚେନ୍ ଏବଂ ତାଙ୍କ ସ୍ୱାମୀଙ୍କ ପକେଟ୍‌ରୁ ପାଞ୍ଚ ହଜାର ଟଙ୍କା ନେଇ ପଳାଇ ଯାଇଥିଲେ। ପବିତ୍ରା ସେହି ଜାଗାରୁ ଅଚେତ ଅବସ୍ଥାରେ ପ୍ରଥମେ ପ୍ରତାପପୁର ପରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ରେଫର ହୋଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଅଧିକ ଗୁରୁତର ହେବା ପରେ ରେମୁଣା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ରବିବାର ବିକର୍ତ୍ତନ ପ୍ରଥମେ ଜାମ କୁଣ୍ଡା ଫାଣ୍ଡି ପରେ ପବିତ୍ରା ଟିକେ ସୁସ୍ଥ ହେବା ପରେ ବୁଧବାର ବାଲେଶ୍ୱର ଏସ୍‌ପିଙ୍କୁ ନ୍ୟାୟ ଭିକ୍ଷା କରିଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ପବିତ୍ରା ବାଲିଆପାଳ ଥାନାରେ ବିନା ଦୋଷରେ ତାଙ୍କୁ ମାଡ଼ ମାରିଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି।




## ନିରାଶ୍ରୟ ଆହତ ବୃଦ୍ଧଙ୍କୁ ସହାୟତା

**ଜଳେଶ୍ୱର, ୭।୮(ସମିସ):** ୧୬ ନଂ ଜାତୀୟ ରାଜପଥ ଓ ଜଳେଶ୍ୱର ସହରରେ ଆହତ ହୋଇ ଅଚେତ ଭାବେ ସଢୁଥିବା ଜଣେ ୭୦ ବର୍ଷିୟ ବୃଦ୍ଧଙ୍କ ସେବା କରିଛନ୍ତି କେତେକ ଯୁବଗୋଷ୍ଠୀ। ୧୬ନଂ କାଉନସିଲର ରଶ୍ମୀ ନନ୍ଦୀଙ୍କ ସୂଚନା ରେ ସମାଜସେବୀ ଜଗଦିଶ ନନ୍ଦୀ ଙ୍କ ନେତୃତ୍ୱରେ ଗୁରୁବାର ଚକବିଷ୍ଣୁ ଆରୋଗ୍ୟ ମନ୍ଦିର କର୍ମଚାରୀ ମାନେ ବୃଦ୍ଧଙ୍କ ଚିକିତ୍ସା କରିଥିଲେ। ଫାର୍ମାସିଷ୍ଟ ସ୍ମୃତି ଲାଲା ପୁଷ୍ଟି, ନର୍ସ ସସ୍ମିତା ରାୟ ସିଂ,ସ୍ମୃତି ସ୍ନିଗ୍ଧା ଗିରି, କାର୍ତ୍ତିକ ପ୍ରଧାନ ପ୍ରମୁଖ ଚିକିତ୍ସା କରିବା ସହ ଔଷଧ ପ୍ରଦାନ କରିଛନ୍ତି। ସମାଜସେବୀ ଗିରିଜା ଶଙ୍କର କର, ପ୍ରଶାନ୍ତ ପ୍ରଧାନ, ସୌମ୍ୟ ରଞ୍ଜନ ଜେନା, ଚିଣ୍ଟୁ ପାତ୍ର, ସାବିତ୍ରୀ ଭୂୟାଁ, ଗୌରାଙ୍ଗ ଦାସ, ପ୍ରଦୀପ ପ୍ରଧାନ ପ୍ରମୁଖ ବୃଦ୍ଧଙ୍କୁ ଖିଅର କରିବା ସହିତ ନୂଆ ଲୁଗାପଟା ଓ ଖାଦ୍ୟ ପ୍ରଦାନ କରିଥିଲେ। ନିରାଶ୍ରୟ ମାନସିକ ବିକାର ଗ୍ରସ୍ତ ବୃଦ୍ଧଙ୍କ ପରିଚୟ ଜଣାପଡିନଥିବା ବେଳେ ଜରାଶ୍ରମର ରହଣି ବ୍ୟବସ୍ଥା କରିବାକୁ ସାଧାରଣରେ ଜଣାଯାଇଛି।



## ଯୁବ ଏବଂ ଆଧ୍ୟାତ୍ମିକତା କର୍ମଶାଳା




**ବାଲେଶ୍ୱର, ୭।୮ (ସମିସ):** ଜ୍ଞାନଶ୍ରୀ ଏବଂ ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ ଏଣ୍ଡ କମର୍ସ ମିଳିତ ଆନୁକୂଲ୍ୟରେ ଯୁବ ଏବଂ ଆଧ୍ୟାତ୍ମିକତା କର୍ମଶାଳା ଉଦ୍ୟୋଗ ଭବନରେ ଆୟୋଜିତ ହୋଇଯାଇଛି। ଆୟୋଜିତ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ସାଂସଦ ଙ୍ଗ ରବିନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଯୁବ ସମାଜ ଉଦ୍ଦେଶ୍ୟରେ ସମର୍ପିତ ଏଭଳି କାର୍ଯ୍ୟକ୍ରମକୁ ମହାନ କହିବା ସହିତ ଏହାକୁ ବ୍ୟାପକ କରାଯିବାକୁ ପରାମର୍ଶ ଦେଇଥିଲେ। ସମାଜସେବୀ ଲକ୍ଷ୍ମୀନାରାୟଣ ମହାନ୍ତି, ଚାଟାର୍ଡ ଆକାଉଣ୍ଟାଣ୍ଟ ସଞ୍ଜିବ କୁମାର ନାୟକ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଇଣ୍ଡଷ୍ଟ୍ରିଆଲ ବ୍ରାଞ୍ଚର ମୁଖ୍ୟ ପରିଚାଳକ ସତ୍ୟବ୍ରତ ବାରିକ ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ରଖିଥିଲେ। 'ଜ୍ଞାନଶ୍ରୀ' ମୁଖ୍ୟ ପ୍ରଶାନ୍ତ କୁମାର ପଟେଲଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଅବସରପ୍ରାପ୍ତ ଆଇଏଏସ ଦେବେନ୍ଦ୍ର ମହାପାତ୍ର ଆଧ୍ୟାତ୍ମିକତା ଏବଂ ଯୁବ ମାନସିକତା ଉପରେ, ସୁସାହିତ୍ୟିକ ପ୍ରଶାନ୍ତ ଦାସ ଯୁବ ଶୃଙ୍ଖଳାରେ ଅଧ୍ୟାତ୍ମିକତାର ପ୍ରଭାବ ଉପରେ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୁବ ଚିନ୍ତନ ଏବଂ ଆଧ୍ୟାତ୍ମିକତା ଉପରେ, ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ଯୁବ ଜୀବନଚର୍ଯ୍ୟାରେ ଆଧ୍ୟାତ୍ମିକତାର ପ୍ରଭାବ, ଆର୍ଟ ଅଫ ଲିଭିଙ୍ଗର ପ୍ରଶିକ୍ଷିକା ସଂଯୁକ୍ତା ବିଶ୍ୱାଳ ଆଧ୍ୟାଳିକତା ; ପଳାୟନ ନୁହେଁ ସାହସିକତା ଉପରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ବାଲେଶ୍ୱରର ବିଭିନ୍ନ ମହାବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାକୁ ଜ୍ଞାନଶ୍ରୀର ସୌରଭ ନନ୍ଦ, ସାଗର ମଲିକ, ଗୌରହରି ଦାଶ, ଜୟନ୍ତୀ ଦାଶ, ଗୀତାଞ୍ଜଳି ପତି, ଅନୁପମା ଜେନା, ପ୍ରଣତିଲତା ପ୍ରଧାନ, ଅଶୋକା ସେନାପତି ପ୍ରମୁଖ ସଦସ୍ୟସଦସ୍ୟା ପରିଚାଳନା କରି ଥିବାବେଳେ ବିସିଆଇସିର କର୍ମଚାରୀ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଯୌତୁକ ନିଷେଧ ଆଇନ ସମ୍ପର୍କିତ ତାଲିମ ଶିବିର



**ବାଲେଶ୍ୱର, ୭।୮(ସମିସ):** ସମାଜରେ ଯୌତୁକ ନିର୍ଯାତନାରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଥିବା ଆଇନ୍ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରୀମାନଙ୍କ ସୁରକ୍ଷା ଓ ନିରାପଦ ଜୀବନଯାପନ ପାଇଁ ସରକାରଙ୍କ ପଦକ୍ଷେପ ବିଷୟରେ ତାଲିମ୍ ଦିଆଯାଇଛି। ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଣ୍ଟିଆ ଅଧକ୍ଷତା କରି ନାରୀ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ମଧ୍ୟରେ "ଯୌତୁକ ନିଷେଧ ଅଧିନିୟମ-୧୯୬୧" ସମ୍ପର୍କରେ ଆଲୋକପାତ କରିଥିଲେ। ଉପ-ଆରକ୍ଷୀ ଅଧିକ୍ଷକ ନିର୍ମଳା ଗୋଛାୟତ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓକିଲ ଗଣେଶ୍ୱର ରାଉତ ସଂଶୋଧନ ବିଶେଷଜ୍ଞ ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଜିଲ୍ଲା ପ୍ରୋଗ୍ରାମ ସଂଯୋଜକ (ମମତା) ବାମଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଦାୟିତ୍ୱରେ ଥିବା ପ୍ରବୋଧ କୁମାର ମଲ୍ଲିକ, ପ୍ରୋଟେକ୍ସନ ଅଧିକାରୀ ଯୁଥିକାରାଣୀ ରାୟ, ପ୍ରୋଗ୍ରାମ ଅଧିକାରୀ ଗିରିବାଳା ମହନ୍ତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହିର,ସମସ୍ତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ, ମହିଳା ସଶକ୍ତିକରଣ କାର୍ଯ୍ୟାଳୟ କର୍ମଚାରୀ, ଏନଜିଓ, ଓଏସସିର କର୍ମଚାରୀ, ଶକ୍ତି ସଦନ କର୍ମଚାରୀ, ଧର୍ମଗୁରୁ, ସ୍କୁଲ ଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟ ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ ଶିବିର; ୨୫୧ ୟୁନିଟ୍ ସଂଗ୍ରହ

**ଔପଦା, ୭।୮ (ସମିସ):** ଔପଦା ଡିଗ୍ରୀ କଲେଜ ପରିସରରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଜନ୍ମଦିନ ଅବସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। 'ସନ୍ତୋଷ ଖଟୁଆ ଫ୍ୟାନ୍ କ୍ଲବ୍' ପକ୍ଷରୁ ଆୟୋଜିତ ଏହି ଶିବିରକୁ ବିଧାୟକଙ୍କ ଧର୍ମପତ୍ନୀ ସମାଜସେବୀ ସ୍ନେହଲତା ଖଟୁଆ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ପକ୍ଷରୁ କେକ୍ କଟାଯିବା ସହ ବୃକ୍ଷରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଔପଦା ବନାଞ୍ଚଳ ଅଧିକାରିଣୀ ଭାଗ୍ୟଶ୍ରୀ ଦାସଙ୍କ ତତ୍ତ୍ୱାବଧାନରେ ବନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ଚାରାଗଛଗୁଡ଼ିକୁ ରୋପଣ କରାଯାଇଥିଲା। ଶିବିର ଉଦ୍‌ଘାଟନ ସମୟରେ ଔପଦା ବ୍ଲକ୍ ଅଧକ୍ଷା ବିସିବିସ୍ୱା ପାତ୍ର, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର, ଡାଇରେକ୍ଟର ଅନିତା ଭୂୟାଁ, ସମବାୟ ବିତ୍ ଅଜୟ ସାମଲ, ଔପଦା ଡିଗ୍ରୀ କଲେଜ ଅଧକ୍ଷ ମୋହନ ଚରଣ ସାହୁ, ଅଧ୍ୟାପକ ଦ୍ୱାରିକାନାଥ ଶତପଥୀ, ଜିଲ୍ଲା ପରିଷଦ ସଭ୍ୟା ମୁନି ସିଂ, ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ସଞ୍ଜୟ କୁମାର ମହନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତୋଷ ଖଟୁଆ ଫ୍ୟାନ୍ କ୍ଲବ୍‌ର ସଭ୍ୟ ଅଶୋକ କୁମାର ପ୍ରଧାନ, ପର୍ଶୁରାମ ଲେଙ୍କା, ପିତାମ୍ବର ବାରିକ, ହରିହର ମହଲା, ଭଗବାନ ଚରଣ ନାୟକ, ନରହରି ନାୟକ, ଅଭିମନ୍ୟୁ ପଣ୍ଡା, ଅରୁଣ ବେହେରା, ମହେଶ୍ୱର ରାଉତ, ଜୟଶ୍ରୀ ବେହେରା, ସଚିନ୍ଦ୍ର ଦାସ, କାର୍ତ୍ତିକେଶ୍ୱର ପଣ୍ଡା, ଅଭିମନ୍ୟୁ ବେହେରା, ରମାକାନ୍ତ ପୁଆଳ, ଭଜମନ ପରିଡ଼ା, ଜଗଦିଶ ସାହୁ, ତାପସ ନାୟକ, ଆକାଶ ଲେଙ୍କା, ସୁଧାଂଶୁ ପଟ୍ଟନାୟକ, ଆଶୁତୋଷ ନାୟକ, ରାଜୁ ଲେଙ୍କା, ରମେଶ ମହାକୁଡ଼, ଯଶୋବନ୍ତ ପଣ୍ଡା,ପ୍ରକାଶ କୁମାର ପ୍ରଧାନ, ଅରବିନ୍ଦ ପ୍ରଧାନ ସମେତ ବହୁ ସଭ୍ୟସଭ୍ୟା ଓ ବିଜେପି କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଟକ ରେଡକ୍ରସରୁ ସାହିଲ ସ୍ୱାତିକ, କୁମାର ସ୍ୱାଇଁ, ବିଶ୍ୱ ଜିତ ସାହାଣୀ, ସୁନୀଲ କୁମାର ଖଣ୍ଡେଇ, ଗୋବିନଚନ୍ଦ୍ର ମହନ୍ତ, ଗିରିଜା ଶଙ୍କର ଷଡ଼ଙ୍ଗୀ, ମୃତ୍ୟୁଞ୍ଜୟ ବେଜ, ପ୍ରଶାନ୍ତ ବାରିକ, ପିତାମ୍ବର ଜେନା, ପ୍ରମୋଦ ଲେଙ୍କା, ଲିତେଷ୍ଣୁ କୁମାର ବେହେରା, ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ ୨୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡ଼ିଛି।



## ବିଜେଡିର ମିଶ୍ରଣ ପର୍ବ



**ନୀଳଗିରି, ୭।୮ (ସମିସ):** ଆଜି ନୀଳଗିରି ବିଜେଡି କାର୍ଯ୍ୟାଳୟରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ର ୮,୧୧,ଏବଂ୧୨ନମ୍ବର ତିନୋଟି ୱାର୍ଡରୁ ଶତାଧିକ ଅନ୍ୟ ଦଳର କର୍ମୀ ଦଳ ଛାଡି ବିଜେଡି ଦଳରେ ଯୋଗ ଦେଇଛନ୍ତି। ମହେଶ୍ୱର ରାଉତ, ମହେଶ୍ୱର ଗୋଛାୟତ, ମାନସ ରଞ୍ଜନ ରାଉତ, ଶ୍ୟାମସୁନ୍ଦର ନାୟକ, ଅନିମା ରାଉତ, ସୋମ୍ୟ ରଞ୍ଜନ ନାୟକଙ୍କ ନେତୃତ୍ୱରେ ନୀଳଗିରି ବିଜ୍ଞାପିତ ଅଞ୍ଚଳର ଶତାଧିକ କର୍ମୀମାନେ ଅନ୍ୟ ଦଳ ଛାଡ଼ି ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ଏହି ମିଶ୍ରଣରେ ବିଜେଡି ଅଧିକ ସଶକ୍ତ ହେଲା ବୋଲି ପୂର୍ବତନ ବିଧାୟକ ଙ୍ଗ ସୁକାନ୍ତ ନାୟକ କହିଥିଲେ। ଉକ୍ତ ବୈଠକରେ ସଭାପତି ଅଚ୍ୟୁତ ପ୍ରଧାନ, ଉଦୟଜ୍ୟୋତି ମହାନ୍ତି, ଗଙ୍ଗାଧର ମିଶ୍ର, ବୁଦ୍ଧଦେବ ସରକାର ଓ ବରିଷ୍ଠ ନେତା ସୁନୀଲ ପ୍ରଧାନ ଉପସ୍ଥିତ ଥିଲେ।

## ଡାଇରିଆ ଆକ୍ରାନ୍ତଙ୍କୁ ଭେଟିଲେ ସିଡିଏମ୍‌ଓ

**ଜଳେଶ୍ୱର, ୭।୮(ସମିସ) :** ଜଳେଶ୍ୱର ଥାନା ବର୍ତ୍ତନା ପଂଚାୟତ ଖରିଦା ଗ୍ରାମରେ ଘର ପ୍ରତିଷ୍ଠା ଭୋଜି ଖାଇ ଡାଇରିଆ ଆକ୍ରାନ୍ତ ଗ୍ରାମର ୧୮୫ ଲୋକ ପୀଡିତ ସହିତ ୬୫ ମେଡିକାଲ ରେ ଆଡମିଶନ ରୋଗୀ ଜିକେଭଟ୍ଟର ହସ୍ପିଟାଲ୍ ରେ ଚିକିତ୍ସିତ ହେଉଛନ୍ତି। ସେଥି ମଧ୍ୟରୁ ୧୬ ଗୁରୁତର ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖିବା ପାଇଁ ସିଡିଏମ୍‌ଓ ଦିଲ୍ଲୀପ କୁମାର ଜେନା ଡିପିଏଚଓ ପ୍ରଦୀପ କର ପହଞ୍ଚି ମେଡିକାଲ ରେ ରୋଗୀଙ୍କୁ ଭେଟିବା ସହିତ ଖରିଦା ଗ୍ରାମକୁ ମଧ ପରିଦର୍ଶନ କରିଥିଲେ। ସାଥିରେ ଡାକ୍ତର ଭିଷ୍ମ ଚରଣ ପରିଡା, ଡାକ୍ତର ଦିଲ୍ଲୀପ ପାତ୍ର ଉପସ୍ଥିତ ଥିଲେ।। ତତସହିତ ରୋଗୀଙ୍କୁ ଭେଟିବା ପାଇଁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର, ବ୍ଲକ୍ ଅଧକ୍ଷ ମାନସ କୁମାର ଜେନା ବିଜେପି ନେତ୍ରୀ ସିପ୍ରା ବାଜପେୟୀ ରୋଗୀଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ।



## ସିପିଏମ୍‌ର ଆମରଣ ଅନଶନ

ନୀଳଗିରି, ୭।୮ (ସମିସ)




ନୀଳଗିରି ଠାରୁ ବଉଳ ଗଡ଼ିଆ ରାସ୍ତା ଆଜକୁ ଦୀର୍ଘ ଦିନ ଧରି ମରଣ ଯନ୍ତା ପାଲଟିଥିବା ବେଳେ ଏନେଇ ୨୫ଥରରୁ ଉର୍ଦ୍ଧ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରତିବାଦ, ରାସ୍ତାରୋକ କରାଯାଇଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ପ୍ରତିଶ୍ରୁତି କେବଳ ପାଣିର ଗାର। ଶେଷରେ ସିପିଆଇ (ଏମ୍) ଦଳ ପକ୍ଷରୁ ଶୁକ୍ରବାର ଦିନ ନିଳଗିରି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ମୁଖ୍ୟତଃ ତିନୋଟି ଦାବୀ ନେଇ ଆମରଣ ଅନଶନରେ ବସିଥିବା ବେଳେ ନୀଳଗିରି ବଉଳ ଗଡ଼ିଆ ରାସ୍ତା ଯଥାଶୀଘ୍ର କରାଯାଉ, ଉକ୍ତ ରାସ୍ତାରେ ଚଳା ଚଳ କରୁଥିବା ବସ ଗୁଡ଼ିକୁ ଯଥାଶୀଘ୍ର ଚଳା ଚଳ କରାଯାଉ, ଉକ୍ତ ରାସ୍ତାରେ ଭାରି ଯାନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଉ ବୋଲି ଦାବୀ ରଖିଛନ୍ତି। ଏହି ଆମରଣ ଅନଶନ ସ୍ଥଳରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ରଙ୍କ ନେତୃତ୍ୱରେ ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ଲକ୍ଷ୍ମୀଧର ସାହୁ ଆମରଣ ଅନଶନରେ ବସିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଞ୍ଚଳିକ କମିଟିର ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଯୋଗାନନ୍ଦ ଦାଶ, ପ୍ରଦୀପ୍ତ ମିଶ୍ର, ଗିରିଧାରୀ ପ୍ରଧାନ, କାଳିଆ ପାତ୍ର, ଉମାକାନ୍ତ ଷଡଙ୍ଗୀ, ସତ୍ୟଜିତ୍ ଦାସ, ଗଜେନ୍ଦ୍ର ସିଂ, ରାଜ୍ୟ କମିଟି ସଦସ୍ୟ ସୀତାଂଶୁ ସେନାପତି ସହଯୋଗ କରିଥିଲା ବେଳେ ପୂର୍ବତନ ବିଧାୟକ ଙ୍ଗ ସୁକାନ୍ତ କୁମାର ନାୟକ ସେଠାରେ ଉପସ୍ଥିତ ହୋଇ ତାଙ୍କର ସମର୍ଥନ ଦେଇଥିଲେ। ଖବର ଲେଖିବା ବେଳକୁ ଘଟଣା ସ୍ଥଳରେ ପୂର୍ତ୍ତ ବିଭାଗର ସୁପରଟେଣ୍ଡେଣ୍ଟ ଇଞ୍ଜିନିୟର ଲମ୍ବୋଧର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ଜେନା ପହଞ୍ଚିଥିଲେ, ହେଲେ କୌଣସି ଦୃଢ ପ୍ରତିଶୃତି ଦେଇପାରିନଥିବାରୁ ଆମରଣ ଅନଶନ ଜାରିରହିଛି।

**ନୀଳଗିରି ବଉଳଗଡ଼ିଆ ରାସ୍ତା ପାଲଟିଛି ମରଣଯନ୍ତା**

## ନୂଆ ଭୋଟରଙ୍କୁ ଯୋଡ଼ିବାକୁ ସମବାୟ ମନ୍ତ୍ରୀଙ୍କୁ ଦାବିପତ୍ର

**ଜଳେଶ୍ୱର ବ୍ଲକ, ୭।୮ (ସମିସ):** ୨୦୨୭ ମସିହାରେ ରାଜ୍ୟର ସମସ୍ତ ସମବାୟ ସମିତିର ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ଯେପରି ଅଧିକ ସଂଖ୍ୟକ ନୂଆ ଭୋଟର ସାମିଲ ହୋଇପାରିବେ ସେ ନେଇ ପଦକ୍ଷେପ ନେବାକୁ ରାଜ୍ୟ ସମବାୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜଳେଶ୍ୱର ବ୍ଲକ୍ ରାମନଗର ପାଟଣା ସେବା ସମବାୟ ସମିତି ପରିଚାଳନା ପରିଷଦ ନିର୍ଦ୍ଦେଶକ ସୁବ୍ରତ ବେରା ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ; ୨୦୨୨ ମସିହାରେ ରାଜ୍ୟର ସମସ୍ତ ସମବାୟ ସମିତିର ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଏହାର କାର୍ଯ୍ୟକାଳ ୨୦୨୭ରେ ଶେଷ ହେବାକୁ ଯାଉଛି। ପୁଣି ନୂଆ ସମିତି ଗଠନ ପାଇଁ ନିର୍ବାଚନ ହେବ। କିନ୍ତୁ ଅତୀତରେ ଅନୁଷ୍ଠିତ ସମସ୍ତ ନିର୍ବାଚନ ପ୍ରକ୍ରିୟାରେ ଅଧିକ ସଂଖ୍ୟକ ଯୋଗ୍ୟ ଭୋଟରଙ୍କୁ ସାମିଲ କରାଯିବା ପାଇଁ ବିଶେଷ ଭାବେ ପଦକ୍ଷେପ ନିଆଯାଇନାହିଁ। ବିଶେଷ କରି ଯୁବବର୍ଗ ସମବାୟ ସମିତି ନିର୍ବାଚନରୁ ଦୂରରେ ରହୁଛନ୍ତିଝ ତେଣୁ ନୂଆ ଭୋଟରଙ୍କୁ ଯୋଡ଼ିବାକୁ ସମବାୟ ବିଭାଗ ପଦକ୍ଷେପ ନେଉ ବୋଲି ଶ୍ରୀ ବେରା ଦାବି କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଆମେ ସଂଯୋଗର ସେତୁ ତୁଳନାରେ ଅଧିକ ବିଭାଜନର କାନ୍ଥ ନିର୍ମାଣ କରିଚାଲିଛୁ।
-ଆଇଜାକ୍ ନିଉଟନ୍

## ବିବଶ ବାର୍ଦ୍ଧକ୍ୟ

ସବୁବେଳେ ସମସ୍ତଙ୍କ ପାଇଁ ବାର୍ଦ୍ଧକ୍ୟ ଅବାଞ୍ଛିତ। କିନ୍ତୁ ଜୀବନଚକ୍ରର ଏହି ସ୍ୱାଭାବିକ ନିଷ୍ଠୁର ପ୍ରକ୍ରିୟାକୁ ଏଡ଼ାଇ ଯିବା ସାଧାରଣ ମଣିଷ ପକ୍ଷରେ ଅସମ୍ଭବ। ବିଡ଼ମ୍ବନା ହେଉଛି ଏ ସମ୍ପର୍କରେ ଶତସଚେତନ ଥାଇ ମଧ୍ୟ ଯୌବନର ଉଦ୍ଦାମତାରେ ବାର୍ଦ୍ଧକ୍ୟକୁ ଅବହେଳା କରିବାର ମାନସିକତା ଆମ ସମାଜରେ ବଢ଼ିବାରେ ଲାଗିଛି। ଏହି କଳୁଷିତ ଧାରାଟି ବିଦେଶୀ ସଂସ୍କୃତିରୁ ଉତ୍ପନ୍ନ ହୋଇ କ୍ରମଶଃ ଭାରତୀୟ ଜନମାନସକୁ ଆଚ୍ଛନ୍ନ କରିଚାଲିଛି। ତେଣୁ ଏହାର ପରିମାଣ ମଧ୍ୟ ଅତୀବ ଭୟଙ୍କର ହେବାକୁ ଯାଉଛି।

ଆଜିର ଏକକ ପରିବାର ମାନସିକତାରେ ପରିବାରର ବୟୋଜ୍ୟେଷ୍ଠମାନେ କ୍ରମଶଃ ଅଲୋଡ଼ା ଓ ଅବହେଳିତ ହୋଇଯାଉଥିବା ସାଧାରଣ ଘଟଣା ହୋଇସାରିଲାଣି। ଏଥିପାଇଁ ବୃଦ୍ଧାଶ୍ରମ/ଜରାଶ୍ରମମାନଙ୍କର ସଂଖ୍ୟା ବଢ଼ିଚାଲିଲାଣି। ଆଜିକାଲି ଅର୍ଥାଗମ ସୁଗମ ହୋଇଛି। ତେଣୁ ପରିବାରର ବୋଝ ମନେ ହେଉଥିବା ବୁଢ଼ାବୁଢ଼ୀମାନଙ୍କୁ ମୋଟା ଅଙ୍କର ଅର୍ଥଦାନ ବଦଳରେ ଜରାଶ୍ରମମାନଙ୍କରେ ଥଇଥାନ କରିଦିଆଯାଉଛି। ଆଉ କେତେକ କ୍ଷେତ୍ରରେ ପୁଅବୋହୂଙ୍କ ନିର୍ଯାତନା ସହି ନ ପାରି ବୁଢ଼ାବୁଢ଼ୀମାନେ ନିଜେ ନିଜେ ଜରାଶ୍ରମକୁ ବରଣ କରି ନେଉଛନ୍ତି। ପୁଣି ଯେଉଁ ବାପାମାଆମାନେ ଏକଦା ପୁଅଝିଅଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ବିଦେଶରେ ଚାକିରି କରିବାକୁ ପଠାଇଥିଲେ ସେମାନେ ଆଜି ସବୁଥାଇ ମଧ୍ୟ ନିଃସ୍ୱ। ସେମାନଙ୍କର ସ୍ଥାୟୀ ଠିକଣା ଏବେ ଜରାଶ୍ରମ।

ସେଠାରେ ତ ସେମାନେ ଆଉ ପରିବାର ଉପରେ ବୋଝ ନୁହନ୍ତି; କେବଳ ଲୋଡ଼ନ୍ତି ପୁଅଝିଅ ନାତିନାତୁଣୀଙ୍କ ସହିତ ଟିକେ ଭାବ ବିନିମୟ। ଏବେ ଆଉ ଚିଠି ଲେଖାର ପରମ୍ପରା ନାହିଁ। ଚାହିଁବାମାତ୍ରେ ନିମିଷକେ ବାର୍ତ୍ତାଳାପ ଏପରିକି ଭିଡିଓ କଲିଂରେ ଯିଏ ଯେଉଁଠି ଥାଉ ନା କାହିଁକି ପ୍ରତ୍ୟକ୍ଷ ଦେଖାସାକ୍ଷାତ ସମ୍ଭବ ହୋଇପାରୁଛି। ତଥାପି ପୁଅଝିଅଙ୍କ ପାଖରେ ସେତିକି ସମୟ ନାହିଁ। ଆହୁରି ବିଡ଼ମ୍ବନା ହେଲା ଯେଉଁମାନେ ଦିନେ ଅଳି ଅର୍ଦ୍ଦଳି ସହି ପିଲାମାନଙ୍କୁ ମଣିଷ କରିଛନ୍ତି ସେମାନଙ୍କ ଶେଷସମୟ କିମ୍ବା ଅନ୍ତ୍ୟେଷ୍ଟିକ୍ରିୟାରେ ମଧ୍ୟ ଯୋଗ ଦେବାକୁ ପିଲାମାନଙ୍କର ପାଖରେ ସମୟ ନାହିଁ। କେବଳ ଟଙ୍କା ପଠେଇ ଦେଇ ପୁଅଝିଅମାନେ ନିଜ ଦାୟିତ୍ୱ ସରିଗଲା ବୋଲି ଭାବି ନେଉଛନ୍ତି। ଏଭଳି ଏକ ଘଟଣା ଏବେ ଜାତୀୟସ୍ତରର ଗଣମାଧ୍ୟମମାନଙ୍କରେ ଚର୍ଚ୍ଚିତ ହୋଇଛି। ଏଭଳି ସନ୍ତାନମାନେ ଦାୟିତ୍ୱ ସମ୍ପାଦନ କରୁନାହାନ୍ତି, ବରଂ ବୋଝ ହାଲ୍‌କା ହେଲା, ଅଡୁଆ ତୁଟିଲା ବୋଲି ଆଶ୍ୱସ୍ତ ହେଉଛନ୍ତି। ଦୃଷ୍ଟି ଆଢୁଆଳରେ ଆମ ସମାଜରେ ଏଭଳି ଆହୁରି ଅନେକ ଘଟଣା ଅହରହ ଘଟିଚାଲିଛି।

ଲୋକକଥା ଅନୁଯାୟୀ ଯିଏ ଯେମିତି ମଞ୍ଜି ପୋତିଥିବ ସିଏ ସେମିତି ଫଳ ତୋଳିବ। ଆଜି ଯେଉଁମାନଙ୍କ ପାଖରେ ସେମାନଙ୍କ ବୃଦ୍ଧ ପିତାମାତା ଏପରିକି ଜରାଶ୍ରମରେ କିମ୍ବା ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ୍ ହେବା ପାଇଁ ମଧ୍ୟ ସମୟ ନାହିଁ ସେମାନେ ବାର୍ଦ୍ଧକ୍ୟରେ ସମଦଶା ଭୋଗିବାକୁ ବାଧ୍ୟ। ସମସ୍ତେ ଯେ ବାର୍ଦ୍ଧକ୍ୟର ବିବଶତା ଦେଇ ଗତି କରିବେ ତାହା ବୋଧହୁଏ ଦାମ୍ଭିକମାନେ ପାସୋରି ଯାଉଛନ୍ତି। ଭାଗ୍ୟବଳରେ ଯଦି ବା ସେମାନେ ଜରାଶ୍ରମର ଅନୁଭୂତିକୁ ଏଡ଼ାଇ ଯାଆନ୍ତି ତଥାପି ଜୀବନର ଶେଷ ଠିକଣାରେ ପହଞ୍ଚିବା ଅବଧାର୍ଯ୍ୟ। ସେତେବେଳେ ସେମାନେ ଉତ୍ତରପିଢ଼ିଠାରୁ କୌଣସି ଔପଚାରିକତା ଆଉ ଅନୁଗ୍ରହ ଆଶା କରିବା ଅନୁଚିତ।

## ନକଲି ସୁନା

'ଅଲ୍ ଦାଟ୍ ଗ୍ଲିଟରସ ଇଜ୍ ନଟ୍ ଗୋଲ୍ଡ।' ଇଂରାଜୀ ଭାଷାରେ ବହୁଳ ବ୍ୟବହୃତ ଏହି ପ୍ରବାଦର ଓଡ଼ିଆ ମର୍ମାନ୍ତର ହେଉଛି - 'ଝଟକୁ ଥିବା ସବୁ ଜିନିଷ ସୁନା ନୁହେଁ।' ଅର୍ଥାତ୍ ବାହାରକୁ ଯାହା ଦେଖାଯାଏ ଅସଲରେ ତାହା ସେପରି ହେବ ବୋଲି କୌଣସି ନିଶ୍ଚିତତା ନାହିଁ। ଏ କଥା ଅଳ୍ପେବହୁତ ଜାଣି ମଧ୍ୟ ଆମେମାନେ ବିଭିନ୍ନ ଉତ୍ପାଦର ଲୋଭନୀୟ ବିଜ୍ଞାପନରେ ଆକୃଷ୍ଟ ହୋଇ କିଣି ନେଉଛୁ ବା ଜୀବନଚର୍ଯ୍ୟାରେ ସାମିଲ୍ କରି ନେଉଛୁ। ଏପରିକି 'ଅତିବିଶ୍ୱସନୀୟ' ଭାବେ ଧାରଣା ସୃଷ୍ଟି କରିସାରିଥିବା କମ୍ପାନୀମାନେ ମଧ୍ୟ ଉପଭୋକ୍ତାମାନଙ୍କର ଏହି ସରଳତା ଓ ମାନସିକ ଦୁର୍ବଳତାର ସୁଯୋଗ ନେଇ ବିପୁଳ ପରିମାଣର ଲାଭ କରିଚାଲୁଛନ୍ତି। ଏଭଳି ଏକ ଉଦାହରଣ ପୁଣି ଥରେ ଗଣମାଧ୍ୟମରେ ଚର୍ଚ୍ଚା ସୃଷ୍ଟି କରିଛି।

ଆୟୁର୍ବେଦ କମ୍ପାନୀ ଡାବର ଦ୍ୱାରା ବଜାରରେ ବିକ୍ରି ହେଉଥିବା ମହୁ, ନଡ଼ିଆ ଖିର ଓ ଗାଈ ଘିଅରେ ବ୍ୟବହୃତ 'ଶତପ୍ରତିଶତ' ଶବ୍ଦକୁ ହଟାଇ ଦେବା ପାଇଁ ଭାରତର ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ(ଏଫ୍‌ଏସ୍‌ଏସ୍‌ଏଆଇ) ନିର୍ଦ୍ଦେଶ ଦେଇଛି। ୨୦୨୫ ମେ'ମାସରେ ମଧ୍ୟ ଏଫ୍‌ଏସ୍‌ଏସ୍‌ଏଆଇ ଅନୁରୂପ ନିର୍ଦ୍ଦେଶନାମା ଜାରି କରି କହିଥିଲା ଯେ କୌଣସି ଉତ୍ପାଦକୁ ଶତପ୍ରତିଶତ ବିଶୁଦ୍ଧ, ଶତପ୍ରତିଶତ ଜୈବିକ, ଶତପ୍ରତିଶତ ପ୍ରାକୃତିକ ବୋଲି ଲେଖାଯାଇପାରିବ ନାହିଁ। ଏହା ଖାଦ୍ୟ ସୁରକ୍ଷା ମାନଦଣ୍ଡକୁ ସମର୍ଥନ କରୁନାହିଁ, ବରଂ ଗ୍ରାହକଙ୍କୁ ଅନୈତିକ ଭାବରେ ପ୍ରଲୁବ୍ଧ କରୁଛି। କୌଣସି ଉତ୍ପାଦକୁ ବିଶ୍ୱର କୌଣସି ଅନୁଷ୍ଠାନ ଶତପ୍ରତିଶତ ବୋଲି ଦାବି କରିପାରିବେ ନାହିଁ। କାରଣ ଉତ୍ପାଦନରେ ଯେତେ ବିଶୁଦ୍ଧତା ଅବଲମ୍ବନ କରାଯାଇଥିଲେ ମଧ୍ୟ ତାହା ବଜାରକୁ ଆସିବା ପୂର୍ବରୁ ବହୁ ପ୍ରକ୍ରିୟା ଓ ସୋପାନ ଦେଇ ଗତି କରିବାକୁ ହୋଇଥାଏ। ଫଳରେ ଉତ୍ପାଦ ତାହାର ଶତପ୍ରତିଶତ ମୌଳିକତା ହରାଇଥାଏ। ସ୍ୱାସ୍ଥ୍ୟ ଓ ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ବଜାରରେ ବିକ୍ରି ହେଉଥିବା ପ୍ରକ୍ରିୟାକୃତ ଆହାର ଗୁଣାତ୍ମକ ଦୃଷ୍ଟିରୁ ଶତ ପ୍ରତିଶତ ଆଦୌ ହୋଇପାରିବ ନାହିଁ। ସେହିପରି ଯାହା ଶତପ୍ରତିଶତ ପ୍ରାକୃତିକ ତାହା ସ୍ୱାସ୍ଥ୍ୟ ପକ୍ଷେ ଶତପ୍ରତିଶତ ହିତକର ନୁହେଁ। ଏପରିକି ସୁନା ଶତପ୍ରତିଶତ ଖାଣ୍ଟି ହେଲେ ମଧ୍ୟ ସେଥିରେ ଗହଣା ନିର୍ମାଣ ହୋଇପାରୁ ନଥିବାରୁ ଖାଦ ମିଶାଇବାକୁ ପଡ଼େ।

ବସ୍ତୁତଃ ଆଜିକାଲି ଏଭଳି କୌଣସି ସାମଗ୍ରୀ ନାହିଁ, ଯାହା ମଣିଷର ଶରୀରରେ ବିଷକ୍ରିୟା ସୃଷ୍ଟି କରୁନାହିଁ। ଯେଉଁଠି ମାଟି ପାଣି ପବନ ବିଷାକ୍ତ ହୋଇସାରିଲାଣି ଆମେ ଶତପ୍ରତିଶତ ବିଶୁଦ୍ଧତା ପାଇବା କେଉଁଠୁ? ଏପରିକି ପାଣିକୁ ଆମେ ଯେତେ ଛାଣି ପିଇଲେ ମଧ୍ୟ ଯୋଗାଣ ପାଇପ୍‌ରେ ଥିବା ମାଇକ୍ରୋ ପ୍ଲାଷ୍ଟିକ୍ କଣିକା ଆମ ଶରୀର ଭିତରକୁ ପ୍ରବେଶ କରୁଛି। ତେଣୁ କମ୍ପାନୀମାନେ ସେମାନଙ୍କ ଉତ୍ପାଦକୁ ଗୁଣାତ୍ମକ ମାନରେ ଶତପ୍ରତିଶତ ପ୍ରମାଣପତ୍ର ଦେବେ କିଭଳି? ଆଜିର ଦୁନିଆରେ ମାନବିକତା ମରିସାରିଥିବାରୁ ଜୀବନରକ୍ଷାକାରୀ ଔଷଧ ମଧ୍ୟ ଭେଜାଲ୍ ହେଉଛି। କିନ୍ତୁ ଶକ୍ତ ଆଇନ ନଥିବାରୁ ଭେଜାଲ୍‌କାରୀମାନେ ଅପରାଧ ଭିଆଇ ମୁକ୍ତ ଆକାଶ ତଳେ ବିଚରଣ କରୁଛନ୍ତି। ଏଫ୍‌ଏସ୍‌ଏସ୍‌ଏଆଇ କେବଳ ନିର୍ଦ୍ଦେଶନାମା, ମାର୍ଗଦର୍ଶିକା, ପରାମର୍ଶ ଜାରି କରିବା ବଦଳରେ ଏ ଦିଗରେ ଶକ୍ତ ଆଇନ ପ୍ରଣୟନ କରିବା ଦିଗରେ ସରକାରଙ୍କୁ ସୁପାରିସ କଲେ ଚକ୍ ଚକ୍ କରୁଥିବା ସୁନା ନକଲି ନ ହୋଇ ଅସଲି ହୋଇପାରନ୍ତା।

# ନୋବେଲରେ ଭାରତ ପଛୁଆ କାହିଁକି

**ଶ୍ରୀବତ୍ସ ନାୟକ**

ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କୁ ଦିଆଯାଉଥିବା ପୁରସ୍କାର ମଧ୍ୟରୁ 'ନୋବେଲ' ପୁରସ୍କାର ସବୁଠାରୁ ମର୍ଯ୍ୟାଦାଜନକ ତଥା ସର୍ବଶ୍ରେଷ୍ଠ। ସୁଇସ୍ ବୈଜ୍ଞାନିକ ତଥା ଡିନାମାଇଟର ଉଦ୍ଭାବକ ଆଲଫ୍ରେଡ ନୋବେଲଙ୍କ ଦ୍ୱାରା ପ୍ରତିଷ୍ଠିତ 'ନୋବେଲ ଫାଉଣ୍ଡେସନ' ତରଫରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖ, ନୋବେଲଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ୱିଡେନର ରାଜଧାନୀ ଷ୍ଟକହୋମଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଶାନ୍ତି, ଭେଷଜ, ସାହିତ୍ୟ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ନୋବେଲ ପୁରସ୍କାର ମୁଖ୍ୟତଃ ଜିଜ୍ଞାସା, ସୃଜନଶୀଳତା ଓ ମୌଳିକତାରୁ ପ୍ରେରିତ କାର୍ଯ୍ୟ ଏବଂ ଗବେଷଣାକୁ ମାନ୍ୟତା ଦେଇଥାଏ।

୧୯୦୧ ମସିହାରୁ ପ୍ରଚଳିତ ନୋବେଲ ପୁରସ୍କାର ୨୦୨୫ ମସିହା ସୁଦ୍ଧା ଅର୍ଥାତ୍ ୧୨୪ ବର୍ଷ ମଧ୍ୟରେ ୧୦୨୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ପଦାର୍ଥ ବିଜ୍ଞାନରେ ୨୩୦ ଜଣ, ରସାୟନ ବିଜ୍ଞାନରେ ୨୦୦ ଜଣ, ଭେଷଜରେ ୨୩୨ ଜଣ, ସାହିତ୍ୟରେ ୧୨୨ ଜଣ, ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ୧୪୩ ଜଣ ଏବଂ ଅର୍ଥନୀତି କ୍ଷେତ୍ରରେ ୯୯ ଜଣ ବିଦ୍ୱାନ ବ୍ୟକ୍ତି ଏହି ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ୪୨୮ ନୋବେଲ ବିଜେତାଙ୍କ ସହିତ ତାଲିକାର ଶୀର୍ଷରେ ଆମେରିକା ରହିଥିବା ବେଳେ ୧୪୪ ନୋବେଲ ବିଜେତାଙ୍କ ସହ ୟୁକେ ଏବଂ ୧୧୬ ନୋବେଲ ବିଜେତାଙ୍କ ସହିତ ଜର୍ମାନ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି। ସ୍ୱିଡେନ ଭଳି ଏକ କ୍ଷୁଦ୍ର ରାଷ୍ଟ୍ର ୩୫ ଜଣ ନୋବେଲ ବିଜେତା ପ୍ରାପ୍ତ ହୋଇଥିବା ବେଳେ ତାଲିକାରେ ୧୦ ବିଜେତାଙ୍କ ସହ ଭାରତ ୧୯ତମ ସ୍ଥାନରେ ରହିଛି। ବହୁସଂଖ୍ୟକ ବୈଜ୍ଞାନିକ, ସୃଜନ, ଅର୍ଥନୀତିଜ୍ଞ ସହିତ ସର୍ବାଧିକ ଜନବହୁଳ ଦେଶ ହେବା ସତ୍ତ୍ୱେ ନୋବେଲରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ। ବିଶେଷକରି ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ଦେଖୁଥିବା ଏବଂ ୨୦୫୦ ମସିହା ବେଳକୁ ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଥିବା ଭାରତ ବିଗତ ଏକ ଶତାବ୍ଦୀ ଧରି ବିଜ୍ଞାନ କ୍ଷେତ୍ରରେ ନୋବେଲ ନପାଇବା ଦେଶର ବୈଜ୍ଞାନିକ ସୃଜନଶୀଳତା ଓ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭାରତୀୟ ଶିକ୍ଷାରୁ ନବସୃଜନ କାହିଁକି ହଜିଯାଉଛି, ନୋବେଲ ପୁରସ୍କାର ଦୌଡ଼ରେ ଭାରତ କାହିଁକି ପଛରେ ଅଛି ତାହା ଏବେ ଆଲୋଚ୍ୟର ପ୍ରସଙ୍ଗ।

ଭାରତୀୟ ବୈଜ୍ଞାନିକମାନେ ନୋବେଲ ଭଳି ସମ୍ମାନଜନକ ପୁରସ୍କାର ନପାଇବାର ଯେଉଁସବୁ କାରଣ ରହିଛି ତନ୍ମଧ୍ୟରୁ ଗବେଷଣା କ୍ଷେତ୍ରରେ ପର୍ଯ୍ୟାପ୍ତ ସମ୍ବଳ ବିନିଯୋଗ ନ ହେବା ପ୍ରମୁଖ କାରଣ। ଏ କ୍ଷେତ୍ରରେ ଇସ୍ରାଏଲ ଘରୋଇ ଉତ୍ପାଦ (ଜିଡିପି)ର ୬.୩ ପ୍ରତିଶତ, ତାଇୱାନ ୪.୯ ପ୍ରତିଶତ, ଦକ୍ଷିଣ କୋରିଆ ୪.୫ ପ୍ରତିଶତ, ଆମେରିକା ୩.୪ ପ୍ରତିଶତ, ଜାପାନ ୩.୪ ପ୍ରତିଶତ, ଅଷ୍ଟ୍ରିଆ ୩.୩ ପ୍ରତିଶତ, ଜର୍ମାନ୍ ୩.୧ ପ୍ରତିଶତ ଓ ଚୀନ ୨.୪ ପ୍ରତିଶତ ଅର୍ଥ ବିନିଯୋଗ କରୁଥିବାବେଳେ ଭାରତର ବିନିଯୋଗ ମାତ୍ର ୦.୭ ପ୍ରତିଶତ। ୨୦୧୦-୧୧ ଆର୍ଥିକ ବର୍ଷରେ ଭାରତରେ ଗବେଷଣା ପାଇଁ ୬୦, ୧୯୬.୭୫ କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ ୨୦୨୦-୨୧ରେ ୧, ୨୭, ୩୮୦.୯୬ କୋଟି ଟଙ୍କା ବିନିଯୋଗ ହୋଇଥିଲା। ନିବେଶ ପରିମାଣ ଏକ ଦଶନ୍ଧିରେ ଦ୍ୱିଗୁଣିତ ହୋଇଥିଲା ସତ; ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ସଦୃଶ।

ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ଭାରତୀୟ ବୈଜ୍ଞାନିକଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ୨୦୨୪ ମସିହାରେ ପ୍ରାୟ ୫, ୩୦୦ ଭାରତୀୟ ବୈଜ୍ଞାନିକ ଏଥିରେ ସ୍ଥାନ ପାଇଥିଲେ, ଯାହା ପ୍ରକୃତରେ ଗର୍ବର ବିଷୟ। ଏତେସଂଖ୍ୟକ ବୈଜ୍ଞାନିକ ଥିବା ସତ୍ତ୍ୱେ ଭାରତ ବିଜ୍ଞାନ କ୍ଷେତ୍ରରେ ନୋବେଲସ୍ତରୀୟ ସଫଳତା ହାସଲ ନ କରିବା ପ୍ରମାଣ କରୁଛି ଯେ ଗବେଷଣା ଗୁଣାତ୍ମକ ନହୋଇ ପରିମାଣାତ୍ମକ ହୋଇଯାଇଛି। ଗବେଷଣାର ମୌଳିକତା ଯଥେଷ୍ଟ ହ୍ରାସ ପାଇଛି। ଉଚ୍ଚ ଗୁଣବତ୍ତା ଅନୁସନ୍ଧାନ ହେଉନାହିଁ। ଅଧିକ ଉଦ୍ଧୃତ ଓ ପେଟେଣ୍ଟ ଦାଖଲ ଉପରେ ଧ୍ୟାନ ଦିଆଯାଉଛି। ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଅନେକ ଦୁର୍ବଳତା ମଧ୍ୟ ଏଥିନିମନ୍ତେ କେତେକାଂଶରେ ଦାୟୀ। ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ ଏମ୍‌ଆଇଟି ଓ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଶିକ୍ଷାବ୍ୟବସ୍ଥା ତୁଳନାରେ ଭାରତରେ ବିଶ୍ୱବିଦ୍ୟାଳୟ ଶିକ୍ଷାବ୍ୟବସ୍ଥା ବହୁ ପଛରେ। ଭାରତରେ ଗବେଷଣା ବଦଳରେ ପାରମ୍ପରିକ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଏ। ଭାରତର ଯେଉଁମାନେ ଗବେଷଣା କ୍ଷେତ୍ରରେ ଊଣାଅଧିକେ ଦକ୍ଷ, ସେମାନେ ବିଦେଶରେ ରହି ଅନେକ ଗୁଣାତ୍ମକ ଗବେଷଣା କରୁଛନ୍ତି। ଭାରତ ଜନ୍ମିତ ବିଦେଶରେ ନାଗରିକତ୍ୱ ଗ୍ରହଣ କରି ଅନେକ୍ ବିଦ୍ୱାନ ନୋବେଲପ୍ରାପ୍ତ ହୋଇଛନ୍ତି। ଏ କ୍ଷେତ୍ରରେ ହରଗୋବିନ୍ଦ ଖୁରାନା, ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର, ରାମକୃଷ୍ଣନ ପ୍ରମୁଖ ରହିଛନ୍ତି।

ଏତଦବ୍ୟତୀତ ଭାରତରେ ଦୀର୍ଘକାଳୀନ ଦୂରଦୃଷ୍ଟି ସମ୍ପନ୍ନ ନୀତି ନିର୍ଦ୍ଧାରଣର ଅଭାବ ରହୁଛି। ଚୀନ, ଜାପାନ, ଦକ୍ଷିଣ କୋରିଆ ଭଳି ଦେଶରେ ୨୦-୩୦ ବର୍ଷର ଦୀର୍ଘକାଳୀନ ଯୋଜନା ରହିଥିବା ବେଳେ ଭାରତର ଯୋଜନାର ସର୍ବକାଳୀନ ଅବଧି ହେଉଛି ପାଞ୍ଚ ବର୍ଷ। ବୈଜ୍ଞାନିକ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା, ସରକାରୀ ଚାପ, ଅର୍ଥନୈତିକ ପୃଷ୍ଠପୋଷକତା ମାତ୍ରାଧିକ ପ୍ରାଶାସନିକ ହସ୍ତକ୍ଷେପ ମଧ୍ୟ ଏ କ୍ଷେତ୍ରରେ କେତେକାଂଶରେ ଦାୟୀ। ଉପଯୁକ୍ତ ମେଧାବୀ ଚିହ୍ନିବାରେ ଅସମର୍ଥ ଯୋଗୁଁ ଯେଉଁକିଛି ଗବେଷଣା ହେଉଛି ସେଗୁଡ଼ିକ ପାରମ୍ପରିକ ଏବଂ ପୂର୍ବଲିଖିତ ଧାରାର ଏକ ପୁନରାବୃତ୍ତି ମାତ୍ର। ଉପଯୁକ୍ତ ଯୋଗ୍ୟତା, ଗବେଷଣା ଦକ୍ଷତା ଓ ଉଚ୍ଚକୋଟୀର ଅନୁସନ୍ଧାନ ଥାଇ ମଧ୍ୟ ଭାରତର ପ୍ରାଶାସନିକ ନିୟମ ଅନୁସାରେ ପଦୋନ୍ନତି ନିମନ୍ତେ ବିଜ୍ଞ ଅପେକ୍ଷା ଅଭିଜ୍ଞଙ୍କୁ ଗୁରୁତ୍ୱ ଦିଆଯାଉଛି। କୌଣସି ମେଧାବୀ ତଥା ଯୁବ ବୈଜ୍ଞାନିକ କୌଣସି ପ୍ରତିଷ୍ଠିତ ଅନୁଷ୍ଠାନରେ ଗବେଷଣା କରିବାର ସୁଯୋଗ ପାଉଥିଲେ ମଧ୍ୟ ରାଜନୈତିକ ଚାପ ତଥା ଉପଯୁକ୍ତ ସରଞ୍ଜାମ ଅଭାବରୁ ଗବେଷଣା ବାଧାପ୍ରାପ୍ତ ହୋଇଥାଏ। ଏହିଭଳି ଏକ ବ୍ୟବସ୍ଥାରେ ଜଣେ ଯୁବ ବୈଜ୍ଞାନିକର ସ୍ୱପ୍ନ ମରିଯାଏ ଓ ପ୍ରେରଣା ହଜିଯାଏ। ପ୍ରକାଶନ ଓ ପୁରସ୍କାର ପାଇଁ ଦୌଡ଼ ଭିତରେ ଗବେଷଣାର ମୂଳ ଲକ୍ଷ୍ୟ ସୁଦୂରପ୍ରସାରୀ ହୁଏ। ଥରେ ଚିନ୍ତା କରନ୍ତୁ ତ! ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ଅବଦୁଲ କଲାମଙ୍କୁ ବିଶ୍ୱବିଦ୍ୟାଳୟରେ ପଢ଼ାଇବାର ସୁଯୋଗ ମିଳି ନଥିଲା କିନ୍ତୁ ପରବର୍ତ୍ତୀ ସମୟରେ ସେ ଭାରତର 'ମିଶାଇଲ ମ୍ୟାନ' ଭାବରେ ପ୍ରତିଷ୍ଠିତ ହୋଇଥିଲେ।

ଭାରତକୁ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବାକୁ ହେଲେ ଜିଜ୍ଞାସାକୁ ଦମନ କରିବା ପରିବର୍ତ୍ତେ ଉତ୍ସାହିତ କରିବା ଉଚିତ। ଏଥିପାଇଁ ଶିକ୍ଷାରେ ସଂସ୍କାର ଆଣିବା ଦରକାର। ଭାରତୀୟ ସମ୍ବିଧାନ ଅନୁଯାୟୀ, ବୈଜ୍ଞାନିକ ମନୋଭାବ ବିକଶିତ କରିବା ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ କର୍ତ୍ତବ୍ୟ, ଯାହା ୧୯୭୬ ମସିହା ୪୨ତମ ସଂଶୋଧନର ଧାରା ୫୧ଇ(ଏଚ୍) ମାଧ୍ୟମରେ ସାମିଲ କରାଯାଇଛି। ଏହି ବ୍ୟବସ୍ଥା ପ୍ରତ୍ୟେକ ନାଗରିକଙ୍କୁ ପ୍ରଶ୍ନ କରିବା ମନୋଭାବ, ମାନବବାଦ ଓ ସଂସ୍କାରର ମନୋଭାବ ବିକଶିତ କରିବାକୁ ଆହ୍ୱାନ କରେ। ଏହା ଆମକୁ ମନେ ପକାଇଦିଏ ଯେ ବୈଜ୍ଞାନିକ ପଦ୍ଧତିର ଲକ୍ଷ୍ୟ ହେଉଛି ମାନବ କଲ୍ୟାଣ। ତେଣୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଜ୍ଞାସା ଓ ସୃଜନଶୀଳତାକୁ ପ୍ରଭାବଶାଳୀ ଭାବରେ ବିକଶିତ କରିବା ଉଚିତ୍। ଅନ୍ୟପକ୍ଷରେ ଦେଖିଲେ 'ଧର୍ମ ଓ ଅନେକ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଭାରତ ବିଜ୍ଞାନ କ୍ଷେତ୍ରରେ ବହୁତ ପଛରେ ରହିଯାଇଛି। ସରକାର ଏ ସବୁ ଉପରେ ଯତ୍ନବାନ୍ ହେବା ନିହାତି ଜରୁରୀ।

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ, ମୋ: ୯୪୩୮୦୭୦୮୪୯

# ଜନମଙ୍ଗଳ ଯୋଜନା ଓ ସରକାରଙ୍କ ଉତ୍ତରଦାୟିତ୍ୱ

**ଡା. ରାଜାରାମ ଷଡ଼ଙ୍ଗୀ**

ଯୋଜନା ଅଛି, ବ୍ୟବସ୍ଥା ଅଛି, ବଜେଟ୍ ଅଛି; କିନ୍ତୁ ଯଦି ଲାଭ ପାଇବାକୁ ଥିବା ହିତାଧିକାରୀଟିଏ ଏ ଦୁଆରରୁ ସେ ଦୁଆର ଧାଇଁ ଧାଇଁ ନିଜ ଅଧିକାର ପାଇପାରୁନାହିଁ, ତେବେ ପ୍ରଶ୍ନ କେବଳ ବ୍ୟବସ୍ଥାର ନୁହେଁ। ପ୍ରଶ୍ନ ହେଉଛି ଶାସନର ସମ୍ବେଦନଶୀଳତା ଓ ଉତ୍ତରଦାୟିତ୍ୱର। ସରକାରୀ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ସମାଜର ସବୁଠାରୁ ଦୁର୍ବଳ, ଅସହାୟ ଓ ବଞ୍ଚିତ ଲୋକଙ୍କ ଜୀବନରେ ସୁରକ୍ଷା ଓ ସ୍ୱାଭିମାନର ଆଶ୍ୱାସନା ଆଣିବା। ଜଣେ ବୃଦ୍ଧଙ୍କ ହାତରେ ଭତ୍ତା, ଜଣେ ଦିବ୍ୟାଙ୍ଗଙ୍କ ହାତରେ ସାମାଜିକ ସୁରକ୍ଷାର ସହାୟତା, ଜଣେ ଗରିବ ପରିବାରର ମୁଣ୍ଡ ଉପରେ ଛାତ - ଏ ସବୁ କେବଳ ସରକାରୀ ଅନୁଦାନ ନୁହେଁ; ଏହା ହେଉଛି ରାଜ୍ୟର ସାମାଜିକ ଦାୟିତ୍ୱର ପ୍ରତିଫଳନ। କିନ୍ତୁ ଯେତେବେଳେ ସେହି ସହାୟତା ପାଇବା ପାଇଁ ଜଣେ ଶତପ୍ରତିଶତ ଦିବ୍ୟାଙ୍ଗ ମହିଳାଙ୍କୁ ବାୟୋମେଟ୍ରିକ, କେୱାଇସି ଓ ଅନ୍ୟାନ୍ୟ ପ୍ରକ୍ରିୟାର ଜଟିଳତାରେ ଅଟକି ରହିବାକୁ ପଡ଼େ, ସେତେବେଳେ ଆମକୁ ଭାବିବାକୁ ହେବ ବ୍ୟବସ୍ଥା ମଣିଷ ପାଇଁ ନା ମଣିଷ ବ୍ୟବସ୍ଥା ପାଇଁ?

ଉଦାହରଣ ସ୍ୱରୂପ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକର କଦଳୀଗଡ଼ ଗ୍ରାମର ଶତପ୍ରତିଶତ ଦିବ୍ୟାଙ୍ଗ ଯଶୋମତି କଅଁର ନିଜେ ଚାଲିପାରୁନାହାନ୍ତି। ବାପା-ମା' ନାହାନ୍ତି। ଅତ୍ୟନ୍ତ ଦୁର୍ବଳ ଆର୍ଥିକ ପରିବେଶରେ ଭାଇଙ୍କ ଆଶ୍ରୟରେ ଜୀବନ କାଟୁଛନ୍ତି। ଯେଉଁ ଘର ତାଙ୍କୁ ଆଶ୍ରୟ ଦେଉଛି, ସେଠାରେ ମଧ୍ୟ ଦାରିଦ୍ର୍ୟର ଚିହ୍ନ ଜଳ ଜଳ ଦେଖାଯାଉଛି। ପୂର୍ବରୁ ହାତକୁ ହାତ ମିଳୁଥିବା ଯଶୋମତିଙ୍କ ଭତ୍ତା ଏବେ ପ୍ରଶାସନ ପାଖରେ ଅଟକି ଯାଇଛି। ବ୍ୟାଙ୍କ ମାଧ୍ୟମରେ ଟଙ୍କା ପାଇବା ବ୍ୟବସ୍ଥା ଆରମ୍ଭ ହେବା ପରେ ଏଭଳି ଅବସ୍ଥା। ନଗଦରୁ ବ୍ୟାଙ୍କ ଭଳି ସେବା ପାଇଁ ଯଦି ସମସ୍ୟା ସୃଷ୍ଟି ହୋଇଛି, ତେବେ ଏହାର ସମାଧାନ କରିବା ମଧ୍ୟ ପ୍ରଶାସନର ଦାୟିତ୍ୱ। ଫିଙ୍ଗର ପ୍ରିଣ୍ଟ ମେଳ ନ ଖାଇବା, ବାୟୋମେଟ୍ରିକ ଚିହ୍ନଟ ନ ହେବା କିମ୍ବା ଆଖି ସ୍କାନ୍ ସମ୍ଭବ ନହେବା ଏସବୁ ଯଶୋମତିଙ୍କ ଦୋଷ ନୁହେଁ। ତେଣୁ ଏଭଳି ସମସ୍ୟାରେ ତାଙ୍କର ଅଧିକାର ଅଟକାଇବାର କୌଣସି କାରଣ ରହିବ ଏହା ଉଚିତ ନୁହେଁ।

ଡିଜିଟାଲ ପ୍ରଶାସନ, ଆଧାର ଆଧାରିତ ପ୍ରମାଣୀକରଣ ଓ ବାୟୋମେଟ୍ରିକ ବ୍ୟବସ୍ଥା ଦୁର୍ନୀତି ହ୍ରାସ, ସ୍ୱଚ୍ଛତା ଓ ଶୀଘ୍ର ସେବା ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପ୍ରଯୁକ୍ତି କେବେ ମଣିଷର ଅଧିକାର ପାଇବାରେ ବାଧା ହେବା ଉଚିତ ନୁହେଁ। ବିଶେଷକରି ଦିବ୍ୟାଙ୍ଗ, ବୃଦ୍ଧ, ଶଯ୍ୟାଶାୟୀ ଓ ଅତ୍ୟନ୍ତ ଅସହାୟ ବ୍ୟକ୍ତିଙ୍କ କ୍ଷେତ୍ରରେ 'ବିକଳ୍ପ ବ୍ୟବସ୍ଥା' ହିଁ ପ୍ରଶାସନର ପ୍ରଥମ ଚିନ୍ତା ହେବା ଦରକାର। ଯଦି ଏକ ମେସିନ୍ ଜଣେ ନାଗରିକଙ୍କୁ ଚିହ୍ନଟ କରିପାରୁନାହିଁ, ତେବେ ନାଗରିକଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିଦିଆଯାଇପାରିବ ନାହିଁ। ଯଦି କେହି ଅସହାୟ ହିତାଧିକାରୀ ବ୍ୟାଙ୍କକୁ ଆସନ୍ତି ଏବଂ ବାୟୋମେଟ୍ରିକ ବିଫଳ ହୁଏ, ତେବେ କେବଳ 'କେୱାଇସି ହେଉନି' କହି ତାଙ୍କୁ ଫେରାଇଦେବା ପ୍ରଶାସନିକ ଦୃଷ୍ଟିରୁ ଗୁରୁତର ଚିନ୍ତାର ବିଷୟ। ଯଦି କେୱାଇସି ନାମରେ କାହାର ଅଧିକାର ଛଡ଼ାଇ ନିଆଯାଏ ତେବେ ବ୍ୟବସ୍ଥା ଉପରେ ଏହା ସରକାରୀ ବିଫଳତା ଭାବେ ପ୍ରତୀୟମାନ ହେବ।

ଜଣେ ସାଧାରଣ ନାଗରିକ ହୁଏତ ଏକାଧିକ ଥର ବ୍ୟାଙ୍କକୁ ଯାଇପାରିବେ। କିନ୍ତୁ ଯେଉଁ ମହିଳା ନିଜେ ଚାଲିପାରୁନାହାନ୍ତି, ତାଙ୍କୁ ପ୍ରତିଥର ଭାଇ କିମ୍ବା ପରିବାରର ସହାୟତାରେ ନେଇଯିବାକୁ ପଡ଼ୁଛି, ପ୍ରତ୍ୟେକ ଯାତ୍ରା ତାଙ୍କ ପାଇଁ ଏକ ଯନ୍ତ୍ରଣା। ତେଣୁ ଏଭଳି ମାମଲାରେ ଅଧିକାରୀଙ୍କ ଭୂମିକା କେବଳ ନିୟମ ଦେଖାଇବାରେ ସୀମିତ ନରଖି ସମାଧାନ ଖୋଜିବାର ପନ୍ଥା ଖୋଜିବା ଆବଶ୍ୟକ। ଏଠାରେ ସ୍ପଷ୍ଟ ହେବା ଉଚିତ ଯେ ଯୋଜନାର ସଫଳତା କାଗଜରେ ନୁହେଁ, ହିତାଧିକାରୀଙ୍କ ହାତରେ ରହିଥାଏ। ସରକାର ଯେତେ ଯୋଜନା ଘୋଷଣା କରନ୍ତୁ, ଯେତେ ବଡ଼ ବଜେଟ୍ ବ୍ୟବସ୍ଥା କରନ୍ତୁ, ତାହାର ସଫଳତାର ପ୍ରକୃତ ମାପଦଣ୍ଡ ହେଉଛି ଶେଷଧାଡ଼ିରେ ଥିବା ମଣିଷଟିଏ ତାହାର ଲାଭ ପାଇଲା କି ନାହିଁ।

ଯଶୋମତିଙ୍କ ଭଳି ଲୋକଙ୍କ ପାଖରେ ଯୋଜନା ପହଞ୍ଚି ନ ଥିଲେ ଯୋଜନାର ଉଦ୍ଦେଶ୍ୟ ଅଧାରେ ରହିଯାଏ। କାଗଜରେ ହିତାଧିକାରୀଙ୍କ ନାମ ଥିବା ଏବଂ ବାସ୍ତବରେ ତାଙ୍କ ହାତକୁ ଟଙ୍କା ପହଞ୍ଚିବା ଏହି ଦୁଇଟି ଏକ ନୁହେଁ। ଏହି ଘଟଣା କେବଳ ଜଣେ ଯଶୋମତିଙ୍କ କାହାଣୀ ନୁହେଁ। ରାଜ୍ୟର ଅନେକ ଗାଁରେ ଏଭଳି ଅନେକ ହିତାଧିକାରୀ ଥାଇପାରନ୍ତି, ଯେଉଁମାନେ କାଗଜରେ ଯୋଜନାର ହିତାଧିକାରୀ, କିନ୍ତୁ ବାସ୍ତବରେ ଲାଭ ପାଇବାରୁ ବଞ୍ଚିତ। କାହାର ଆଧାର ସମସ୍ୟା, କାହାର ବ୍ୟାଙ୍କ ସମସ୍ୟା, କାହାର ବାୟୋମେଟ୍ରିକ ସମସ୍ୟା, ଆଉ କାହାର ଦସ୍ତାବିଜ ସମସ୍ୟା। ଏଭଳି କ୍ଷେତ୍ରରେ ପ୍ରଶାସନକୁ ହିଁ ଖୋଜିବାକୁ ପଡ଼ିବ ସମାଧାନର ପନ୍ଥା। 'ହିତାଧିକାରୀ କାହିଁକି ପାଇଲେ ନାହିଁ' ଅପେକ୍ଷା 'କେମିତି ତାଙ୍କୁ ପହଞ୍ଚାଇବା' ତାହା ପ୍ରଶାସନର ଚିନ୍ତା ହେବା ଆବଶ୍ୟକ।

ଯଶୋମତିଙ୍କ ଘଟଣାରେ ମଧ୍ୟ ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରିବା ଆବଶ୍ୟକ। କେଉଁଠି ସମସ୍ୟା ହେଉଛି, କାହିଁକି ହେଉଛି ଏବଂ ଏତେଦିନ ଧରି ଅଭିଯୋଗ ହେବା ସତ୍ତ୍ୱେ ଏହାର ସମାଧାନ କାହିଁକି ହୋଇନାହିଁ? ଏହା ହିଁ ଏକ ସ୍ୱଚ୍ଛ ସରକାରଙ୍କ ପାଇଁ ପ୍ରଶାସନର ମୂଳ ଦାୟିତ୍ୱ। କେବଳ ଯଶୋମତିଙ୍କ ଭତ୍ତା ଚାଲୁ କରିଦେଲେ ଦାୟିତ୍ୱ ଶେଷ ହେବ ନାହିଁ। ତାଙ୍କ ବକେୟା ଭତ୍ତା, ଆବାସ ଯୋଜନାର ଲାଭ ଏବଂ ଭବିଷ୍ୟତରେ ଯେପରି ଏଭଳି ସମସ୍ୟା ପୁଣି ନହୁଏ, ସେଥିପାଇଁ ସ୍ଥାୟୀ ବ୍ୟବସ୍ଥା କରିବା ଆବଶ୍ୟକ। ସରକାର ଲୋକଙ୍କ ପାଇଁ। ପ୍ରଶାସନ ଲୋକଙ୍କ ସେବା ପାଇଁ। ଯୋଜନା ମଧ୍ୟ ଲୋକଙ୍କ କଲ୍ୟାଣ ପାଇଁ। ତେଣୁ ଜଣେ ଅସହାୟ ଦିବ୍ୟାଙ୍ଗ ମହିଳା ନିଜ ପ୍ରାପ୍ୟ ପାଇଁ ବ୍ଲକ, ପଞ୍ଚାୟତ ଓ ବ୍ୟାଙ୍କ ଦୁଆରରେ ଧାଇଁ ଧାଇଁ ନିରାଶ ହେବା ନିଶ୍ଚିତ ଭାବେ ଏକ ବ୍ୟବସ୍ଥାଗତ ପ୍ରଶ୍ନ ଉଠାଏ। ଯୋଜନାର ଲାଭ ପାଇବା ଜଣେ ହିତାଧିକାରୀଙ୍କ ଦୟା ନୁହେଁ, ତାଙ୍କ ଅଧିକାର। ସେହି ଅଧିକାର ପାଇଁ ଯଦି ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ଅସହାୟ ଭାବେ ଦପ୍ତରରୁ ଦପ୍ତର ଧାଇଁବାକୁ ପଡ଼େ, ତେବେ ସେଠାରେ ଆମ ଜନମଙ୍ଗଳ ବ୍ୟବସ୍ଥାର ସମ୍ବେଦନଶୀଳତା ଉପରେ ପ୍ରଶ୍ନ ଉଠେ।


ଏବେ ଆବଶ୍ୟକ ଆଉ ଏକ ପ୍ରତିଶ୍ରୁତି ନୁହେଁ, ତୁରନ୍ତ ହସ୍ତକ୍ଷେପ, ଦାୟିତ୍ୱ ନିର୍ଦ୍ଧାରଣ ଓ ସମାଧାନ। କାରଣ ଜନମଙ୍ଗଳ ଯୋଜନାର ସଫଳତାର ପ୍ରକୃତ ପ୍ରମାଣ ସରକାରୀ ଫାଇଲ୍‌ରେ ନୁହେଁ, ଯଶୋମତିଙ୍କ ଭଳି ଶେଷଧାଡ଼ିର ମଣିଷଙ୍କ ମୁହଁରେ ସ୍ପଷ୍ଟ ବାରିହେଉଥିବା ହସ।

ପଡ଼ିଆବାହାଲ(ସମ୍ବଲପୁର),
ମୋ: ୯୪୩୭୪୦୫୪୫୫

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

**ପ୍ରବୀର କୁମାର ପଟ୍ଟନାୟକ**

ଓଡ଼ିଶାର ବୌଦ୍ଧ ପରମ୍ପରା



*ପୂର୍ବପ୍ରକାଶିତ ଉତ୍ତାରୁ...*

ନଂ ୧୩- ତ୍ରୟୋଦଶ ଶିଳାଲେଖ ହେଉଛି ଏହି ଶୃଙ୍ଖଳାର ସବୁଠାରୁ ଲମ୍ବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କଳିଙ୍ଗ ସଂସ୍କରଣରେ ଏହା ବାଦ୍ ପଡ଼ିବା ବାରମ୍ବାର ଲକ୍ଷ୍ୟ କରାଯାଉଛି ଏବଂ ଏଥିପାଇଁ ଦିଆଯାଇଥିବା କାରଣଗୁଡ଼ିକ ପ୍ରାୟ ସର୍ବସମ୍ମତ ଜଣାପଡ଼େ।

ଶିଳାଲେଖର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶଟି ହେଉଛି କଳିଙ୍ଗ ଯୁଦ୍ଧ ଏବଂ ଏହାଦ୍ୱାରା ଘଟିଥିବା ମାନବିକ ଦୁଃଖକଷ୍ଟ ପାଇଁ ଅଶୋକଙ୍କ ଅନୁତାପକୁ ବର୍ଣ୍ଣନା କରୁଥିବା ଉକ୍ତି। ଯେଉଁ ଲୋକମାନେ ପରାଜିତ ହୋଇଥିଲେ ସେମାନେ ନିଶ୍ଚିତ ଭାବେ ନିଜର କ୍ଷୟକ୍ଷତିକୁ ମନେ ପକାଇବାକୁ ଚାହିଁବେ ନାହିଁ। ଘଟଣାକ୍ରମେ ଅଶୋକ ଏହି କ୍ଷୟକ୍ଷତିକୁ ବଢ଼ାଇ ଅତ୍ୟୁକ୍ତି କରି କହିଥାଇ ପାରନ୍ତି, ଯେପରିକି ସେ ପ୍ରଥମ ଶିଳାଲେଖରେ ତାଙ୍କ ରାଜପ୍ରସାଦରେ ରୋଷଇ ଘରେ ପ୍ରତିଦିନ ହତ୍ୟା କରାଯାଉଥିବା ପଶୁଙ୍କ ସଂଖ୍ୟାକୁ ନିଶ୍ଚିତ ଭାବେ ଅତ୍ୟୁକ୍ତି କରିଥିଲେ। ଅଶୋକଙ୍କ ଅନୁତାପ ତାଙ୍କ ବିଜୟ ଲାଭ କରିଥିବା ଅଞ୍ଚଳରେ ଅଧିକ ପ୍ରଚାରିତ ହେଲେ ନିଶ୍ଚିତ ଭାବରେ ଏକ ଅଡୁଆ ପ୍ରଶ୍ନ ସୃଷ୍ଟି କରିଥା'ନ୍ତା। ଯଦି ତାଙ୍କର ଅନୁତାପ ପ୍ରକୃତ ଥିଲା ତେବେ ସେ କଳିଙ୍ଗକୁ ସ୍ୱାଧୀନତା କାହିଁକି ଫେରାଇ ଦେଲେ ନାହିଁ? ସେହି ଆଦେଶକୁ ଏହା ସହିତ ଦୁର୍ବଳତାର ଏକ ସଙ୍କେତ ଭାବରେ ମଧ୍ୟ ବିବେଚନା କରାଯାଇପାରିବ ଏବଂ ଏହା ଦର୍ଶାଇବ ଯେ ବିଦ୍ରୋହ ଅଥବା ବିପ୍ଳବ କିମ୍ବା ଅବାଧ୍ୟତାକୁ ଦୃଢ଼ ଭାବରେ ଦମନ କରାଯିବ।

ଉପରେ ଦର୍ଶାଯାଇଥିବା ଉଦ୍ଧୃତିର ପରବର୍ତ୍ତୀ ଅଂଶଟି ସେହି ଧର୍ମ ବିଜୟ ବିଷୟରେ ସୂଚିତ କରିଥାଏ, ଯାହା ଅଶୋକ ନିଜ ସାମ୍ରାଜ୍ୟର ସୀମା ଭିତରେ ଏବଂ ସୀମା ବାହାରେ ଉଭୟ ସ୍ଥାନରେ ହାସଲ କରିଥିଲେ। ଯଦି ଅଶୋକ ତାଙ୍କ ନିଜର ଶିଳାଲେଖ ମାଧ୍ୟମରେ ତାଙ୍କର ଧର୍ମ, ନୀତି, ଅହିଂସା ଓ କଳିଙ୍ଗ ଯୁଦ୍ଧ ପାଇଁ ଅନୁତାପ କରିଥିବା କଥା କଳିଙ୍ଗର ଲୋକମାନଙ୍କୁ ଜଣାଇଥା'ନ୍ତେ ତେବେ ଏହା ତାଙ୍କ ସାମ୍ରାଜ୍ୟ ପାଇଁ ରାଜନୈତିକ ସ୍ତରରେ ଅନୁଚିତ ତଥା ବିପଜ୍ଜନକ ହୋଇଥା'ନ୍ତା। କାରଣ ଏହା ସ୍ଥାନୀୟ ଲୋକଙ୍କ ମନରେ ଏହି ପ୍ରଶ୍ନ ଆସିଥା'ନ୍ତା କି ଯଦି ଅଶୋକ ପ୍ରକୃତରେ ଧର୍ମ ମାଧ୍ୟମରେ ବିଜୟ ଉପରେ ବିଶ୍ୱାସ କରୁଥିଲେ ତେବେ ସେ କାହିଁକି ଏହି ଅଞ୍ଚଳରୁ ନିଜ ସେନାଙ୍କୁ ପ୍ରତ୍ୟାହାର କଲେ ନାହିଁ ଏବଂ ଏହିପରି ଭାବରେ ପୁଣି ଏକ ବିଜୟ ହାସଲ କଲେ?

ତ୍ରୟୋଦଶ ଶିଳାନୁଶାସନରେ ଶେଷ କେତୋଟି ଧାଡ଼ିରେ ଅଶୋକ ତାଙ୍କର ଉତ୍ତରାଧିକାରୀମାନଙ୍କୁ ଆଉ ନୂତନ ଯୁଦ୍ଧ କିମ୍ବା ବିଜୟ ବିଷୟରେ ଚିନ୍ତା ନ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ବଦଳରେ ସେମାନଙ୍କୁ ତାଙ୍କ ନିଜ ଭଳି ଧର୍ମ ଏବଂ ଅହିଂସାର ଶାନ୍ତିପୂର୍ଣ୍ଣ ବିଜୟ ଅଥବା ଧର୍ମବିଜୟ ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ଯଦି ଏହି ଲେଖାଟି କଳିଙ୍ଗରେ ପ୍ରକାଶ ପାଇଥା'ନ୍ତା ତେବେ ସ୍ଥାନୀୟ ଦେଶପ୍ରେମୀମାନଙ୍କୁ ନୈତିକ ଶକ୍ତି ତଥା ପ୍ରେରଣା ଦେଇଥା'ନ୍ତା, ଯାହାଦ୍ୱାରା ସେମାନେ ଅଶୋକଙ୍କ ମୃତ୍ୟୁ ପରେ ନିଜ ଅଧିକାର ପାଇଁ ଲଢ଼ି ପାରିଥା'ନ୍ତେ, ଯଦି ମୌର୍ଯ୍ୟ ବଂଶୀୟ ରାଜାମାନେ କଳିଙ୍ଗ ଉପରେ ନିଜ ଶାସନ ବଜାୟ ରଖିଥା'ନ୍ତେ। କିନ୍ତୁ ବାସ୍ତବରେ ସେପରି ଘଟି ନ ଥିଲା। ଅଶୋକଙ୍କ ମୃତ୍ୟୁ ପରେ ମୌର୍ଯ୍ୟ ସାମ୍ରାଜ୍ୟ ଦୁର୍ବଳ ହୋଇଯାଇଥିଲା ଏବଂ କଳିଙ୍ଗ ତାଙ୍କ କବ୍‌ଜାରେ ନଥିଲା।

ତେଣୁ ଆମେ ଏହି ନିଷ୍କର୍ଷରେ ପହଞ୍ଚି ପାରିବା ଯେ କଳିଙ୍ଗ ସଂସ୍କରଣରୁ ଦ୍ୱାଦଶ ଏବଂ ତ୍ରୟୋଦଶ ଶିଳାଲେଖଗୁଡ଼ିକୁ ମୁଖ୍ୟତଃ ସାମ୍ରାଜ୍ୟବାଦୀ ରାଜନୀତିକ କାରଣରୁ ବାଦ ଦିଆଯାଇଥିଲା। କଳିଙ୍ଗରେ ଏଗୁଡ଼ିକୁ ପ୍ରକାଶ କରାଯାଇଥିଲେ ତାହା ନିଶ୍ଚିତ ଭାବେ ରାଜଦ୍ରୋହକୁ ପ୍ରୋତ୍ସାହିତ କରିଥା'ନ୍ତା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୪୦ ବର୍ଷ ପରେ...

ନଥିଲା। ଲାଞ୍ଚ ଟଙ୍କା କାହା ପାଖକୁ ଯାଇଥିଲା, ତାହାର କୌଣସି ସ୍ପଷ୍ଟ ସୂଚନା ସିବିଆଇ ପାଇନଥିଲା। ତଦନ୍ତରେ ଅତ୍ୟଧିକ ବିଳମ୍ବ ଯୋଗୁଁ ଅନେକ ପ୍ରମୁଖ ସାକ୍ଷୀ ଓ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାର ତଦନ୍ତ ପାଇଁ ସିବିଆଇ ପ୍ରାୟ ୨୫୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ କୌଣସି ଦୃଢ଼ ପ୍ରମାଣ ପାଇପାରି ନଥିଲା। ୨୦୧୮ ରେ ସୁପ୍ରିମକୋର୍ଟ ମଧ୍ୟ ଆବେଦନ କରିବାରେ ୧୨ ବର୍ଷର ବିଳମ୍ବକୁ ନେଇ ସିବିଆଇକୁ କଡ଼ା ସମାଲୋଚନା କରିଥିଲେ। ୨୦୨୫ରେ ଆମେରିକୀୟ ତଦନ୍ତକାରୀ ମାଇକେଲ ହର୍ସମ୍ୟାନଙ୍କ ଦାବି ଆଧାରରେ ଶେଷ ଉଦ୍ୟମ କରାଯାଇଥିଲେ ବି କୌଣସି ନୂତନ ତଥ୍ୟ ସାମ୍ନାକୁ ଆସିନଥିଲା। ଶେଷରେ ଦୀର୍ଘ ୪୦ ବର୍ଷର ଆଇନଗତ ଲଢେଇ ପରେ, କାହାକୁ ବି ଦୋଷୀ ସାବ୍ୟସ୍ତ ନକରି ଏହି ଚର୍ଚ୍ଚିତ ମାମଲା ସମ୍ପୂର୍ଣ୍ଣ ବନ୍ଦ ହୋଇଛି।

### ଥାଇଲ୍ୟାଣ୍ଡ ବିଦ୍ୟାଳୟରେ...

ହୋଇ ଦୌଡ଼ି ପଳାଉଥିବା ସମୟରେ କିଛି ଛାତ୍ରଛାତ୍ରୀ ଆହାତ ହୋଇଥିବା ଜଣାପଡ଼ିଛି। ପୁଲିସ ଅଫିସର ଦେଚରାପି କୋଙ୍ଗଡିଙ୍କ ଅନୁସାରେ, ଏହି ନୃଶଂସ କାଣ୍ଡ ପଛର ମୂଳ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ତଦନ୍ତ ପରେ ଖୁବ ଶୀଘ୍ର କାରଣ ନେଇ ସ୍ଥିତି ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଥାଇଲ୍ୟାଣ୍ଡରେ ବେଆଇନ ବନ୍ଧୁକ ବ୍ୟବହାର ଓ ହିଂସାତ୍ମକ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଏହା ସ୍ଥାନୀୟ ପ୍ରଶାସନ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି।

### ଏନ୍‌ଟିଏ ବିଶେଷଜ୍ଞ...

ଚେକ୍ ଯାଦବଙ୍କ ସହଯୋଗୀଙ୍କୁ ଦେଇଥିଲେ। ଖୈରନାର ଏହି ପ୍ରଶ୍ନପତ୍ର ପାଇଁ ଧନଞ୍ଜୟ ଲୋଖଣ୍ଡେଙ୍କୁ ୨୫ ଲକ୍ଷ ଟଙ୍କା ଦେଇଥିବା ସ୍ୱୀକାର କରିଛନ୍ତି। ଲୋଖଣ୍ଡେଙ୍କୁ ମନୀଷା ସଞ୍ଜୟ ୱାଘମାରେଙ୍କ ଜରିଆରେ ପ୍ରଶ୍ନପତ୍ର ମିଳିଥିଲା, ଯିଏ ଏନ୍‌ଟିଏ ରସାୟନ ବିଜ୍ଞାନ ବିଶେଷଜ୍ଞ ପ୍ରହ୍ଲାଦ କୁଲକର୍ଣ୍ଣୀଙ୍କ ସହ ସିଧାସଳଖ ଯୋଗାଯୋଗରେ ଥିଲେ। ୱାଘମାରେଙ୍କ ଘରୁ ଜବତ ମୋବାଇଲରୁ 'ନିଟ୍ ୨୦୨୬' ନାମକ ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍ ମଧ୍ୟ ମିଳିଛି। ସିବିଆଇ ଦ୍ୱାରା ରେକର୍ଡ କରାଯାଇଥିବା ଜଣେ ପରୀକ୍ଷାର୍ଥୀଙ୍କ ବୟାନ ଅନୁସାରେ, ୪ ଲକ୍ଷ ଟଙ୍କା ବଦଳରେ ପ୍ରଶ୍ନପତ୍ର ସହ ଏନ୍‌ଟିଏ ବିଶେଷଜ୍ଞଙ୍କ ଦ୍ୱାରା କୋଚିଂ ଓ ଅଫଲାଇନ୍ ସଂଶୋଧନ କ୍ଲାସ୍ ଯୋଗାଇଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ଡିଜିଟାଲ ପ୍ରମାଣ, ବ୍ୟାଙ୍କ କାରବାର ଏବଂ ସାକ୍ଷୀମାନଙ୍କ ବୟାନ ଆଧାରରେ ସିବିଆଇ ଏହି ବଡ଼ ଧରଣର ସରକାରୀ ପଦବୀର ଅପବ୍ୟବହାର ଓ ସଂଘବଦ୍ଧ ଅପରାଧିକ ଷଡ଼ଯନ୍ତ୍ରର ପୂର୍ଣ୍ଣାଙ୍ଗ ତଥ୍ୟ ଅଦାଲତରେ ଉପସ୍ଥାପନ କରିଛି।

### ଆମେରିକା ଚାପରେ...

ଏବଂ ସେବା ପ୍ରଦାନକାରୀ (ପେଟିଏମ୍, ଫୋନ୍ ପେ' ଏବଂ ଗୁଗଲ୍ ପେ') ଭଳି ପେମେଣ୍ଟ ପ୍ଲାଟ୍‌ଫର୍ମଙ୍କୁ ଶୁଳ୍କ ଦେବାକୁ ପଡିବ। ଯଦିବା ବର୍ତ୍ତମାନର ନିୟମ ଅନୁଯାୟୀ, ବ୍ୟାଙ୍କ ଏବଂ ପେମେଣ୍ଟ ସିଷ୍ଟମ୍ ପ୍ରଦାନକାରୀମାନେ ୟୁପିଆଇ କିମ୍ବା ରୁପେ ଡେବିଟ୍ କାର୍ଡ ପେମେଣ୍ଟ ପାଇଁ ଉପଭୋକ୍ତା କିମ୍ବା ବ୍ୟବସାୟୀଙ୍କଠାରୁ କୌଣସି ଶୁଳ୍କ (ଏମ୍‌ଡିଆର୍) ଆଦାୟ କରିପାରିବେ ନାହିଁ। ପ୍ରଚଳିତ ନିୟମରେ ଏଭଳି ଶୂନ୍ୟ-ଫି ମଡେଲ୍ ଛୋଟ ଦୋକାନୀ, ରାସ୍ତା ବିକ୍ରେତା ଏବଂ ସାଧାରଣ ଗ୍ରାହକଙ୍କ ମଧ୍ୟରେ ଡିଜିଟାଲ୍ ପେମେଣ୍ଟର ଦ୍ରୁତ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ଆମେରିକା ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍)ଙ୍କ 'ଜାତୀୟ ବାଣିଜ୍ୟ ଆକଳନ ରିପୋର୍ଟ ୨୦୨୬' ଭାରତର ୟୁପିଆଇ, ରୁପେ ଏବଂ ବ୍ରାଜିଲର ପିକ୍ସ ସିଷ୍ଟମକୁ ସମାଲୋଚନା କରିଛି। ଜିଟିଆର୍‌ଆଇର ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି ଯେ ଭାରତ ଭିସା ଏବଂ ମାଷ୍ଟରକାର୍ଡ ଭଳି ବିଦେଶୀ କମ୍ପାନୀଗୁଡ଼ିକର ବ୍ୟବସାୟିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଏହାର ନିୟମ ପରିବର୍ତ୍ତନ କରିବା ଉଚିତ ନୁହେଁ। ଥିଙ୍କ ଟ୍ୟାଙ୍କ ଦେଶ ମଧ୍ୟରେ ପେମେଣ୍ଟ ତଥ୍ୟ ରଖିବା ପାଇଁ ଭାରତର ନିୟମ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛି। ଦେଶ ମଧ୍ୟରେ ସମ୍ବେଦନଶୀଳ ଆର୍ଥିକ ତଥ୍ୟକୁ ସୁରକ୍ଷିତ ରଖିବା ସର୍ବଦା ଠକେଇ ତଦନ୍ତ, ସାଇବର ସୁରକ୍ଷା ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିଥାଏ ବୋଲି ସଂସ୍ଥା କହିଛି। ବିଚାରାଧୀନ ପ୍ରସ୍ତାବ ଅନୁଯାୟୀ, ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ କାରବାର ଉପରେ ୦.୩%ରୁ ୦.୫% ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ (ଏମ୍‌ଡିଆର୍) ଲାଗୁ କରାଯାଇପାରିବ। ଆଶ୍ୱସ୍ତିକର କଥା ହେଉଛି ଯେ ଏହି ନିୟମ କେବଳ ୧.୫ କୋଟି ଟଙ୍କା ଅଧିକ ବାର୍ଷିକ କାରବାର କରୁଥିବା ବଡ଼ ବ୍ୟବସାୟୀ/ଦୋକାନୀଙ୍କ ପାଇଁ ଲାଗୁ କରିବାକୁ ଯୋଜନା କରାଯାଇଛି। ଛୋଟ ବ୍ୟବସାୟୀ ଏବଂ କିରାଣା ବିକ୍ରେତା ଏହାର ପରିସର ବାହାରେ ରହିବେ। ଅପରପକ୍ଷେ ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ପରିସ୍ଥିତି ସ୍ପଷ୍ଟ କରିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ସାଧାରଣ ଗ୍ରାହକଙ୍କୁ ଭୟ କରିବାର ଆବଶ୍ୟକତା ନାହିଁ; ୟୁପିଆଇ ସେମାନଙ୍କ ପାଇଁ ମାଗଣା ରହିବ।

### ଛାଡ଼ିବନି ବର୍ଷା...

ପ୍ରବଳ ବର୍ଷା ହୋଇପାରେ। ଏଣୁ ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗିରରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

ସମ୍ଭାବ୍ୟ ଭାରି ବର୍ଷା ଓ କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଶୁକ୍ରବାର ମଧ୍ୟାହ୍ନଭୋଜନ ପରେ ଜିଲ୍ଲାର ସମସ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା ପରେ ସ୍କୁଲ ବନ୍ଦ କରାଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ଭୀଷଣ ବର୍ଷା ସହ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହେବାର ଆଶଙ୍କା ରହିଛି। ଏଥିସହ ଜିଲ୍ଲାବ୍ୟାପୀ ଘଡ଼ଘଡ଼ି, ବିଜୁଳି ଓ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ଘୂର୍ଣ୍ଣିବଳୟ ଆସନ୍ତା ୨୪ରୁ ୪୮ ଘଣ୍ଟା ମଧ୍ୟରେ ଲଘୁଚାପ କ୍ଷେତ୍ରରେ ପରିଣତ ହେବାକୁ ଥିବାରୁ ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ବର୍ଷାର ପ୍ରଭାବ ବଜାୟ ରହିବ। ବର୍ଷାଜନିତ ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଶନିବାର ପାଇଁ କୌଣସି ସୂଚନା ନ ଥିବାରୁ ସ୍କୁଲ ସ୍ୱାଭାବିକ କାର୍ଯ୍ୟ କରିବ। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆଜି ଓ ଆସନ୍ତାକାଲି ଶିମିଳିପାଳ, ପାର୍ଶ୍ୱବର୍ତ୍ତୀ ବ୍ଲକ ଅଞ୍ଚଳରେ ଭାରି ବୃଷ୍ଟିପାତ ସମ୍ଭାବନା ରହିଛି। ସନ୍ଧ୍ୟା ସୁଦ୍ଧା ମିଳିଥିବା ବୃଷ୍ଟିପାତ ସୂଚନା ଅନୁସାରେ ଶିମିଳିପାଳର ସାତକୋଶିଆ ଓ ଭଞ୍ଜବସାରେ ଅଧିକ ବୃଷ୍ଟି ହୋଇଛି। ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ସାତକୋଶିଆରେ ୫୭.୧୫ ମିଲିମିଟର ଓ ଭଞ୍ଜବସାରେ ୫୧.୫୬୨ ମିଲିମିଟର ହୋଇଛି। ସେହିପରି ପୋଡ଼ାଡ଼ିହାରେ ୨୫.୬୫୪ ମିମି, କୁଳିପାଳରେ ୧୮.୨୮୮ ମିମି, କେନ୍ଦୁମୁଣ୍ଡିରେ ୧୬.୫୧ ମିମି, ରାମତୀର୍ଥରେ ୧୪.୭୩୨ ମିମି, ୟୁବିକେରେ ୧୩.୪ ମିମି, ଠାକୁରମୁଣ୍ଡାରେ ୧୨.୭ ମିମି, ଜେନାବିଲରେ ୯.୧୪୪ ମିମି ବର୍ଷା ହୋଇଛି।

ଅନ୍ୟପଟେ ଆସନ୍ତା ୧୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୨ ତାରିଖରେ ନୂତନ ଘୂର୍ଣ୍ଣିବଳୟ ସୃଷ୍ଟି ସହ ଏହା ପ୍ରଭାବରେ ୧୪ ବେଳକୁ ପୁଣି ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଇଏମ୍‌ଡିର ବିସ୍ତାରିତ ପରିସର ଆକଳନରେ ଦର୍ଶାଯାଇଛି। ଏହା ପ୍ରଭାବରେ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଚଳିତ ବର୍ଷ ସ୍ୱାଧୀନତା ଦିବସରେ ଅନେକ ସ୍ଥାନରେ ବର୍ଷା ଆଶଙ୍କା କରାଯାଇଛି।

### ବିଧାୟକଙ୍କ କ୍ଷମା...

ପାଇଁ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ, ରାଜ୍ୟ ଉଚ୍ଚଶିକ୍ଷା ବିଭାଗ, ରେଭେନ୍ସା ଶିକ୍ଷକ ସଂଘ ଏବଂ ସମ୍ପୃକ୍ତ ବିଧାୟକଙ୍କ ସହ ଆଲୋଚନା ଆରମ୍ଭ ହୋଇଥିବା କୁଳପତି ସୂଚନା ଦେଇଛନ୍ତି। କୁଳପତି ଏବଂ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ସିଧାସଳଖ ହଷ୍ଟେଲ ପରିଚାଳନା ତଦାରଖ କରୁଛନ୍ତି। ଜରୁରୀ ପରିସ୍ଥିତିରେ ତୁରନ୍ତ ସହାୟତା ପାଇଁ ଚାରି ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ଅନ୍ୟପକ୍ଷରେ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଦର୍ଶନ ମିଶ୍ରଙ୍କୁ ଦୁର୍ବ୍ୟବହାର କରିଥିବା କଟକ ସଦର ବିଧାୟକ ତୁରନ୍ତ ନିଃସର୍ତ୍ତ କ୍ଷମା ମାଗିବା, ରେଭେନ୍ସାରେ ଛାତ୍ର ସଂସଦ ନିର୍ବାଚନ କରିବା ସହ ଗଣତାନ୍ତ୍ରିକ ଏବଂ ଶୈକ୍ଷିକ ପରିବେଶ ରକ୍ଷା କରିବା ଦାବିରେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ରେଭେନ୍ସାର ପୁରାତନ ଛାତ୍ରନେତା ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭରେ ରେଭେନ୍ସା ଛାତ୍ରସଂସଦର ପୂର୍ବତନ ସଭାପତି ଗଣେଶ ତ୍ରିପାଠୀ, ଶିବାଶିଷ ପ୍ରହରାଜ ଓ ହରିଶଙ୍କର ରାଉତ, ଛାତ୍ରନେତା ନନ୍ଦଲାଲ ସିଂ, ରବି ବଳବନ୍ତରାୟ, ଛାତ୍ର ସଂସଦର ପୂର୍ବତନ ସହସମ୍ପାଦକ ଭାଗ୍ୟରବି ଦାସ, ପୂର୍ବତନ ଉପସଭାପତି ଶିବାନୀ ସାହୁ ଛାତ୍ରନେତା ବିନୋଦ ସେଠୀ, ଅଶୋକ ତାଣ୍ଡି, ଇଶା ଧର, ତରୁଣସେନ ନାୟକ, ଦୀପକ ଗୁରୁ, ଆଦିଲ ରାଜା, ଋତ୍ୱିକ ମହାପାତ୍ର, ସୁରେନ୍ଦ୍ର ଜେନା, ହେମନ୍ତ ଦାଶ, ଶୁଭସ୍ମିତା ସାହୁ, ଦିବ୍ୟରଞ୍ଜନ ବେହେରା ଓ ସୌମ୍ୟରଂଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯେ ଅଗଷ୍ଟ ୩ ତାରିଖରେ ଇଷ୍ଟ ହଷ୍ଟେଲରେ ରହଣିଜନିତ ସମସ୍ୟାକୁ ନେଇ ଛାତ୍ର ଆନ୍ଦୋଳନ ଚାଲିଥିବା ସମୟରେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଧାୟକ ରାଜନୈତିକ ହସ୍ତକ୍ଷେପ କରିବା ସହ ଚିଫ୍ ୱାର୍ଡେନ୍ ପ୍ରଫେସର ସୁଦର୍ଶନ ମିଶ୍ରଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ରୁଟା ଅଭିଯୋଗ କରିଥିଲା। ଏହି ଘଟଣାରେ ୨୯ ଜଣ ହଷ୍ଟେଲ ୱାର୍ଡେନ୍ ଓ ଡେପୁଟି ୱାର୍ଡେନଗଣ ଇସ୍ତଫା ଦେଇଥିଲେ।

### ୨୭ ବୁଝାମଣା...

ନିବେଶ ଇଚ୍ଛାପତ୍ର ଗ୍ରହଣ କରିଛନ୍ତି, ଯାହା ଦ୍ୱାରା ୮,୦୬୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ସମୁଦାୟ ଆଜି ଗସ୍ତର ପ୍ରଥମ ଦିନରେ ଓଡ଼ିଶା ସରକାର ମୋଟ ୪୩,୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛନ୍ତି, ଯାହା ଦ୍ୱାରା ୪୩,୩୧୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପପତି ମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ପ୍ରକ୍ରିୟାକରଣକୁ କେବଳ ଏକ ଶିଳ୍ପ କ୍ଷେତ୍ର ଭାବରେ ଦେଖୁନାହିଁ, ବରଂ ଏହାକୁ ଏକ ଅର୍ଥନୈତିକ ରୂପାନ୍ତର ଭାବରେ ଦେଖୁଛି। ଓଡ଼ିଶାରେ ଉତ୍ପାଦିତ ପ୍ରତ୍ୟେକ ପ୍ରମୁଖ କୃଷି ଏବଂ ସାମୁଦ୍ରିକ ସାମଗ୍ରୀ ଯେପରି ରାଜ୍ୟ ଭିତରେ ଅଧିକରୁ ଅଧିକ ପ୍ରକ୍ରିୟାକରଣ ହେବା ଆବଶ୍ୟକ। ଏହା ହେଉଛି ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଉତ୍ପାଦକମାନଙ୍କ ପାଇଁ ଅଧିକ ଆୟ ସୃଷ୍ଟି କରିବା ସହିତ ଯୁବବର୍ଗଙ୍କ ପାଇଁ ସ୍ଥାୟୀ ନିଯୁକ୍ତି ସୁନିଶ୍ଚିତ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପାଞ୍ଚଟି ଷ୍ଟ୍ରାଟେଜିକ୍ ପିଲାର୍ ସମ୍ପର୍କିତ ଏକ ଦୀର୍ଘମିଆଦୀ ରୋଡମ୍ୟାପ ମଧ୍ୟ ଉନ୍ମୋଚନ କରିଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ କ୍ଲଷ୍ଟର ସୃଷ୍ଟି, ସମନ୍ୱିତ କୋଲ୍ଡ-ଚେନ୍ ଏବଂ ୱେରହାଉସିଂ ଭିତ୍ତିଭୂମିର ସମ୍ପ୍ରସାରଣ, ଖାଦ୍ୟର ଗୁଣବତ୍ତା ଏବଂ ପ୍ରମାଣପତ୍ର ପ୍ରଣାଳୀକୁ ସୁଦୃଢ଼ କରିବା, ସଂଗଠିତ ଶିଳ୍ପ ସହିତ କୃଷକ ଉତ୍ପାଦକ ସଂଗଠନ, ଏମ୍‌ଏସ୍‌ଏମ୍‌ଇ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସହିତ ଯୋଡ଼ିବା ହେଉଛି, ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହାଦ୍ୱାରା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଦକ୍ଷ ୱାର୍କଫୋର୍ସର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି।

ସମାରୋହକୁ ସମ୍ବୋଧିତ କରି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଆମର ଦୃଷ୍ଟିଭଙ୍ଗୀ ହେଉଛି ଆମର କୃଷି ଏବଂ ସାମୁଦ୍ରିକ ସମ୍ପଦର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରି ଓଡ଼ିଶାକୁ ମୂଲ୍ୟବର୍ଦ୍ଧିତ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କେନ୍ଦ୍ରରେ ରୂପାନ୍ତରିତ କରିବା। ଏହି ଫୁଡ୍-ପ୍ରୋ ଇଭେଣ୍ଟ ପରେ ମୁଖ୍ୟମନ୍ତ୍ରୀ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଅଗ୍ରଣୀ ଶିଳ୍ପପତିଙ୍କ ସହିତ ଏକାଧିକ ବୈଠକ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀବୃନ୍ଦ, ଏସୋଚାମ୍‌ର ପ୍ରତିନିଧି ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦୦ ରୁ ଅଧିକ ଶିଳ୍ପ ନେତା, ଖାଦ୍ୟ ପ୍ରକ୍ରିୟାକରଣ ସଂଘ, ଉଦ୍ୟୋଗୀ, ନିବେଶକ ଏବଂ ବ୍ୟବସାୟୀ ପ୍ରତିନିଧିମାନେ ଯୋଗଦେଇଥିଲେ।

### ରାଜଧାନୀରେ ଗର୍ଜିଲେ...

ସର୍ବଭାରତୀୟ ଅଭିଭାବକ ସଙ୍ଘ ରାଜ୍ୟ ସଭାପତି ପ୍ରଦୀପ୍ତ ନାୟକ, ଶିକ୍ଷା ବଞ୍ଚାଓ ଆନ୍ଦୋଳନର ରାଜେନ୍ଦ୍ର ବର୍ମା, ସୁବାସ ନାୟକ, ଛାତ୍ର ନେତା ଚନ୍ଦନ ସାହୁ, କାହ୍ନୁ ଚାରଣ ପଣ୍ଡା, ନସୀମ ସରକାର ପ୍ରମୁଖ ସରକାରଙ୍କ ଶିକ୍ଷା ମାରଣ ନୀତିକୁ ତୀବ୍ର ଭର୍ତ୍ସନା କରିଛନ୍ତି। ବିଭାଗର ଅପାରଗତା ଓ ପିଲାଙ୍କୁ ମୂର୍ଖ କରିବାକୁ ଷଡ଼ଯନ୍ତ୍ର କରୁଥିବା ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ପଦକ୍ଷେପ ନିଅନ୍ତୁ, ଅନ୍ୟଥା ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

### ଧାନକିଣାରୁ ବାଦ୍...

ବିରୋଧୀ ଦଳ ଦାବି କରିଛି। ତେବେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ସେ କହିଛନ୍ତି ଯେ ଗତବର୍ଷ ଧାନ ସଂଗ୍ରହ ସମୟରେ ଦେଖାଦେଇଥିବା ବିଭିନ୍ନ ତ୍ରୁଟିକୁ ସୁଧାରିବା ପାଇଁ ପଞ୍ଜୀକରଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ପ୍ରକୃତ ଚାଷୀଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚାଇବା ଏବଂ ସମସ୍ତ ଯୋଗ୍ୟ କୃଷକ ଯେପରି ଇନପୁଟ ସବସିଡି ପାଇପାରିବେ, ସେଥିପାଇଁ ସରକାର ଏହି ପଦକ୍ଷେପ ନେଇଥିବା ସେ କହିଛନ୍ତି।


**OFFICE OF THE EXECUTIVE ENGINEER** 32001/657/2627

GROUND WATER DEVELOPMENT DIVISION-1 HP BUILDING, UNIT-8, DELTA SQUARE, BHUBANESWAR-751012 [Phone No.2561040(O), email:executiveengineerhpbbsr@gmail.com

**"e" Procurement Notice No. 92H1 2026-27 Dt. 06.08.2026**

Bid Identification No. GWD DIV-1BBSR-06/26-27

Executive Engineer, GWD Division-I, Delta square, Unit- 8, Bhubaneswar on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work.

| | | |
|---|---|---|
| 1. | Nature of the Work | Civil Work |
| 2. | Name of the Work : | Construction of 2nos of Rooftop rainwater Harvesting Structures at Old Classroom (+2),Sri Jagannath College, Kaipadar of Khordha district for the FY - 2026-27. |
| 3. | Approximate amount put to tender | Rs.5.18 Lakh |
| 4. | Period of Completion | 1 (One) Calendar Month |
| 5. | Class of Contractor | "C" & "D" Class Contractor |
| 6. | Date & time of Availability of Bid document in the portal | Dt. 13.08.2026 at 11.00 AM to 24.08.2026 up to 11.00 AM |
| 7. | Last date & time of receipt of Bids in the Portal | Dt. 24.08.2026 up to 11.00 AM |
| 8. | Date, time & place of opening of Technical/ Financial Bid/s | Dt. 24.08.2026 at 11.30 AM in O/o the EE GWD Divn-1 |
| 9. | Name & address of the officer inviting Bid | OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING, UNIT-8, DELTA SQUARE, BHUBANESWAR-751012 |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

Executive Engineer
GWD Division I

OIPR-32001/32331/1/26-27/0001

**AFFIDAVIT**

I Sk Manwar Hussain S/o Late Sk Arju Hosssin residence of At- Patthan Mohalla Banka Bazar, Po/Ps- Purana Bazar, Dist- Bhadrak, Odisha, Pin-756100, declare by this affidavit No-1180, date- 02/07/2026, that now onwards I shall be known as **SHAIK MANWAR HOSSAIN** for all future purposes.

**AFFIDAVIT**

I, Benugopal Krishna Maddi, aged about 69 years, S/o- Narasimhula, resident of At- Bell Road, Near S.B.I, Bank, Ps- Jeypore Town, Dist- Koraput, Odisha, Pin- 764001, do hereby declare by this affidavit No. 1564, dtd- 07/08/2026, that now onwards I shall be known as **VENUGOPAL KRISHNA MADDI** for all future purposes.

34001/601/2627

E-mail.eekalahandi@gmail.com
FAX No.06670-230512

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA**

*E-Procurement Notice*

*Bid Identification No. BC KLD-02/2026-2027*

No. 6432 Dated. 06.08.2026

| | | | |
|---|---|---|---|
| 1 | No. of the work: | : | 01 (One) Civil works |
| 2 | Estimated cost | : | Rs 5.008 Lakhs |
| 3. | Period of completion: | : | 03 (Three) days |
| 4. | Date and time of availability of bid document in the portal: | : | 11.00 hrs of 07.08.2026 to 11.00 hrs of 12.08.2026 |
| 5 | Last date/Time for receipt of bid in the portal: | : | 11.00hour of 12.08.2026 |
| 6 | Name and address of the Officer Inviting Bid: | : | Superintending Engineer, Kalahandi(R&B)Division, Bhawanipatna |
| 7 | Opening of the Single Cover Bid / Technical Bid of double cover. | : | On 12.08.2026 at 12.00 PM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Superintending Engineer
Kalahandi (R&B) Division

OIPR-34001/34017/1/26-27/0002

**OFFICE OF THE PANCHAYAT SAMITI, PAIKMAL**

AT/PO/PS:- Paikmal, Dist:- Bargarh (Odisha), PIN:- 768039
E_Mail ID:- ori-paikmal@od.gov.in 19001/181/2627

No. 1829 Dt. 03.08.2026

**"e"-procurement Notice**

**Bid Identification No. BDO/Paikmal/04/2026-27**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

| | | | |
|---|---|---|---|
| 1. | Nature of work | : | Civil works |
| 2. | No. of works | : | 5 |
| 3. | Estimated cost | : | as per NIT |
| 4. | Period of completion | : | As per NIT |
| 5. | Date and time of availability of the Documents in the Portal. | : | From 07.08.2026 11.00 AM to 14.08.2026 5.00 PM |
| 6. | Last date/time for receipt of Bids in the portal. | : | Dt. 14.08.2026 up to 5.00 PM |
| 7. | Bids received online shall be opened on | : | Dt. 17.08.2026 at 11 AM |
| 8. | Name and address of the Officer inviting Bid. | : | Block Development Officer, Paikmal |

Further, the details can be seen from the procurement Portal www.tendersodisha.gov.in

Block Development Officer
Paikmal

OIPR-19001/19175/1/26-27/0004

13001/1453/2627 Email Id: sambalpurm.hud@nic.in

**Sambalpur Municipal Corporation**
**Sambalpur**

Notice No. 11230 /SMC/Eng. Dt. 06.08.2026

**"e" Procurement Notice.**

***Bid Identification No. 24/SMC.SBP/2026-27***

**Tender ID No. 2026_ORULB_138060**

The Municipal Commissioner on behalf of Municipal Corporation, Sambalpur invites tenders in double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works: **1 (One) number**
2. Estimated Costs: **84.67 Lakhs**
3. Period of completion: As per NIT
4. Date and time of availability of the bid documents in the portal:
   **From 11 A.M. of 07.08.2026 to 05.00 PM of 24.08.2026**
5. Last Date/ Time for receipt of bids in the portal: **05.00 PM of 24.08.2026**
6. Bids will be opened on: **11.00 AM of Dt. 25.08.2026**
7. Name and address of the officer inviting bid: **Municipal Commissioner, Sambalpur Municipal Corporation, Sambalpur**

Commissioner
Sambalpur Municipal Corporation

OIPR-13001/13122/1/26-27/0019

**AFFIDAVIT**

By virtue of an affidavit no. 1024 before the Executive Magistrate, Rairakhol, dtd.04.08.2026, I, Manju Mirdha, W/o Late Kamal Mirdha, resident of Village Jharamunda, P.O. Badabahal, P.S. Rairakhol, Dist. Sambalpur-768106, hereby declare that my minor daughter's name has been changed from TENKEL MIRDHA to TWINKLE MIRDHA. Both names refer to one and the same person. Henceforth, my daughter shall be known as **TWINKLE MIRDHA** for all purposes.

**Manju Mirdha**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ETELCONBBST-386E

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଏବଂ ସମ୍ବଲପୁର ମଣ୍ଡଳରେ NI ପୂର୍ବରୁ / NI ସମୟରେ ଅସ୍ଥାୟୀ ଆଲୋକୀକରଣ ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 63,25,400.01, EMD (ଟଙ୍କାରେ) : ₹1,26,500/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା.14.08.2026ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2026 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର

PR-164/CJ/26-27

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELS-ANGL-OT-26-27-06

**କାର୍ଯ୍ୟର ନାମ :** ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ ସଫେଇ କାର୍ଯ୍ୟକଳାପ ସମୂହ।

**ବିଜ୍ଞାପିତ ମୂଲ୍ୟ (₹):** 62,31,699.20, EMD (₹): 1,24,600.00, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.08.2026 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2026 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS)/ ଅନୁଗୁଳ

PR-348/R/26-27

**AFFIDAVIT**

BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE, KUJANGA, I **SLAGNA SWAIN**, D/O DHANESWAR SWAIN, PERMANENT RESIDENT OF VILLAGE-PATANA, P.O.- DHINKIA, P.S.- JAGATSINGHPUR, PIN-754141, ODISHA, DECLARE BY THIS AFFIDAVIT NO - 503, DATED- 28/01/2026, THAT NOW ONWORDS I SHALL BE KNOWN AS **SULAGNA SWAIN** FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 838, dated 30-07-2026, I, BHAGAT AMANATYA, S/o - Padlam Amanatya, permanent resident of Village - Disariguda, PO - Aunli, PS - Borigumma, Dist- Koraput, Odisha, Pin - 764063, declare that I have changed the name of my Son from ANANDH AMANATYA to ANANDA AMANATYA. Henceforth, he shall be known as **ANANDA AMANATYA** for all purposes.

**Sd/- Bhagat Amanatya**

**AFFIDAVIT**

By virtue of an affidavit sworn before Executive Magistrate, Nabarangpur dtd. 06th August 2026, I Sri Bhaktacharan Nayak, permanent resident of village/Po. Badaguda, Ps. Kosagumuda, in the district of Nabarangpur, Odisha, Pin No. 764061 declare that I have changed my son's name from AJOET NAYAK (Old Name) to AJAY NAYAK (New Name). Henceforth, he shall be known as **AJAY NAYAK** (New Name) for all purposes.

**Bhaktacharan Nayak**

**AFFIDAVIT**

By virtue of an affidavit no. 20 before the Executive Magistrate, Puri, dtd.05.08.2026, I, Jyotshnarani Sahoo, W/o Umakanta Swain, resident of Vill/PO-Olla, P.S. Chandanpur, Dist.- Puri- 752014, hereby declare that my minor son's name has been changed from SAAYAN SAMBIT SWAIN to RUDRANSH SWAIN. Both names refer to one and the same person. Henceforth, my son shall be known as **RUDRANSH SWAIN** for all purposes.

**Jyotshnarani Sahoo**

**AFFIDAVIT**

Notice By virtue of an affidavit no - 1343 sworn before Executive Magistrate Sundargarh dated- 07/08/2026, I Lalaprasad Sahoo, S/o. Laxmidhar Sahoo, aged about 24 years, residing At- Manjuripada, po- Pingua, Ps- Nihalprasad, Block- Gondia, Dist-Dhenkanal, Pin- 759016 Odisha declare that, I have changed my name from **Lalaprasad Sahoo** to **Prasad Sahoo.** Henceforth I Shall be known as **Prasad Sahoo** for all future purposes.

**(PRASAD SAHOO)**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 893, dated 06.08.2026, I, SOBHASING KALAR, Son of- Narsingh Kalar, permanent resident of Village- Khutuguda, PO - Borigam, PS - Dabugam, Dist- Nabarangpur, Odisha, Pin - 764072, declare that I have changed my name from SOBHA KALAR to SOBHASING KALAR. Henceforth, I shall be known as **SOBHASING KALAR** for all purposes.

**Sd/- Sobhasing Kalar**

**AFFIDAVIT**

By Virtue of an affidavit sworn before Executive Magistrate Bhograi, no- 5015, dated 06.08.2026, I, S/o Parimal Sahoo, At- Upla, Po -Dubsahi, PS- Kamarda, District-Balsore, Odisha, Pin-756035 declare that, I have changed my name from Uttam Parimal Sahoo to Uttam Sahoo. Henceforth, I shall be known as **Uttam Sahoo** for all future purpose.

**AFFIDAVIT**

**By virtue of an affidavit before Executive Magistrate, Bhubaneswar, I, Niroda Kumar Dehury, retired Naib-Subedar in Indian Army, S/o- Sadhu Charan Dehury residing At/Po.- Ranjagol, Ps.- Balimi, Dist.- Dhenkanal, Odisha, Pin- 759020 declare that, my wife's actual and real name is Biswamaitri Pradhan but her name wrongly written as Biswamaitree Pradhan in my service document vide PPO no. 91046039/2010 (now SPARSH PPO NO. 232201102178). Henceforth BISWAMAITRI PRADHAN and Biswamaitree Pradhan is one and same lady who is my legal married wife.**

**For Sale**

1 Number of Tractor – Tafe MF 254 Dyna Track 4WD, Registration No.- OD-01- BB – 5099, Model- 2025, ENGINE NO – SJ327B96360, CHASSIS NO - MEA7D6BFBS2584298, For Details, contact – 94370 55763, 9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE, 756001, PH. NO- 06782-266658

**AFFIDAVIT**

By virtue of an affidavit before the Court of Executive Magistrate, Baripada, Mayurbhanj, I, Amrapalli Rout W/o- Puneet Gaba, D/o- Sushanta Rout, At- Purunahatasahi, Ward No. 6, PO/PS-Baripada, Dist- Mayurbhanj, Odisha–757001, declare that my name has been changed from Amrapalli Patra to Amrapalli Rout. In R.C. Book No. OD11/9683, my name is recorded as Amrapalli Patra, W/o- Guru Prasad Patra. I have applied to RTA, Baripada for correction as Amrapalli Rout, W/o Puneet Gaba. This name shall be used for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 823, dated 28-07-2026, I, ABHIMANYU JANI, S/o - Sagnu Jani, permanent resident of Village - Maniaguda, PO - Chacharaguda, PS - Dabugam, Dist - Nabarangpur, Odisha, Pin - 764072, declare that I have changed the name of my Son from BHAGAT JANI to BHARAT JANI. Henceforth, he shall be known as **BHARAT JANI** for all purposes.

**Sd/- Abhimanyu Jani**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCSBPOT86
ତା.01.08.2026ରିଖ

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ଜରପଡ଼ା-କେରେଜାଙ୍ଗ-ଅନୁଗୁଳ ସେକ୍ସନ ମଧ୍ୟରେ ତୃତୀୟ ଲାଇନ୍ ଓ ଚତୁର୍ଥ ଲାଇନ୍ କାର୍ଯ୍ୟ ସମ୍ବନ୍ଧୀୟ ଅନୁଗୁଳ (ANGL), କେରେଜାଙ୍ଗ (KPJG) ଏବଂ ଜରପଡ଼ା (JRPD) ଠାରେ ସଂକେତ ଏବଂ ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ସିଙ୍ଗଲ DP ଯୁକ୍ତ ମଲ୍ଟି ସେକ୍ସନ ଡିଜିଟାଲ୍ ଏକ୍ସଲ କାଉଣ୍ଟର (MSDAC) ସହିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ର ଯୋଗାଣ, ସଂସ୍ଥାପନ ଓ ପ୍ରଚଳନ।"

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 67,42,67,109/-, EMD (ଟଙ୍କାରେ) : 1,34,85,400/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ :** ତା.24.08.2026 ରିଖ 1100 ଘଟିକାରେ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.ireps.gov.in ରେ। ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ନିର୍ମାଣ/ସମ୍ବଲପୁର

PR-163/CJ/26-27

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 875, dated: 05-08-2026, I, MOUSUMI SETHIA, W/o - Laxman Harijan, permanent resident of - R. K Colony, Nabarangpur, PO/PS/Dist - Nabarangpur, Odisha, Pin - 764059, declare that my son's name has been wrongly recorded as "KUMAR SWASTIK" instead of "SWASTIK BIDWAN KUMAR" in the Birth Registration Certificate Vide Registration No. 1473/2026, dated 09.04.2026. Henceforth, the correct name of my son shall be known as **"SWASTIK BIDWAN KUMAR"** for all purposes.

**Sd/- Mousumi Sethia**

**AFFIDAVIT**

By virtue of an affidavit no. 3086 before Notary Public, Dharamgarh, dtd.07.08.2026, I, SRIDEVI MAHANAND, W/o Hara Mahanand, Vill- Kashibahal, P.O. Dharamgarh, P.S. Dharamgarh, Dist. Kalahandi-766015, hereby declare that I have changed my name from HARIPRIYA MAHANAND to SRIDEVI MAHANAND. Both names refer to one and the same person. Henceforth, I shall be known as **SRIDEVI MAHANAND** for all purposes.

**SRIDEVI MAHANAND**

**AFFIDAVIT**

By virtue of an affidavit sworn before the notary public Cuttack,dated 29.05.26, I Sailendra Kumar Sahu of chhatia PO- chhatia,PS- Badachana ,Dist - Jajpur,pin code - 754023 , declare that I have changed my minor daughter name Soumya Subhalipsa Sahu to Somya Subhalipsa Sahu. Henceforth she will be known as Somya **Subhalipsa Sahu** for all purposes.

**AFFIDAVIT**

I Atya Asfia Khan S/o- Gulam Rasul, resident of Padampur, Vill: Padampur, PO: Rajborasambar, PS: Padampur, Dist: Baragarh, Odisha, PIN- 768036 declare by this affidavit No- CF No.04, dated- 03.08.2026 that now onwards I shall be known as **ATAYE ASFIYA KHAN** for all future purposes.

**AFFIDAVIT**

By virtue of an affidavit (CF No. 03, dtd- 10.03.2026) sworn before The Executive Magistrate, Padampur. I, **Nepal Bariha** (new name), S/o Dasharathi Bariha, permanent resident of AT- Majhipali, PO- Bhengarajpur, PS: Paikmal, Dist: Bargarh, State: Odisha, PIN: 768039 declare that I have changed my name from **Gopal Bariha** (old name) to **Nepal Bariha** (new name). Henceforth, I shall be known as **Nepal Bariha** (new name) for all purposes.

**Nepal Bariha**

## ଦ୍ୱିତୀୟ ଥର ପାଇଁ ବିପଦ ସଙ୍କେତ ଟପିଲା ଜଳକା

# ବସ୍ତାରେ ଦ୍ୱିତୀୟ ବନ୍ୟା, ପାଣିରେ ବୁଡ଼ିଲା ଚାଷୀଙ୍କ ଆଶା



**ବାଲେଶ୍ୱର ସଦର, ୭।୮ (ସମିସ)**

ଜଳକା ନଦୀରେ ପୁଣି ବନ୍ୟା ହୋଇଛି। ଗତ ୨୭ ତାରିଖରେ ପ୍ରଥମ ଥର ପାଇଁ ବସ୍ତା ଅଞ୍ଚଳରେ ବନ୍ୟା ସୃଷ୍ଟି ହୋଇଥିବା ବେଳେ ଆଜି ଦ୍ୱିତୀୟ ଥର ପାଇଁ ନଦୀର ଜଳସ୍ତର ବିପଦ ସଙ୍କେତ ଟପିଯାଇଛି। ଫଳରେ ତଟବର୍ତ୍ତୀ ଅଞ୍ଚଳରେ ପୁଣି ଥରେ ଆତଙ୍କ ଖେଳି ଯାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବସ୍ତା ଓ ସଦର ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ପୁଣିଥରେ ବିପଦ ସଂକେତ ଅତିକ୍ରମ କରିବା ସହିତ ବସ୍ତାରେ ଚଳିତ ବର୍ଷ ଦ୍ୱିତୀୟ ଥର ବନ୍ୟା ଆସିଛି। ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଲୋକେ ଭୟଭିତ ହୋଇ ପଡିଛନ୍ତି।ଉପର ମୁଣ୍ଡରେ ପ୍ରବଳ ବର୍ଷା ହେତୁ ଗତକାଲି ସନ୍ଧ୍ୟାରେ ଜଳକାର ଜଳସ୍ତର ସତର୍କ ସଂକେତ ଅତିକ୍ରମ କରିବା ସହିତ ସକାଳ ସୁଦ୍ଧା ବିପଦ ସଂକେତ ଛୁଇଁ ଥିଲା। ଜଳକା ନଦୀର ମଥାନୀଠାରେ ବିପଦ ସଂକେତ ୬.୫୦ ମିଟର ଥିବା ବେଳେ ଗତକାଲି ଠାରୁ ଏହାର ଜଳସ୍ତର କ୍ରମାଗତ ଭାବେ ବଢ଼ି ଆଜି ସନ୍ଧ୍ୟା ସୁଦ୍ଧା ଏହା ୬.୫୨ରେ ପହଞ୍ଚିଛି। ଫଳରେ ବସ୍ତାରେ ଦ୍ୱିତୀୟ ଥର ବନ୍ୟା ମାଡ଼ିଛି। ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଉପର ମୁଣ୍ଡ ମୟୂରଭଞ୍ଜ ଜିଲ୍ଲାର ସୁଳିଆପଦା, ମୋରଡା, ତିତ୍ରଡା, ରାସଗୋବିନ୍ଦପୁର ଅଞ୍ଚଳରେ ବର୍ଷା କାରଣରୁ ନଦୀର ଜଳସ୍ତର ବଢ଼ିବାରେ ଲାଗିଥିବାରୁ ଜଳକା ନଦୀର ବନ୍ୟା ଆସିଛି। ଫଳରେ ବସ୍ତା ବ୍ଲକ ସମେତ ସଦର ବ୍ଲକର ଅନେକ ପଞ୍ଚାୟତ ପ୍ରଭାବିତ ହେବାର ସମ୍ଭାବନା ଦେଖାଦେଇଛି। ତେବେ ବର୍ତ୍ତମାନ ଏହି ନଦୀ ନିକଟସ୍ଥ ବାସୁ ଚକୁରୀ, ପତ୍ରଝଡ଼ା, ମଥାନୀ, ଦୁଧହଂଶା, ବାହାର୍ଦ୍ଦା, ରାଉତପଡ଼ା, ଇଡିଦା, ସାହାଡ଼ା, କୁଡ଼ିଆ ସହିତ ସଦର ବ୍ଲକର କୁରାଡିହା, ରସଲପୁର ଓ ଶ୍ରୀରାମପୁର ପଞ୍ଚାୟତର ଅନେକ ଗ୍ରାମ ଓ ଚାଷଜମି ସବୁ ପାଣିଘେର ଭିତରେ ରହିଛି। ପ୍ରଥମ ବନ୍ୟା ପରଠାରୁ ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିଲା। ଚାଷ ଜମି ସବୁ ପାଣିରେ ବୁଡି ରହିଥିଲା। ଆଜି ପୁଣି ଜଳସ୍ତର ବୃଦ୍ଧି ପାଇବା ପରେ ପରିସ୍ଥିତି ଆହୁରି ସଙ୍ଗୀନ ହୋଇଛି। ଚାଷୀ ମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଯେଉଁ ଧାନ ତଳି ପ୍ରସ୍ତୁତ କରିଥିଲେ, ତାହା ସମ୍ପୂର୍ଣ୍ଣ ଭାବେ ପଚି ଯାଇଛି। ରୁଆ ରୁଇ କରିଥିବା ଫସଲ ବି ନଷ୍ଟ ହୋଇଯାଇଛି। ପ୍ରଥମ ବନ୍ୟା ପରଠାରୁ ବିଶେଷ କରି ମଥାନୀ, ବାହାର୍ଦ୍ଦା, ଦୁଧହଂସା, ଶ୍ରୀରାମପୁର ଓ ରସଲପୁର ପଞ୍ଚାୟତର ଶହ ଶହ ଏକର ଚାଷଜମି ଆଜକୁ ୧୦ ଦିନ ଧରି ଜଳମଗ୍ନ ହୋଇ ରହିଥିଲା। ଆଜି ପୁଣି ଜଳସ୍ତର ବୃଦ୍ଧି ପାଇବା ପରେ ପରିସ୍ଥିତି ଆହୁରି ସଙ୍ଗୀନ ହୋଇଛି। ଚାଷୀ ମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଯେଉଁ ଧାନ ତଳି ପ୍ରସ୍ତୁତ କରିଥିଲେ, ତାହା ସମ୍ପୂର୍ଣ୍ଣ ଭାବେ ପଚି ଯାଇଛି। ରୁଆ ରୁଇ କରିଥିବା ଫସଲ ବି ନଷ୍ଟ ହୋଇଯାଇଛି। ତେଣୁ ଚଳିତ ବର୍ଷ ଚାଷକୁ ନେଇ ଆଶଙ୍କା ଦେଖା ଦେଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳସ୍ତର ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ନଦୀ କୂଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରତିବର୍ଷ ବନ୍ୟା ହେଉଛି କିନ୍ତୁ ଏହାର ସ୍ଥାୟୀ ସମାଧାନ ହେଉନାହିଁ। ତୁରନ୍ତ ସରକାର ଚାଷୀଙ୍କୁ କ୍ଷତିପୂରଣ ଦେବା ସହ ଜଳକାରେ ଆସୁଥିବା ବନ୍ୟା ପାଇଁ ସ୍ଥାୟୀ ପଦକ୍ଷେପ ନିଅନ୍ତୁ ବୋଲି ବସ୍ତାବାସୀ ଦାବି କରିଛନ୍ତି।

## ପାର୍ସଲ ବୋଝେଇ କଣ୍ଟେନରରେ ନିଆଁ



**ସିମୁଳିଆ, ୭।୮ (ସମିସ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣା ବଜାର ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥରେ ପାର୍ସଲ ବୋଝେଇ କଣ୍ଟେନର ଲରି କାନପୁରରୁ ଭୁବେନଶ୍ୱର ଯାଉଥିଲା ବେଳେ ମାର୍କୋଣା ଠାରେ ହଠାତ ମାଲ କେବିନ ଭିତରୁ ଧୂଆଁ ବାହାରିଥିଲା। ଡ୍ରାଇଭର ଧୂଆଁ ବାହାରିବା ଦେଖି ଇଞ୍ଜିନକୁ ଅଲଗା କରିଥିଲେ। ସେଠାରେ ଗାଡ଼ି ରଖି ସ୍ଥାନୀୟ ପୁଲିସ ଷ୍ଟେସନ କୁ ଜଣାଇଥିଲା। ପୁଲିସଠୁ ଖବର ପାଇ ଦମକଳ ଆସି ନିଆଁକୁ ନିୟନ୍ତ୍ରଣ କରିଥିଲା।

## ଗୋରୁ ଭର୍ତ୍ତି ସ୍କର୍ପିଓ ଜବତ, ଚାଳକ ଫେରାର

**ରାଜଘାଟ, ୭।୮ (ସମିସ):** ବିଳମ୍ବିତ ରାତିରେ ଗୋରୁ ଚୋରା ଚାଲାଣ ହେଉଥିବା ବେଳେ ବସ୍ତା ପୁଲିସ ଏକ ସ୍କର୍ପିଓ ଗାଡିକୁ ଜବତ କରିଛି। ତେବେ ପୁଲିସକୁ ଦେଖି ଗାଡିର ଚାଳକ ଫେରାର ହୋଇଯାଇଛି। ଗୁରୁବାର ବିଳମ୍ବିତ ରାତ୍ରି ସମୟରେ ୧୬ନଂ ଜାତୀୟ ରାଜପଥ ନାଇକୁଡି ନିକଟରେ ବସ୍ତା ପୁଲିସ ପେଟ୍ରୋଲିଂ କରୁଥିଲା। ଏହି ସମୟରେ ଓଆର୦୨ଏସି ୩୭୬୫ ନମ୍ବର ବିଶିଷ୍ଟ ସ୍କର୍ପିଓ ଗାଡି ସନ୍ଦେହଜନକ ଭାବେ ଆସୁଥିବା ଦେଖି ପୁଲିସ



ଅଟକାଇବାକୁ ଚେଷ୍ଟା କରିଥିଲା,କିନ୍ତୁ ଚାଳକ ଗାଡି ଛାଡି ଅନ୍ଧାରରେ ଦୌଡି ପଳାଇ ଯାଇଥିଲା। ପୁଲିସ ଗାଡିକୁ ଯାଞ୍ଚ କରିବା ପରେ ଗାଡି ଭିତରୁ ୪ଟି ଗୋରୁ ଉଦ୍ଧାର କରିଛି। ସମସ୍ତ ଗୋରୁଙ୍କୁ ନିର୍ମମ ଭାବେ ବାନ୍ଧି ରଖାଯାଇଥିଲା। ସେମାନଙ୍କୁ ତୁରନ୍ତ ପଶୁ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଇଛି। ବସ୍ତା ଥାନାରେ ଏନେଇ ଏକ ମାମଲା ରୁଜୁ କରାଯାଇଛି। ଗାଡି ନମ୍ବର ଆଧାରରେ ଚାଳକଙ୍କୁ ଚିହ୍ନଟ କରିବା ପାଇଁ ପୁଲିସ ତଦନ୍ତ ଆରମ୍ଭ କରିଛି।

## ନିଖୋଜ ଯୁବକଙ୍କ ମୃତଦେହ କାଂଶବାଂଶ ନଦୀରୁ ଉଦ୍ଧାର

**ସୋର, ୭।୮ (ସମିସ):** ସୋର ଥାନା ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ବଇଁଶୀଖାର୍ଜୀ ଗ୍ରାମର ଜଣେ ନିଖୋଜ ଯୁବକଙ୍କ ମୃତଦେହ ଆଜି କାଂଶବାଂଶ ନଦୀରୁ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ବଇଁଶୀଖାର୍ଜୀ ଗ୍ରାମର ସଞ୍ଜୟ ସିଂ (୨୭) ବୋଲି ଜଣାପଡ଼ିଛି। ସେ ଗତକାଲିଠାରୁ ନିଖୋଜ ଥିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲେ। ତେବେ ଆଜି କାଂଶବାଂଶ ନଦୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ।ଖବର ପାଇ ସୋର ପୁଲିସ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ମୃତଦେହକୁ ଉଦ୍ଧାର କରି ସୋର ମେ?କାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ଗୋଚର ଜମିରେ ସରକାରୀ ରାସ୍ତା ନିର୍ମାଣକୁ ନେଇ ଉତ୍ତେଜନା

**ଜଳେଶ୍ୱର, ୭।୮ (ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଇଗଣବାଡ଼ିଆ ପଞ୍ଚାୟତର କାଳିକାପୁର ଗାଁରେ ଥିବା ପ୍ରସିଦ୍ଧ ହରବାବାଜୀ ମେଳା ପଡ଼ିଆର ଗୋଚର ଜମିରେ ୪.୫ ଲକ୍ଷ ଟଙ୍କା ବ୍ୟୟରେ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାରେ ରାସ୍ତା ନିର୍ମାଣ ହେଉଥିଲା। ଗୋଚର, ଜଙ୍ଗଲ ତଥା ବ୍ୟକ୍ତିଗତ କିଛି ଜମିରେ ବେଆଇନ ରାସ୍ତା ନିର୍ମାଣ ହେଉ ଥିବାରୁ ମେଳା ପଡ଼ିଆ ସଂକୁଚିତ ହେଉ ଥିବାରୁ ସ୍ଥାନୀୟ ସରପଞ୍ଚ ବିଷ୍ଣୁପଦ ପାତ୍ରଙ୍କ ସହିତ ବହୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ।ନିର୍ମାଣ ସ୍ଥଳରେ କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନ ଥିବା ବେଳେ ଠିକାଦାର ଓ କିଛି ଅସାଧୁ ବ୍ୟକ୍ତି ଉପସ୍ଥିତ ଥିବାରୁ ଉତ୍ତେଜନା ସୃଷ୍ଟି ହେଇଥିଲା। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ କିଛି ସମୟ ଠେଲା ପେଲା ହୋଇ ମେଳା ପଡ଼ିଆଟି ରଣକ୍ଷେତ୍ର ପାଲଟି ଯାଇଥିଲା। ତେବେ ବିଭାଗୀୟ ଅଧିକାରୀ ଉକ୍ତ ଗୋଚର ଜମିରେ ବେଆଇନ ରାସ୍ତା ନିର୍ମାଣ ବନ୍ଦ ନ କଲେ ସାଧାରଣ ଲୋକେ ରାଜରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ସିମୁଳିଆ, ୭।୮ (ସମିସ):** ସିମୁଳିଆ ବ୍ଲକ ପରିସରରେ ବ୍ଲକ ସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଅବସରରେ ମଣ୍ଡଳ ସଭାପତି ଅଭିନାସ ବେହେରା, ସମିତି ସଭ୍ୟ ଉତ୍ତମ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ସୁନିଲ କୁମାର ଟୁଡୁଙ୍କ ସଂଯୋଜନାରେ ମୋଟ ୩୨୦ଜଣଙ୍କୁ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା । ଅସ୍ଥିଶଲ୍ୟରେ ୨୦୦,ଚକ୍ଷୁରେ ୫୫,ମାନସିକ ଅଗ୍ରସରତା ପାଇଁ ୬୫ଜଣଙ୍କୁ ଚିହ୍ନଟ କରାଯାଇଥିଲା । ଅସ୍ଥି ଶଲ୍ୟ ବିଭାଗ ଡାକ୍ତର ଡ.ସୁମନ ଶେଖର ସାହୁ , ମେଡ଼ିସିନ ଡାକ୍ତର ଡ଼.ସୁଶାନ୍ତ ମହାରଣା, ବିକାଶ ରଞ୍ଜନ ସାହୁ ଓ ଚକ୍ଷୁ ଡାକ୍ତର ଡ଼.ପିୟୁଷ ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶିବିରକୁ ଆସିଥିବା ଭିନ୍ନକ୍ଷମ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୨୨ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଅଙ୍ଗନବାଡି କର୍ମୀ ଓ ଆପଣ ଏକା ନୁହନ୍ତି ଟ୍ରଷ୍ଟ,.ସିମୁଳିଆ ବି ଡି ଓ ସୁନୀଲ କୁମାର ଟୁଡୁ. ବ୍ଲକ ଯୋଗାଣ ଅଧିକାରୀ ଅଜୟ କୁମାର ଦାସ ଓ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ପ୍ରସନ୍ନ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ତିନି ଗାଁରେ ସଚେତନତା କାର୍ଯ୍ୟକ୍ରମ





**ବାଲେଶ୍ୱର, ୭।୮ (ସମିସ):** ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସହ ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମାଜିକ କାର୍ଯ୍ୟ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ପୋଷ୍ୟ ଗ୍ରାମ ମଛୁଆ, ମର୍ଦ୍ଦରାଜପୁର ଓ ମଖାପଦାର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମାତୃ ସ୍ତନ୍ୟପାନର ଉପକାରିତା, ଶିଶୁର ସୁସ୍ଥ ବିକାଶରେ ଏହାର ଭୂମିକା ଏବଂ ବର୍ଷା ଋତୁରେ ସାପକାମୁଡ଼ା ପ୍ରତି ସତର୍କତା ସମ୍ପର୍କରେ ସଚେତନ କରାଯାଇଥିଲା। ଆଲୋଚନାଚକ୍ରରେ ନବଜାତ ଶିଶୁକୁ ଜନ୍ମ ପରେ ତୁରନ୍ତ ମାଆର କ୍ଷୀର ପାନ କରାଇବା, ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ମାତ୍ର ସ୍ତନ୍ୟପାନ କରାଇବା ଏବଂ ଏହା ମାଧ୍ୟମରେ ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ପୁଷ୍ଟି ସୁନିଶ୍ଚିତ ହେବା ସହ ମାଆର ସ୍ୱାସ୍ଥ୍ୟ ସୁରକ୍ଷା ହୋଇଥାଏ ବୋଲି ବିସ୍ତୃତ ଭାବେ ବୁଝାଇ ଦିଆଯାଇଥିଲା। ସେହିପରି ସାପକାମୁଡ଼ା ଘଟିଲେ ଅନ୍ଧବିଶ୍ୱାସର ଆଶ୍ରୟ ନନେଇ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସା ଗ୍ରହଣ କରିବା, ପ୍ରାଥମିକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ସହାୟିକା, ଆଶାକର୍ମୀ ଓ ସ୍ଥାନୀୟ ମହିଳାମାନେ ଉତ୍ସାହର ସହ ଯୋଗଦେଇ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଷୟରେ ମତ ବିନିମୟ କରିଥିଲେ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଁ ଏଭଳି କାର୍ଯ୍ୟକ୍ରମ ଅତ୍ୟନ୍ତ ଉପଯୋଗୀ ବୋଲି ମତ ପ୍ରକାଶ ପାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ଏବଂ କୁଳସଚିବ କୁକୁମୀନା ଦାସଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାମାଜିକ କାର୍ଯ୍ୟ ବିଭାଗର ସଂଯୋଜକ ଡକ୍ଟର ଗ୍ରେସ ବାହାଲେନ ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଏବଂ ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତ ଓ ସୁପ୍ରିୟା ରାଉତଙ୍କ ସକ୍ରିୟ ସହଯୋଗରେ ବିଭାଗର ଦଶରୁ ଅଧିକ ଛାତ୍ରଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଥିଲେ।

## ନିଟ୍ ପରୀକ୍ଷାରେ ସଫଳ ଶିବଶଙ୍କରଙ୍କୁ ବସ୍ତା ବିଧାୟିକାଙ୍କ ସମ୍ବର୍ଦ୍ଧନା

**ବାଲିଆପାଳ/କାଳିପଦା, ୭।୮ (ସମିସ):** ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଅନ୍ତର୍ଗତ ବିଲକୁମ୍ଭାରୀ ଗ୍ରାମର ହରେକୃଷ୍ଣ ପାତ୍ର ଓ ମଞ୍ଜୁଲତା ପାତ୍ରଙ୍କ ବଡ଼ ପୁଅ ଶିବଶଙ୍କର ପାତ୍ର ଚଳିତ ବର୍ଷର ନିଟ ପ୍ରବେଶିକା ପରୀକ୍ଷାରେ ୭୨୦ ନମ୍ବରରୁ ୬୪୮ ନମ୍ବର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ଗୌରବମୟ ସଫଳତା ଅବସରରେ ଗୁରୁବାର ତାଙ୍କ ବାସଭବନରେ ପହଞ୍ଚି ଶିବଶଙ୍କରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା । ପୁଅର ସଫଳତା ପାଇଁ ବାପା ହରେକୃଷ୍ଣ ଓ ମା' ମଞ୍ଜୁଲତାଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ । ଶିବଶଙ୍କରଙ୍କ ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ, ବିଲକୁମ୍ଭାରୀ ଗ୍ରାମ, ସମଗ୍ର ବାଲିଆପାଳ ଅଞ୍ଚଳ ଓ ବାଲେଶ୍ୱର ଜିଲ୍ଲା ପାଇଁ ମଧ୍ୟ ଗର୍ବର ବିଷୟ। ତାଙ୍କ କଠିନ ପରିଶ୍ରମ, ନିଷ୍ଠା ଓ ଅଦମ୍ୟ ଇଚ୍ଛାଶକ୍ତି ଏହି ସଫଳତାର ମୂଳ ଆଧାର ବୋଲି ବିଧାୟିକା



ଶ୍ରୀମତୀ ଜେନା ମତ ପ୍ରକାଶ କରିଥିଲେ। ମହାପ୍ରଭୁଙ୍କ ନିକଟରେ ଶିବଶଙ୍କରଙ୍କ ଉଜ୍ୱଳ ଭବିଷ୍ୟତ କାମନା କରି ସେ ଜଣେ ସଫଳ ଚିକିତ୍ସକ ହୋଇ ଦେଶ ଓ ସମାଜର ସେବା କରନ୍ତୁ ବୋଲି ବିଧାୟିକା ଶ୍ରୀମତୀ ଜେନା କହିଥିଲେ । ବିଧାୟିକାଙ୍କ ସହ ଅନ୍ୟ ମାନଙ୍କ ମଧ୍ୟରେ ଦେଭୋଗ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ଶ୍ରୀରାମପୁର ପଞ୍ଚାୟତ ସରପଞ୍ଚ ଦେବ କୁମାର ଦେ, ୨୧ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ସୁନୀଲ ଜେନା, ୨୨ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ଶିକ୍ଷାବିତ୍ ଯୁଗଳ କିଶୋର ପାତ୍ର, ଯୁବ ନେତା ଜୟ ନାରାୟଣ ଜେନା, ଦୁର୍ଜୟ ନାୟକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଖରିଫ୍ ଧାନ ସଂଗ୍ରହ ପଞ୍ଜୀକରଣ ଆରମ୍ଭ; ଧାନରୁଆରେ ଚାଷୀ ବ୍ୟସ୍ତ



**ଜଳେଶ୍ୱର, ୭।୮ (ସମିସ):** ୨୦୨୬-୨୭ ବର୍ଷ ଖରିଫ୍ ଋତୁରେ ସରକାରୀ ମଣ୍ଡି ରେ ଧାନ କ୍ରୟ ଲାଗି ଲାଗି ଓଡିଶା ସରକାରଙ୍କ ସମବାୟ ସମିତି ବିଭାଗ ପକ୍ଷରୁ ଗତ ୬ ତାରିଖ ଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେଉଁ ଚାଷୀମାନେ ସରକାରଙ୍କୁ ସେମାନଙ୍କ ବଳକା ଧାନ ବିକ୍ରି କରିବାକୁ ଚାହିଁବେ ସେମାନେ ଆବଶ୍ୟକ ଦସ୍ତାବିଜ ସହିତ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି କିମ୍ବା ଫୁଡ ଓଡିଶା ପୋଟାଲରେ ନାମ ପଞ୍ଜୀକରଣ କରିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଞ୍ଜୀକରଣ ପ୍ରକ୍ରିୟା ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଉତ୍ପନ୍ନ ହେବାକୁଥିବା ଧାନକୁ ନଭେମ୍ବର ୧ ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି। ପଞ୍ଜୀକରଣ ସମୟରେ ଚାଷୀ ଆଧାରକାର୍ଡ, ଆଧାରକାର୍ଡ ସହିତ ସଂଯୋଗଥିବା ମୋବାଇଲ ନମ୍ବର, ଜମିର ପଟ୍ଟା, ବ୍ୟାଙ୍କ ପାସ୍‌ବୁକର ପ୍ରଥମ ପୃଷ୍ଠାର ଫଟୋକପି, ବିଦ୍ୟୁତ୍ ବିଲ୍ ଓ ଚାଷୀ ପଞ୍ଜୀକରଣ ନମ୍ବର ପ୍ୟାକ୍ସରେ ପୈଠ କରିବାକୁ ପଡିବ। ତେବେ ଚଳିତବର୍ଷ ଉପକୂଳବ ଜିଲ୍ଲା ମାନଙ୍କରେ ଲଗାତାର ବର୍ଷା ଯୋଗୁଁ ଧାନ ତଳି ପଚି ନଷ୍ଟ ହୋଇ ଯାଇଛି। ଅଦ୍ୟାବଧି ରୁଆ ପୋତା ଅଧା ଅଧି ହୋଇଥିବା ବେଳେ ବନ୍ୟା ପ୍ରଭାବିତ ଚାଷୀ ନିରାଶ ହୋଇଛନ୍ତି। ବହୁ ଚାଷୀଙ୍କ ନିକଟରେ ବିହନ ମଧ୍ୟ ନାହିଁ। ପ୍ରତିକୂଳ ପାଗ ଯୋଗୁଁ ଚାଷୀ ହାତ ବାନ୍ଧି ବସିଥିବା ବେଳେ ଧାନ ପଞ୍ଜିକରଣ ଲାଗି ଆବଶ୍ୟକ ଦସ୍ତାବିଜ ସଂଗ୍ରହରେ ଅସୁବିଧା ରହିଛି। ଚଳିତବର୍ଷ କେତେ ପରିମାଣରେ ଚାଷୀ ଧାନ ଫଳାଇ ପାରିବ ଓ ବଳକା ଶଷ୍ୟକୁ ସରକାରଙ୍କୁ ବିକ୍ରି କରିବ ସେ ନେଇ ଆଶଙ୍କାରେ ରହିଛନ୍ତି। ସୂଚନାଯୋଗ୍ୟ ଚଳିତବର୍ଷ ରବିଧାନ ଭଲ ହୋଇଥିଲେ ମଧ୍ୟ ମିଲରଙ୍କ ମନମାନି ଓ ବିଭାଗୀୟ ସମନ୍ୱୟ ଅଭାବରୁ ବହୁ ଚାଷୀ ଧାନ ବିକ୍ରୟ କରିବାରୁ ବଞ୍ଚିତ ରହିଛନ୍ତି।

## ୪ ମାସ ହେଲା ମିଳୁନି ଆଶୀର୍ବାଦ ଯୋଜନାର ସହାୟତା ରାଶି

**ସୋର, ୭।୮ (ସମିସ):** କୋଭିଡ ସମୟରେ ବାପା ମାଆଙ୍କୁ ହରାଇଥିବା କିମ୍ବା ପରିବାରର ମୁଖ୍ୟଙ୍କୁ ହରାଇଥିବା ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ଆଶୀର୍ବାଦ ଯୋଜନା ମାଧ୍ୟମରେ ସହାୟତା ପ୍ରଦାନ କରାଯାଉଛି। ଯେଉଁଥିରେ ଶତାଧିକ ଅନାଥ ପିଲା ଉପକୃତ ହେଉଛନ୍ତି। ମାତ୍ର ଗତ ୪ମାସ ଧରି ଏହି ସହାୟତା ରାଶି ନମିଳିବାରୁ ହିତାଧିକାରୀମାନେ ବ୍ୟାପକ ଅସୁବିଧାକୁ ସମ୍ମୁଖୀନ ହେଉଛନ୍ତି। ସୋର ବ୍ଲକ ପାଖର ପଞ୍ଚାୟତ ଖେରଣା ଗ୍ରାମର ହେମନ୍ତ ଶଙ୍ଖୁଆ ଗତ ୨୦୨୦ ମସିହା ଅକ୍ଟୋବର ମାସ ୧୭ ତାରିଖରେ ଅର୍ଥାତ କୋଭିଡ ସମୟରେ ମୃତ୍ୟୁବରଣ କରିଥିଲେ। ପରେ ତାଙ୍କ ଏକମାତ୍ର କନ୍ୟା ଶୁଭଶ୍ରୀ ଶଙ୍ଖୁଆଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା। ମାତ୍ର ଗତ ୪ମାସ ଧରି ଏହି ସହାୟତା ରାଶି ନମିଳିବାରୁ ସେ ଏବେ ବ୍ୟାପକ ଅସୁବିଧାକୁ ସମ୍ମୁଖିନ ହେଉଛନ୍ତି। ତାଙ୍କ ମା ମିନତି ଶଙ୍ଖୁଆ ଦୋକାନରେ କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଟ୍ୟୁସନ ଟଙ୍କା ଓ ଲୁଗା କିଣିବାକୁ ଅସମର୍ଥ ଥିବା ପ୍ରକାଶ କରିଛନ୍ତି। ସେହିପରି ସିମୁଳିଆର ନନ୍ଦିନୀ ବିଶ୍ୱାଳ(୬)ଙ୍କ ବାପା ମା' ମରିଯାଇଥିବାରୁ ଜେଜେ ବାପାଙ୍କ ପାଖରେ ରହି୨୫୦୦ ଟଙ୍କା ପାଉଥିଲେ। ସୋର ସାଜନପୁର ପଞ୍ଚାୟତର କେଶପୁର ଗ୍ରାମର ମଧୁସ୍ମିତା ମହାନ୍ତିଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ଝିଅକୁ ୧୫୦୦ଟଙ୍କା ମଳିଥିଲା, ମାତ୍ର ୪ ମାସ ହେଲା ଏହି ଅର୍ଥ ମିଳି ପାରି ନାହିଁ। ସେହିପରି ସୋର ବ୍ଲକର ଅନ୍ୟ ପଞ୍ଚାୟତମାନଙ୍କରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ହିତାଧିକାରୀମାନେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହେଉଥିବାରୁ ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ପାଖର ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ସୋର ସିଡିପିଓ ହାରାମଣି ନାଏକଙ୍କୁ ପଚାରିବାରୁ ସୋର ବ୍ଲକରେ କେତେଜଣ ହିତାଧିକାରୀ ଅଛନ୍ତି ମୋ ପାଖରେ କୌଣସି ତଥ୍ୟ ନାହିଁ। ମାତ୍ର ଅଭିଯୋଗ ପରେ ମୁଁ ଯୋଗାଯୋଗ କରିବାରୁ ହିତାଧିକାରୀ ମାନେ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଟଙ୍କା ପାଇଛନ୍ତି। ସରକାରଙ୍କ ତରଫରୁ ଏହି ଯୋଜନାରେ ଟଙ୍କା ଆସିନଥିବାରୁ ହିତାଧିକାରୀ ମାନେ ବାକି ୪ ମାସର ଟଙ୍କା ପାଇପାରିନଥିବା କହିଥିଲେ।

# ଉପଖଣ୍ଡସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ନୀଳଗିରି, ୭।୮ (ସମିସ)**

ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶୁକ୍ରବାର ଉପଖଣ୍ଡ ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପଜିଲ୍ଲାପାଳ ତଥା ପାଳନ କମିଟି ଅଧ୍ୟକ୍ଷ ଶୁଭଶ୍ରୀ ରଥ ଅଧ୍ୟକ୍ଷତା କରିଥିବା ବେଳେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ବିଗତ ବର୍ଷର ବିବରଣୀ ପାଠ କରିଥିଲେ। ଏହି ମହାନ ଐତିହାସିକ ଜାତୀୟ ଦିବସ ପାଳନ ଅବସରରେ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ ଶ୍ରୀମତୀ ରଥ ଉପସ୍ଥିତ ସମସ୍ତ ସଦସ୍ୟା ସଦସ୍ୟ ମାନଙ୍କ ସହଯୋଗ କାମନା କରିବା ସହ ବିବରଣୀ ଅନୁସାରେ ଆଲୋଚନା କରାଗଲା। ଏହି ଜାତୀୟ ଦିବସ ପାଳନ ଉପଲକ୍ଷେ ପ୍ରତ୍ୟୁଷ ୪ଘଟିକାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରାଞ୍ଚଳରେ ଡାକ ବାଜି ଯନ୍ତ୍ର ଯୋଗେ ରାମଧୂନ୍ ପ୍ରଚାର କରାଯିବ। ସକାଳ ୬ ଟା - ୭ ଟା ସମୟ ମଧ୍ୟରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି ଘ.୭.୩୦ମି. ମଧ୍ୟରେ ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ବାସଭବନ





ମାନଙ୍କରେ ପତାକା ଉତ୍ତୋଳନ କରାଯିବା ପାଇଁ ସ୍ଥିର କରାଗଲା ଏବଂ ଏହି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ଦିବସର ମୁଖ୍ୟ ଅତିଥି ସକାଳ ଘ.୯.୧୫ମି. ସମୟରେ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଜାତୀୟ ପତାକା ଉତ୍ତୋଳନ ସମୟରେ ରାଷ୍ଟ୍ରୀୟ ସଙ୍ଗୀତ ଏବଂ ଜାତୀୟ ସଙ୍ଗୀତ ପରିବେଷଣ ପରେ ମୁଖ୍ୟ ଅତିଥି ବିଭିନ୍ନ ବିଦ୍ୟାଳୟର ସିଭିଲିଆନ ଅଣ ସିଭିଲିଆନ ପରେଡ ଦଳ ପରିଦର୍ଶନ ସମାପନ ପରେ ସମବେତ ଜନତାଙ୍କୁ ଉଦବୋଧନ ଦେବେ। ଏହି ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବିଦ୍ୟାଳୟ/ମହାବିଦ୍ୟାଳୟ ସ୍ତର ଆଦି ୪ଗୋଟି ସ୍ତରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ଉପଖଣ୍ଡରେ ଗତ ମାଧ୍ୟମିକ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଥିବା ଛାତ୍ର ଛାତ୍ରୀ, ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଜଣକୁ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀଙ୍କୁ ପି.ଏ. ଆଇ. ଟି. ଡି.ଏ.ଙ୍କ ତରଫରୁ, ଶ୍ରେଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ, କୃଷକ, ଅଙ୍ଗନୱାଡି କର୍ମୀ, ନୀଳଗିରି ଉପଖଣ୍ଡର ଶ୍ରେଷ୍ଠ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏତଦ୍ ଭିନ୍ନ ପରେଡରେ ଉତ୍କୃଷ୍ଟ ପ୍ରଦର୍ଶନକାରି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ଆଜିର ଏହି ମହାନ ଐତିହାସିକ ଜାତୀୟ ଦିବସ ପାଳନ ଉପଲକ୍ଷେ ଆୟୋଜିତ ପ୍ରସ୍ତୁତି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା ସମେତ ନୀଳଗିରି ସହରାଞ୍ଚଳର ବୁଦ୍ଧିଜୀବୀ, ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଲୋକ ପ୍ରତିନିଧି, ପୂର୍ବତନ ଲୋକ ପ୍ରତିନିଧି, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସମାଜସେବୀ, ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଓ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପରିଡ଼ା ଉପସ୍ଥିତ ସମସ୍ତ ସଦସ୍ୟା ସଦସ୍ୟମାନଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ ବ୍ଲକ ପାଇଁ ଗୋଟିଏ ଥାନା

# ବଢୁଛି ଅପରାଧ, ଗୋପବନ୍ଧୁନଗର ବ୍ଲକ୍‌ରେ ଥାନା ପ୍ରତିଷ୍ଠା ଦାବି

କୁଆମରା, ୭ା୮ (ସମିସ): ପ୍ରତି ବ୍ଲକରେ ଗୋଟିଏ ଥାନା ପ୍ରତିଷ୍ଠା ହେବ। ଆବଶ୍ୟକ ସ୍ଥଳେ ବଡ଼ ବ୍ଲକରେ ଅଧିକ ଜନସଂଖ୍ୟା ଥିଲେ ଦୁଇଟି ଥାନା ପ୍ରତିଷ୍ଠା ହୋଇପାରିବ ବୋଲି ୨୦୦୮ ରେ ତତ୍କାଳୀନ ଓଡ଼ିଶା ସରକାର ଘୋଷଣା କରିଥିଲେ। ବିଡ଼ମ୍ବନାର ବିଷୟ ଅବିଭକ୍ତ ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ଓ ଗୋପବନ୍ଧୁନଗର ଦୁଇଟି ବ୍ଲକ ନିମନ୍ତେ ଖୁଣ୍ଟା ନାମରେ ଗୋଟିଏ ଥାନା ରହିଛି। ଉକ୍ତ ଦୁଇଟି ବ୍ଲକରେ ୨୭ଟି ପଞ୍ଚାୟତର ଲୋକସଂଖ୍ୟା ଦେଢ଼ ଲକ୍ଷରୁ ଅଧିକ ହେଲାଣି। ପ୍ରତି ବ୍ଲକର ମଧ୍ୟସ୍ଥଳୀରେ ଥାନା ପ୍ରତିଷ୍ଠା ହେବ ବୋଲି ଘୋଷଣା କରାଯାଇଥିବାବେଳେ ଏବେ ଉଭୟ ବ୍ଲକର ଶେଷ ସୀମାରେ ଏହି ଥାନା ରହିଛି। ଦେଖିବାକୁ ଗଲେ ଉଭୟ ବ୍ଲକର ଥାନାଠାରୁ ବ୍ଲକର ଶେଷ ସୀମା ୩୦ରୁ ୪୦ କିଲୋମିଟର ଦୂରତ୍ୱ ହେଉଥିବାରୁ ଜରୁରୀ ସମୟରେ ପ୍ରଶାସନିକ ସେବା ମିଳିବାରେ ବିଳମ୍ବ ଘଟୁଛି। ଦୁଇଟି ବ୍ଲକକୁ ଅକ୍ତିଆର କରିବା ପାଇଁ ଆବଶ୍ୟକ ପୁଲିସ ମଧ୍ୟ ନାହାଁନ୍ତି। ଗୋପବନ୍ଧୁନଗର ବ୍ଲକ ସୀମାକୁ ଲାଗି ନୀଳଗିରି ବ୍ଲକ, ବଡ଼ସାହି ବ୍ଲକ, ବାଲେଶ୍ୱର ଜିଲ୍ଲା ଓ ଜାତୀୟ ରାଜପଥ ରହିଛି। ଏଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାବେଳେ ଏଠାରେ ଥାନା ପ୍ରତିଷ୍ଠାର ଆବଶ୍ୟକତା ରହିଥିବା ନେଇ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଦୀର୍ଘବର୍ଷ ଧରି ଗୋପବନ୍ଧୁନଗର ବ୍ଲକର ମଧ୍ୟସ୍ଥଳୀରେ ଥାନା ପ୍ରତିଷ୍ଠା ଦାବି ହୋଇଆସୁଥିବାବେଳେ ଏହା ନ ହୋଇପାରିବା ପଛରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସହ ପ୍ରଶାସନିକ ସ୍ଥାଣୁତା ଦାୟୀ ବୋଲି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ମହାରଣା, ଯୁବ ନେତା କମଳାକାନ୍ତ ଚୈଧୁରୀ, ବିଜେଡି ବ୍ଲକ ସଭାପତି ସତ୍ୟବାନ ଉପାଧ୍ୟାୟ, ସମାଜସେବୀ ଦିଲ୍ଲୀପ ଖଟୁଆ ପ୍ରମୁଖ କହିଛନ୍ତି। ଉଭୟ ବ୍ଲକର ଦୂରତ୍ୱ ଅପରାଧ ବଢ଼ିବାରେ ରାସ୍ତା ଖୋଲୁଛି। ବର୍ଷକୁ ବର୍ଷ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ନାରୀ ନିର୍ଯାତନା, ଅପହରଣ, ଚୋରି ପୁଲିସର ମୁଣ୍ଡବ୍ୟଥା ବଢ଼ାଇଛି। ଅନେକ ସ୍ଥାନରେ ରାହାଜାନୀ ଘଟିବା ଯୋଗୁଁ ଲୋକେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ଥାନାରେ ଯେତିକି ମାମଲା ରୁଜୁ ହେଉଛି, ସେଥିରୁ ଅପହରଣ ଓ ଚୋରି ତିରିଶ ପ୍ରତିଶତରୁ ଅଧିକ ରହୁଛି। ସେହିପରି ପ୍ରେମଜନିତ ବାଲ୍ୟ ବିବାହ ବଢ଼ିଚାଲିଛି। ଯାହା ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। ନାବାଳିକା ଅପହରଣ ମାମଲା ନବମ ଶ୍ରେଣୀରୁ +୨ ପଢୁଥିବା ଛାତ୍ରୀଙ୍କ ସଂଖ୍ୟା ସର୍ବାଧିକ। ଅପହରଣ ପରେ ଅଭିଯୁକ୍ତ ରାଜ୍ୟ ବାହାରକୁ ପଳାଇ ଯାଉଥିବାରୁ ପୁଲିସ ନିରୁପାୟ। ଅନ୍ୟପକ୍ଷରେ ପୁଲିସର କ୍ଷମତା ସଙ୍କୁଚିତ ହେବା ଯୋଗୁଁ ଅପରାଧ ବଢୁଥିବାର କୁହାଯାଇଛି। ଏହି ଥାନାରେ ୨୦୧୮ ଠାରୁ ବର୍ଷକୁ ମାମଲା ୪ ଶହରୁ ଅଧିକ ରହୁଛି। ଏଥି ପୂର୍ବରୁ ୨୦୦୮ ରୁ ୨୦୧୮ ମଧ୍ୟରେ ସମୀକ୍ଷା କଲେ ଜଣାପଡେ ହତ୍ୟା, ରାହାଜାନୀ, ଚୋରି, ଡକାୟତି ଭଳି ବଡ଼ ବଡ଼ ଅପରାଧ ବୃଦ୍ଧି ପାଇଛି। ତେବେ ମଧ୍ୟସ୍ଥଳୀରେ ଥାନା ପ୍ରତିଷ୍ଠା ହେଲେ ସାଧାରଣ ଲୋକଙ୍କ ସୁରକ୍ଷା ସହ ଅପରାଧ କମି ପାରନ୍ତା ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ମତ ପ୍ରକାଶ ପାଇଛି।




## ଚୋରି ଟ୍ରାକ୍ଟର ଜଙ୍ଗଲରୁ ଉଦ୍ଧାର



ମହୁଲଡିହା, ୭ା୮ (ସମିସ): ଠାକୁରମୁଣ୍ଡା ଥାନା ପଡିଆବେଡ଼ା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଜଙ୍ଗଲରୁ ଚୋରି ହୋଇଥିବା ଏକ ଟ୍ରାକ୍ଟରକୁ ଉଦ୍ଧାର କରାଯାଇଛି। ତରାମରା ପଞ୍ଚାୟତ ଡକେଇପାଳ ଗ୍ରାମର ସାନକୁରା ହୋ ଗତ ମାସ ୨୭ରେ ତାଙ୍କ ଆଇଚର ଟ୍ରାକ୍ଟର ଚୋରି ହୋଇଥିବା ନେଇ ଠାକୁରମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ଏହାକୁ ଠାକୁରମୁଣ୍ଡାର ଏକ ଗ୍ୟାରେଜରେ ଓ୍ୱେଲ୍ଡିଂ କାମ ପାଇଁ ଦେଇଥିଲେ। ଟ୍ରାକ୍ଟର ମରାମତି ପରେ ଗ୍ୟାରେଜ ମାଲିକ ସାନକୁରାଙ୍କୁ ଜଣାଇଥିଲେ। ମାତ୍ର ୨୫ ତାରିଖ ରାତିରେ ଟ୍ରାକ୍ଟରକୁ କେହି ଦୁର୍ବୃତ୍ତ ଚୋରାଇ ନୂଆଗାଁ ଜଙ୍ଗଲରେ ଲୁଚାଇ ରଖିଥିଲେ। ଠାକୁରମୁଣ୍ଡା ପୁଲିସ ଅନୁସନ୍ଧାନ କରି କିଛି ସୁରାକ୍ ପାଇ ପାରି ନଥିଲା। ତେବେ ୬ ତାରିଖ ରିମିଳଡିହା ଗ୍ରାମର କିଛି ଯୁବକ ଧାନବିଲରୁ ଫେରୁଥିବା ବେଳେ ଜଙ୍ଗଲ ମଝିରେ ଟ୍ରାକ୍ଟରକୁ ଦେଖିବାକୁ ପାଇଥିଲେ। ସେମାନେ ଗଣମାଧମ ପ୍ରତିନିଧିଙ୍କ ଜରିଆରେ ଗାଡ଼ି ମାଲିକଙ୍କୁ ଖବର ଦେଇଥିଲେ। ଗାଡ଼ି ମାଲିକ ଜଙ୍ଗଲରୁ ଗ୍ରାମବାସୀଙ୍କ ସହଯୋଗରେ ଟ୍ରାକ୍ଟରକୁ ଉଦ୍ଧାର କରିଥିବା ଜଣାପଡିଛି।


## ମୁନି ରାସବିହାରୀ ସିଟ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା, ୭ା୮ (ସମିସ): ଜଣେ ଭଦ୍ର, ମିଷ୍ଟଭାଷୀ, ସ୍ନେହବତ୍ସଳ, କର୍ମବୀର ତଥା ଧର୍ମପ୍ରାଣ ବ୍ୟକ୍ତିତ୍ୱ ଭାବେ ବେଶ୍ ଜଣାଶୁଣା ମୁନି ରାସବିହାରୀ ସିଟ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ତାଙ୍କର ଏକାଦଶାହ ଉପଲକ୍ଷେ ବାରିପଦା ବାସଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ବାରିପଦା, କଟକ, ଭୁବନେଶ୍ୱର, ରାଉରକେଲା ବ୍ୟତୀତ ବିହାର ଓ ପଶ୍ଚିମବଙ୍ଗରୁ ଶୋକବାର୍ତ୍ତା ଆସିବା ସହ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ। ସେ ୧୯୫୮ ରେ ମେଟ୍ରିକ ଓ ୧୯୬୨ରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ, ବାରିପଦାରୁ ବିଏ ପାସ କରିଥିଲେ। ସେହିପରି କିଛି ଦିନ ପାଇଁ ସେ ବଡ଼ସାହି ହାଇସ୍କୁଲରେ ଶିକ୍ଷକତା କରିଥିଲେ। ୧୯୬୩ରେ ପ୍ରଥମେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ବିଏଲଇଓ ହିସାବରେ ସରକାରି ଚାକିରିରେ ନିଯୁକ୍ତି ପାଇଥିଲେ। ସେ ୧୯୯୯ ମସିହା ଫେବୃଆରୀ ୨୦ରେ ପ୍ରଥମ ଶ୍ରେଣୀ (କନିଷ୍ଠ) ଓଆଇଏସ ସ୍ତରକୁ ପଦୋନ୍ନତି ପାଇ ବାରିପଦା ତଖତପୁରରେ ମ୍ୟାନେଜର (ଏସଏସ) ଡିଆଇସି ଭାବେ ଅବସର ଗ୍ରହଣ କରିଥିଲେ। ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ଜଣେ ସଦସ୍ୟ ଭାବେ ଯୋଗ ସାଧନ ଓ ମୁନି ସମାଜର ପ୍ରଚାର, ପ୍ରସାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିଲେ। ସେହିପରି ସେ ମୁନି କଲ୍ୟାଣ ପରିଷଦର ଜଣେ ପ୍ରତିଷ୍ଠାତା ସଦସ୍ୟ ଥିଲେ।

## ବଡ଼ଝାଡ଼ ବିଦ୍ୟାଳୟରେ ବାଲ୍ୟ ବିବାହ ସଚେତନତା

କପ୍ତିପଦା, ୭ା୮ (ସମିସ) : ଦେବଳା ପଞ୍ଚାୟତ ଅନ୍ତର୍ଗତ ବଡ଼ଝାଡ଼ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ 'ବାଲ୍ୟ ବିବହ କୁ ନାଁ' ଶୀର୍ଷକ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହ ହେବା ଫଳରେ ସମାଜ ସହ ପରିବାରରେ ଅନେକ କ୍ଷତି ହୋଇଥାଏ। ତେଣୁ ସମସ୍ତେ ଏଥିପାଇଁ ସଚେତନ ହେବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମ ସଂଯୋଜକ ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରକାଶ କରିଛନ୍ତି। କିଶୋର ବୟସରେ ପ୍ରତ୍ୟେକ ପିଲା ଏ ବିଷୟରେ ସଚେତନ ହେବା ଜରୁରୀ ଅଟେ। ଏ ସମ୍ପର୍କିତ ଏକ ସଚେତନତା ପଦଯାତ୍ରା ଅଭିଭାବକ ଏବଂ ପିଲାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ମାନସିକ ଶାରୀରିକ ପରିପକ୍ୱତା ପାଇଁ ପୁଅକୁ ଏକୋଇଶି ଝିଅକୁ ଅଠର ବର୍ଷ ପରେ ବାହାଘର କରିବା ଆବଶ୍ୟକ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବାନନ୍ଦ ନାୟକ ସମସ୍ତଙ୍କୁ କହିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସର୍ବେଶ୍ୱର ସିଂ ଙ୍କ ସମେତ ବହୁ ଅଭିଭାବକ ଯୋଗ ଦେଇଥିଲେ । ଅନୁଷ୍ଠିତ ସଭା କାର୍ଯ୍ୟରେ ଅନ୍ୟତମ ବକ୍ତା ଭାବରେ ପ୍ରଧାନ ଶିକ୍ଷକ ରମେଶ ମାର୍ଣ୍ଡି ଏ ବିଷୟରେ ଆଲୋକପାତ କରିଥିଲେ। କାର୍ଯକ୍ରମ ପରିଚାଳନାରେ ବହୁ ପିତାମାତା ସହଯୋଗ କରିଥିଲେ। ଶେଷରେ ସମସ୍ତେ ବାଲ୍ୟ ବିବାହ ବନ୍ଦ କରିବାକୁ ଶପଥ ଗ୍ରହଣ କରିଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ



ବାରିପଦା/ବଡ଼ସାହି, ୭ା୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ଆଦର୍ଶ ଶିକ୍ଷକ ତଥା ସାମ୍ବାଦିକ ନୀଳାଦ୍ରି ବିହାରୀ ଦଣ୍ଡପାଟଙ୍କ ପିତା ବରେନ ଚନ୍ଦ୍ର ଦଣ୍ଡପାଟ(୮୩)ଙ୍କ ପରଲୋକ ଘଟିଛି। ନିଜ ବାସଭବନ ସିଂହଟିଆରେ ଶୁକ୍ରବାର ସକାଳ ୬ଟା ୪୦ ମିନିଟରେ ସେ ଇହଲୀଳା ସମ୍ବରଣ କରିଛନ୍ତି। ଚାକିରି ଜୀବନରେ ସେ ଆମ୍ବଡାଳି, ଗଜଡିହୀ, ଛେଳିଆ, ତାଳପଦା, ଚକ୍ରଧରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିବାବେଳେ ଧାନପୋତା ସ୍କୁଲରୁ ଅବସର ଗ୍ରହଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ, ବଡ଼ବୋହୂ, ସାନପୁଅ, ସାନବୋହୂ, ଝିଅ , ଜ୍ୱାଇଁ, ନାତି ଓ ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ଶିକ୍ଷକଙ୍କ ସାନପୁଅ ନୀଳାଦ୍ରି ପ୍ରମୁଖ ଦୈନିକ ଓଡିଆ ଖବରକାଗଜର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ଅଟନ୍ତି। ମୃତ୍ୟୁଖବର ପ୍ରଚାରିତ ହେବା ପରେ ବଡ଼ସାହି ବ୍ଲକ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ଭଞ୍ଜସେନା ଅଧ୍ୟକ୍ଷ ସଞ୍ଜିବ ରାଉତ, କଂଗ୍ରେସର ପୂର୍ବତନ ଜିଲ୍ଲା ଉପସଭାପତି ପ୍ରକାଶ କରମହାପାତ୍ର, ବଡ଼ସାହି ବ୍ଲକ ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ବଳ, ପୂର୍ବତନ ରାଜ୍ୟ କୃଷିନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ବାରିପଦା ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଛାତ୍ର ବିଜେଡି ସଭାପତି ସୁନୀଲ ନାୟକ, ବଡ଼ସାହି ବ୍ଲକ ବିଜେଡି ସଭାପତି ତପନ ପତି, ବାରିପଦା ବ୍ଲକ ବିଜେଡି ସଭାପତି ସୁଜିତ ମହାନ୍ତି, ବଳଭଦ୍ରପୁର ସରପଞ୍ଚ ଅନ୍ନପୂର୍ଣ୍ଣା ଖଣ୍ଡେଇଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପୂର୍ବତନ ସାଂସଦ ତଥାଗତ ଶତପଥି ଶୋକବ୍ୟକ୍ତ ପ୍ରକାଶ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ମରଶରୀରକୁ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ କରାଯାଇଛି। ବଡ଼ପୁଅ ମୁଖାଗ୍ନି ଦେଇଛନ୍ତି ।

## ସହକାରୀ କମିଶନରଙ୍କ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ



ବାରିପଦା, ୭ା୮ (ସମିସ), ପିଏମ୍‌ଶ୍ରୀ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମର ରୂପାୟଣ ଓ ବିଦ୍ୟାଳୟର ଶିକ୍ଷାଗତ ପରିବେଶ ସମ୍ପର୍କରେ ସହକାରୀ କମିଶନର ବୀରବଲ ଧିନୁଆ ବାରିପଦାର ଲକ୍ଷ୍ମୀପୋଷିଠାରେ ଥିବା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ନିରୀକ୍ଷଣ କରିଛନ୍ତି। ବିଦ୍ୟାଳୟରେ ପିଏମ୍‌ଶ୍ରୀ ଯୋଜନା ଅଧୀନରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଅବଲୋକନ କରିବା ସହ ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରିଥିଲେ। ପିଏମ୍‌ଶ୍ରୀ ଯୋଜନାର ବିଭିନ୍ନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସୁଚାରୁ ଭାବେ କାର୍ଯ୍ୟକାରୀ ହେଉଥିବା ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ। ଓଡ଼ିଶାର ୭୬ଟି କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରୁ ୪୩ଟି ବିଦ୍ୟାଳୟ ପିଏମ୍‌ଶ୍ରୀ ଯୋଜନାରେ ସାମିଲ ହୋଇଥିବାବେଳେ, ସେଗୁଡ଼ିକ ମଧ୍ୟରେ ପିଏମ୍‌ଶ୍ରୀ କେଭି ନଂ-୧, ବାରିପଦା ପିଏମ୍‌ଶ୍ରୀ ଯୋଜନାର ସଫଳ ରୂପାୟଣ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଏକ ଅନୁକରଣୀୟ ଦୃଷ୍ଟାନ୍ତ ବୋଲି ବୀରବଲ ଧିନୁଆ ମତପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏଲ ଡି ଏସ୍ ଯାଦବଙ୍କ ନେତୃତ୍ୱରେ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମନ୍ୱିତ ପ୍ରୟାସକୁ ମଧ୍ୟ ସେ ପ୍ରଶଂସା କରିଥିଲେ।

## ପରିବେଶପ୍ରେମୀ, ଡାକ୍ତର ଓ ଓକିଲଙ୍କ ବୃକ୍ଷରୋପଣ



ରାଇରଙ୍ଗପୁର, ୭ା୮ (ସମିସ): 'ଯିଏ ପ୍ରକୃତି ଓ ପରିବେଶକୁ ଭଲ ପାଏ, ପରିବେଶ ଓ ପ୍ରକୃତି ତାକୁ ରକ୍ଷା କରେ।' ଏହି ଉକ୍ତିକୁ ପାଥେୟ କରି ରାଇରଙ୍ଗପୁର ପୌର ପରିଷଦର କଚେରୀ ପଡ଼ିଆକୁ ସବୁଜ ସୁନ୍ଦର କରିବାକୁ ପ୍ରଥମ ପର୍ଯ୍ୟାୟରେ କେତେ ଜଣ ସ୍ଥାନୀୟ ସଚେତନ ଡାକ୍ତର, ଓକିଲ ଓ ବୁଦ୍ଧିଜୀବି ଆଗେଇ ଆସିଛନ୍ତି। ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ଶିଶୁ ବିଭାଗର ଡାକ୍ତର ଆଶୁତୋଷ ମହାପାତ୍ର, ରାଇରଙ୍ଗପୁର ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଭାସ କୁମାର କବି ଓ ସମାଜସେବୀ ତଥା ଆଇନଜୀବି ବୃଷ୍ଟି ବିଡ଼ଜା ମଣ୍ଡଳ ଓ ଅନ୍ୟ ପରିବେଶପ୍ରେମୀଙ୍କ ଗହଣରେ ବିଭିନ୍ନ ଫୁଲ ଓ ଫଳ ଚାରା ରୋପଣ କାର୍ଯ୍ୟର ଶୁଭାରମ୍ଭ କରାଯାଇ ଥିଲା। ଦେଶ ବିଦେଶର ସୁବାସିତ ଫୁଲ ଓ ମୂଲ୍ୟବାନ ଫଳ ଚାରା ରୋପଣ କାର୍ଯ୍ୟକ୍ରମକୁ ସ୍ଥାନୀୟ ପରିବେଶପ୍ରେମୀ ଓ ଜନସାଧାରଣ ସ୍ୱାଗତ କରିଛନ୍ତି। ଏହି ଅବସରରେ ପୁରାତନ କଚେରୀ ପଡ଼ିଆକୁ ସବୁ ବର୍ଗର ଜନସାଧାରଣ ସବୁଜ ସୁନ୍ଦର ରଖିବାକୁ ପରିବେଶପ୍ରେମୀ, ଡାକ୍ତର ଓ ଓକିଲ ବନ୍ଧୁ ନିବେଦନ କରିଥିଲେ। ଏପରି ଦୁର୍ଲଭ ଫୁଲ, ଫଳ ଓ ବିରଳ ଔଷଧୀୟ ବୃକ୍ଷର ଚାରା ରୋପଣ ଅଭିଯାନ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ଡାକ୍ତର ମହାପାତ୍ର କହିଛନ୍ତି। ଏଥିରେ ଉପଖଣ୍ଡ ଡାକ୍ତରଖାନାର କର୍ମଚାରୀ ରୀତେଶ ମଣ୍ଡଳ, ଆଇନଜୀବୀ ସଞ୍ଜୟ ନନ୍ଦ, ନବୀନ ସାହୁ, ଅମୀୟ ବେହେରା, ସେକ୍ ତହିଦ୍ ଓ ଉମାପଦ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ନାଟ୍ୟ ମହୋତ୍ସବ

# ଜିଲ୍ଲାସ୍ତରୀୟ ଉଚ୍ଚବିଦ୍ୟାଳୟ ମୂକ ଓ ଏକକ ଅଭିନୟ, ନୃତ୍ୟ, ମଞ୍ଚ ସଞ୍ଚାଳନ ପ୍ରତିଯୋଗିତା

ବାରିପଦା, ୭ା୮ (ସମିସ): ମୟୂରଭଞ୍ଜର ଅଗ୍ରଣୀ ନାଟ୍ୟ ସଂସ୍ଥା 'ଆମେ ବାରିପଦା' ଦ୍ୱାରା ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ସ୍ଥାନୀୟ ଦାରଗାଡାହିସ୍ଥ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଉଚ୍ଚବିଦ୍ୟାଳୟ ସ୍ତରର ମୂକ ଅଭିନୟ, ଏକକ ଅଭିନୟ, ନୃତ୍ୟ ଓ ମଞ୍ଚ ସଞ୍ଚାଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକସୌମ୍ୟ ଦାଶ ଉକ୍ତ ପ୍ରତିଯୋଗିତାକୁ ଉଦଘାଟନ କରିଥିବାବେଳେ ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜାତୀୟ ନାଟ୍ୟ ମହୋତ୍ସବର ଆବାହକ ତଥା ଆମେ ବାରିପଦାର ସାଧାରଣ ସମ୍ପାଦକ ବିଶିଷ୍ଟ ଅଭିନେତା, ନାଟ୍ୟକାର ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ବିଚାରକ ଜୟନ୍ତ ସେନାପତି, ଡକ୍ଟର ପ୍ରକାଶ ଚନ୍ଦ୍ର ଦାଶ, ପ୍ରୟାସ ଶତପଥୀ, ପ୍ରଦୀପ ସରଘରିଆ, ସାଗରିକା ଦାସ, ରଜନୀ ବାରିକ, ସୁଧାମୟୀ ଦାସ, ଅନୁବାଳା ମହାନ୍ତି ଓ ସରୋଜ ପଟ୍ଟନାୟକ ଯୋଗ ଦେଇଥିଲେ। ରାଜୀବ ପାତ୍ର ଓ ଅକ୍ଷୟ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସୁଜୟ ମହାନ୍ତି, ଉର୍ଜା ମହାନ୍ତି, କାକଳୀ ନନ୍ଦୀ, କ୍ରିଷ୍ଣା ସେଜପଡ଼ା, ଜ୍ୟୋତି ଓ ହିମାଂଶୁ ସହଯୋଗ କରିଥିଲେ। ବିଜେତାଙ୍କ ନାମ ଜାତୀୟ ନାଟ୍ୟ ମହୋତ୍ସବର ଅନ୍ତିମ ରଜନୀରେ ଘୋଷଣା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂ ପ୍ରକାଶ କରିଛନ୍ତି।




# ଦେଶ କରମ୍ ପରବ ପ୍ରସ୍ତୁତି ବୈଠକ



ଯଶିପୁର, ୭ା୮ (ସମିସ): ଆଜି ଯଶିପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖେରନା ପଥପ୍ରାନ୍ତ ବଙ୍ଗଳାଠାରେ ଖେରନା, ଚିଙ୍ଗୁଡିପୋଖରୀ, ଭାଲୁପାହାଡ଼ି, ଛନୁଆ ଗ୍ରାମର ସମସ୍ତ କରମପ୍ରେମୀ ବନ୍ଧୁଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିତେନ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ପୂର୍ବରୁ ଦେଶ କରମ ପରବ ଅନୁଷ୍ଠିତ ହୋଇଥିବା ଆଠଟି ପୀଠର କର୍ମକର୍ତ୍ତା ଯୋଗ ଦେଇଥିଲେ। ରାଜ୍ୟ ମୁଖ୍ୟ ସଂରକ୍ଷକ ପ୍ରାଧ୍ୟାପକ ଲକ୍ଷ୍ମୀଧର ମହାନ୍ତ କରମ ପରବ ମୁଖ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୁଖ୍ୟ ସଞ୍ଚାଳକ ଡା. ପ୍ରତାପ ଚନ୍ଦ୍ର ମହାନ୍ତ କରମ ପରବର ତତ୍ତ୍ୱ ଓ ନେଗ ନେଗାଚାର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟ ଉପଦେଷ୍ଟା ସହଦେବ ମହାନ୍ତ, ଅଂଲାଡ଼ିହା ପୀଠର କୈଳାସ ଚନ୍ଦ୍ର ମହାନ୍ତ, ଦୁମୁରିଆ ପୀଠର ସତ୍ୟନାରାୟଣ ମହାନ୍ତ, ଧନବେନି ପୀଠର ନକୁଳ ମହାନ୍ତ, ରାଇରଙ୍ଗପୁର ପୀଠର ପ୍ରଭାତ ରଞ୍ଜନ ମହାନ୍ତ, ଗୁଣ୍ଡୁରିଆ ପୀଠରୁ ଅଧ୍ୟାପକ ଦେବାଶିଷ ମହାନ୍ତ, ଦିପୁ ବାବୁ, ଯଶିପୁରରୁ ସୁମିତ ବାବୁ, ମୁନା ବାବୁ ଯୋଗ ଦେଇଥିଲେ। ରାଜ୍ୟ ସଂଯୋଜକ ଅଧ୍ୟାପକ ନିରଞ୍ଜନ ମହାନ୍ତ ସାଂଗଠନିକ ସ୍ତରରେ କାମ କରି ସଫଳ କରିବାକୁ ଉତ୍ସାହିତ କରିଥିଲେ। ବୈଠକରେ ଉପସ୍ଥିତ ଥିବା ପ୍ରାୟ ପଚାଶରୁ ଅଧିକ ଯୁବ ବନ୍ଧୁ ଦେଶ କରମ ପରବକୁ ସଫଳ କରିବାକୁ କରମ ରାଜାଙ୍କ ନାମରେ ଶପଥ ନେଇଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ବଳରାମ ମହାନ୍ତ ଧନ୍ୟବାଦ ଦେଇଥିଲେ।

## ସ୍ୱାଧୀନତା ଦିବସ ଉତ୍ସବ ପାଇଁ ବାରିକେଡ୍ ନିର୍ମାଣ ଟେଣ୍ଡର ଆହ୍ୱାନ

ରାଇରଙ୍ଗପୁର, ୭ା୮ (ସମିସ): ଓଡ଼ିଶା ସରକାରଙ୍କ ପକ୍ଷରୁ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ରାଇରଙ୍ଗପୁର (ଆର୍ ଆଣ୍ଡ ବି) ଡିଭିଜନ ଦ୍ୱାରା ସ୍ୱାଧୀନତା ଦିବସ ଉତ୍ସବ ପାଇଁ ବାରିକେଡ୍ ନିର୍ମାଣ ପାଇଁ ସଂକ୍ଷିପ୍ତ ଟେଣ୍ଡର ଆହ୍ୱାନ କରାଯାଇଛି। ରାଇରଙ୍ଗପୁର କଚେରୀ ଗ୍ରାଉଣ୍ଡରେ ବାରିକେଡ୍ ନିର୍ମାଣ ପାଇଁ ଆନୁମାନିକ ମୂଲ୍ୟ ୩, ୬୯, ୮୧୦ ଟଙ୍କା ଓ କରଞ୍ଜିଆ କଲେଜ ଗ୍ରାଉଣ୍ଡରେ ବାରିକେଡ୍ ନିର୍ମାଣ ପାଇଁ ଆନୁମାନିକ ମୂଲ୍ୟ ୩, ୨୦, ୧୭୪ ଟଙ୍କା ଥିବାବେଳେ ଉଭୟ କାର୍ଯ୍ୟ ପାଇଁ 'ଡି' ଓ 'ସି' ଶ୍ରେଣୀର ଠିକାଦାର ହୋଇଥିବା ଜରୁରୀ। ଏଥିପାଇଁ ଇଏମଡି ୩, ୨୫୦ ଟଙ୍କା ଓ ଡକ୍ୟୁମେଣ୍ଟ ମୂଲ୍ୟ ୨, ୦୦୦ ଟଙ୍କା ରହିଥିବାବେଳେ ନିର୍ମାଣ ସମୟସୀମା ୫ ଦିନ ଅଛି। ସମସ୍ତ ବିବରଣୀ ରାଇରଙ୍ଗପୁର (ଆର୍ ଆଣ୍ଡ ବି) ଡିଭିଜନ କାର୍ଯ୍ୟାଳୟ ଓ ସମ୍ପର୍କିତ ସବଡିଭିଜନ କାର୍ଯ୍ୟାଳୟରେ ଉପଲବ୍ଧ ହେବ। ଅଧିକାରୀ ଯେକୌଣସି ଟେଣ୍ଡରକୁ ବିନା କାରଣରେ ବାତିଲ କରିବାର ଅଧିକାର ରଖିଛନ୍ତି।

# ଉଦଳାରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ

ଉଦଳା ୭ା୮ (ସମିସ), ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ୍ ଅନ୍ତର୍ଗତ ସୁନାପାଳ ହସ୍ତତନ୍ତ ବୟନ କେନ୍ଦ୍ର ପରିସରରେ ଜାତୀୟ ହସ୍ତତନ୍ତ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବୁଣାକାର ସେବାକେନ୍ଦ୍ର, ଭୁବନେଶ୍ୱର ଏବଂ ମୌନଧ୍ୱନି ଫାଉଣ୍ଡେସନ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୦ରୁ ଉର୍ଦ୍ଧ୍ୱ ମହିଳା ବୁଣାକାର ଉପସ୍ଥିତ ରହି ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ହସ୍ତତନ୍ତ ଦିବସ ପାଳନ ପୁରସ୍କାର ବିତରଣ ଉତ୍ସବର ସିଧାସଳଖ ପ୍ରସାରଣ ଟିଭି ପରଦାରେ ଦେଖିଥିଲେ। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଣାକାର ସେବାକେନ୍ଦ୍ର ପକ୍ଷରୁ ଆଲୋକ ରଞ୍ଜନ, ମୌନଧ୍ୱନି ଫାଉଣ୍ଡେସନର ପ୍ରବୀର ଜେନା, ବଡସିଙ୍ଗାରିଆ ପଞ୍ଚାୟତର ସରପଞ୍ଚ ସୁନାରାମ ଟୁଡୁ, ସୁନାପାଳ ଗାଁ ମୁରବି ରବିନ୍ଦ୍ର ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥାପକ ଦେବେନ୍ଦ୍ର ରାଉଳ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଏଥିରେ ହସ୍ତତନ୍ତ ସମ୍ବନ୍ଧୀୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହସ୍ତତନ୍ତର ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରେଷ୍ଠ ଦଶଜଣ ମହିଳା ବୁଣାକାରଙ୍କୁ ଉପଢୌକନ, ମାନପତ୍ର ଏବଂ ଗଛ ଚାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମାବେଶର ଛାତ୍ରଛାତ୍ରୀଙ୍କ ଦ୍ୱାରା ଛଉ ଏବଂ ଝୁମର୍ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆକାଶ କୁମାର ମହାନ୍ତ, ଚମ୍ପାବତୀ ହାଁସଦା, ନାନୁ ରାଜଦୀପ, ସୀତା ମୁର୍ମୁ, ପ୍ରଦ୍ୟୁମ୍ନ ଦଳାଇ, ତୋଫାନ ଆର୍ଯ୍ୟା, ବିଜୟ ଦତ୍ତ, ଜ୍ୟୋତିପ୍ରକାଶ ବାରିକ, ସୀତାରାମ ମାର୍ଣ୍ଡି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଅନିୟମିତତା ଅଭିଯୋଗ

# ଜିଲ୍ଲାପାଳଙ୍କୁ ଭେଟିଲେ ଖୁଣ୍ଟା ବ୍ଲକ୍ ନିର୍ବାଚିତ ପ୍ରତିନିଧି

ବାରିପଦା, ୭ା୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ୍‌ରେ 'ବିକଶିତ ଗାଁ ବିକଶିତ ଓଡ଼ିଶା'(ବିଜିବିଓ) ଯୋଜନାର ଅନୁମୋଦିତ ପ୍ରକଳ୍ପ ଚୟନକୁ ନେଇ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତ ସମିତି ସଭ୍ୟ ଓ ସରପଞ୍ଚମାନଙ୍କ ଦ୍ୱାରା ଗ୍ରାମସଭା ମାଧ୍ୟମରେ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏହି ବିଷୟକୁ ନେଇ ଖୁଣ୍ଟା ବ୍ଲକ୍ ଅଧ୍ୟକ୍ଷ ସୁଧନ୍ୟା ନାଏକ, ସମିତି ସଭ୍ୟ ସଂଘ ସଭାପତି ସୁନୀଲ କୁମାର ଟୁଡୁ ଓ ସରପଞ୍ଚ ସଂଘ ସଭାପତି ନନ୍ଦକିଶୋର ହାଁସଦାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ, ବିଜିବିଓ ଯୋଜନା ନିୟମାବଳୀ ଅନୁଯାୟୀ ଜନସାଧାରଣଙ୍କ ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ରାମସଭା ଜରିଆରେ ମନ୍ଦିର, ଶ୍ମଶାନଘାଟ ଓ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ପ୍ରସ୍ତାବ ବ୍ଲକ୍ ପକ୍ଷରୁ ଜିଲ୍ଲା ପରିଷଦକୁ ପଠାଯାଇଥିଲା। କି ନିକଟରେ ଅନୁମୋଦିତ ହୋଇ ଆସିଥିବା ତାଲିକାରେ ପଞ୍ଚାୟତ ପ୍ରତିନିଧିମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରକଳ୍ପଗୁଡ଼ିକୁ ବାଦ୍ ଦିଆଯାଇ କେବଳ କାହା ଇଙ୍ଗିତରେ ଅନ୍ୟ ପ୍ରକଳ୍ପଗୁଡ଼ିକୁ ସାମିଲ କରାଯାଇଛି। ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ, ଗ୍ରାମାଞ୍ଚଳରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



# ୭୨ତମ ରାଜ୍ୟସ୍ତରୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ







ବାରିପଦା/ରାଇରଙ୍ଗପୁର, ୭ ।୮ (ସମିସ)

ରାଇରଙ୍ଗପୁରସ୍ଥ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆଜି ୩ଦିନିଆ ୭୨ତମ ରାଜ୍ୟସ୍ତରୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ନଗରପାଳ ଅଭିଷେକ ପଟ୍ଟନାୟକ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଜାତୀୟ ଆଥଲେଟିକ ଫେଡେରେସନର ସଭାପତି ତଥା ଓଡିଶା ଆଥଲେଟିକ ଆସସିଏସନର ସଭାପତି ଡ. ଜିଏସ ପଟ୍ଟନାୟକ, ଓଡ଼ିଶା ଆଥଲେଟିକ ଆସୋସିଏସନ ସମ୍ପାଦକ ଅଭିଜିତ ପାଲ, ଉପସଭାପତି ଅଶୋକ ସାହୁ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅଲିମ୍ପିଆନ ହାର୍ଡଲ୍ସ ରାଣୀ ଅନୁରାଧା ବିଶ୍ୱାଳ ଯୋଗ ଦେଇଥିଲେ। ଅନ୍ୟ ଅତିଥି, କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ବିଭିନ୍ନ ବିଭାଗୀୟ ଅଧିକାରୀ, ସାଂସଦଙ୍କ ସଂଯୋଜକ ମନୋଜ ଦାସ, କ୍ରୀଡ଼ାପ୍ରେମୀ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ କ୍ରୀଡ଼ାର ଗୁରୁତ୍ୱ ଅତ୍ୟନ୍ତ ଅଧିକ। ଏଭଳି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଯୁବ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ପ୍ରତିଭା ବିକାଶ ସହିତ ଶୃଙ୍ଖଳା, ଧୈର୍ଯ୍ୟ, ଦଳଗତ ମନୋଭାବ ଓ କ୍ରୀଡ଼ା ସୁଲଭ ମନୋଭାବ ସୃଷ୍ଟି କରିଥାଏ। ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବରେ କ୍ରୀଡ଼ାବିତ୍ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ରାଜ୍ୟର କ୍ରୀଡ଼ା କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବେ ବୋଲି ଆଶା ପୋଷଣ କରାଯାଇଛି। ଏ ଅବସରରେ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ କ୍ରୀଡ଼ାବିତ ପ୍ରବୋଧ କୁମାର ମହାନ୍ତି, ଲାଲମୋହନ ମହାନ୍ତ, ବୀରଧାନ ମାରାଣ୍ଡି, ପ୍ରସାଦ ମହାନ୍ତ, ପୂର୍ଣ୍ଣିମା ହେମ୍ବ୍ରମ, ପୁଙ୍ଗା ସୋରେନ, କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମୁଖ୍ୟଅତିଥି ଓ ଅନ୍ୟ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପତାକାକୁ ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଦୌଡ଼, ଲମ୍ଫ, ନିକ୍ଷେପ ଓ ଅନ୍ୟାନ୍ୟ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

## ମୟୂରଭଞ୍ଜର ୪୪ ପ୍ରତିଯୋଗୀ

ବାରିପଦା: ରାଇରଙ୍ଗପୁରରେ ଆରମ୍ଭ ହୋଇଥିବା ୭୨ତମ ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜର ୪୪ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୧୪ ବର୍ଷରୁ କମ୍ ବିଭାଗରେ ଦୁଲାରୀ ସୋରେନ, କମଳିନୀ ମାରାଣ୍ଡି, ସୀତା କିସ୍କୁ, ଜାସେନ ହେମ୍ବ୍ରମ, ଦେବ



ତେଲେଙ୍ଗା, ଦେବାଶିଷ କୁଅଁର, ୧୬ ବର୍ଷରୁ କମ ବିଭାଗରେ ପାପାଲି ସିଂ, ସୁଚିତ୍ରା ସିଂ, ଫୁଲମଣୀ ସୋରେନ, ରୁପାଲୀ କିସ୍କୁ, ଫୁଲମଣୀ ହେମ୍ବ୍ରମ, ଶାନ୍ତିଲତା ହାଁସଦା, ହରିଶ ଚନ୍ଦ୍ର ହେମ୍ବ୍ରମ, ସଂଜିତ ସିଂହ, ରାକେଶ ବେହେରା, ସୁକୁଲ ହେମ୍ବ୍ରମ, ରାଜ ରାଜେଶ୍ୱର ବେହେରା, ଆକାଶ କୁମାର ମହାନ୍ତ, ୧୮ ବର୍ଷରୁ କମ୍ ବିଭାଗରେ ବିନ୍ଦି ସିଂ, ସୀତାମଣୀ ବାରି, ଦେବସ୍ମିତା ମାରାଣ୍ଡି, କନ୍ୟା କୁମାରୀ ପାଲ, ସୁନିତା ପିଙ୍ଗୁଆ, ଯମୁନା ମହାନ୍ତ, ବାଲହି ମୁର୍ମୁ, ଭୀମ ସିଂ, ବନମାଳୀ ସିଂ, ହରପ୍ରସାଦ ବେହେରା, ରାମ ହେମ୍ବ୍ରମ, ଭୀମ ନାଏକ, ଉମେଶ ଚନ୍ଦ୍ର ସିଂ, ରାମଦାସ ହାଁସଦା, ଗାଜ ଟୁଡୁ, ଧନଞ୍ଜୟ ସୋଇନ, ୨୦ ବର୍ଷରୁ କମ ବିଭାଗରେ ଜୟନ୍ତୀ ଗୁଇଆ, କଲ୍ୟାଣୀ ଟୁଡୁ, ପୁଷ୍ପାବତୀ କିସ୍କୁ, କ୍ରିଷ୍ଣା ମାଝୀ, ବିଶ୍ୱଜିତ ଦାସ, ଡାକ୍ତର ସୋରେନ, ପବିତ୍ର ପିଙ୍ଗୁଆ, ସୁରାଇ ମାରାଣ୍ଡି, ସୁରେନ୍ଦ୍ର ବାଦ୍ରା ଓ ଶ୍ଳୋକ ସାଇ ସ୍ଥାନ ପାଇଥିବା ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ଦିଗେଶ୍ୱର ମହାନ୍ତ ମୁଖ୍ୟ ମ୍ୟାନେଜର, ତ୍ରିଲୋଚନ ମହାନ୍ତ ଓ ଦେବସ୍ମିତା ମହାନ୍ତ ସହକାରୀ ମ୍ୟାନେଜର, ଦଲନ ଚନ୍ଦ୍ର କୁଅଁରଦେଓ ଓ ନରେଶ ଚନ୍ଦ୍ର ହେମ୍ବ୍ରମ କୋଚ ଭାବେ ଦଳ ସହିତ ଗସ୍ତ କରିଛନ୍ତି। ଆସୋସିଏସନର କର୍ମକର୍ତ୍ତା ଓ ସଦସ୍ୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

## ମଣ୍ଡପଡ଼ାକୁ ମିଳୁନି ବିଦ୍ୟୁତ୍ ସେବା ଓ ପାନୀୟଜଳ

ଆନନ୍ଦପୁର, ୭।୮ (ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଡପଡା ପଞ୍ଚାୟତ ତନେଇପାଳ ରାଜସ୍ୱ ଗ୍ରାମର ମଣ୍ଡପଡା ବସ୍ତିରେ ବସବାସ କରନ୍ତି ୬୦ରୁ ଊର୍ଦ୍ଧ୍ୱ ହୋ' ଜନଜାତି ପରିବାର। ପ୍ରାୟ ୩୦୦ ଜନସଂଖ୍ୟା ବିଶିଷ୍ଟ ଏହି ବସ୍ତିକୁ ଆଜି ଯାଏ ବିଦ୍ୟୁତ ସେବା ମିଳିନାହିଁ। ଆଜି ବି ସମାଜର ମୌଳିକ ଆବଶ୍ୟକତାଠାରୁ ବହୁ ଦୂରରେ ଅଛନ୍ତି। ଗ୍ରାମବାସୀ ଅନ୍ଧାରରେ ରହୁଥିବା ବେଳେ ସେମାନେ ନାନାଦି ସମସ୍ୟା ମଧ୍ୟରେ କାଳାତିପାତ କରୁଛନ୍ତି। କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଥିବାବେଳେ ଏହି ସେବା ମିଳୁ ନଥିବାରୁ ପ୍ରତିବାଦରେ ଗ୍ରାମବାସୀ ଆଜି ଆନନ୍ଦପୁର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ବନଜା ପାତ୍ରଙ୍କ ସହିତ ସାକ୍ଷାତ ଆଲୋଚନା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟୁତ ସେବା ନ ଥିବାରୁ ଫୋନ ଚାର୍ଜ ସମସ୍ୟା ରହୁଛି। ଫଳରେ ଗ୍ରାମବାସୀ କେବେ ମଧ୍ୟ ୧୦୨ ଏବଂ ୧୦୮ ଆମ୍ବୁଲାନ୍ସ ସେବାରେ ଡାକ୍ତରଖାନା ଯାଇ ଚିକିତ୍ସା ସେବା ପାଇପାରୁ ନଥିବା ଅଭିଯୋଗ ହୋଇଛି। ସନ୍ଧ୍ୟା ପରେ ବନ୍ୟଜନ୍ତୁଙ୍କ ଭୟ ଏବଂ ରାତିରେ ଅନେକ ଲୋକ ସାପ କାମୁଡ଼ାର ଶିକାର ହୋଇ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଛି। ସେହିପରି ପାନୀୟଜଳର ସମସ୍ୟା ଉତ୍କଟ ହୋଇପଡିଛି। ପ୍ରାୟ ୯ ବର୍ଷ ପୂର୍ବରୁ ଏହି ବସ୍ତିରେ ଆରମ୍ଭ ହୋଇଥିବା ବସୁଧା ଯୋଜନାରେ ନିର୍ମାଣ ଚାଲିଥିବା ପାଣି ଟାଙ୍କି ଅଧପନ୍ତରିଆ ହୋଇ ପଡ଼ିରହିଛି। ଏହିସବୁ ସମସ୍ୟାର ସମାଧାନ ପାଇଁ ସାମାଜିକ କର୍ମୀ ଗାମାଏ ରୀମିଲ ସିଂ ଗୋଇପାଇ, ନାଏବ ସରପଞ୍ଚ ଫୁଲମଣୀ ପାଲେୟା, ପିଣ୍ଟୁ ହେମ୍ବ୍ରମ, ରମେଶ କାଣ୍ଡେୟାଙ୍ଗ, ଜଗନ୍ନାଥ ଦିଗି, ଦାମୁ ବାନାରା, ବାବୁଲି କାଣ୍ଡେୟାଙ୍ଗ, ସାଧୁ ପାଲେୟା, ଘନ ପାଲେୟା, ଶ୍ରୀଧର ପାଲେୟା, ଜାମାଦାର ବାଲମୁଚୁ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ବିଦ୍ୟୁତ ସେବା ପହଞ୍ଚିପାରୁ ନଥିବା ଗ୍ରାମଗୁଡିକରେ ସୋଲାର ପ୍ରକଳ୍ପ ମାଧ୍ୟମରେ ଆଲୋକୀକରଣ କରାଯିବାକୁ ଯୋଜନା ଥିବାବେଳେ ମଣ୍ଡପଡା ବସ୍ତିକୁ ସୋଲାର ପ୍ରକଳ୍ପରେ ଗୋଟିଏ ହେଲେ ପରିବାରକୁ ସୋଲାର ଲାଇଟ ମଧ୍ୟ ଯୋଗାଇ ଦିଆଯାଇନାହିଁ।

## ହାତୀପଲ ଭାଙ୍ଗିଲେ ୪ ଘର

ତୁରୁମୁଙ୍ଗା, ୭।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ହାତୀ ମଣିଷ ଲଢେଇ ଚରମ ସୀମାରେ ପହଞ୍ଚିଲାଣି। ଏକ ସପ୍ତାହ ମଧ୍ୟରେ ହାତୀପଲ ରେଞ୍ଜ ଅଞ୍ଚଳରେ ୫୦ରୁ ଅଧିକ ଘର ଭାଙ୍ଗି ସାରିଥିବା ବେଳେ ବିଳମ୍ବିତ ରାତିରେ ହାତୀପଲ ତୋଣ୍ଡ ବିଟ୍ ବଣମହୁଲଡିହା ଗ୍ରାମରେ ଦୁଇ ଜଣଙ୍କ ଘର ଭାଙ୍ଗି ଦେଇଛନ୍ତି। ପରିବାର ଲୋକେ ଘରେ ଥିବା ବେଳେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘରର କାନ୍ଥ ପଡି ଆସବାବପତ୍ର ନଷ୍ଟ ହୋଇଯାଇଛି। ହାତୀପଲ ଗ୍ରାମର ନାରଦ ମହାନ୍ତ କ୍ଷୀରୋଦ ମହାନ୍ତଙ୍କ ଘର ଭାଙ୍ଗିଥିବା ବେଳେ ଗୋଲକ ମୁଣ୍ଡା ଶତ୍ରୁଘନ ନାଏକ, କ୍ଷେତ୍ରବାସୀ ନାୟକ ରଷିନାଥ ନାୟକ ଶମ୍ଭୁନାଥ ମୁଣ୍ଡାଙ୍କ ଚାଷଜମି ନଷ୍ଟ କରିଦେଇଛନ୍ତି। ସେହିପରି ଚମ୍ପୁଆ ରେଞ୍ଜରେ ୬ ଟିକିଆ ହାତୀପଲଙ୍କ ମଧ୍ୟରୁ ଏକ ଦନ୍ତା ବିଳମ୍ବିତ ରାତିରେ ରାଇତରାୟପୁର ଗ୍ରାମର ମଗର ମୁଣ୍ଡା ଏବଂ ପଡୁଆ ଗ୍ରାମର ସୋମବାରୀ ମୁଣ୍ଡାଙ୍କ ଘର ଭାଙ୍ଗି ନଷ୍ଟ କରିଦେଇଛନ୍ତି। ଏବେ ପାଟଣା ରେଞ୍ଜ ଏରେଣ୍ଡେଇ ନିକଟରେ ୨୨ ଟିକିଆ ହାତୀପଲ ଡେରା ପକାଇଛନ୍ତି। ଝାଟିପଡା ଗ୍ରାମ ନିକଟରେ ୬ ଟିକିଆ ହାତୀପଲ ଡେରା ପକାଇଛନ୍ତି। ସେହିପରି ୬ ଟିକିଆ ହାତୀପଲ ଚମ୍ପୁଆ ରେଞ୍ଜ ବର୍ଦ୍ଧନା ଜଙ୍ଗଲରେ ଡେରା ପକାଇଛନ୍ତି। ଗାଁ ନିକଟରେ ହାତୀପଲ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି।

## ହାଇମାଷ୍ଟ ଲାଇଟ ପାନେଲ୍‌ରେ ଲାଗି ଷଣ୍ଢ ମୃତ

ଆନନ୍ଦପୁର, ୭।୮ (ସମିସ): ଘସିପୁରାର ପିଏମଶ୍ରୀ ଝାଡେଶ୍ୱର ହାଇସ୍କୁଲ ସମ୍ମୁଖରେ ଆଜି ଏକ ଷଣ୍ଢ ବିଦ୍ୟୁତ ସଂଯୋଗରେ ଆସି ପ୍ରାଣ ହରାଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲଗାଣବର୍ଷା ଜାରି ରହିଥିବାବେଳେ ଏକ ବୁଲା ଷଣ୍ଢ ସ୍କୁଲ୍ ଆଗରେ ବସିଥିବା ବିଦ୍ୟୁତ ପାନେଲ ବକ୍ସ ସଂସ୍ପର୍ଶରେ ଆସି ଟଳିପଡିଥିଲା। ହାଇମାଷ୍ଟ ଉଜ୍ଜ୍ୱଳ ଆଲୋକ ପାଇଁ ପ୍ୟାନେଲଟି ବସିଛି। ଚତୁପାର୍ଶ୍ୱରେ କୋଣସି ବାଡ଼ ନାହିଁ। ଘସିପୁରା ଗ୍ରାମର ପ୍ରଫୁଲ୍ଲ ସାହୁ, ବାହାଦୁର ସାହୁ, ସରୋଜ ସାହୁ, ପ୍ରସନ ସାହୁ ପ୍ରମୁଖ ବିଦ୍ୟୁତ୍ ବିଭାଗ ଓ ଆନନ୍ଦପୁର ପୌର ଲାଇନ୍‌ମ୍ୟାନଙ୍କୁ ଖବର ଦେଇଥିଲେ। ସେମାନଙ୍କ କହିବା କଥା, ହାଇମାଷ୍ଟ ଲାଇଟ୍ ରାଜସ୍ଥାନର ଏକ କମ୍ପାନୀ ବସାଇଛି। ପୌର ପରିଷଦକୁ ହସ୍ତାନ୍ତର ହୋଇନାହିଁ। ଏହି ପାନେଲରେ ବିଦ୍ୟୁତ୍ ସଂଯୋଗ ହେଲା କିପରି ବୋଲି ଖୋଳତାଡ଼ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ, ମୃତ ଷଣ୍ଢଟିକୁ ପୌର ପରିଷଦ ପକ୍ଷରୁ ସତ୍କାର କରାଯାଇଛି।

## ୩ ଆକ୍ରମଣକାରୀ ଗିରଫ

ଆନନ୍ଦପୁର, ୭।୮ (ସମିସ): ଘସିପୁରା ଥାନା ଭାଟିଶିରା ଗ୍ରାମରେ ପଟ୍ଟାଭୁକ୍ତ ଜମିରୁ ବାଲି ଚାଲାଣକୁ ବିରୋଧ କରିବାରୁ ଆକ୍ରମଣ କରିବା ଘଟଣାରେ ପୁଲିସ ଖଡ଼ବିଲ ଗ୍ରାମର ଅଭିଯୁକ୍ତ ତ୍ରିଲୋଚନ ଜେନା, ମଣ୍ଟୁ ଜେନା ଓ ଶିଶିର ଜେନାଙ୍କୁ ଗିରଫ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରିଛି। ଭାଟିଶିରା ଗ୍ରାମର ମଧୁମିତା ଜେନା ଏ ସମ୍ପର୍କରେ ଅଭିଯୋଗ କରିବା ପାଇଁ ଥାନାକୁ ଆସୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ବଲେରୋ ଗାଡିକୁ ଅଟକାଇ ଆକ୍ରମଣ କରିଥିଲେ।

## ବୈଶିଙ୍ଗାରେ ଚୋର ଗ୍ୟାଙ୍ଗ୍ ଆତଙ୍କ

## ଏକାସାଙ୍ଗରେ ଏକାଧିକ ଘରକୁ ଟାର୍ଗେଟ

ବୈଶିଙ୍ଗା, ୭।୮ (ସମିସ): ବୈଶିଙ୍ଗା ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଚୋର ଗ୍ୟାଙ୍ଗର ଦୁଃସାହସିକ କାର୍ଯ୍ୟକଳାପ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅଳ୍ପ ସମୟ ବ୍ୟବଧାନରେ ଏକାଧିକ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ଟାର୍ଗେଟ କରି ଚୋରି ଉଦ୍ୟମ କରାଯାଇଥିବାବେଳେ ସୁରକ୍ଷା ଆଲାର୍ମ ସକ୍ରିୟ ହେବାରୁ ଦୁର୍ବୃତ୍ତଙ୍କ ଯୋଜନା ସଫଳ କରିପାରିନଥିଲା। ସେମାନଙ୍କ ସମସ୍ତ କାର୍ଯ୍ୟକଳାପ ସିସିଟିଭି କ୍ୟାମେରାରେ କଏଦ ହୋଇଥିବାରୁ ପୁଲିସ ହାତରେ ଗୁରୁତ୍ୱପୂର୍ଣ୍ଣ ସୁରାକ ଲାଗିଛି। ରାତି ପ୍ରାୟ ୧୦ଟା ୩୦ ମିନିଟ୍‌ରେ ଦେବବ୍ରତ ମହାପାତ୍ରଙ୍କ ପରିବାର ବାରିପଦାରେ ଥିବା ସମୟରେ ବୈଶିଙ୍ଗାସ୍ଥ ତାଙ୍କ ବାସଭବନରେ ଲାଗିଥିବା ସୁରକ୍ଷା ଆଲାର୍ମ ହଠାତ୍ ବାଜିଉଠିଥିଲା। ମୋବାଇଲ୍‌ରେ ସଂଯୁକ୍ତ ସିସିଟିଭି ଫୁଟେଜ ଯାଞ୍ଚ କରି ସେ ତୁରନ୍ତ ପଡ଼ୋଶୀଙ୍କୁ ସୂଚନା ଦେଇଥିଲେ। ପଡ଼ୋଶୀ ଘର ବାହାରକୁ ଆସିବା ମାତ୍ରେ ପ୍ରାୟ ପାଞ୍ଚଜଣ ଦୁର୍ବୃତ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣା ସହ ପୁଷ୍ପଜିତ ପରିଡାଙ୍କ ହର୍ବାଲ ଲାଇଫ ସେଣ୍ଟର ଓ ପଙ୍କଜ ସାହୁଙ୍କ ବାସଭବନରେ ମଧ୍ୟ ଚୋରି ଉଦ୍ୟମ ହୋଇଥିବା ସୂଚନା ମିଳିଛି। ଗୋଟିଏ ରାତିରେ ଏକାଧିକ ସ୍ଥାନକୁ ଟାର୍ଗେଟ କରାଯାଇଥିବାରୁ ଏହା ଏକ ସୁପରିକଳ୍ପିତ ଚୋର ଗ୍ୟାଙ୍ଗର କାର୍ଯ୍ୟ ବୋଲି ସନ୍ଦେହ ଜୋର ଧରିଛି।। ଘଟଣା ପରେ ସହରବାସୀଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଥିବାବେଳେ ରାତ୍ରିକାଳୀନ ପାଟ୍ରୋଲିଂ ବୃଦ୍ଧି ପାଇଁ ଦାବି ଉଠିଛି। ଖବର ପାଇ ବୈଶିଙ୍ଗା ପୁଲିସ ପହଞ୍ଚି ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ରାତିରେ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଜଣାପଡ଼ିଛି।

## କେବୁଲ ଚୋରି ଅଭିଯୋଗରେ ଜଣେ ଗିରଫ

ଯୋଡ଼ା, ୭।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ ଚୋରି ଘଟଣା ଥମିବାର ନାଁ ନେଉନାହିଁ। ଯୋଡ଼ା ଥାନା ଅନ୍ତର୍ଗତ ଟାଟା କମ୍ପାନୀର ଆର୍‌ସିସି କଲୋନୀ ଅଞ୍ଚଳରୁ କେବୁଲ ଚୋରି ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲା କଣ୍ଟ୍ରାକ୍ଟର କଲୋନୀର ବନ୍ଧୁ ଲୋହାର (୨୪)। ଗୁରୁବାର ବିଳମ୍ବିତ ରାତିରେ ବନ୍ଧୁ ଲୋହାର ଯୋଡ଼ା ଇଷ୍ଟ ଲୌହ ଖଣି ପ୍ଲାଣ୍ଟ ନିକଟସ୍ଥ ପିଏମ୍‌ସିସି ଅଞ୍ଚଳରୁ କେବୁଲ ଚୋରି କରୁଥିବା ବେଳେ ସୁରକ୍ଷାକର୍ମୀଙ୍କ ହାବୁଡ଼ରେ ପଡ଼ିଥିଲା। ସୁରକ୍ଷାକର୍ମୀମାନେ ତା'ଠାରୁ ଚୋରି ସାମଗ୍ରୀ ଜବତ କରିଥିଲେ। ଘଟଣା ସମ୍ପର୍କରେ ଟାଟା କମ୍ପାନୀ ପକ୍ଷରୁ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ ଦିଆଯିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତକୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

## ବାଦାମପାହାଡ଼ ଅଞ୍ଚଳରେ ଦୁଃଖଦ ଘଟଣା

## ଦୁଇ ଶିଶୁଙ୍କୁ ନେଇ ଘର ବାହାରେ ମହିଳା, ମିଳୁନି ନ୍ୟାୟ

ରାଇରଙ୍ଗପୁର, ୭।୮ (ସମିସ): ମୟୁରଭଞ୍ଜ ଜିଲ୍ଲାର ବାଦାମପାହାଡ଼ ଥାନା ଅନ୍ତର୍ଗତ ବୁଡାଦର ଗାଁରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବୁଡାଦର ଗ୍ରାମର ଠାକୁର ମୁର୍ମୁଙ୍କ ପୁଅ ବାଜିନାଥ ମୁର୍ମୁ ସାବିତ୍ରୀ ଟୁଡୁଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ କିଛିଦିନ ସେମାନଙ୍କ ସଂସାର ଭଲରେ ଚାଲିଥିଲା। ଦ୍ୱିତୀୟ ସନ୍ତାନ ଗର୍ଭରେ ଥିବା ସମୟରୁ ବାଜିନାଥ ଘର ଛାଡ଼ି ଚାଲିଯାଇଥିବା ଓ ସେହି ଦିନଠାରୁ ଘରକୁ ଫେରି ନ ଥିବା ଅଭିଯୋଗ ହୋଇଛି। ବାଜିନାଥଙ୍କ ପରିବାରର କିଛି ସଦସ୍ୟ ସାବିତ୍ରୀ ଟୁଡୁଙ୍କୁ ଘରେ ପ୍ରବେଶ କରିବାକୁ ଦେଉନାହାନ୍ତି। ଫଳରେ ସେ ଦୁଇ ଶିଶୁପୁତ୍ରଙ୍କୁ ନେଇ ଘର ବାହାରେ ଅତ୍ୟନ୍ତ କଷ୍ଟଦାୟକ ପରିସ୍ଥିତିରେ ରହୁଛନ୍ତି। ଗ୍ରାମବାସୀ ଏ ଘଟଣା ସମ୍ପର୍କରେ ବାଦାମପାହାଡ଼ ଥାନାରେ ଅଭିଯୋଗ କରିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ଘଟଣା ସମ୍ପର୍କରେ ଖବର ପାଇ ରାମଦୋଳି ୟୁଥ ପାୱାର ଆସୋସିଏସନର ପ୍ରତିଷ୍ଠାତା ସୁରେନ୍ଦ୍ର ମୁଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ସଂଗଠନର ଏକ ଟିମ୍ ପୀଡ଼ିତ ମହିଳାଙ୍କ ପାଖରେ ପହଞ୍ଚି ଚାଉଳ, ଡାଲି, ଲୁଣ, ମୁଢ଼ି, ମଶାଧୂପ, ବିସ୍କୁଟ ଓ ସାବୁନ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ପୀଡ଼ିତାଙ୍କୁ ଯଥାଶୀଘ୍ର ନ୍ୟାୟ ମିଳିବା ସହ ପ୍ରଶାସନ ଓ ସରକାର ତାଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସଂଗଠନ ଦାବି କରିଛି।



### ସହାୟତାର ହାତ ବଢ଼ାଇଲା ରାମଦୋଳି ୟୁଥ ପାୱାର ଆସୋସିଏସନ

## ■ କୁରାଡ଼ିକ ଗ୍ରାମରେ ହାତୀଙ୍କ ଉତ୍ପାତ

## ଘର ଭାଙ୍ଗିଲେ, ସ୍କୁଲର ଚାଉଳ ଖାଇଲେ

ବୈଶିଙ୍ଗା, ୭।୮ (ସମିସ): କୁରାଡ଼ିକ ଗାଁ ମଧ୍ୟକୁ ପଶିଆସିଥିବା ହାତୀପଲ ଉତ୍ପାତ ଚଳାଇ ଏକାଧିକ ଘର ଭାଙ୍ଗିବା ସହ ଗାଁ ସ୍କୁଲରେ ମହଜୁଦ ଥିବା ଚାଉଳ ଖାଇଛନ୍ତି। ଗ୍ରାମର ରାଜେନ୍ଦ୍ର ବିନ୍ଧାଣୀଙ୍କ ଘର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ପରିବାରର ସମସ୍ତ ସଦସ୍ୟ ଗଭୀର ନିଦ୍ରାରେ ଥିବାବେଳେ ହାତୀ ଘର ଭାଙ୍ଗିବା ଆରମ୍ଭ କରିଥିଲା। ସେହି ସମୟରେ ଗଜସାଥୀ ସଚ୍ଚିଦାନନ୍ଦ ମହାନ୍ତ ଓ ତାଙ୍କ ସହଯୋଗୀ ପହଞ୍ଚି ପରିବାରର ସମସ୍ତଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କର ସମୟୋଚିତ ପଦକ୍ଷେପ ଯୋଗୁଁ ଏକ ବଡ଼ ଅଘଟଣ ଅଳ୍ପକେ ଟଳିଯାଇଛି। ବେତନଟୀ ରେଞ୍ଜ ଅଧୀନ ବିଭିନ୍ନ ଜଙ୍ଗଲରେ ବର୍ତ୍ତମାନ ପ୍ରାୟ ୩୨ଟି ହାତୀ ବିଚରଣ କରୁଥିବାବେଳେ କେବଳ କୁରାଡ଼ିକ ଜଙ୍ଗଲରେ ୬ଟି ହାତୀ ଥିବା ଜଣାପଡ଼ିଛି। ଫଳରେ ଜଙ୍ଗଲ ସଂଲଗ୍ନ ଗ୍ରାମରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଗ୍ରାମବାସୀ ରାତିସାରା ହାତୀପଲକୁ ଘଉଡ଼ାଇବାକୁ ବିଭିନ୍ନ ପ୍ରୟାସ କରିଥିଲେ ମଧ୍ୟ ହାତୀମାନେ ଦୀର୍ଘ ସମୟ ଧରି ଗାଁରେ ଉତ୍ପାତ ଚଳାଇଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ସହ ହାତୀ ଉପଦ୍ରବର ସ୍ଥାୟୀ ସମାଧାନ ପାଇଁ ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରୟ ବିରୋଧରେ ମିଳିତ ଚଢ଼ଉ

## ୨୦ଟି ଦୋକାନରୁ ୩୩୫୦ ଟଙ୍କା ଜରିମାନା ଆଦାୟ

ବାରିପଦା, ୭ ।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ମହୁଲଡିହା ଓ ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଶୁକ୍ରବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୁଲିସ ବିଭାଗ, ଡ୍ରଗ ଇନ୍ସପେକ୍ଟର, ମୟୂରଭଞ୍ଜ ରେଞ୍ଜ୧ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ତମାଖୁ ଜାତ ନିଶାଦ୍ରବ୍ୟ ବିକ୍ରୟ ବିରୋଧରେ ଚଢ଼ଉ ଓ ଯାଞ୍ଚ ଅଭିଯାନ କରାଯାଇଥିଲା। ଏହି ଅଭିଯାନ ସମୟରେ ଉଭୟ ଥାନା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟସ୍ଥ ଅଞ୍ଚଳ ଓ ବଜାର ପରିସରରେ ଥିବା ପାନ ଦୋକାନ, ଗ୍ରୋସେରୀ ଦୋକାନ ଓ ଅନ୍ୟାନ୍ୟ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବିଭିନ୍ନ ପ୍ରକାର ତମାଖୁଜାତ ନିଶାଦ୍ରବ୍ୟ ବିକ୍ରୟ କରାଯାଉଥିବା ଦେଖାଯାଇଥିଲା। ଶିକ୍ଷାନୁଷ୍ଠାନ ନିକଟରେ ତମାଖୁଜାତ ସାମଗ୍ରୀ ବିକ୍ରୟ ନିଷିଦ୍ଧ ଥିବା ସତ୍ତ୍ୱେ ନିୟମ ଉଲ୍ଲଂଘନ କରି ବିକ୍ରୟ କରାଯାଉଥିବା ଅଭିଯୋଗରେ ଉଭୟ ଥାନା ଅଞ୍ଚଳରେ ୨୦ଟି ଦୋକାନକୁ ଚିହ୍ନଟ କରାଯାଇଥିଲା। ସମ୍ପୃକ୍ତ ଦୋକାନୀଙ୍କଠାରୁ ମୋଟ ୩୩୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ଭବିଷ୍ୟତରେ ଏପରି ନିୟମ ଉଲ୍ଲଂଘନ ନ କରିବା ପାଇଁ ସତର୍କ କରାଯାଇଥିଲା। ଜନସ୍ୱାସ୍ଥ୍ୟ ସୁରକ୍ଷା ଓ ଶିକ୍ଷା ଅନୁଷ୍ଠାନ ପରିସରକୁ ତମାଖୁମୁକ୍ତ ରଖିବା ଲକ୍ଷ୍ୟରେ ଆଗାମୀ ଦିନରେ ମଧ୍ୟ ଏଭଳି ମିଳିତ ଚଢ଼ଉ ଓ ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ଏହି ମିଳିତ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯାଞ୍ଚ ଅଭିଯାନରେ ଡ୍ରଗ ଇନ୍ସପେକ୍ଟର ଦିବ୍ୟରଞ୍ଜନ ନାୟକ, ମହୁଲଡିହା ଥାନା ଆଇଆଇସି ବୀରେନ୍ଦ୍ର ରାଉତ, ଅବକାରୀ ବିଭାଗର ଲକ୍ଷ୍ମଣ ନାୟକ, ଠାକୁରମୁଣ୍ଡା ଥାନାର ପାର୍ବତୀ ମାରାଣ୍ଡି ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରୁ ନିହାର ରଞ୍ଜନ ପୃଷ୍ଟି ସାମିଲ ଥିଲେ।



## ଗୋପୀନାଥ ନାରାୟଣ ଉଚ୍ଚବିଦ୍ୟାଳୟର ନୂତନ ଶ୍ରେଣୀଗୃହ, ଶୌଚାଳୟ ଦାବି

ତୁରୁମୁଙ୍ଗା, ୭।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଗୋପୀନାଥ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ପରିଚାଳନା କମିଟିର ସଦସ୍ୟ ସଦସ୍ୟାମାନେ ଶୁକ୍ରବାର ପାଟଣା ବିଡ଼ିଓ ମାନସ ଦଣ୍ଡପାଟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନୂତନ ଶ୍ରେଣୀଗୃହ ଓ ଶୌଚାଳୟ ତୁରନ୍ତ କରିବା ପାଇଁ ଦାବି କରିଛନ୍ତି। ୪ ମାସ ତଳେ କାଳବୈଶାଖୀରେ କୁଆପଥର ମାଡ଼ରେ ପାଟଣା ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବିଦ୍ୟାଳୟର ଅଜବେଷ୍ଟସ ଛପର ବହୁ ପରିମାଣରେ ଭାଙ୍ଗିଯିବା ସହ କଣା ହୋଇଯାଇଥିଲା। ଫଳରେ ବର୍ଷା ହେବା ଯୋଗୁଁ ସବୁ ଶ୍ରେଣୀକକ୍ଷରେ ପାଣି ଗଳୁଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ଉଚ୍ଚ ଅଧିକାରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏହି ବିଦ୍ୟାଳୟଟିର ପାଟଣା ଅଞ୍ଚଳରେ ବହୁ ସୁନାମ ରହିଥିବା ବେଳେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱଚ୍ଛ ଶୌଚାଳୟର ସୁବିଧା ହୋଇ ପାରି ନାହିଁ। ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପଢୁଥିବାରୁ ଶୌଚାଳୟ ଅତ୍ୟନ୍ତ ଆବଶ୍ୟକ ରହିଛି। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ୧୦ଟି ଶ୍ରେଣୀଗୃହ ଏବଂ ଆବଶ୍ୟକ ନୂତନ ସ୍ୱଚ୍ଛ ଶୌଚାଳୟର ନିର୍ମାଣ ନିମନ୍ତେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏକ ସପ୍ତାହ ମଧ୍ୟରେ ଯଦି ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ; ତେବେ ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକ ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ଓ ଏଭଳି ବିପଦସଙ୍କୁଳ ଶ୍ରେଣୀଗୃହରେ ପାଠ ପଢିବାପାଇଁ ପିଲାଙ୍କୁ ଛାଡିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, କେନ୍ଦୁଝର ସାଂସଦ, ପାଟଣା ବିଧାୟକ, କେନ୍ଦୁଝର ଜିଲ୍ଲାପାଳ, ଗଣଶିକ୍ଷା ମନ୍ତ୍ରୀ, ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦିଆଯାଇଥିବା ଜଣାପଡ଼ିଛି।

## ବୁଣାକାରଙ୍କ ଜୀବନ ଧାରଣ ମାନରେ ସୁଧାର ଆଣିଛି ବାରିପଦା ବୟନ ମଣ୍ଡଳ

ବାରିପଦା, ୭।୮ (ସମିସ): ଆଜି ପାଳିତ ହୋଇଯାଇଛି ଜାତୀୟ ହସ୍ତତନ୍ତ ଦିବସ। ତେବେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ହାତବୁଣା ଲୁଗାର ଚାହିଦା ଏବେ ବି ଅତୁଟ ରହିଛି । ହସ୍ତତନ୍ତ କାରିଗରଙ୍କ ଜୀବନଜୀବିକା ମାନର ଉନ୍ନତି ପାଇଁ ସରକାରଙ୍କ ବ୍ୟାପକ ଯୋଜନା ଦ୍ୱାରା ଜିଲ୍ଲାର ବୁଣାକାର ଉପକୃତ ହେଉଛନ୍ତି। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ବାରିପଦା ବୟନ ମଣ୍ଡଳ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ବୁଣାକାର ତନ୍ତବାୟ ସହଯୋଗ ସମିତି, ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ୱାଧୀନ ବୁଣାକାରଙ୍କ ସାମୂହିକ ଉନ୍ନତି ପାଇଁ ନିରନ୍ତର କାର୍ଯ୍ୟ କରୁଛି।

ମୟୂରଭଞ୍ଜ ଜିଲ୍ଲାର ଚନ୍ଦନପୁର, କପ୍ତିପଦା, ଡିହିରାକୁଳ ଓ ଉଦଳା ଅଞ୍ଚଳ ବୁଣାକାର ବହୁଳ। ଏଠାରେ ୨୬ଟି ପ୍ରାଥମିକ ବୁଣାକାର ତନ୍ତବାୟ ସହଯୋଗ ସମିତି ମାଧ୍ୟମରେ ୩୮୫ ଜଣ ତନ୍ତ ଥିବା ବୁଣାକାର ଉପକୃତ ହେଉଛନ୍ତି। ଫୁଟା ଶାଢ଼ୀ, ଫୁଟା କାଛା, ଲୁଙ୍ଗି, ଗାମୁଛା, ଟାୱେଲ, ରୁମାଲ, ବିଛଣା ଚଦର ଓ ଟସର ବସ୍ତ୍ର ଉତ୍ପାଦିତ ହୋଇ ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ ଓ ସ୍ଥାନୀୟ ହାଟ ଓ ପ୍ରଦର୍ଶନୀ ମେଳାରେ ବିକ୍ରି ହେଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ହସ୍ତଶିଳ୍ପ ବିକାଶ ଯୋଜନାରେ ତନ୍ତ ଓ ତନ୍ତ ସରଞ୍ଜାମ ପାଇଁ ୯୦ ପ୍ରତିଶତ ସହାୟତା ମଧ୍ୟରେ ମୋଟ ୨୩,୩୨,୮୦୦ ଟଙ୍କା ମଞ୍ଜୁର ହୋଇ ୨୦୨୬ ଜୁନ୍ ସୁଦ୍ଧା ୧୯,୭୬,୪୦୦ ଟଙ୍କା ଖର୍ଚ୍ଚ ହୋଇଛି। ତନ୍ତଶାଳା ନିର୍ମାଣ ପାଇଁ



### ଚନ୍ଦନପୁର, କପ୍ତିପଦା, ଡିହିରାକୂଳ ଓ ଉଦଳା ଲୁଗାର ଚାହିଦା ଅତୁଟ

୫୯,୮୦,୦୦୦ ଟଙ୍କା ମଞ୍ଜୁର ହୋଇ ୪୧,୫୦,୦୦୦ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରତି ଯୋଗ୍ୟ ପରିବାରକୁ ୨୨ ବର୍ଗମିଟର ତନ୍ତଶାଳା ନିର୍ମାଣରେ ୧,୩୦,୦୦୦ ଟଙ୍କା ସହାୟତା ମିଳୁଛି। ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ଆଲୋକୀକରଣ ପ୍ୟାକେଜ (ବ୍ୟାଟେରୀ, ଇନଭର୍ଟର, ଏଲଇଡି ଲାଇଟ, ବିଏଲଡିସି ଫ୍ୟାନ) ପାଇଁ ୧୮,୩୭,୫୦୦ ଟଙ୍କା ମଞ୍ଜୁର ହୋଇ ପ୍ରାୟ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇଛି। ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନାରେ ୬୦-୭୯ ବର୍ଷ ବୟସର ବୁଣାକାରଙ୍କୁ ମାସିକ ୨,୦୦୦ ଟଙ୍କା ଓ ୮୦ ବର୍ଷରୁ ଅଧିକଙ୍କୁ ୨,୫୦୦ ଟଙ୍କା ମିଳୁଛି। ଏଥିରେ ୬,୯୮,୦୦୦ ଟଙ୍କା ପୂର୍ଣ୍ଣ ଖର୍ଚ୍ଚ ହୋଇଛି। ବଳିଆ ଯୋଜନାରେ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳୁଛି ଓ ୭ ଲକ୍ଷ ଟଙ୍କା ପ୍ରଦାନ ହୋଇଛି। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୭୧୨ ଜଣ ବୁଣାକାର ଅନ୍ତର୍ଭୁକ୍ତ ହୋଇ ୨ ଲକ୍ଷ ଟଙ୍କା ବୀମା ସୁରକ୍ଷା ପାଇଛନ୍ତି। ଏହି ସମସ୍ତ ପଦକ୍ଷେପ ମାଧ୍ୟମରେ ମୟୂରଭଞ୍ଜ ଓ କେନ୍ଦୁଝରର ହସ୍ତତନ୍ତ ବୁଣାକାରଙ୍କ ଜୀବିକା ଓ ଜୀବନ ଧାରଣ ମାନ ଉନ୍ନତ ହେଉଛି।

**OFFICE OF THE PRINCIPAL**
**ATAL BEHARI COLLEGE, BASUDEVPUR, BHADRAK**
**Appointment of Guest Faculty**

Applications are invited from the Retired Lecturers/ Assistant Professors/ Readers for the temporary engagement of **Guest Faculties** for the Academic Session 2026-27 at Atal Behari College, Basudevpur, Dist- Bhadrak, 756125. The retired candidates may apply for the post of following subjects as per UGC Regulation 2018. The Details can be viewed from the College Website:- https://www.abcollegebasudevpur.ac.in.

| **Subjects** | Botany, Mathematics, Odia, Sanskrit | Economics, History | Logic & Philosophy, Zoology | Political Science, English |
|---|---|---|---|---|
| **No of Posts** | 01 each | 03 each | 02 each | 04 each |

**How to Apply**:-Candidates to apply through HIMS Portal http://hims.odisha.gov.in or else the application will not be accepted.
**Period for Apply**:- From Dt. **08.08.2026** to Dt. **16.08.2026**.
**Date of Interview**: **20.08.2026**, 10 A.M Onwads.

Sd/- Principal-cum-Secy.,
Atal Behari College,
Basudevpur, Bhadrak

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧାର କରଜରୁ ଦୂରେଇ ରହିବେ। ଯୋଜନା ମୁତାବକ କାମ କରିବେ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ବିବାଦ ସୃଷ୍ଟି ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଅଚାନକ ଖୁସି ଖବର ମିଳିପାରେ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ଯୋଜନା ମୁତାବକ କାମ କରିବେ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧନ ମିଳିପାରେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେଇପାରେ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ବିବାହକୁ ନେଇ ଚିନ୍ତାରେ ରହିପାରନ୍ତି। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୫୪୯- ଫ୍ରାନ୍ସ, ଇଂଲଣ୍ଡ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୮୬୪- ଜେନେଭାରେ ରେଡକ୍ରସ୍‌ର ସ୍ଥାପନା ହେଲା।
- ୧୮୯୯- ଏ.ଟି ମାର୍ଶଲ ରେଫ୍ରିଜେଟରକୁ ପେଟେଣ୍ଟ କରାଇଲେ।
- ୧୯୪୨- ମହାତ୍ମାଗାନ୍ଧୀ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କଲେ।
- ୧୯୯୦- ଇରାକ୍ ଓ କୁଏତ୍ ଔପଚାରିକ ଭାବେ ଏକୀକରଣ କଥା ଘୋଷଣା କଲେ।

## ଇମ୍ରାନ୍‌ଙ୍କୁ ଟକ୍କର ଦେବେ ସନ୍ନି



ବଲିଉଡ୍ ଅଭିନେତା ଇମ୍ରାନ୍ ହାସ୍‌ମୀ ଏବେ ତାଙ୍କ ଫିଲ୍ମ 'ଆୱାରପନ୍ ୨'କୁ ନେଇ ଚର୍ଚ୍ଚାରେ। ଏହା ଆସନ୍ତା ୧୪ ଅଗଷ୍ଟରେ ସିନେମାହଲ୍‌ରେ ରିଲିଜ୍ ହେବ। ଇତିମଧ୍ୟରେ ଏହାର ଟ୍ରେଲର୍ ରିଲିଜ୍ ହୋଇଛି। ଟ୍ରେଲର୍‌ରେ ପ୍ରତିଶୋଧ, ଗଭୀର ଯନ୍ତ୍ରଣା ଏବଂ ଭାବପ୍ରବଣତାର ଏକ ରୋମାଞ୍ଚକର କାହାଣୀ ଦେଖିବାକୁ ମିଳିଛି। ଏହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ବକ୍ସ ଅଫିସ୍‌ରେ ଏହି ଚଳଚ୍ଚିତ୍ରର ମୁକାବିଲା ସନ୍ନି ଦେଓଲ, ପ୍ରୀତି ଜିଣ୍ଟା ଏବଂ ଶବାନା ଆଜ୍‌ମୀଙ୍କ ଚଳଚ୍ଚିତ୍ର 'ବଟୱାରା ୧୯୪୭' ସହିତ ହେବ। ଅପରପକ୍ଷରେ ୨୦୦୭ ମସିହାରେ ମୁକ୍ତିଲାଭ କରିଥିବା 'ଆୱାରାପନ୍'ରେ 'ଶିବମ୍ ପଣ୍ଡିତ' ଭୂମିକା ଇମ୍ରାନ୍‌ଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ବକ୍ସ ଅଫିସ୍‌ରେ ଖରାପ ପ୍ରଦର୍ଶନ କରିବା ସତ୍ତ୍ୱେ, ଏହି ଫିଲ୍ମଟି ଅନେକ ବର୍ଷ ଯାଏ ଦର୍ଶକଙ୍କ ହୃଦୟରେ ରାଜ୍ କରିଥିଲା। ଏବେ ୧୯ ବର୍ଷ ପରେ ଏହାର ସିକ୍ୱେଲ୍ ଆସୁଛି। ଏହି ଚଳଚ୍ଚିତ୍ରରେ ଇମ୍ରାନ୍‌ଙ୍କ ସହ ଦିଶା ପଟାନୀ ଏବଂ ଶବାନା ଆଜ୍‌ମୀ ଲିଡ୍ ରୋଲରେ ଦେଖାଯିବେ। 'ଆୱାରାପନ୍ ୨' କୁ ଏକ ଆକ୍ସନ୍-ଡ୍ରାମା ଫିଲ୍ମ ବୋଲି କୁହାଯାଉଛି, ଏହା ଶିବମ୍ ପଣ୍ଡିତଙ୍କ କାହାଣୀକୁ ଆଗକୁ ବଢ଼ାଇବ। ଜୁନ୍ ଶେଷରେ ଟିଜର୍ ଆସିବା ପରେ ଫିଲ୍ମକୁ ଭଲ ହାଇପ୍ ମିଳିଥିଲା, କିନ୍ତୁ ଟ୍ରେଲର୍ ଆସିବାରେ ବିଳମ୍ବ ଯୋଗୁଁ ନିର୍ମାତାମାନେ ପ୍ରାରମ୍ଭିକ ଫାଇଦା ହରାଇଛନ୍ତି। ଅପରପକ୍ଷରେ 'ଗଦର ୨'ର ବଡ଼ ସଫଳତା ପରେ ସନ୍ନିଙ୍କ ଦେଶଭକ୍ତିଭିତ୍ତିକ ଫିଲ୍ମ 'ବଟୱାରା ୧୯୪୭'କୁ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ଅଧିକ ଉତ୍ସାହ ରହିଛି, ଯାହା 'ଆୱାରାପନ୍ ୨' ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ।


## ଗନ୍ଧରୁ ଜାଣିପାରନ୍ତି ଭୂତର ଉପସ୍ଥିତି!



ସାମାଜିକ ଗଣମାଧ୍ୟମରେ ଅନେକ ରୋଚକୀୟ କାହାଣୀମାନ ଶୁଣିବାକୁ ମିଳିଥାଏ। ଯାହା ଶୁଣିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗେ। ଏହି କ୍ରମରେ ଏବେ ଜଣେ ୨୩ ବର୍ଷିୟ ଯୁବକଙ୍କ ଅସମାନ୍ୟ ଦାବି ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଯୁବକଙ୍କ କହିବାନୁଯାୟୀ, ସେ ପିଲାବେଳୁ ହିଁ ଭୂତ ପ୍ରେତ ଭଳି ଅଦୃଶ୍ୟ ଆତ୍ମାଙ୍କୁ ଅନୁଭବ କରିପାରନ୍ତି। ସେମାନଙ୍କ ଗନ୍ଧ ଶୁଙ୍ଘି ତାଙ୍କ ସହ କଥାବାର୍ତ୍ତା କରିବାକୁ ଚେଷ୍ଟା କରନ୍ତି। ହାର୍ଭେ ମୋରେ ନାମକ ଏହି ଯୁବକ ଜଣେ ପାରାନର୍ମାଲ କଣ୍ଟେଣ୍ଟ କ୍ରିଏଟର। ତାଙ୍କର ଏହି ଅଜବ ଦାବି ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ହାର୍ଭେଙ୍କ କହିବାନୁଯାୟୀ, ସେ ପିଲାଦିନେ ଘରେ ଏକ କଳା ପୋଷାକ ପିନ୍ଧିଥିବା ଏକ ରହସ୍ୟମୟ ଛାଇକୁ ଦେଖିଥିଲେ। ସେହି ଛାଇଟି ଘରର ଗୋଟିଏ ରୁମ୍‌ରୁ ଆଉ ଏକ ରୁମ୍‌କୁ ଯାଉଥିବା ସେ ଲକ୍ଷ୍ୟ କରିଥିଲେ। ଅନେକ ଥର ସେ କାହାରି ପାଦର ଶବ୍ଦ ମଧ୍ୟ ଶୁଣିଥିବା କୁହନ୍ତି। ସେ ଏ ବାବଦରେ ତାଙ୍କ ମାଙ୍କୁ ପଚାରିବାରୁ ସେମାନେ ଯେଉଁଘରେ ରହୁଛନ୍ତି ସେଠାରେ ପୂର୍ବରୁ ପାଦ୍ରୀ ରହୁଥିବା ହାର୍ଭେ ଜାଣିବାକୁ ପାଇଥିଲେ। ହାର୍ଭେ ସେବେଠୁ ଆତ୍ମାର ଅସ୍ତିତ୍ୱ ଥିବା ବିଶ୍ୱାସ କଲେ। କୋଭିଡ୍ ୧୯ ଲକଡାଉନ୍ ସମୟରେ ସେ ସାମାଜିକ ଗଣମାଧ୍ୟମରେ ପାରାନର୍ମାଲ ବିଷୟ ସହ ଜଡ଼ିତ ଲାଇଭ୍ ଭିଡିଓ ଏବଂ କଣ୍ଟେଣ୍ଟ ଦେଖିବା ଆରମ୍ଭ କଲେ। ଧୀରେ ଧୀରେ ତାଙ୍କର ଏଥିପ୍ରତି ରୁଚି ବଢ଼ିଲା। ସେ ଭୂତପ୍ରେତ ବିଷୟରେ ଅଧିକ ପଢ଼ିବାକୁ ଲାଗିଲେ। ଏହାପରେ ଭୂତପ୍ରେତ ଥିବା ସ୍ଥାନକୁ ଯାଇ ସେଠାରେ ଭିଡିଓ କଲେ। ତେବେ ଗନ୍ଧ ଦ୍ୱାରା ସେ ଆତ୍ମାଙ୍କ ଉପସ୍ଥିତି ଜାଣିପାରନ୍ତି ବୋଲି ହାର୍ଭେ କୁହନ୍ତି। ତାଙ୍କ କହିବାନୁଯାୟୀ, ଭୂତପ୍ରେତ ରହୁଥିବା ସ୍ଥାନରେ ପହଞ୍ଚିବା ପରେ ତାଙ୍କୁ ଏକ ଗନ୍ଧ ଅନୁଭୂତ ହୋଇଥାଏ। ସେଥିରୁ ସେ ଆତ୍ମାର ଉପସ୍ଥିତି ଅନୁଭବ କରନ୍ତି। ଏହାପରେ ସେ ସେମାନଙ୍କ ସହ କଥାବାର୍ତ୍ତା କରିବାକୁ ଚେଷ୍ଟା କରନ୍ତି। ହାର୍ଭେ ଜଣେ ପଡକାଷ୍ଟର୍, କଣ୍ଟେଣ୍ଟ କ୍ରିଏଟର୍, ଭିଡିଓଗ୍ରାଫର୍ ଭାବେ କାର୍ଯ୍ୟ କରନ୍ତି। ଭୂତପ୍ରେତ ସହ ଜଡ଼ିତ ରହସ୍ୟମୟ ସ୍ଥାନଗୁଡ଼ିକୁ ଯାଇ ଭିଡିଓ କରି ଏହାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଭୂତ କିମ୍ବା ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରାଯାଏ ନାହିଁ, କାରଣ ଏହା ବିଜ୍ଞାନର ମୂଳ ନିୟମ ଓ ପ୍ରମାଣ ଭିତ୍ତିକ ପଦ୍ଧତି ସହ ମେଳ ଖାଏ ନାହିଁ।

## ଓଜନ ହ୍ରାସ ପାଇଁ ବିପଜ୍ଜନକ ଟ୍ରେଣ୍ଡ

ରାତାରାତି ପତଳା ଦେଖାଯିବାର ପାଗଳାମି ଲୋକଙ୍କୁ କେଉଁ ସୀମା ପର୍ଯ୍ୟନ୍ତ ନେଇଯାଇପାରେ, ଏହାର ଏକ ସଦ୍ୟତମ ଉଦାହରଣ ଚୀନ୍‌ରେ ଦେଖିବାକୁ ମିଳୁଛି। ଚାଇନିଜ୍ ସୋସିଆଲ ମିଡିଆରେ ଏକ ବିଚିତ୍ର ଟ୍ରେଣ୍ଡ ଦ୍ରୁତ ଗତିରେ ଭାଇରାଲ୍ ହେବାରେ ଲାଗିଛି। ଏହାର ଶିକାର ମଧ୍ୟ ଅନେକ ଯୁବକ ଯୁବତୀ ହୋଇ ସାରିଲେଣି। ପ୍ରକୃତରେ, କିଛି ଇନଫ୍ଲୁଏନ୍ସର୍ସ ଚା' ବୋତଲରେ ଗ୍ଲିସେରିନ୍ ଏନିମା ଅର୍ଥାତ୍ କୋଷ୍ଠକାଠିନ୍ୟ ଦୂର କରୁଥିବା ତରଳ ଔଷଧ ମିଶାଇ ପିଉଛନ୍ତି। ଏହାକୁ ପିଇବା ଦ୍ୱାରା ମାତ୍ର ଦୁଇ ଦିନ ଭିତରେ ୪ କିଲୋ ପର୍ଯ୍ୟନ୍ତ ଓଜନ ହ୍ରାସ ପାଏ ବୋଲି ସେମାନେ ଦାବି କରୁଛନ୍ତି। ଏହି ଚକ୍କରରେ ଅନେକ ଲୋକ ବାରମ୍ବାର ଶୌଚାଳୟ ଯାଇ ସେମାନେ ପତଳା ହୋଇ ଯାଉଥିବା ଭାବି ଭୁଲ୍ କରୁଛନ୍ତି। ଚା'ରେ ପେଟ ସଫା କରିବା ଔଷଧ (ଏନିମା ଲିକ୍ୱିଡ୍) ମିଶାଇ ପିଇବାର ଏହି ବିଚିତ୍ର ଟ୍ରେଣ୍ଡ ଚୀନ୍‌ର ଯୁବପିଢ଼ିଙ୍କ ଉପରେ ବହୁତ ଭାରି ପଡୁଛି। ୨ ଦିନରେ ୪ କିଲୋ ଓଜନ କମାଇବା ଚକ୍କରରେ ଅନେକ ଯୁବକଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଉଛି। ଏନେଇ ମା' ନାମକ ଜଣେ ମହିଳା ଜଣାଇଛନ୍ତି ଯେ, "ସେ ଏହି ଡ୍ରିଙ୍କ୍ ପିଇବାର ମାତ୍ର ଅଧା ଘଣ୍ଟା ଭିତରେ ତାଙ୍କ



ପେଟରେ ଯନ୍ତ୍ରଣା ଆରମ୍ଭ ହୋଇ ଯାଇଥିଲା। ତାଙ୍କୁ ରାତିସାରା ବାରମ୍ବାର ବାନ୍ତି ଏବଂ ଝାଡ଼ା ହୋଇଥିଲା, ଯେଉଁଥିପାଇଁ ସେ ସାରା ରାତି ଶୋଇ ପାରି ନଥିଲେ।" ସେହିପରି ଏହି ଟ୍ରେଣ୍ଡ ଉପରେ ହେନାନ୍ ପ୍ରଦେଶର ଏକ ବଡ଼ ଡାକ୍ତରଖାନା ପକ୍ଷରୁ କୁହାଯାଇଛି ଯେ, 'ଏଭଳି ବିପଜ୍ଜନକ ଟ୍ରେଣ୍ଡ ଯୋଗୁଁ ଅନେକ ରୋଗୀଙ୍କୁ ଗୁରୁତର ଅବସ୍ଥାରେ ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରିବାକୁ ପଡ଼ିଛି।' ଅନ୍ୟପଟେ ଏହି ମାମଲାରେ ନ୍ୟୁଟ୍ରିସନିଷ୍ଟମାନଙ୍କର କହିବା କଥା ଯେ, 'ଏଭଳି ଟ୍ରେଣ୍ଡ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଏବଂ ବିପଜ୍ଜନକ। ଏନିମା କେବଳ ବାହ୍ୟ ବ୍ୟବହାର ପାଇଁ ଉଦ୍ଦିଷ୍ଟ, ଏହାକୁ ପିଇବା ଦ୍ୱାରା ଅନ୍ତନାଳୀ ସିଧାସଳଖ ନଷ୍ଟ ହୋଇଯାଇପାରେ।' ଡାକ୍ତରମାନଙ୍କ କହିବା ଅନୁଯାୟୀ, 'ଏହାଦ୍ୱାରା ଶରୀରର ଚର୍ବି କମେ ନାହିଁ, ବରଂ ଡିହାଇଡ୍ରେସନ୍ ଯୋଗୁଁ ଓଜନ କମିବା ଭଳି ମନେହୁଏ। ମଣିଷ ପାଣି ପିଇବା ମାତ୍ରେ ହିଁ ଓଜନ ପୁଣିଥରେ ଦ୍ରୁତ ଗତିରେ ବଢ଼ିବାକୁ ଲାଗେ ଏବଂ ଏହା ପାଚକ ଗ୍ରନ୍ଥିକୁ ଗୁରୁତର ଭାବେ ପ୍ରଭାବିତ କରିପାରେ।'

## ବୋଲବମ୍ ଯିବା ନ କର ଡେରି



ନିରଞ୍ଜନ ସାହୁ

ଶିରାବଣ ମାସ ଆସିଛି ଫେରି
ବୋଲବମ୍ ଯିବା ନ କରି ଡେରି
କାଉଡ଼ି କାନ୍ଧରେ ଧର
ଜପୁଥିବା ହରହର
ମହାଦେବଙ୍କର କୃପା ବରଷିବ
ନ ଥିବ କାହାକୁ ଡର ।
ଶନିବାର ନଦୀ ଘାଟକୁ ଯିବା
ଭକତି ଭାବରେ ସେଦିନ ଥିବା
କାଉଡ଼ିଆ ବେଶ ଧରି
କଳସୀରେ ଜଳ ଭରି
ବ୍ରାହ୍ମଣ ଗୋସାଇଁ ପୂଜା କରିଦେବେ
ମନ୍ତ୍ର ପାଠ କରିକରି ।
କାଉଡ଼ିକୁ ଆମେ କାନ୍ଧରେ ବହି
"ହରହର ଶମ୍ଭୁ" ଉଚ୍ଚରେ କହି
ଛାଡ଼ି ନଦୀକୂଳ ଘାଟ
ଚାଲିବା ଏଣିକି ବାଟ
ଶିବ ନାମେ ଜୟଧ୍ୱନି ଦେଉଥିବା
ଡାକିବା, "ସଙ୍କଟ କାଟ"
ସ୍ଥାନେ ସ୍ଥାନେ ଟିକେ ବିଶ୍ରାମ ନେବା
ତା ସାଥେ ଚାଲିବ ପ୍ରସାଦ ସେବା
ଶିବ ପଦେ ରଖି ଲୟ
ମନରେ ନ ରଖି ଭୟ
ରାତି ଅନ୍ଧାରରେ ବାଟ ବି ଚାଲିବା
ଏହିକଥା ପରା ଥୟ ।
ସୋମବାରେ ଜଳ କରିବା ଲାଗି
ଶିବଙ୍କ ଆଶିଷ ଆଣିବା ମାଗି
ଆମେ ଛୋଟ ଭକ୍ତଗଣ
ପ୍ରଣମିବା ଜଣ ଜଣ
କହିବା, "ଠାକୁରେ ଫି' ସନ ଆସିବୁ
ଆସିଗଲେ ଶିରାବଣ ।

ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ

## ପ୍ରହେଳିକା




- ଦୁଦୁରା ଫୁଲ ଲୋ ଦୁଦୁରା ଫୁଲ
ପାଣିଭାର ଧରି ଭଦ୍ରକ ଚାଲ
ପବିତ୍ର ପ୍ରସିଦ୍ଧ ଧାମ ଆରଡ଼ି
କାମ ଦିଏନାହିଁ ଗୁଣି ଗାରେଡ଼ି
ନିତି ଜପୁଥିଲେ ବାବାଙ୍କ ନାମ
ଅକାଳରେ ଛୁଇଁ ପାରେନି ଯମ
ନାଆଁଟି ତାଙ୍କର ଛଅ ଅକ୍ଷର
ଦୁଦୁରା ଫୁଲ ଲୋ କହ ଉତ୍ତର ।
ଉତ୍ତର :-ଆଖଣ୍ଡଳମଣି

- ଚମ୍ପାକଢ଼ି ଆଲୋ ଚମ୍ପାକଢ଼ି
ପାହାଚ ପାହାଚ ଯିବୁ ଚଢ଼ି
ମନ୍ଦିରରେ ପ୍ରଭୁ ଶ୍ରୀଚନ୍ଦ୍ରଶେଖର
ଶରଣ ଯିବୁ ଲୋ ପାଦେ ପଡ଼ି
ପୂରଣ ହୋଇବ ସକଳ କାମ
କହ ଚମ୍ପାକଢ଼ି ଧାମର ନାମ ।
ଉତ୍ତର :- କପିଳାସ

- ବେଲପତର ଲୋ ବେଲପତର
ମହାନଦୀ ଜଳ ଚଉପାଶର
ମଝିରେ ବାବାଙ୍କ ଘର
କଳା ବଳଦକୁ ଧଳା କରିଦେଲେ
ଯଶ ଉଡ଼େ ଫରଫର
ପାଞ୍ଚଅକ୍ଷର
ନାଆଁ ତାଙ୍କର
ଉତ୍ତର କହଲୋ ବେଲପତର ।
ଉତ୍ତର :- ଧବଳେଶ୍ୱର

ଜଗଦୀଶ ସାହୁ
ସଞ୍ଚପଡ଼ା, ହିନ୍ଦୋଳ, ଢେଙ୍କାନାଳ

## ଛତା



ଗୋପୀନାଥ ଦାଶ

ଘରେ ଘରେ ପରା ପରିଚିତ ଅଟେ
ନାମଟି ତାହାର ଛତା
ବଙ୍କୁଲି ବେଣ୍ଟରେ ଝୁଲୁ ଥାଏ କୋଣେ
ସାଥି ଆବାଳ ବୃଦ୍ଧ ବନିତା।
ପ୍ଲାଷ୍ଟିକ୍ କାଠ ବା ଧାତୁ ବେଣ୍ଟରେ
ରହିଥାଏ ମୁଠାଟିଏ
କଳା କପଡ଼ାଟି ଘୋଡ଼ଣି ତାହାର
ବର୍ଷାରେ ତାହାର ସରି କିଏ।
ଲୁହା କାଠିରେ ତିଆରି ପଞ୍ଜରା
କନା ତିନି କଣିଆଁ ଆଠଟି
ଯୋଡ଼ିକି ସିଲାଇ ବିଛାଇ ଦେଲେ
ଆକାର ହୁଏ ଛତାଟି।
ମୁଦି ଦେଲେ ବାଡ଼ି ଆକାର ହୁଅଇ
ସହଜ ହୁଏ ରଖିବାକୁ
ଖୋଲି ଦେଲେ ହୁଏ ଗୁମ୍ବଦ ଆକାର
କି ସୁନ୍ଦର ଦେଖିବାକୁ।
ନିଜେ ଭିଜେ ସିନା ଶୁଖିଲା ରଖଇ
ମାଲିକକୁ ଯେ ତାହାର
ଭାରି ଉପକାରୀ ଦରବ ଏଇ ତ
ଖରା ବରଷାରେ ଦରକାର।
ନାନା ଆକାରର ବିଭିନ୍ନ ରଙ୍ଗର
କେତେ ଛତା ଆସିଲାଣି
ବରଷା ଦିନରେ ହାତେ ଛତା ଥିଲେ
ଦେହେ ନ ପଡ଼ଇ ପାଣି।

ବରପାଲିପଡ଼ା, ବଲାଙ୍ଗିର

# ସୁମନ

## ସୁନା ଆମ୍ବ ଓ ଶିଆଳ





ପର୍ଶୁରାମ ବେହେରା

ଗୋଟିଏ ଜଙ୍ଗଲର ରାଜା ଥିଲେ ମହାବଳୀ ସିଂହ। ସେ ଥିଲେ ଖୁବ୍ ବିଚାରବନ୍ତ ଓ ସୁଶାସକ । ତାଙ୍କ ରାଜବାଟୀ ଉଦ୍ୟାନରେ ଥିଲା ଗୋଟିଏ ବିଚିତ୍ର ଆମ୍ବଗଛ । ସେଥିରେ ସୁନେଲି ରଙ୍ଗର ସୁସ୍ୱାଦୁ ଆମ୍ବ ଫଳୁଥିଲା । ଏହି ଆମ୍ବ ଖାଇଲେ ପ୍ରଚୁର ବୁଦ୍ଧି ଓ ବଳ ଉତ୍ପନ୍ନ ହେବ ବୋଲି ବିଶ୍ୱାସ କରାଯାଏ । ସେହି ଗଛରେ ଫଳିଥାଏ ଅନେକ ଆମ୍ବ । ମାତ୍ର ଗୋଟିଏ ବଡ଼ ଧରଣର ଆମ୍ବ ସେ ଗଛରେ ଥାଏ । ସେଇଟିକୁ ନିଜେ ସିଂହ ରାଜା ଖାଇବାକୁ ଇଚ୍ଛା ପ୍ରକାଶ କରିଥାନ୍ତି। ଏଣୁ ଗଛଟିକୁ ପ୍ରହରା ଦେବାକୁ ସେ ଗୋଟିଏ ହରିଣକୁ ନିଯୁକ୍ତ କଲେ । ମାତ୍ର କେତୋଟି ଦିନପରେ ଆମ୍ବସବୁ ପାଚିବାକୁ ଆରମ୍ଭ କଲା। ଆମ୍ବଗୁଡ଼ିକୁ ଖାଇବାକୁ ଲୋଭକରି ସିଂହ ରାଜାଙ୍କ ପାଖରେ ଗୋଟିଏ ଧୂର୍ତ୍ତ ଶିଆଳଟିଏ ପହଞ୍ଚିଲା। । ସେ କହିଲା- ମହାରାଜ, ହରିଣମାନେ ଖୁବ୍ ନିଦ୍ରାଳୁ। ସେ ଦିନସାରା ପ୍ରହରା ଦେଇସାରି ରାତିରେ ଶୋଇଯାଉଥିବ । ଏଣୁ ମୋତେ ରାତି ଜଗୁଆଳ ରୂପେ ନିଯୁକ୍ତି ଦିଆଯାଉ । ସିଂହ ରାଜା ଶିଆଳ କଥାରେ ଭଳିଗଲେ । ସେଇ ଦିନଠାରୁ ଶିଆଳ ରାତିରେ ଉଦ୍ୟାନ ପ୍ରହରା ଦେଲା । ପାଚିଲା ଆମ୍ବସବୁ ଝଡ଼ିଲେ ସେ ନିଜେ ଖାଇଲା ଓ ଅବଶିଷ୍ଟ ନେଇ ଦରବାରରେ ଜମାଦେଲା । ଶିଆଳର ଏ କାରସାଦି କେହି ଜାଣି ପାରୁ ନ ଥାନ୍ତି । ଦିନେ ରାତିରେ ଗଛର ଥିବା ସେଇ ଆକର୍ଷଣୀୟ ବଡ଼ ଆମ୍ବଟି ଝଡ଼ିପଡ଼ିଲା । ଶିଆଳ ଲୋଭ ସମ୍ଭାଳି ନ ପାରି ସେଇଟିକୁ ଖାଇଦେଲା। ପରଦିନ ସିଂହ ରାଜା ଦେଖିଲେ ସେଇ ଆମ୍ବଟି ନାହିଁ । ସେ ରାଗିଯାଇ ହରିଣକୁ ପଚାରିବାରୁ ସେ ଜାଣିନି ବୋଲି କହିଲା । ଶିଆଳ ମଧ୍ୟ ସେମିତି କହିଲା- ମଣିମା, ମୁଁ ସନ୍ଧ୍ୟାରେ ପ୍ରହରା ଦେବାକୁ ଆସିଲାବେଳେ ବି ଆମ୍ବଟି ନ ଥିଲା । ସିଂହରାଜା ବୁଝିଲେ ଦିନ ଜଗୁଆଳି ହରିଣ ହିଁ ଆମ୍ବଟି ଖାଇଛି । ଏଣୁ ତାକୁ ଏକମାସ କାରାଦଣ୍ଡ ଦିଆଗଲା । ନିରୀହ ହରିଣଟି କାରାଗାରରେ ରହି କେମିତି ପ୍ରକୃତ ଚୋର ଧରାପଡ଼ିବ, ଉପାୟ ଚିନ୍ତା କରିବାକୁ ଲାଗିଲା । ଏକମାସ ପରେ ଯେତେବେଳେ ସେ ଜେଲ୍‌ରୁ ବାହାରିଲା, ସିଂହରାଜାଙ୍କ ନିକଟରେ ଯାଇ ପହଞ୍ଚିଲା। ସେ ରାଜାଙ୍କୁ ପ୍ରକୃତ ଚୋର ଧରାଯିବାର ଯୋଜନା ବିଷୟରେ କହିଲା। ରାଜା ଖୁସିହେଲେ । ପରଦିନ ସିଂହ ରାଜା ସେହି ଆମ୍ବ ଗଛରୁ କେତେଗୁଡ଼ିଏ ଆମ୍ବ ତୋଳାଇ ହରିଣ, ଶିଆଳ ଓ ଦରବାରର ସମସ୍ତ କର୍ମଚାରୀଙ୍କୁ ଗୋଟିଏ ଗୋଟିଏ ଦେଲେ । କହିଲେ- ଶୁଣ ସମସ୍ତେ, ତୁମେମାନେ ଏ ଆମ୍ବ ଖାଇ ତାହାର ଟାକୁଆକୁ ମାଟିରେ ପୋତିଦେବ । ଆଜିଠାରୁ ପନ୍ଦର ଦିନ ପରେ ଏହି ଟାକୁଆର ଚାରାଗଛକୁ ଆଣି ମୋତେ ଦେଖାଇବ । ଯାହାର ଗଛଟି ସବୁଠାରୁ ଉଚ୍ଚ ହୃଷ୍ଟପୁଷ୍ଟ ହୋଇଥିବ, ତାକୁ ପାଞ୍ଚ ହଜାର ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦିଆଯିବ । ଏହାପରେ ସମସ୍ତେ ଆମ୍ବ ନେଇ ଘରକୁ ଗଲେ । ପନ୍ଦରଦିନ ପରେ ସମସ୍ତେ ଚାରାଗଛମାନ ନେଇ ଦରବାରରେ ପହଞ୍ଚିଲେ । ସମସ୍ତଙ୍କ ମନରେ ପାଞ୍ଚହଜାର ସ୍ୱର୍ଣ୍ଣମୁଦ୍ରାର ମିଳିବାର ଲାଳସା ଥାଏ । ରାଜା ଦେଖିଲେ, ସମସ୍ତଙ୍କ ଗଛଠାରୁ ଶିଆଳର ଗଛଟି ଥିଲା ସବୁଠୁ ବଡ଼ ଓ ହୃଷ୍ଟପୁଷ୍ଟ ଥିଲା । ସେ ତୁରନ୍ତ ତାକୁ ବିଜେତା ଘୋଷଣା କରି ପୁରସ୍କାର ସ୍ୱରୂପ ପଚାଶ ଚାବୁକ୍ ପ୍ରହାର ଦେଇ କାରାଗାରକୁ ପଠାଇ ଦେଲେ। ସିଂହରାଜା କହିଲେ- ଏ ବଦମାସ୍ ସେଇ ବଡ଼ ଆମ୍ବଟି ଖାଇ ନିଜ ବାଡ଼ିରେ ତା'ର ଟାକୁଆ ପୋତିଥିଲା । ସ୍ୱର୍ଣ୍ଣମୁଦ୍ରା ଲୋଭରେ ସେଇ ଗଛଟିକୁ ଆଣି ଆଜି ମୋତେ ଦେଖାଉଛି। ଏଣୁ ଏ ମିଥ୍ୟାବାଦୀ ଚୋରକୁ ତୁରନ୍ତ ରାଜ୍ୟରୁ ବିତାଡ଼ିତ କର । ଏହାପରେ ସିଂହରାଜା ହରିଣର ଚତୁରତା ପାଇଁ ପାଞ୍ଚହଜାର ସ୍ୱର୍ଣ୍ଣମୁଦ୍ରା ପୁରସ୍କାରସ୍ୱରୂପ ଦେଲେ ।

ଲୋକାପଡ଼ା, କେନ୍ଦ୍ରାପଡ଼ା

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## ଚିତ୍ରଶାଳା





ଇଭାଂଶୀ ମିଶ୍ର
ତୃତୀୟ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର






ବେଦବ୍ରହ୍ମା ପାଢ଼ି
ୟୁକେଜି
ଡିପିଏସ ମଡେଲ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଆୟୁଷ୍ମାନ ସାହୁ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା





ଦେବାଂଶୀ ଜେନା
ଷଷ୍ଠ ଶ୍ରେଣୀ
ବି.ଜେ.ଇ.ଏମ୍ ସ୍କୁଲ
ଭୁବନେଶ୍ୱର





ସାଇଶ୍ରୀ ବେହେରା
ଚତୁର୍ଥ ଶ୍ରେଣୀ
ଭାରତୀୟ ବିଦ୍ୟା ନିକେତନ
ପୁରୀ

## ଶ୍ରୀଲଙ୍କା ମିଳିତ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚ୍

# ପ୍ରଥମ ଦିନରେ ଭାରତୀୟ ବୋଲରଙ୍କ ସଂଘର୍ଷ

କଲମ୍ବୋ,୭।୮ (ଏଜେନ୍ସି)



ଭ୍ରମଣକାରୀ ଭାରତ ଓ ଶ୍ରୀଲଙ୍କା ମିଳିତ ଏକାଦଶ ମଧ୍ୟରେ ସ୍ଥାନୀୟ ନନ୍‌ଡେସ୍କ୍ରିପ୍ଟସ କ୍ଲବ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୩ ଦିନିଆ ଅଭ୍ୟାସ ମ୍ୟାଚ୍। ଏହି ମ୍ୟାଚରେ ଶ୍ରୀଲଙ୍କା ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଘରୋଇ ଦଳ ପ୍ରଥମ ଇନିଂସରେ ୮ ୱିକେଟରେ ୩୬୩ ରନ୍‌ର ବିଶାଳ ସ୍କୋର କରିଛି। ଦଳ ପକ୍ଷରୁ ଓପନର ରବିନ୍ଦୁ ରଶାନ୍ତା ସର୍ବାଧିକ ୭୧, ନିଶାନ ମଦୁସ୍କା ୬୬, ଅଧିନାୟକ ସୋନାଲ ଦିନୁଶା ୫୨ ରନ୍ କରି ଅର୍ଦ୍ଧଶତକ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବନ ରତନାୟକେ ୩୯, ପାସିନ୍ଦୁ ସୂର୍ଯ୍ୟବାନ୍ଦର ୩୫ ଓ ରମେଶ ମେଣ୍ଡିସ୍ ୩୨ ରନ୍‌ର ଉପଯୋଗୀ ସହାୟତା ପ୍ରଦାନ କରିଥିଲେ। ଭାରତ ପକ୍ଷରୁ ଆକ୍ୱିବ୍ ନବିଙ୍କୁ ବାଦ୍ ଦେଲେ ଏହି ମ୍ୟାଚ୍‌ରେ ଅନ୍ୟ ସମସ୍ତ ବୋଲର ବୋଲିଂ କରିଥିଲେ ମଧ୍ୟ ସଂଘର୍ଷ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ୩ଜଣଯାକ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ମାନବ ସୂତାର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଡେବ୍ୟୁ କରିବା ଅପେକ୍ଷାରେ ଥିବା ଅଫ୍ ସ୍ପିନର ସାରାଂଶ ଜୈନଙ୍କୁ ଏବଂ ଦଳର ଦୁଇ ଅଭିଜ୍ଞ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ କୌଣସି ସଫଳତା ମିଳି ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବ ଫାଷ୍ଟ ବୋଲର ଗୁରନୁର ବ୍ରାର୍ ଜଣେ ଖେଳାଳିଙ୍କୁ ଆଉଟ କରିଥିଲାବେଳେ ଓପନର ମଦୁସ୍କା ଦୁର୍ଭାଗ୍ୟଜନକ ସ୍ଥିତିରେ ରନ୍‌ଆଉଟ ହୋଇଥିଲେ।

ଦୁଇ ଦେଶ ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଅଗଷ୍ଟ ୧୫ରୁ ଗଲ୍‌ରେ ଆରମ୍ଭ ହେବ। ଏହା ପୂର୍ବରୁ ଶ୍ରୀଲଙ୍କାର ପିଚ୍ ଓ ମ୍ୟାଚ୍ ପ୍ରାକ୍ଟିସ୍ ଲାଗି ଏହା ଏକମାତ୍ର ଅଭ୍ୟାସ ମ୍ୟାଚ୍। ଭ୍ରମଣକାରୀ ଭାରତ ଏହି ମ୍ୟାଚର ପ୍ରଥମ ଦିନରେ ଫାଇଦା ଉଠାଇବାରେ ବିଫଳ ହୋଇଛି। ସବୁଠାରୁ ବଡ଼ କଥା ହେଉଛି, ଶ୍ରୀଲଙ୍କା ମିଳିତ ଏକାଦଶରେ ଜଣେ ହେଲେ ବରିଷ୍ଠ ଖେଳାଳି ନ ଥିଲେ ମଧ୍ୟ ଭାରତୀୟ ବୋଲରମାନେ ସଂଘର୍ଷ କରିବା ଦଳର ଦୁର୍ବଳତାକୁ ପଦାରେ ପକାଇଛି।

ଏହି ମ୍ୟାଚ୍‌ରେ ଭାରତୀୟ ବୋଲର ପ୍ରଥମେ ପିଚ୍‌ର ବ୍ୟବହାର କରିବାକୁ ସୁଯୋଗ ପାଇଥିଲେ। ଦଳର ଦୁଇ ଅଭିଜ୍ଞ ଫାଷ୍ଟ ବୋଲର ସିରାଜ ଓ କ୍ରିଷ୍ଣା ବୋଲିଂ ଆରମ୍ଭ କରିଥିଲେ। ସିରାଜ କଞ୍ଜୁସ ବୋଲିଂ କରିଥିଲାବେଳେ କ୍ରିଷ୍ଣା ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଆହତ ଅଧିନାୟକ ଶୁବମନ ଗିଲ୍‌ଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଉଥିବା ଲୋକେଶ ରାହୁଲ ଶୀଘ୍ର ଜାଡେଜାଙ୍କୁ ବୋଲିଂ କରାଇଥିଲେ। ଭାରତର ଏହି ପ୍ରଥମ ୩ଜଣ ବୋଲର ଆକ୍ରମଣାତ୍ମକ ବୋଲିଂ କରିଥିଲେ। କିନ୍ତୁ ସେମାନଙ୍କୁ ସୁରକ୍ଷା ଦେବାକୁ କ୍ଷେତ୍ରରକ୍ଷଣ ସେଭଳି ସଜାଯାଇ ନ ଥିଲା। ନିକଟ ଅତୀତରେ ଫିଲ୍ଡିଂରେ ଭାରତର ଦୁର୍ବଳତା ପ୍ରକାଶ ପାଇଛି। ସ୍ଲିପ୍‌ରେ ରାହୁଲ ପ୍ରଥମ କ୍ୟାଚ୍ ଡ୍ରପ୍ କରିଥିଲେ। ନିଶାନ ମଦୁସ୍କା ଏଥିରୁ ପୂରା ଫାଇଦା ଉଠାଇଥିଲେ ଓ ଅର୍ଦ୍ଧଶତକ ହାସଲ କରିଥିଲେ। ଓପନିଂ ଯୋଡିରେ ଉଭୟ ଖେଳାଳି ହାତଖୋଲା ସଟ୍ ମାରିଥିଲେ। ବିଶେଷ କରି ମଦୁସ୍କାର ପଡ଼ିଆର ଚାରିଆଡକୁ ସଟ୍‌ମାରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଦଳର ସମସ୍ତ ଟପ୍ ଅର୍ଡର ବ୍ୟାଟିଂ କ୍ଲିକ୍ କରିଥିଲାବେଳେ ୩ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିଥିଲେ। ମଦୁସ୍କାର ୬୫ବଲ୍‌ରୁ ୧୧ ଚୌକା ଓ ୧ ଛକା ସଂ ୬୬, ରବିନ୍ଦୁ ରାଶନ୍ତା ୧୪୩ବଲ୍ ଖେଳି ୬ଚୌକା ଓ ୧ଛକା ସହ ୭୧, ସୋନାଲ ଦିନୁଶା ୭୧ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୫୨ ରନ୍ କରିଥିଲେ। ମଦୁସ୍କା ଓ ରାଶନ୍ତା ପ୍ରଥମ ୱିକେଟରେ ୧୧୦ ରନ୍ କରିଥିଲେ। ଭୁଲ ବୁଝାମଣାରୁ ଉଭୟ ଖେଳାଳି ଗୋଟିଏ ପଟେ ରହିଯିବାରୁ ଏହି ଯୋଡି ଭାଙ୍ଗିଥିଲା। ନଚେତ ଏମାନେ ଭାରତୀୟ ବୋଲରଙ୍କୁ ଭ୍ରୂକ୍ଷେପ କରି ନ ଥିଲେ। ଏଭଳି ପ୍ରଦର୍ଶନ ପରେ ଭାରତୀୟ ଶିବିରରେ ଛନକା ପସିଛି।

## ଆହତ ଗିଲ୍‌ଙ୍କ ସ୍ଥାନରେ ରାହୁଲଙ୍କୁ ନେତୃତ୍ୱ



କଲମ୍ବୋ,୭।୮ (ଏଜେନ୍ସି): ଭାରତର ଟେଷ୍ଟ ଅଧିନାୟକ ଶୁବମନ ଗିଲ ଆହତ ହୋଇଛନ୍ତି। ଶ୍ରୀଲଙ୍କା ମିଳିତ ଏକାଦଶ ସହ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଅଭ୍ୟାସ ମ୍ୟାଚ୍ ପୂର୍ବଦିନ ନେଟ ପ୍ରାକ୍ଟିସ କରୁଥିଲାବେଳେ ତାଙ୍କ ଡାହାଣ ହାତ ଆଙ୍ଗୁଳିରେ ଆଘାତ ଲାଗିଥିଲା। ଫଳରେ ତାଙ୍କୁ ଏହି ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ଦିଆଯାଇନାହିଁ। ବିସିସିଆଇ ସୂତ୍ରରୁ ଜଣାଯାଇଛି, ମେଡିକାଲ ଟିମ୍ ତାଙ୍କ ଚିକିତ୍ସା କରୁଛନ୍ତି। ଆଘାତ ସମସ୍ୟା ଗୁରୁତର ହୋଇ ନ ଥିଲେ ମଧ୍ୟ ଅଧିକ କିଛି କ୍ଷତି ନ ହେବା ଲାଗି ତାଙ୍କୁ ଏହି ମ୍ୟାଚ୍‌ରେ ଖେଳିବାକୁ ଦିଆଯାଇନାହିଁ। ତାଙ୍କ ସ୍ଥାନରେ ଉପଅଧିନାୟକ ଲୋକେଶ ରାହୁଲଙ୍କୁ ଅଭ୍ୟାସ୍ ମ୍ୟାଚ୍ ଲାଗି ଅଧିନାୟକ ଦାୟିତ୍ୱ ଦିଆଯାଇଛି।

## ବିନା ଟିକଟରେ ମ୍ୟାଚ୍ ଦେଖିବେ ଦର୍ଶକ

କଲମ୍ବୋ, ୭।୮ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୧୫ରୁ ଗଲ୍‌ରେ ଆରମ୍ଭ ହେବାକୁଯାଉଛି। ତେବେ ଏଥିପୂର୍ବରୁ ଶ୍ରୀଲଙ୍କା କ୍ରିକେଟ (ଏସଏଲ୍‌ସି) ଦର୍ଶକଙ୍କ ଲାଗି ଏକ ଖୁସି ଖବର ଆଣିଛି। ଏସଏଲସି ଶୁକ୍ରବାର ଏକ ବିବୃତ୍ତିରେ ନିଶ୍ଚିତ କରିଛି ଯେ ଦୁଇ ମ୍ୟାଚବିଶିଷ୍ଟ ଏହି ଟେଷ୍ଟ ସିରିଜ ସର୍ବସାଧାରଣଙ୍କ ପାଇଁ ମାଗଣା ହେବ। ଗଲ୍‌ରେ ପ୍ରଶଂସକମାନେ ଗେଟ୍ ନମ୍ବର ୪ ଦେଇ ପ୍ରବେଶ କରିପାରିବେ। ସେହିଭଳି ଅଗଷ୍ଟ ୨୩ରୁ କଲମ୍ବୋରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ଦର୍ଶକ ଗେଟ୍ ନମ୍ବର ୩, ୪, ୫ ଏବଂ ୭ରେ ପ୍ରବେଶ କରି ବିନା ଟିକେଟରେ ମ୍ୟାଚ ଦେଖିପାରିବେ।

## ଏସିଆ କପ୍ କନିଷ୍ଠ ପୁରୁଷ ହକି

# ଭାରତୀୟ ଦଳରେ ୬ ଓଡ଼ିଆ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଚୀନ୍‌ର ମୋକିଠାରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୩ ତାରିଖଯାଏ ଏସିଆ କପ୍ କନିଷ୍ଠ ପୁରୁଷ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଆ ଖେଳାଳି ତଥା ଟାଟା ନାଭାଲ ଏକାଡେମୀର ଅନମୋଲ ଏକ୍କାଙ୍କ ନେତୃତ୍ୱରେ ଏକ ୧୮ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ତାଙ୍କ




ସହ ଏହି ଦଳରେ ୬ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଅନ୍ୟ ଖେଳାଳିମାନେ ହେଲେ ଗୋଲରକ୍ଷକ ବିବେକ ଲାକ୍ରା, ଡିଫେଣ୍ଡର ରୋହିତ କୁଲୁ ଓ ସଞ୍ଜିତ ଲାକ୍ରା, ମିଡ୍‌ଫିଲ୍ଡରେ ଆଡ୍ରୋହିତ ଏକ୍କା ଓ ଫରୱାର୍ଡରେ ଆର୍ଯ୍ୟନ ଖେସ୍। ଏମାନଙ୍କ ବ୍ୟତୀତ ରିତିକ ଏକ୍କା ବଦଳ ଖେଳାଳିଭାବେ ମଧ୍ୟ ଦଳସହ ଯିବେ। ବେଙ୍ଗାଲୁରୁରେ ଫ୍ରେଡେରିକ୍ ସୋୟେଜଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ପ୍ରଶିକ୍ଷଣ ନେଇଛି। ଏବେ ଏହି ଟିମ୍ ମାଲେସିଆରେ ୨୧ ବର୍ଷରୁ କମ୍ ଟିମ୍ ସହ ଏକ ସିରିଜ୍ ଖେଳୁଛି। ଦଳରେ ପ୍ରତିଭାବାନ ଓ ଅଭିଜ୍ଞ ଖେଳାଳି ରହିଥିବାରୁ ଏସିଆ କପ୍‌ରେ ଭାରତର ପ୍ରଦର୍ଶନ ଭଲ ରହିବ ବୋଲି ମୁଖ୍ୟ କୋଚ୍ ସୋୟୋଜ କହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଗତକାଲି ଘୋଷିତ ଭାରତୀୟ କନିଷ୍ଠ ମହିଳା ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ସ୍ଥାନ ପାଇଥିଲେ।

## ହକି ବିଶ୍ୱକପ୍ ୨୦୨୬

# ଅମ୍ପାୟାରିଂରେ ଭାରତର ପ୍ରତିନିଧି ଶୂନ

ନୂଆଦିଲ୍ଲୀ,୭।୮ (ଏଜେନ୍ସି)

ବେଲଜିୟମ ଓ ନେଦରଲାଣ୍ଡସରେ ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁ ଯାଉଥିବା ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ରେ ଭାରତରୁ କେହି ଅମ୍ପାୟାର ନାହାନ୍ତି କିମ୍ବା କେହି ଟେକ୍ନିକାଲ ଅଫିସିଆଲ ସ୍ଥାନ ପାଇନାହାନ୍ତି। ଯାହା ଭାରତୀୟ ହକିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଅନ୍ତର୍ଜାତୀୟସ୍ତରରେ ଭାରତର ମାତ୍ର ୪ଜଣ ଅମ୍ପାୟାର ବିଶ୍ୱକପ୍ ପରିଚାଳନା କରିଛନ୍ତି। ସେମାନେ ହେଲେ ୧୯୯୦ରେ ଅମରଜିତ ବାୱା, ୧୯୯୪ରେ ତାର୍ଲୋକ ସିଂହ, ୨୦୦୨, ୨୦୦୬ ଓ ୨୦୧୦ରେ ସତିନ୍ଦର ଶର୍ମା ଓ ୨୦୧୦, ୨୦୧୪, ୨୦୧୮ ଓ ୨୦୨୩ରେ ଆର୍‌ଭି ରଘୁପ୍ରସାଦ। ଏହି ୪ଜଣଙ୍କ ବ୍ୟତୀତ ବିଶ୍ୱକପ୍‌ରେ ଆଉ କେହି ଅମ୍ପାୟାର ସ୍ଥାନ ପାଇନାହାନ୍ତି। ରଘୁପ୍ରସାଦଙ୍କ ଅବସର ପରେ ଭାରତର ମାତ୍ର ୫ଜଣ ପୁରୁଷ ଓ ୪ଜଣ ମହିଳା ଅନ୍ତର୍ଜାତୀୟ ହକି ପ୍ୟାନେଲ ଅମ୍ପାୟାର ଭାବେ କାମ କରୁଛନ୍ତି। ଟେକ୍ନିକାଲ ଅଫିସିଆଲ ଭାବେ ୪ଜଣ



ଶେଷ ଅମ୍ପାୟାର ରଘୁପ୍ରସାଦ

ପୁରୁଷ ଓ ୨ଜଣ ମହିଳା ଅଛନ୍ତି। ଭାରତରେ ଏବେ ଘରୋଇ ହକିରେ ୧୦୦ ଜଣ ପୁରୁଷ ଓ ୭୦ଜଣ ମହିଳା କାମ କରୁଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ ଜଣେ ହେଲେ ବିଶ୍ୱକପ୍ ଭଳି ଟୁର୍ଣ୍ଣାମେଣ୍ଟ ପରିଚାଳନା ଲାଗି ଯୋଗ୍ୟ ବିବେଚିତ ହୋଇ ନାହାନ୍ତି।

ଏଥିଲାଗି ହକି ଇଣ୍ଡିଆର ଯୋଜନାବଦ୍ଧ ଉଦ୍ୟମ ଓ ଆର୍ଥିକ ସ୍ଥିତି ମୁଖ୍ୟତଃ ଦାୟୀ। ବିଶ୍ୱକପ୍ ଓ ଅଲିମ୍ପିକ୍ସ ଭଳି ପ୍ରତିଯୋଗିତାରେ ମ୍ୟାଚ୍ ପରିଚାଳନା କରିବାକୁ ହେଲେ ଏହି ଦୁଇ ପ୍ରତିଯୋଗିତା, ପ୍ରୋ-ଲିଗ୍ ଓ ଅନ୍ୟ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଥିବା ଅମ୍ପାୟାରଙ୍କ ମୂଲ୍ୟାୟନ ହେବା ପରେ ଚୟନ କରାଯାଇଥାଏ। କିନ୍ତୁ ଏହି ସବୁ ଟୁର୍ଣ୍ଣାମେଣ୍ଟରେ ଭାରତରୁ କେହି ନାହାନ୍ତି। ରଘୁପ୍ରସାଦଙ୍କ ଅବସର ପରେ ଆଉ କେହି ଏଭଳି ବଡ଼ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ପରିଚାଳନା କରିନାହାନ୍ତି। ସେହିପରି ଭାରତରେ ଘରୋଇ ହକି ମ୍ୟାଚ୍ ପରିଚାଳନା ଲାଗି ୨୦୦ରୁ ୪୦୦ ଟଙ୍କା ଓ ଅନ୍ତର୍ଜାତୀୟ ମ୍ୟାଚ୍ ଲାଗି ୪,୦୦୦ରୁ ୫,୦୦୦ ଟଙ୍କା ମିଳିଥାଏ। ଆଜିର ଯୁଗରେ ଏହି ଅର୍ଥ କିଛି କାମରେ ଆସେ ନାହିଁ। ଯାହା ଫଳରେ ପ୍ରତିଭାବାନ କର୍ମକର୍ତ୍ତାମାନେ ଅମ୍ପାୟାର କିମ୍ବା ଅଫିସିଆଲ ହେବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି ବୋଲି ରଘୁପ୍ରସାଦ କହନ୍ତି। ଯାହା ଫଳରେ ଭାରତରେ ଗୁଣାତ୍ମକମାନ ଥିବା ଉଚ୍ଚସ୍ତରର କର୍ମକର୍ତ୍ତା ବାହାରିପାରୁ ନାହାନ୍ତି। ତେବେ ସେ ଯାହା ହେଉ ଭାରତରେ ହକି ଖେଳ ଏତେ ପରିମାଣରେ ହେଉଥିଲେ ମଧ୍ୟ ବିଶ୍ୱକପ୍ ଭଳି ଟୁର୍ଣ୍ଣାମେଣ୍ଟରେ ଜଣେ ହେଲେ ଅମ୍ପାୟାର କିମ୍ବା ଅଫିସିଆଲ ନ ରହିବା ହକିପ୍ରେମୀଙ୍କୁ ନିରାଶ କରିଛି।

# ଭାରତର ପ୍ରଜ୍ଞାନନ୍ଦ ଚାମ୍ପିଅନ



ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଭାରତର ଆର୍ ପ୍ରଜ୍ଞାନନ୍ଦ ଗ୍ରାଣ୍ଡ ଚେସ୍ ଟୁରର ସେଣ୍ଟ ଲୁଇସ୍ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିଅନ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ରାଉଣ୍ଡ ଖେଳ ବାକିଥାଇ ପ୍ରଜ୍ଞାନନ୍ଦ ଟାଇଟଲ ଜିତିଥିଲେ। ଆଉ ଗୋଟିଏ ରାଉଣ୍ଡ ଖେଳ ବାକିଥିଲାବେଳେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜାଭୋଖୀର ସିନ୍ଦାରୋଭଙ୍କଠାରୁ ୧.୫ ପଏଣ୍ଟ ଆଗରେ ରହିଥିଲେ। ଏହି ଟାଇଟଲ କବ୍‌ଜା କରିବା ଫଳରେ ତାଙ୍କୁ ୧୩ଟି ଜିସିଟି ପଏଣ୍ଟ ଓ ୫୦,୦୦୦ ଡଲାର ପୁରସ୍କାର ମିଳିବ। ଫଳରେ ଗ୍ରାଣ୍ଡ ଚେସ୍ ଟୁର୍‌ରେ ସେ ଆମେରିକାର ଫାବିଆନୋ କାରୁଆନାଙ୍କ ପରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ୫ ଦିନ ଧରି ଚାଲିଥିଲା।

# ସେମିରେ ରକ୍ଷିତା-ଅସ୍ମିତା ମୁକାବିଲା

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ସର୍ବକନିଷ୍ଠ ଖେଳାଳି ଭାବେ ନିକଟରେ ତାଇପେଇ ଓପନ ଟାଇଟଲ ଜିତିଥିବା ୧୭ ବର୍ଷିଆ ତନ୍ୱି ଶର୍ମା କୋରିଆ ଓପନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍‌ରୁ ବିଦାୟ ନେଇଛନ୍ତି। ଆସାନରେ ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ରକ୍ଷିତା ରାମରାଜ ୨-୧ ସେଟ୍‌ରେ ତନ୍ୱିଙ୍କୁ ହରାଇଦେଇଛନ୍ତି। ଫଳରେ ବିଡବ୍ଲ୍ୟୁଏଫ୍ ବ୍ୟାଡମିଣ୍ଟନ ସିରିଜ୍‌ରେ ତନ୍ୱି ଯେପରି ଗୋଟିକ ପରେ ଗୋଟିଏ ମ୍ୟାଚ୍ ଜିତି ଯେଉଁ ଧାରା ଆରମ୍ଭ କରିଥିଲେ ତାହା ଏଠାରେ ଶେଷ ହୋଇଛି। ତାଙ୍କୁ ହରାଇଥିବା ରକ୍ଷିତା ସେମିଫାଇନାଲରେ ଭାରତର ଆଉଜଣେ ଉଦୀୟମାନ ଖେଳାଳି ଅସ୍ମିତା କାଲିହାଙ୍କୁ ଭେଟିବେ। କ୍ୱାର୍ଟର ଫାଇନାଲରେ ଅସ୍ମିତା ଟପ୍ ସିଡ୍ ହିନା ଆକେଚିଙ୍କୁ ୨-୧ ସେଟ୍‌ରେ ହରାଇ ଆଉ ଏକ ବିପର୍ଯ୍ୟୟ ଘଟାଇଥିଲେ। ମହିଳା ଏକକକୁ ବାଦ୍ ଦେଲେ ମହିଳା ଯୁଗଳ ଓ ମିଶ୍ରିତ ଯୁଗଳରେ ଭାରତର ଅଭିଯାନ ଶେଷ ହୋଇଛି।

## ନୀରଜ ୟୁବିଏସ୍ ଆଥ୍‌ଲେଟିକ୍ସ କିଡ୍ସ କପ୍‌ର ସହ-ମାଲିକ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଭାରତର ସବୁଠାରୁ ବଡ଼ ତୃଣମୂଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ୟୁବିଏସ ଆଥଲେଟିକ୍ସ କିଡ୍ସ କପ୍ ସହ-ମାଲିକ ହୋଇଛନ୍ତି। ନୀରଜ ଶୁକ୍ରବାର ନିଜେ ଘୋଷଣା କରି କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଦଶ ଲକ୍ଷ ପିଲାଙ୍କ ନିକଟରେ ପହଞ୍ଚିବା। କ୍ରୀଡ଼ାରେ ନିଜକୁ ସାମିଲ କରିବା ଲାଗି ଯୁବକଙ୍କୁ ପ୍ରେରଣା ଦେବା। ମୁଁ ଛୋଟପିଲା, ଶିକ୍ଷକ ଏବଂ ସ୍କୁଲ ସହିତ ମୋର ନିଜସ୍ୱ ଅଭିଜ୍ଞତା ବାଣ୍ଟିବାକୁ ବେଶ୍ ଆଗ୍ରହୀ ରହିଛି। କାରଣ ପିଲାମାନେ ଯେତେ ଅଧିକ ଖେଳନ୍ତି, ଭବିଷ୍ୟତର ଚାମ୍ପିଅନ ସୃଷ୍ଟି କରିବାର ସମ୍ଭାବନା ସେତେ ଅଧିକ' ବୋଲି ନୀରଜ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନୀରଜ ଗତ ଦୁଇ ସିଜନ୍ ହେବ ୟୁବିଏସ ଆଥଲେଟିକ୍ସ କିଡ୍ସ କପ୍ ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରିଆସୁଥିଲେ। ଏହି ପ୍ରତିଯୋଗିତା ଦେଶର ପାଞ୍ଚଟି ସହରର ୨୫୦୦ରୁ ଉର୍ଦ୍ଧ୍ୱ ସ୍କୁଲରେ ଅଢ଼େଇ ଲକ୍ଷରୁ ଅଧିକ ପିଲାଙ୍କୁ ନିୟୋଜିତ କରିଛି।

## ଟରୋଣ୍ଟୋ ମାଷ୍ଟର୍ସ: ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା

ଟରୋଣ୍ଟୋ, ୭।୮ (ଏଜେନ୍ସି): ଟପ୍ ସିଡ୍ ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ଡବ୍ଲ୍ୟୁଟିଏ ଟୁର୍ଣ୍ଣାମେଣ୍ଟ ଟରୋଣ୍ଟୋ ମାଷ୍ଟର୍ସର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବେଲାରୁଷ ତାରକା ସାବାଲେଙ୍କା ତୃତୀୟ ରାଉଣ୍ଡର ମୁକାବିଲାରେ ୬-୩, ୬-୪ ସିଧାସଳଖ ସେଟରେ ଚୀନର ଝାଙ୍ଗ ସୁଆଇଙ୍କୁ ପରାସ୍ତ କରିଥିଲେ। ଚତୁର୍ଥ ରାଉଣ୍ଡରେ ସାବାଲେଙ୍କାଙ୍କ ମୁକାବିଲା ୧୬ତମ ସିଡ୍ ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କ ସହ ହେବ। ଏକତେରିନା ୫-୭, ୬-୧, ୬-୩ ସେଟରେ ଅଷ୍ଟ୍ରେଲିଆର ତାଲିଆ ଗିବସନଙ୍କୁ ହରାଇଥିଲେ।

# ବିଶ୍ୱ ଆଥଲେଟିକ୍ସର ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କଲେ ସୁମାରିୱାଲା

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତୀୟ ପ୍ରଶାସକ ଏବଂ ପୂର୍ବତନ ଆଥଲେଟ୍ ଆଦିଲ୍ ସୁମାରିୱାଲା ବିଶ୍ୱ ଆଥଲେଟିକ୍ସ ସଭାପତି ପଦ ପାଇଁ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୬୮ ବର୍ଷୀୟ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। "ମୁଁ ବିଶ୍ୱ ଆଥଲେଟିକ୍ସ ପରିଷଦ ସଦସ୍ୟ ଭାବରେ ଦୁଇଥର ଏବଂ ଉପସଭାପତି ଭାବରେ ଗୋଟିଏ କାର୍ଯ୍ୟକାଳ ପୂରଣ କରିସାରିଛି। ଶିକ୍ଷାଗତ, ଅଭିଜ୍ଞତା କିମ୍ବା ବ୍ୟବସାୟରେ, ବଡ଼ ଅନ୍ତର୍ଜାତୀୟ କର୍ପୋରେସନର ଅଂଶ ହୋଇଥିବାରୁ ମୋର ସମସ୍ତ ଯୋଗ୍ୟତା ରହିଛି। ଭାବୁଛି ମୁଁ ଏହି ପଦବୀ ପାଇଁ ବହୁତ ଉପଯୁକ୍ତ ଏବଂ ମୋର ନାମାଙ୍କନ ଦାଖଲ କରିଛି' ବୋଲି ସୁମାରିୱାଲା କହିଛନ୍ତି। ବର୍ତ୍ତମାନ ବିଶ୍ୱ ଆଥଲେଟିକ୍ସର ସଭାପତି ଭାବରେ ୧୧ ବର୍ଷ ହେବ ଦାୟିତ୍ୱ ତୁଲାଇ ଆସୁଥିବା ବ୍ରିଟେନର ପୂର୍ବତନ ଧାବକ ସେବାଷ୍ଟିଆନ କୋ'ଙ୍କ କାର୍ଯ୍ୟକାଳ ସମାପ୍ତ ହେବାକୁ ଯାଉଛି। ତେଣୁ ଏହି ହାଇପ୍ରୋଫାଇଲ କ୍ରୀଡ଼ା ପ୍ରଶାସକ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁଯାଉଛି। ସେପ୍ଟେମ୍ବର ୧୧ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ।



ଏଥିପୂର୍ବରୁ ବେଜିଂରେ ଏହି ହାଇ-ପ୍ରୋଫାଇଲ୍ ନିର୍ବାଚନ ଅନୁଷ୍ଠିତ ହେବ। ସୁମାରିୱାଲା ୨୦୨୩ ରେ ବିଶ୍ୱ ଆଥଲେଟିକ୍ସ କାର୍ଯ୍ୟନିର୍ବାହୀ ବୋର୍ଡର ଚାରି ଜଣ ଉପସଭାପତିଙ୍କ ମଧ୍ୟରୁ ଜଣେ ନିଯୁକ୍ତ ହୋଇଥିଲେ। ସେ ୨୦୧୨ରୁ ୨୦୨୫ ମଧ୍ୟରେ ଭାରତୀୟ ଆଥଲେଟିକ୍ସ ଫେଡେରେସନ (ଏଏଫଆଇ)ର ସଭାପତି ଥିଲେ। ସୁମାରିୱାଲା ୧୯୮୦ ମସ୍କୋ ଅଲିମ୍ପିକ୍ସରେ ୧୦୦ ମିଟର ଦୌଡ଼ରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ସେ ୧୯୮୪ ମସିହାରେ ଦକ୍ଷିଣ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଏବଂ ଟୋକିଓରେ ଅନୁଷ୍ଠିତ ଏସୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଚାମ୍ପିଅନସିପରେ (୧୯୭୯) କାଂସ୍ୟ ପଦକ ଜିତିଥିଲେ।

## ଫାଓ ଲିଗ୍: ସେମିରେ ସନରାଇଜ୍

ଭୁବନେଶ୍ୱର, ୭।୮ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ରେ ପ୍ରଥମ ଦଳ ଭାବରେ ସନରାଇଜ୍ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ



ସେମିଫାଇନାଲରେ ସନରାଇଜର୍ସ ୫-୨ ଗୋଲରେ ଏକପାଖିଆ ଭାବରେ ଇଲେଭେନ ଗନ୍ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଅଧିନାୟକ ଅରବିନ୍ ଲାକ୍ରା ଓ ଅମନ ଖାଲକୋ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ପି. ଅର୍ସଦ ଅନ୍ୟତମ ଗୋଲଟି ସ୍କୋର କରିଥିଲେ। ପ୍ରତିଯୋଗିତା ସାରା ପ୍ରଭାବୀ ପ୍ରଦର୍ଶନ କରିଆସିଥିବା ଇଲେଭେନ ଗନ୍ କ୍ଲବ କିନ୍ତୁ ନକଆଉଟରେ ନିରାଶ କରିଥିଲା। ଅପରପକ୍ଷରେ ଶୁକ୍ରବାର ରୋଭର୍ସ କ୍ଲବ ଓ ଓଡ଼ିଶା ପୋଲିସ ମଧ୍ୟରେ ଖେଳାଯାଇଥିବା ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ ବର୍ଷା ଓ ବିଜୁଳି ଲାଗି ବାଧାପ୍ରାପ୍ତ ହୋଇଥିଲା। ମ୍ୟାଚର ୨୦ ମିନିଟ୍ ଖେଳ ହୋଇପାରିଥିଲା। ସେହି ସମୟବେଳକୁ ଓଡ଼ିଶା ପୋଲିସ ୧-୦ରେ ଆଗୁଆ ରହିଥିଲା। ଏହି ମ୍ୟାଚ୍ ଶନିବାର ସକାଳ ୧୦ଟାରେ ପୁଣିଥରେ ଆରମ୍ଭ ହେବ।

# ପୁରୁଷ ଏକଦିବସୀୟ କ୍ରିକେଟ୍‌ରେ ମାଇଲଖୁଣ୍ଟ


## ୫୦୦୦ତମ ମ୍ୟାଚରେ ସାମିଲ ହେଲେ ସ୍କଟଲାଣ୍ଡ-କାନାଡ଼ା

ଏଡିନବର୍ଗ, ୭।୮ (ଏଜେନ୍ସି)

ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍ ପାଇଁ ଶୁକ୍ରବାର ଥିଲା ବେଶ୍ ସ୍ମରଣୀୟ ଦିବସ। ପୁରୁଷ ଦିନିକିଆ କ୍ରିକେଟ ଇତିହାସର ୫୦୦୦ତମ ମୁକାବିଲା ଶୁକ୍ରବାର ଖେଳାଯାଇଥିଲା। ଯେଉଁଥିରେ ଘରୋଇ ସ୍କଟଲାଣ୍ଡ ଓ କାନାଡା ସାମ୍ନାସାମ୍ନି ହୋଇଥିଲେ। ଏହି ଐତିହାସିକ ମ୍ୟାଚ୍‌ରେ କାନାଡା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟ୍‌ଲାଣ୍ଡ ଓପନର୍ ଫିନଲେ ମ୍ୟାକକ୍ରେଥ (୧୧୨ ରନ)ଙ୍କ ଶତକ ବଳରେ ୭ ୱିକେଟରେ ୨୮୧ ରନର ସମ୍ମାନଜନକ ସ୍କୋର କରିଥିଲା। ଫଳରେ ଏହି ମ୍ୟାଚରେ ଶତକ ହାସଲ କରି ସ୍କଟଲାଣ୍ଡ ବ୍ୟାଟର ଫିନଲେ ଏହାକୁ ବେଶ୍ ସ୍ମରଣୀୟ କରିଛନ୍ତି।

**୧୯୭୧ରେ ଖେଳାଯାଇଥିଲା ପ୍ରଥମ ଦିନିକିଆ:**

ଇତିହାସ ଉପରେ ନଜର ପକାଇଲେ ଦିନିକିଆ କ୍ରିକେଟ୍‌ର ଇତିହାସ ଅର୍ଦ୍ଧଶତାବ୍ଦୀ ପୁରୁଣା। ୧୯୭୧ ମସିହା ଜାନୁଆରୀ ୫ ତାରିଖରେ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଘରୋଇ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ସର୍ବପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିଲା। ପ୍ରାରମ୍ଭିକ ଦିନରେ ଏକଦିବସୀୟ କ୍ରିକେଟ୍ ମୁଖ୍ୟତଃ ୬୦-ଓଭର ଫର୍ମାଟରେ ଏବଂ ନାଲି ବଲ ଓ ଧଳା ଡ୍ରେସରେ ଖେଳାଯାଉଥିଲା। ସେହିଭଳି ସେତେବେଳେ ଛଅଟି ବଦଳରେ ଗୋଟିଏ ଓଭରରେ ଆଠଟି ବଲ୍ ବୋଲିଂ କରାଯାଉଥିଲା। ପ୍ରଥମ ଦୁଇଟି ବିଶ୍ୱକପ୍ (୧୯୭୫ ଓ ୧୯୭୯) ୬୦-ଓଭର ଫର୍ମାଟରେ ଖେଳାଯାଉଥିଲା। ପରେ ଏହି ବିଶ୍ୱକପ୍ ୫୦-ଓଭର ଫର୍ମାଟରେ ଖେଳାଯିବା ଆରମ୍ଭ ହୋଇଥିଲା। ସେହିଭଳି ଏକଦିବସୀୟ କ୍ରିକେଟ୍‌ର ୧୦୦୦ତମ ମ୍ୟାଚ୍ ଖେଳିବାକୁ ୨୪ ବର୍ଷ ଲାଗି ଯାଇଥିଲା। ୧୯୯୫ ମସିହାରେ ନଟିଂହାମରେ ଘରୋଇ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏହି ସ୍ମରଣୀୟ ମ୍ୟାଚଟି ଖେଳାଯାଇଥିଲା।



ସର୍ବପ୍ରଥମ ଦିନିକିଆ ମ୍ୟାଚ୍

### ୧ ରୁ ୫୦୦୦ତମ ଦିନିକିଆ ମ୍ୟାଚ୍ ଯାତ୍ରା

- **ପ୍ରଥମ ଦିନିକିଆ:** ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ (ମେଲବୋର୍ଣ୍ଣ, ୧୯୭୧)
- **୧୦୦୦ତମ ଦିନିକିଆ :** ୱେଷ୍ଟଇଣ୍ଡିଜ୍ ବନାମ ଇଂଲଣ୍ଡ (ନଟିଂଙ୍ଗହାମ୍, ୧୯୯୫)
- **୨୦୦୦ତମ ଦିନିକିଆ :** ପାକିସ୍ତାନ ବନାମ ଜିମ୍ବାୱେ (ଶାରଜା, ୨୦୦୩)
- **୩୦୦୦ତମ ଦିନିକିଆ :** ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ (ସାଉଥାମ୍ପଟନ୍, ୨୦୧୦)
- **୪୦୦୦ତମ ଦିନିକିଆ :** ହଂକଂ ବନାମ ପାପୁଆ ନ୍ୟୁ ଗିନି (ହରାରେ, ୨୦୧୮)
- **୫୦୦୦ତମ ଦିନିକିଆ :** କାନାଡା ବନାମ ସ୍କଟଲାଣ୍ଡ (ଡଣ୍ଡି, ୨୦୨୬)

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS